

# ପୁନର୍ଜନ୍ମ ରହସ୍ୟ


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଚଞ୍ଚଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

ଅନୁବାଦକ : **ରଘୁନାଥ ମାନସିଂହ**






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 45 ପ୍ରଥମ ମୁଦ୍ରଣ : March 2023

ସଂଖ୍ୟା : 1000 ମୂଲ୍ୟ : 110/-

## ଯୋଗୀଶ୍ୱରଙ୍କ ଗ୍ରନ୍ଥାବଳୀ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱର ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ× ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ କ୍ରୈସ୍ତବ ?
୫୮. ନାସ୍ତିକ-ଆସ୍ତିକ

# ଯୋଗୀଶ୍ୱରଙ୍କ ଗୃଞ୍ଜଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ
## (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତ୍ରୈତ ସିଦ୍ଧାନ୍ତ
୬୨. ବାର୍ତ୍ତିକ - ବର୍ତ୍ତିକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କବ୍ଜା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଂଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତଂ
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ଶୁନ
୧୦୫. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରନ୍ଥାଲୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୧. ଗୁର୍ତିଞ୍ଚବଡନିବାଡୁ ଗୁରବୁ
୨. ପୁଟିନରୋଜୁ ଏବରିକି ରାଦୁ
୩. ଦ୍ୱିତୀୟୁଡୁ-ଅଦ୍ୱିତୀୟୁଡୁ
୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍
୫. ମାୟକୁଡୁ-ଅମାୟକୁଡୁ
୬. ତଲ୍ଲି ତଣ୍ଡ୍ରି-ଗୁରୁ ଦୈବମୁ
୭. ଗୁରୁବୁଲେନି ବିଦ୍ୟା ଗୁଡ୍ଡିବିଦ୍ୟା
୮. ମତମୁଲଲୋ ପବିତ୍ରଯୁଦ୍ଧମୁ
୯. ପ୍ରପଂଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା
୧୦. ଦେଶଂ ମୋସଂ-ଦେହଂ ମୋହଂ
୧୧. ଏଦମିଦା ମୁଦ୍ରା-ତଲ୍ଲିତଣ୍ଡ୍ରି ଗୁର୍ତୁ
୧୨. ମୁଡୁ ପୁଟକାଲୁ-ରେଣ୍ଡୁ ଜାଗାଲୁ
୧୩. ଯୋଗୀଶ୍ୱରୁଲ ଜନ୍ମଦିନ ସଂଦେଶମ୍
୧୪. ତେଲୁଗୁଲୋ ମୁଡୁ-ଆରୁ-ତୁମ୍ମିଦି
୧୫. ମାୟା ମର୍ମ-ଆତ୍ମା ଧର୍ମ
୧୬-ବାୟିଟି ସମାଜମ୍-ଲୋପଲି ସମାଜମ୍
୧୭. ଦେଉନି ଜ୍ଞାନଂ-ମାୟା ମାହାତ୍ମ୍ୟମ୍
୧୮. ମୁଡୁ ନିର୍ମାଣାଲୁ-ଓକ ପରିଶୁଭ୍ରତା
୧୯. ସହଜ ମରଣମ୍-ତାତ୍କାଳିକ ମରଣମ୍
୨୦. ମେଘଂ ଓକ ଭୂତଂ-ରୋଗଂ ଓକ ଭୂତଂ
୨୧. କର୍ମ ଲେନି କୃଷ୍ଣୁଡୁ-କର୍ମ ଉନ୍ନା କୃଷ୍ଣୁଡୁ
୨୨. ସ୍ୱାର୍ଥ ରାଜକୀୟଂ (ସ୍ୱ+ଅର୍ଥ ରାଜକୀୟଂ)
୨୩. ଶ୍ରୀକୃଷ୍ଣୁଡୁ ଚନିପୋୟାଡା ? ଗୁମ୍ପବଡ୍ଡାଡା ?
୨୪. ଅନ୍ତିମ ଗ୍ରନ୍ଥମୁଲୋ ପ୍ରଥମ ବାକ୍ୟମୁଲୁ
୨୫. ଇଚ୍ଛାଧିନକାର୍ୟମୁଲୁ-ଅନିଚ୍ଛାଧିନ କାର୍ୟମୁଲୁ
୨୬. ଟକ୍କୁଟମାରା,ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ
୨୭. ଆତ୍ମା, ୨୮-ତାତା
୨୯. ତଲ୍ଲି , ୩୦-ଭୟଂ
୩୧. ଆତ୍ମାପନି ୩୨-ବଛତଲା
୩୩. ୟାଦବ୍, ୩୪-ଜ୍ଞାନଶକ୍ତି
୩୫. ସମାଧି , ୩୬-୬-୩=୬
୩୭. ସନ୍ତକମ୍ , ୩୮-ପ୍ରଭୂ-ପ୍ରଜା
୩୯. ତ୍ରୈତଶକମ୍, ୪୦. ତୋଲେବାଡୁ
୪୧. ତଲ୍ଲି ତଣ୍ଡ୍ରି, ୪୨. ନଟିଂଚେ ଆତ୍ମା
୪୩. ସଂଚିତ କର୍ମ, ୪୪. ଗୁରୁ ଚିହ୍ନଂ
୪୫. ଆସ୍ତି- ଦୋସ୍ତି, ୪୬. ବେଲୁଗୁବଂଟୁ
୪୭. ଧର୍ମଚକ୍ରଂ, ୪୮. ଦୈବଗ୍ରନ୍ଥମୁ
୪୯. ଭକ୍ତି-ଶ୍ରଦ୍ଧାଲୁ
୫୦. ପୁରୁଷୋତ୍ତମ
୫୧. ମତଦ୍ୱେଷମୁ, ୫୨. ଗ୍ରହୀତଶକ୍ତି
୫୩. ଆଡିଂଚେ ଆତ୍ମା
୫୪. ଏଦି ଶାସ୍ତ୍ରମୁ ?, ୫୫. ଭଗବନ୍ତୁଡୁ
୫୬. ଏଦି ଧର୍ମମୁ ?, ୫୭. ଗୁରୁ ପୌର୍ଣ୍ଣମୀ
୫୮. ଶ୍ରୀକୃଷ୍ଣାଷ୍ଟମୀ, ୫୯. ଗୋରୁ - ଗୁରୁ
୬୦. ଦଶ- ଦିଶାଲୁ, ୬୧. ମାଟା-ମନ୍ଦୁ
୬୨. ସୃଷ୍ଟି - ସୃଷ୍ଟିକର୍ତା
୬୩. କଲିୟୁଗମୁ, ୬୪. ସେବା ଶାତମୁ
୬୫. ପ୍ରକୃତି-ବିକୃତି, ୬୬. ପୈତ୍ୟଂ-ସୈତ୍ୟଂ
୬୭. ନୈଜଂ-ସହଜଂ, ୬୮. ଭକ୍ତି-ଭୟମୁ
୬୯. ସାମ୍ପ୍ରଦାୟମୁ, ୭୦. ଅଦୃରୁ-ବେଦୃରୁ
୭୧. ନି ବେନୁକାବାଡୁ, ୭୨. ଶବମୁ-ଶିବମୁ
୭୩. ଶୈବମୁ-ବୈଷ୍ଣବମୁ,
୭୪. ଧର୍ମମୁ-ଅଧର୍ମମୁ
୭୫. ଦ୍ରାବିଡୁଲୁ-ଆର୍ୟୁଲୁ
୭୬. କାୟି-ପଣ୍ଡୁ-କାୟି, ୭୭. ୟୁଗମୁ-ଯୋଗମୁ
୭୮. ଦେଉନିକି ମତମୁନ୍ନାଦା ?
୭୯. କର୍ମ ମର୍ମମୁ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରନ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୮୦. ପୁଟ୍ଟୁଟା-ଗିଟ୍ଟୁଟା, ୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା, ୮୩. ନିଦର୍ଶ-ନିରୁପ
୮୪. ଗୁରୁବୁ ଏବରୁ ?, ୮୫. ତ୍ରୈତ ସିଦ୍ଧାନ୍ତମୁ
୮୬. ସ୍ତ୍ରୀ/ ପୁଂ - ଲିଙ୍ଗମୁ, ୮୭. ଜୀର୍ଣ୍ଣ+ଆଶୟମୁ
୮୮. ଶ୍ରୀକୃଷ୍ଣୁଡୁ ଏବରୁ ?
୮୯. ଆଟା-ଦୋବୁଚଲାଟା
୯୦. ପ୍ରଜାଲୁ-ମାନବୁଲୁ
୯୧. ଦନ୍ତମୁ-ଅନ୍ତମୁ, ୯୨. ମତମୁ-ପଥମୁ
୯୩. ଏଡୁ ଆକାଶମୁଲୁ, ୯୪. ଅର୍ଥମୁ-ଅପାର୍ଥମୁ
୯୫. ମୁଡୁ ଗ୍ରନ୍ଥମୁଲୁ, ୯୬. ଗ୍ରନ୍ଥମୁ-ବୋଧା
୯୭. ପ୍ରଭୂବୁ-ପ୍ରଭୂତ୍ୱଂ
୯୮. ଜ୍ଞାନମୁ-ବିଜ୍ଞାନମୁ
୯୯. ବାର-ମାସ-ବସ୍ତ୍ର
୧୦୦. ଭୂତଂ-ମହାଭୂତଂ
୧୦୧. ସେକୁବଲି-କୁଲିସେବା
୧୦୨. ଆତ୍ମାକୁ ବେଂଟ୍ରକୁଲୁ ଗୁର୍ତ୍ତୁ
୧୦୩. କୋଡିପୁଞ୍ଜୁ-ପାଦରସମ୍
୧୦୪. ଇନ୍ଦୁ ମହାସମୂଦ୍ରମୁ
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନାଲୁ
୧୦୭. ପୁସ୍ତକମୁ-ଗ୍ରନ୍ଥମୁ
୧୦୮. ହରିକାଲୁ-ହରିଚେୟି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. କ୍ଷମିଂଚରାନି ପାପମୁ
୧୧୨. ମରଣମୁ -ଶରୀରମୁ
୧୧୩. ଦିବ୍ୟ ଖୁରାନ୍-ହଦୀସୁ
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖମୁ-ଆନନ୍ଦମୁ
୧୧୬. କାଲଜ୍ଞାନ ବାକ୍ୟମୁଲୁ
୧୧୭. ଭୌତିକମୁ-ଅଭୌତିକମୁ
୧୧୮. ଦେଉନି ଆଜ୍ଞା-ମରଣମୁ
୧୧୯. ଜ୍ଞାନମୁ ଦଗ୍ଗରା ଜାଗ୍ରତା
୧୨୦. ଚନ୍ଦ୍ରାକାରମୁ(ବଙ୍ଗତଲା)
୧୨୧. ଜ୍ଞାନମୁ କଣ୍ବା ଆଇନ୍ଦି !
୧୨୨. ଦେଉଡୁ-ଇଦ୍ଦରା ! ଓକରା ! !
୧୨୩. ମତ ସାମରସଂ
୧୨୪. ମୋକ୍ଷମୁ-ମୋସମୁ
୧୨୫. ଅକ୍ଷର ଜ୍ଞାନମୁ
୧୨୬. ଲାଲା ଜଲମୁ
୧୨୭. ଦୈବ ଧର୍ମମୁଲୁ-ମତ ସାମ୍ପ୍ରଦାୟଲୁ
୧୨୮. ଆହାରମୁ ନିକା ! ନି ଆତ୍ମାକା !
୧୨୯. ମାତ୍ରା-ମନ୍ଦୁ
୧୩୦. କାଲଚକ୍ରଂ
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତମ-ଶ୍ରୀରାମ
୧୩୬. ଦେଉନିକି ଓକଡେ କୁମାରୁଡୁ-ଦେଉନିକି ଅନେକମନ୍ଦି କୁମାରୁଲୁ
୧୩୭. ଜଲଂ,୧୩୮- ଅଧିପତି
୧୩୯. ଗ୍ରହାନ୍ତର ବାସୁଲୁ
୧୪୦. ଦେଉଡୁ ଦ୍ୱିତୀୟୁଡା ? ଅଦ୍ୱିତିୟୁଡା ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନଲୁ-ଜବାବୁଲୁ
୧୪୨. ଗଶରୀରମୁଲୋ ରକ୍ତମୁ-ଗ୍ରନ୍ଥମୁଲୋ ଜ୍ଞାନମୁ

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)

ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା

ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ଏସ୍. ବିଶ୍ୱେଶ୍ୱର ରାଓ:9437527499.

୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.

୫.ଲକ୍ଷ୍ମୀଧର ପାଇକରାୟ:9692557801, ୬.ରଘୁନାଥ ମାନସିଂହ : 6371487960.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)

ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)

୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499

୨. ଇ. ଅଶୋକ କୁମାର : 6370043490

୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563

୪. ଡି.ରବି (ପାରଳାଖେମୁଣ୍ଡି) : 8248683055

୫. ଏସ୍. ଗୌରିଶଙ୍କର ରାଓ : 9348538123

୬. ଇ. ସିହାଂଚଲମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**

Youtube : thraitha siddantham

# ଯୋଗୀଶ୍ୱରଙ୍କ ଗୃଞ୍ଝଲ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ କ୍ଷୟ, ଅକ୍ଷୟ ସମାଗ୍ରର ଏବଂ ପରମାତ୍ମା ସମାଗ୍ରର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଅଭୌତିକ ଭାବରେ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଳବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଗୃଞ୍ଝଲ୍ୟ ସୃଷ୍ଟି କରୁଛି । ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ  ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଗ୍ଚଳିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହି ନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଗଲାପରେ ତାହା ଦୈବଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣା ପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣି ପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ  ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦ୍ରପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ

ପ୍ରଥମ ଦୈବଗ୍ରନ୍ଥ

ପାଠକରାନ୍ତୁ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଳୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଋଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ ପାଠକରାନ୍ତୁ

# ଶ୍ରୀକୃଷ୍ଣ ଈଶ୍ୱର (ପରମାତ୍ମା) ? କି ଭଗବାନ ?

ଏହି ଗ୍ରନ୍ଥ ଦ୍ୱାରା କୃଷ୍ଣ କହିଲେ କଅଣ ଏବଂ କିଏ ବୋଲି ଜଣାପଡିଥାଏ । ଈଶ୍ୱର ମାନବରୂପ ଧାରଣ କରିଥାନ୍ତି କହିବାକୁ ଏହା ଏକ ନିଦର୍ଶନ । ଏହା ଦ୍ୱାରା କେତେ ମହାନ ଜ୍ଞାନ ଜଣାପଡିବା ସହିତ, ଏପର୍ଯ୍ୟନ୍ତ ଜଣା ନଥିବା ଅନେକ ଆଧ୍ୟାତ୍ମିକ ରହସ୍ୟ ଜଣାପଡିଥାଏ । ଏହି ଜ୍ଞାନ ଦ୍ୱାରା ଈଶ୍ୱର ଅଲଗା, ଭଗବାନ ଅଲଗା ବୋଲି ଜଣାପଡିଥାଏ । କୃଷ୍ଣ ମଣିଷ ହେଲେହେଁ ତାଙ୍କ ମରଣରେ ଘଟିଥିବା ରହସ୍ୟ ଏପର୍ଯ୍ୟନ୍ତ କାହାକୁ ମଧ୍ୟ ଜଣା ନାହିଁ । କୃଷ୍ଣଙ୍କ ମରଣ ରହସ୍ୟ ଏହି ଗ୍ରନ୍ଥ ଦ୍ୱାରା ଜାଣି ପାରିଲେ ଭୂପୃଷ୍ଠରେ କୌଣସି ମତଭେଦ ରହିବ ନାହିଁ, ମତକଳହ ରହିବ ନାହିଁ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ପୁନର୍ଜନ୍ମ ରହସ୍ୟ

ନିଜର ଜନ୍ମ କିପରି ହୋଇଛି ଯିଏ ନ ଜାଣିଛି ସେ ପୁନର୍ଜନ୍ମ ବିଷୟରେ କହିପାରିବା ସମ୍ଭବ ନୁହେଁ । ପ୍ରଥମେ ଜନ୍ମ ବିବରଣ ଜାଣିବା ପରେ ପୁନର୍ଜନ୍ମ ବିଷୟ ଜାଣିହେବ । ଜୀବ ଜନ୍ମହେବା ବେଳେ ଯେଉଁ ଅନୁଭବ ପ୍ରାପ୍ତହୁଏ ତାହା ଜାଣିଥିବା ବ୍ୟକ୍ତି ପୁର୍ନଜନ୍ମ ବାବଦରେ କହି ପାରିବ, ହେଲେ ଯିଏ ଜନ୍ମ ବିବରଣ ଜାଣି ନାହିଁ ତା'ପାଇଁ ତାହା ରହସ୍ୟ ହିଁ ହେବ । ଜଣା ନ ପଡି ଯାହା ଗୋପନୀୟଭାବରେ ରହିଛି ତାହା ହେଉଛି ରହସ୍ୟ । କୌଣସି ଲୋକ ନିଜର ଜନ୍ମ ସମୟର ବିଷୟ ମନେ ଅଛି କି ନାହିଁ ବିଚାର କଲେ, ତାହା ମନେ ଅଛି କି ନାହିଁ ଜାଣି ହୋଇଯାଏ । ଆଜିର ସ୍ଥିତିରୁ ମାତ୍ର ଗୋଟିଏ ବର୍ଷ ପଛକୁ ଫେରି ଦେଖିଲେ ମଧ୍ୟ ସେତେବେଳେ କ'ଣ ଘଟିଥିଲା ତାହା ଆମର ଠିକ୍‌ଭାବରେ ମନେ ନାହିଁ ବୋଲି କହି ପାରିବା । ଭୂପୃଷ୍ଠରେ କୌଣସି ମଣିଷ ତା'ର ଏକ ବର୍ଷର ସବୁକଥା ମନେ ଅଛି ବୋଲି କହିପାରିବ ନାହିଁ । ଆମେ ଯେତେବେଳେ ବର୍ଷକର ହୋଇଥିଲେ ସେତେବେଳେ କ' ସବୁ ଘଟିଥିଲା ତାହା କହିବା ଅସମ୍ଭବ । ବର୍ଷକର କାହିଁକି ଆଉଗୋଟିଏ ବର୍ଷ ମିଶାଇ ଦେଖିଲେ ମଧ୍ୟ ତାହା ମନେଅଛି ବୋଲି କୌଣସି ଆଧାର ନାହିଁ । ଛୋଟବେଳର ତୋ'କଥା ତୋ'ର ମନେ ନଥିବା ବେଳେ ପୂର୍ବଜନ୍ମ ବିଷୟ କହିବା କ'ଣ ସମ୍ଭବ ? ବୋଲି ପ୍ରଶ୍ନକଲେ, ଅସମ୍ଭବ ବୋଲି କହିପାରିବା । ଏଇ କିଛିଦିନ ତଳେ ଏକ ଟି.ଭି ଚ୍ୟାନେଲ୍‌ରେ ଉନ୍ନତ ପାଠ ପଢିଥିବା ଜଣେ ଏମ୍.ଡି ଡାକ୍ତର ଅନ୍ୟଜଣେ ଲୋକର ଗତଜନ୍ମ ଅନୁଭବ ତା'ନିଜ ତୁଣ୍ଡଦ୍ୱାରା ବ୍ୟକ୍ତ କରାଇଲେ ବୋଲି ଦେଖିଥିଲି, ତାହା ଦେଖିଥିବା ଅନେକ ମେଧାବୀମାନେ ମଧ୍ୟ ଘଟଣାଟି ସମ୍ପୂର୍ଣ୍ଣ ସତ୍ୟ ବୋଲି ବିଶ୍ୱାସ କରିଥିଲେ, ସେତେବେଳେ ଏହି ପୂନର୍ଜନ୍ମ ବାବଦରେ ଖୁବ୍ ଶୀଘ୍ର ଲେଖିବା ପାଇଁ ଆମର ସଂକଳ୍ପ ଜାତ ହେଲା । ଆଗରୁ ପୂନର୍ଜନ୍ମ ବାବଦରେ ଲେଖିବା ପାଇଁ ସଂକଳ୍ପ ଥିଲେ ମଧ୍ୟ, ସେ କାର୍ଯ୍ୟ କରିବାରେ ବିଳମ୍ବ ହୋଇଯାଉଥିଲା । ହେଲେ ଟି.ଭି,

ଚ୍ୟାନେଲ୍‌ରେ ଜଣେ ବ୍ୟକ୍ତି ଆଉଜଣକର ପୂର୍ବଜନ୍ମ ବିଷୟ କୁହାଇ ପାରୁଛି ବୋଲି ଦେଖିବା ପରେ ଆମ ସଂକଳ୍ପଟି କାର୍ଯ୍ୟରୂପ ଧାରଣ କଲା ।

ମଣିଷ ଥରେ ମୃତ୍ୟୁବରଣ କଲେ, ଆଉଥରେ ଜନ୍ମହେବାକୁ ସୁଯୋଗ ପାଏ । ତେଣୁ ପ୍ରଥମେ ମରଣ ତା'ପରେ ଜନ୍ମ । ମୃତ୍ୟୁବରଣ କଲେ ହିଁ ଜନ୍ମ ହୁଏ । ଏହିଭଳି ମରଣ ପରେ ଜନ୍ମ ହୁଏ ବୋଲି କେବଳ ହିନ୍ଦୁମତ (ହିନ୍ଦୁଧର୍ମ) ବ୍ୟତୀତ ଇସ୍ଲାମ୍ କିମ୍ବା ଖ୍ରୀଷ୍ଟ ମତାବଲମ୍ବୀମାନେ ସ୍ୱୀକାର କରନ୍ତି ନାହିଁ । ଆଜି ପ୍ରଧାନ ହୋଇଥିବା ଖ୍ରୀଷ୍ଟମତରେ, ଇସ୍ଲାମ୍‌ମତରେ ଆଉ ଜନ୍ମ ନାହିଁ, ସମସ୍ତେ ଥରେ ଜନ୍ମହୋଇ ଥରେ ମୃତ୍ୟୁବରଣ କରିଥା'ନ୍ତି ବୋଲି କହୁଥିବା କଥାକୁ ଆମେ ଶୁଣୁଛେ । ଏହି ଦୁଇ ମୂଳଗ୍ରନ୍ଥରେ ମଧ୍ୟ ମଣିଷ ମୃତ୍ୟୁବରଣ କରିବା ପରେ ପୁଣି ଜନ୍ମହୁଏ ବୋଲି ଲେଖା ଅଛି, ଏହା ସେହି ମତ ଦୁଇଟିର ପ୍ରବକ୍ତାମାନେ କହିଥିଲେ ମଧ୍ୟ, ଏ ବିଷୟ ସେହି ମତାବଲମ୍ବୀମାନଙ୍କୁ ଠିକ୍ ଭାବରେ ବୁଝା ନ ପଡିବା ଦ୍ୱାରା, ସେମାନେ ପୂନର୍ଜନ୍ମ ନାହିଁ ବୋଲି କହୁଛନ୍ତି । ବାସ୍ତବରେ କ୍ରୈସ୍ତବ (ଖ୍ରୀଷ୍ଟିଆନ) ଏବଂ ଇସ୍ଲାମ୍ ମତରେ ମଧ୍ୟ ପୁନର୍ଜନ୍ମ ଅଛି ବୋଲି କୁହାଯାଇଛି, ସେହି ମତଗୁଡିକରେ ଥିବା ପୁନର୍ଜନ୍ମ ବିଷୟ ସନ୍ଦର୍ଭ ଆସିବାବେଳେ ପ୍ରସ୍ତାବିତ ହେବ । ହିନ୍ଦୁ (ଇନ୍ଦୁ) ମତର ମୁଖ୍ୟ ଗ୍ରନ୍ଥ ହୋଇଥିବା ଭଗବଦ୍ଗୀତାରେ ପୁନର୍ଜନ୍ମ ରହିଛି ବୋଲି ଶାସ୍ତ୍ରବଦ୍ଧ ଭାବରେ କୁହାଯାଇଛି । ମୁଖ୍ୟତଃ ସମସ୍ତ ମତର ମତପ୍ରବକ୍ତାମାନେ ପୁନର୍ଜନ୍ମ ରହିଛି ବୋଲି କହିଥିବା କଥାକୁ ନେଇ ପୁନର୍ଜନ୍ମ ରହିଛି ବୋଲି ବିଶ୍ୱାସ କରିପାରିବା । ଏଠାରେ ମତଗ୍ରନ୍ଥ କହିଥିବା କଥା ଅନୁସାରେ ବିଶ୍ୱାସ ହୁଏ ସିନା, କୌଣସି ପ୍ରତ୍ୟକ୍ଷ ଅନୁଭବ ନାହିଁ । ବିଶ୍ୱାସ ବାସ୍ତବ ହୋଇପାରେ, ଅବାସ୍ତବ ମଧ୍ୟ ହୋଇପାରେ । ସେହି ତିନି ମତ (ଧର୍ମ)ଗ୍ରନ୍ଥରେ କୁହାଯାଇଥିବା ପୁନର୍ଜନ୍ମ ବିଷୟ ବିଶ୍ୱାସନୀୟ, କିନ୍ତୁ ତାହା ସତ୍ୟ କି ମିଥ୍ୟା ପ୍ରମାଣିତ କରିବାପାଇଁ ପ୍ରଥମେ, ମରଣ ବାବଦରେ ଜାଣିବା ଉଚିତ୍ । ମରଣର ସମସ୍ତ ବିଷୟ ଜାଣି ପାରିଲେ ତା'ପରେ ଜନ୍ମ

ଅଛି କି ନାହିଁ ? ଯଦି ଅଛି ତାହା କିପରି ହୋଇଥାଏ ଜାଣିବାକୁ ସୁଯୋଗ ପାଇପାରିବା, ତେଣୁ ପ୍ରଥମେ ମରଣ ବିଷୟରେ ଜାଣିବା ।

ମଣିଷର ମରଣ ତିନି ପ୍ରକାରର । ମଣିଷର ମରଣ ବାବଦରେ **"ମରଣ ରହସ୍ୟ"** ନାମକ ଛୋଟ ଗ୍ରନ୍ଥରେ ବିପୁଳଭାବରେ ଜଣାଇ ଦିଆଯାଇଛି । ଜଣେ ମୃତ୍ୟୁବରଣ କଲାବେଳେ ସେ ଏହି ତିନିପ୍ରକାରର ମରଣ ଭିତରୁ କୌଣସି ଏକପ୍ରକାରର ମରଣ ପାଇଥାଏ । କାଳମରଣ, ଅକାଳମରଣ, ତାତ୍କାଳିକମରଣ ନାମକ ତିନିପ୍ରକାରର ମରଣ ଭିତରୁ ମଣିଷର କାଳମରଣ ହେବାବେଳେ ହିଁ ତା'ର ପୁନର୍ଜନ୍ମ ହୋଇଥାଏ । ଯଦି କେହି ଅକାଳ କିମ୍ବା ତତ୍କାଳମରଣରେ ମୃତ୍ୟୁବରଣ କଲା ତେବେ ସେ କାଳମରଣ ନହେବା ପର୍ଯ୍ୟନ୍ତ କେବେ ପୁନର୍ଜନ୍ମ ପାଇପାରିବ ନାହିଁ । ଗୋଟିଏ ଜନ୍ମରେ ଜଣେ ଏହି ତିନିପ୍ରକାରର ମରଣ ଭିତରୁ ଗୋଟିଏ ପ୍ରକାରର ମରଣ ପାଇପାରନ୍ତି, ଦୁଇଟି ପ୍ରକାରର ମରଣ ପାଇପାରନ୍ତି, ତିନିଗୋଟି ମରଣ ମଧ୍ୟ ପାଇପାରନ୍ତି । ବିବରଣାତ୍ମକ କହିବାକୁ ଗଲେ ଜଣେ ମଣିଷ ପ୍ରଥମେ ଅକାଳରେ ମୃତ୍ୟୁବରଣ କରି କିଛିକାଳ ପରେ କାଳମରଣ ପାଇ ଶେଷରେ ପୁନର୍ଜନ୍ମ ପାଇଥାଏ । ସେହିଭଳି ଜଣେ କେବେ ତାତ୍କାଳିକ ମରଣ ପାଇ, ତା'ପରେ କାଳମରଣ ପାଇ ଅନ୍ୟ ଜନ୍ମ ପାଇଥାଏ । ତାଛଡା କେହି ପ୍ରଥମେ ତାତ୍କାଳିକମରଣ ପାଇ, ତାତ୍କାଳିକମରଣରୁ ଅକାଳମରଣରେ ମୃତ୍ୟୁବରଣ କରି ଶେଷରେ କାଳମରଣ ପାଇ ପୁନର୍ଜନ୍ମ ପାଇଥାଏ । ଏହି ଅନୁସାରେ ଜଣେ ଅକାଳମରଣ ପାଉ କିମ୍ବା ତାତ୍କାଳିକମରଣ ପାଉ, କିନ୍ତୁ ଶେଷରେ ଦିନେ ନିଶ୍ଚୟ କାଳମରଣରେ ମୃତ୍ୟୁବରଣ କରିବାକୁ ପଡିବ ବୋଲି ଜଣାଯାଉଛି । ଆଉଗୋଟିଏ ବିଷୟ ହେଉଛି ମଣିଷ ପ୍ରଥମେ ଅନ୍ୟ ଦୁଇଟି ମରଣ ନପାଇ ସିଧା କାଳମରଣ ପାଇପାରେ । ସମସ୍ତେ ସେମାନଙ୍କର କର୍ମ ଅନୁସାରେ ସେମାନଙ୍କର କେଉଁ ପ୍ରକାରର ମରଣ ହେବ ? କେବେ ହେବ ? ତାହା ଆଗରୁ ନିର୍ଣ୍ଣୀତ ହୋଇ ରହିଛି । **ଆଉଏକ**

**ଜନ୍ମ (ପୁନର୍ଜନ୍ମ) ପାଇବାକୁ ହେଲେ ପ୍ରଥମେ କାଳମରଣ ଆସିଥିବା ଦରକାର । କାଳମରଣ ହିଁ ମଣିଷର ପ୍ରକୃତ ମରଣ ।** କାଳମରଣ ପରେ ମଣିଷର ପୁଣି ଜନ୍ମ ହୋଇଥାଏ । ମଣିଷ କୌଣସି ମତରେ ଜନ୍ମ ହେଉ ପଛେ ତା'ର ଏହିଭଳି ତିନି ପ୍ରକାରର ମରଣ ରହିଥାଏ । ସେ ଭିତରୁ ଅନ୍ୟ କୌଣସି ମରଣ ହୋଇପାରେ କିମ୍ବା ନ ହୋଇପାରେ, କିନ୍ତୁ କାଳମରଣ ଦିନେ ନିଶ୍ଚୟ ହୋଇଥାଏ ।

ମରଣ କହିଲେ ସଂପୂର୍ଣ୍ଣ ଆୟୁଷ ଶେଷ ହୋଇଯିବା ପରେ ଯାହା ସମ୍ଭବ ହୋଇଥାଏ ତାହା ବୋଲି ବୁଝିହୁଏ । କାଳମରଣକୁ ସଂପୂର୍ଣ୍ଣ ମରଣ କହି, ଅନ୍ୟ ଦୁଇଟି ମରଣକୁ ଅସଂପୂର୍ଣ୍ଣ ମରଣ କହିପାରିବା । **ପୁନର୍ଜନ୍ମ ସଂପୂର୍ଣ୍ଣ ମରଣ ହୋଇଥିବା ବ୍ୟକ୍ତିର (ଜୀବର) ହୋଇଥାଏ ।** ତେଣୁ ଏବେ ଆମେ ବାସ୍ତବ ମରଣ ବାବଦରେ ଆଲୋଚନା କରିବା । ଏହି ମରଣ ବାବଦରେ **"ଜନନ ମରଣ ସିଦ୍ଧାନ୍ତରେ" ,"ମରଣ ରହସ୍ୟ"ରେ** କୁହାଯାଇଥିଲେ ମଧ୍ୟ ଏଠିକାର ସନ୍ଦର୍ଭରେ ଆଉକିଛି କୁହାଯିବା ଉଚିତ୍ ମନେକରୁଛୁ । ଜଣେ ମଣିଷର ସଜୀବଶରୀର କେତେକ ଭାଗକୁ ନେଇ ଗଠିତ । ଏକ ଭାଗ କହିଲେ କେତେ ? ତାହା ଏକଭାଗ ବୋଲି କିପରି ଜାଣିବା ? ବୋଲି ଯଦି କେହି ପଚାରନ୍ତି, ତେବେ କୁହାଯାଇ ପାରେ ଯେ, ଗୋଟିଏ ଭଳି ଦେଖାଯାଉଥିବା ଶରୀରଭାଗଗୁଡିକୁ ଚିହ୍ନିବାପାଇଁ ଏକ ସୂତ୍ର ରହିଛି । ତାହା ହେଉଛି ! ଶରୀରରେ ଏକ ସ୍ୱତନ୍ତ୍ର କାର୍ଯ୍ୟ କରୁଥିବା ଅବୟବକୁ ଶରୀରର ଏକଭାଗ ବୋଲି ଚିହ୍ନିପାରିବା । ଏହିଭଳି ଆମ ଶରୀରରେ ୨୬ପ୍ରକାରର ସ୍ୱତନ୍ତ୍ର କାର୍ଯ୍ୟ ହୋଇଥାଏ । ସେହି କାର୍ଯ୍ୟଗୁଡିକ କିଛି ଦେଖାଯାଉଥିବା, କିଛି ଦେଖାଯାଉ ନଥିବା ଭେଦରେ ଦୁଇ ପ୍ରକାରର ରହିଛି । ଏଠାରେ ମୁଖ୍ୟତଃ ଧ୍ୟାନ ଦେବା ବିଷୟ ହେଉଛି ! ଏକ ଶରୀରର ଗୋଟିଏଭାଗ ଗୋଟିଏ କାର୍ଯ୍ୟ ହିଁ କରିଥାଏ ନାମକ ସୂତ୍ର ଅନୁସାରେ ! ଶରୀରର ଗୋଟିଏଭାଗ କରିପାରୁଥିବା କାର୍ଯ୍ୟକୁ ଆଉଗୋଟିଏ ଭାଗ

କରିପାରୁ ନଥିବା ବେଳେ ପ୍ରଥମଭାଗକୁ ଏକଭାଗ ହିସାବ କରି ପାରିବା । ଏଥିରୁ ଆମକୁ ବୁଝାପଡିଥାଏ ଯେ, କାର୍ଯ୍ୟ ଗୋଟିଏହେଉ, ଦୁଇଟିହେଉ ବା ତା'ଠାରୁ ଅଧିକହେଉ, ଶରୀରରେ ସ୍ୱତନ୍ତ୍ର ନାମ ଥିବା ଗୋଟିଏ ଭାଗ ସେଗୁଡିକୁ କରି ପାରୁଥିଲେ ତା'କୁ ଶରୀରର ଏକ ଭାଗଭାବରେ ହିସାବ କରି ପାରିବା । ଏହିଭଳି ଶରୀରରେ ନିର୍ଦ୍ଦିଷ୍ଟ କାର୍ଯ୍ୟ କରିବାପାଇଁ ନିର୍ଦ୍ଦିଷ୍ଟ ନାମ ଥିବା ଶରୀରଭାଗଗୁଡିକ ମୋଟ ୨୬ଗୋଟି ରହିଛି । କୌଣସି କାର୍ଯ୍ୟ କରୁନଥିବା ପରମାତ୍ମା ମଧ୍ୟ ଶରୀରରେ ରହିଛନ୍ତି । ଯଦି ତାହାଙ୍କୁ ମିଶାଇବା ତେବେ ୨୭ ଭାଗ ହେବ, ହେଲେ ସେ କିଛି କରନ୍ତି ନାହିଁ । ତେଣୁ ପରମାତ୍ମାଙ୍କୁ ଶରୀରର ଏକ ଭାଗଭାବରେ ହିସାବରେ ରଖିବା ଅନୁଚିତ ।

ଏକ ସଜୀବ ଶରୀର ୨୬ଗୋଟି ଭାଗରେ ତିଆରି, ତାହା ଦେଖାଯାଉଥିବା ଶରୀର ଏବଂ ଦେଖାଯାଉ ନଥିବା ଶରୀର ବୋଲି କହି ପାରିବା । ଦେଖାଯାଉଥିବା ଭାଗଗୁଡିକୁ ସ୍ଥୁଳଶରୀର, ଦେଖାଯାଉ ନଥିବା ଭାଗଗୁଡିକୁ ସୂକ୍ଷ୍ମଶରୀର ନାମରେ ଦୁଇଭାଗ କରି କହିପାରିବା । ଦେଖାଯାଉଥିବା ଶରୀର ଦଶଭାଗର ହେବାବେଳେ, ଦେଖାଯାଉ ନଥିବା ଶରୀର ଷୋହଳ (୧୬) ଭାଗର ହୋଇ ରହିଛି । ଏକ ଶରୀରକୁ ସ୍ଥୁଳ, ସୂକ୍ଷ୍ମ ଭେଦରେ ଦୁଇଭାଗ କରି ପାରିବା ବ୍ୟତୀତ ଶରୀରକୁ ପ୍ରକୃତିଭାଗ ଏବଂ ଆତ୍ମାଭାଗ ନାମରେ ଦୁଇଭାଗରେ ମଧ୍ୟ ବିଭାଜନ କରି କହିପାରିବା । ଶରୀରର ସ୍ଥୁଳଭାଗ ଏବଂ ସୂକ୍ଷ୍ମଭାଗ ମିଶି ୨୬ଗୋଟି ଭାଗ ହେବାବେଳେ, ସେଥିରୁ ପ୍ରକୃତିଭାଗ ୨୪ଗୋଟିକୁ କହି, କେବଳ ୨ଗୋଟି ଭାଗକୁ ଆତ୍ମାଭାଗ କହିପାରିବା । ଆଧ୍ୟାତ୍ମିକବିଦ୍ୟାରେ ଏହି ଶରୀର ଭାଗଗୁଡିକ ନିହାତି ଜାଣିବାକୁ ହୋଇଥାଏ । ଶରୀର ଯନ୍ତ୍ରାଙ୍ଗ ବାବଦରେ ନ ଜାଣିଲେ ଆଧ୍ୟାତ୍ମିକ କଦାପି ବୁଝାପଡି ନଥାଏ । ଏବେ ତାହାର ବିବରଣୀ ଦେଖନ୍ତୁ ।

| | | | |
|---|---|---|---|
| ୧. | ଆଖି | | |
| ୨. | କାନ | | |
| ୩. | ନାକ | | |
| ୪. | ଜିଭ | | |
| ୫. | ଚର୍ମ | ସ୍ଥୁଳ ଶରୀର ୧୦ ଭାଗ | |
| ୬. | ହାତ | | |
| ୭. | ଗୋଡ | | |
| ୮. | ମୁଖ | | |
| ୯. | ଗୁହ୍ୟ | | |
| ୧୦. | ଉପସ୍ଥ | | |
| ୧୧. | ବ୍ୟାନବାୟୁ | | ସ୍ତ୍ରୀ ଭାଗ ୨୪ (ପ୍ରକୃତି ଭାଗ) |
| ୧୨. | ଉଦାନ ବାୟୁ | | |
| ୧୩. | ସମାନ ବାୟୁ | | |
| ୧୪. | ପ୍ରାଣ ବାୟୁ | | |
| ୧୫. | ଅପାନ ବାୟୁ | | |
| ୧୬. | ଦୃଷ୍ଟି | | |
| ୧୭. | ଶ୍ରବଣ | ସୂକ୍ଷ୍ମ ଶରୀର ୧୬ ଭାଗ | |
| ୧୮. | ଗନ୍ଧ | | |
| ୧୯. | ସ୍ୱାଦ | | |
| ୨୦. | ସ୍ପର୍ଶ | | |
| ୨୧. | ମନ | | |
| ୨୨. | ବୁଦ୍ଧି | | |
| ୨୩. | ଚିତ୍ତ | | |
| ୨୪. | ଅହମ୍ | | |
| ୨୫. | ଜୀବ | ପୁରୁଷଭାଗ ୨ (ଆତ୍ମା ଭାଗ) | |
| ୨୬. | ଆତ୍ମା | | |
| ୨୭. | ପରମାତ୍ମା | | |

ଏଗୁଡିକ ଭିତରୁ ଜୀବାତ୍ମା, ଆତ୍ମା ହେଉଛନ୍ତି ପୁରୁଷଭାଗ, ପରମାତ୍ମାଙ୍କୁ ବାଦ୍ ଦେଲେ ବାକି ସବୁଗୁଡିକ ପ୍ରକୃତିଭାଗ ।

ସ୍ଥୁଳଶରୀରର ମୁଖ୍ୟ ଭାଗ ହେଉଛି ଆଖି । **"ଜ୍ଞାନେନ୍ଦ୍ରିୟାନାମ୍ ନୟନମ୍ ପ୍ରଧାନମ୍"** ନାମକ ବାକ୍ୟ ଅନୁସାରେ ଜ୍ଞାନେନ୍ଦ୍ରିୟଗୁଡିକ ଭିତରେ ଆଖି ଏକ ମୁଖ୍ୟଭାଗ । ସ୍ଥୁଳଶରୀରରେ ପାଞ୍ଚଗୋଟି ଜ୍ଞାନେନ୍ଦ୍ରିୟ ଏବଂ ପାଞ୍ଚଗୋଟି କର୍ମେନ୍ଦ୍ରିୟ ରହିଥାଏ । ସ୍ଥୁଳଶରୀର ଦଶଭାଗର ହେବାବେଳେ, ସେଗୁଡିକ ପାଞ୍ଚଗୋଟି ଜ୍ଞାନେନ୍ଦ୍ରିୟ, ପାଞ୍ଚଗୋଟି କର୍ମେନ୍ଦ୍ରିୟ ଭାବରେ ରହିଥାଏ । ଜ୍ଞାନେନ୍ଦ୍ରିୟ ଭିତରେ ଥିବା ଆଖି ଦୃଶ୍ୟକୁ ଦେଖାଇଥାଏ । ସାରା ଶରୀରରେ ଥିବା ସମସ୍ତ ଭାଗଗୁଡିକ ଭିତରେ ଥିବା ଆଖି କେବଳ ଦୃଶ୍ୟକୁ ଦେଖାଇ ପାରେ । ଶରୀରରେ ଆଉ କୌଣସି ଅବୟବ ଏହି କାର୍ଯ୍ୟ କରି ପାରନ୍ତି ନାହିଁ । "ସ୍ୱତନ୍ତ୍ର କାର୍ଯ୍ୟ କରୁଥିବା ସ୍ୱତନ୍ତ୍ର ଭାଗକୁ ଶରୀରର ଏକ ଭାଗ କୁହାଯାଏ" ନାମକ ସୂତ୍ର ଅନୁସାରେ ଆଖି ଶରୀରର ଏକ ଭାଗ ଭାବରେ ହିସାବ ହୋଇଥାଏ । ଏହିଭଳି ଶରୀରରେ ମୋଟ ୨୮ଗୋଟି କାର୍ଯ୍ୟ ୨୬ଗୋଟି ଅବୟବ ଦ୍ୱାରା ହୋଇଥାଏ । ଶରୀରରେ ୨୬ଗୋଟି ଭାଗ ଭିତରୁ ମନ ଏବଂ ଆତ୍ମା ସ୍ୱତନ୍ତ୍ର ସ୍ୱତନ୍ତ୍ରଭାବରେ ଦୁଇଦୁଇଟି କାର୍ଯ୍ୟ କରିଥା'ନ୍ତି । ଶରୀରରେ ଥିବା ଅନ୍ୟ ୨୪ ଗୋଟି ଭାଗ ପ୍ରତ୍ୟେକ ଗୋଟିଏ ଗୋଟିଏ କାର୍ଯ୍ୟ କରୁଥିବା ବେଳେ, ମନ ଦୁଇଟି କାର୍ଯ୍ୟ, ଆତ୍ମା ଦୁଇଟି କାର୍ଯ୍ୟ କରିଥା'ନ୍ତି । ଏହିଭଳି ଭାବରେ ମନ ଏବଂ ଆତ୍ମା ଦୁଇଦୁଇଟି କାର୍ଯ୍ୟ କରୁଥିବାରୁ ଶରୀରରେ ମୋଟ ୨୮ଗୋଟି କାର୍ଯ୍ୟ ହୋଇଥାଏ । ମାନବ ଜୀବନରେ ତା'ର ଶରୀରରେ କେବଳ ଏଇ ୨୮ ଗୋଟି କାର୍ଯ୍ୟ ହୋଇଥାଏ, ହେଲେ ଜଣେ ବାହାରେ ହଜାରେ ବ୍ୟାପାର, ବ୍ୟବହାର କଲେ ମଧ୍ୟ ଶରୀରରେ ହେଉଥିବା ଏହି ୨୮ଗୋଟି କାର୍ଯ୍ୟସବୁ କ'ଣ ଜାଣିପାରେ ନାହିଁ । ବାହାରେ ହଜାରେ ବ୍ୟାପାର କରି ହଜାରେ କୋଟି ଟଙ୍କା ରୋଜଗାର କଲେ ମଧ୍ୟ, ଅନେକ ପ୍ରକାରର କାର୍ଯ୍ୟଭାର ନେଇ ଦେଶର ପ୍ରଧାନମନ୍ତ୍ରୀ ହୋଇ ପାରିଲେ ମଧ୍ୟ, ଏପରି **ଯିଏ ଯେତେ ବଡ ହେଲେ ମଧ୍ୟ ତା'ର ଶରୀରରେ ଏଇ ୨୮ଗୋଟି କାର୍ଯ୍ୟଠାରୁ ଭିନ୍ନ**

**କାର୍ଯ୍ୟ ହୋଇନଥାଏ** । ଏହି ୨୮ଗୋଟି କାର୍ଯ୍ୟ ତା'ର ଶରୀରରେ ଜନ୍ମହେବା ଠାରୁ ହେଉଥିଲେ ମଧ୍ୟ, ସେହି ୨୮ଗୋଟି କାର୍ଯ୍ୟସବୁ କ'ଣ କ'ଣ ? ତାହା ଶରୀରର କେଉଁ କେଉଁ ଭାଗଗୁଡ଼ିକ କରୁଛନ୍ତି ନିର୍ଦ୍ଧାର୍ଯ୍ୟ କରି କହି ନପାରିବା ସ୍ଥିତିରେ ମାନବ ରହିଛି ।

ମୁଁ ଜଣେ ଏମ୍.ଡି. ଡାକ୍ତର, ଶରୀରର ପ୍ରତ୍ୟେକ ଭାଗ ବାବଦରେ ମୋତେ ଜଣାଅଛି, ଶରୀରର କେଉଁ ଭାଗ କେଉଁ କାର୍ଯ୍ୟ କରେ ତାହା ମୁଁ ଜାଣିଛି ବୋଲି କେହି ମଧ୍ୟ କହିପାରନ୍ତି । ତା'ଛଡ଼ା ଶରୀରରେ ୨୬ଭାଗ କାହିଁକି, ସେମାନେ ଶହ ଶହ ଭାଗ ଅଛି ବୋଲି ଦେଖାଇ ପାରନ୍ତି ସିନା, ସୂକ୍ଷ୍ମଶରୀରର ମାତ୍ର ୧୫ଭାଗକୁ ସେମାନେ ଦେଖାଇପାରନ୍ତି ନାହିଁ । ଉଦାହରଣସ୍ୱରୂପ ଶରୀରରେ ରହିଥିବା ମନ ଶରୀରର ଗୋଟିଏ ଭାଗ, ହେଲେ ତାହା ଦେଖାଯାଏ ନାହିଁ, ତାକୁ କୌଣସି ଉପକରଣ, ସ୍କାନିଙ୍ଗ୍, କୌଣସି ପ୍ରକାରର ଏକ୍ସରେ ମଧ୍ୟ ଚିହ୍ନିପାରନ୍ତି ନାହିଁ କି ଦେଖାଇ ପାରନ୍ତି ନାହିଁ, କେହି ଦେଖି ପାରନ୍ତି ନାହିଁ, ସେଥିଲାଗି ବୈଦ୍ୟବିଦ୍ୟାରେ ଏମ୍. ଡି.ଡାକ୍ତରମାନେ ମଧ୍ୟ ଜାଣିପାରୁ ନଥିବା ଶରୀର ଭାଗଗୁଡ଼ିଏ ରହିଛି ବୋଲି କହି ପାରିବା । ଆଧ୍ୟାତ୍ମିକ ବିଦ୍ୟା ଅଭ୍ୟାସ କରି, ବ୍ରହ୍ମବିଦ୍ୟାଶାସ୍ତ୍ରକୁ ଜାଣିଥିବା ବ୍ୟକ୍ତିମାନେ କେବଳ ଶରୀରର ଦେଖାଯାଉ ନଥିବା ଭାଗଗୁଡ଼ିକୁ ଜାଣି ପାରନ୍ତି, ସେହିଭଳି ସେହି ଭାଗଗୁଡ଼ିକର କାର୍ଯ୍ୟସବୁ କଣ ଜାଣି ପାରନ୍ତି । ଜଣେ ଡାକ୍ତର ଶରୀରର ସ୍ଥୁଳଭାଗଗୁଡ଼ିକ ବାବଦରେ କହିପାରେ ସିନା, ସୂକ୍ଷ୍ମଭାଗଗୁଡ଼ିକ ବାବଦରେ କହିପାରେ ନାହିଁ । ଶରୀରରେ ଥିବା ସ୍ଥୁଳକାର୍ଯ୍ୟ ଅନୁସାରେ ସେ ବଞ୍ଚିଛି କି ମୃତ୍ୟୁବରଣ କରିଛି କହି ପାରନ୍ତି, କିନ୍ତୁ ତା'ର କାରଣ ହୋଇଥିବା କର୍ମ ବାବଦରେ କହିପାରନ୍ତି ନାହିଁ । ଜଣେ ଡାକ୍ତରକୁ ଜଣାନଥିବା ଅନେକ ସୂକ୍ଷ୍ମବିଷୟ ଜଣେ ଆଧ୍ୟାତ୍ମିକବେତ୍ତାକୁ ଜଣାଥାଏ । ସେହିଭଳି ଜଣେ ଆଧ୍ୟାତ୍ମିକବେତ୍ତାକୁ ଜଣା ନଥିବା ଅନେକ ସ୍ଥୁଳବିଷୟ ଜଣେ ଡାକ୍ତର କହିପାରେ । ଆତ୍ମାଗୁଡ଼ିକ ବାବଦରେ, ଦୈବଜ୍ଞାନରେ,

ଆଧ୍ୟାତ୍ମିକରେ ସ୍ଥୁଳ ଅପେକ୍ଷା ସୂକ୍ଷ୍ମର ଅଧିକ ପ୍ରାଧାନ୍ୟତା ରହିଛି, ତେଣୁ ଡାକ୍ତରମାନଙ୍କୁ ଜଣାନଥିବା ରହସ୍ୟଗୁଡିଏ ଆଧ୍ୟାତ୍ମିକବେତ୍ତାଙ୍କୁ ଜଣାଥାଏ ବୋଲି କହିପାରିବା ।

ପରୀକ୍ଷା କରି କେହି ମୃତ୍ୟୁବରଣ କରିଛି କହୁଥିବା ଜଣେ ଡାକ୍ତର, ମଣିଷ ଶରୀରରେ ଶେଷ ସମୟରେ କ'ଣ ହେଲା, ସେତେବେଳେ ତା'ର ମନ କି କାର୍ଯ୍ୟ କରୁଥିଲା, ତା'ର ବୁଦ୍ଧି କିପରି କାର୍ଯ୍ୟ କରୁଥିଲା ବୋଲି କହିପାରନ୍ତି ନାହିଁ । ଭୌତିକ ଶାସ୍ତ୍ରବେତ୍ତାମାନଙ୍କୁ ସ୍ଥୁଳ ଅବୟବଗୁଡିକର କାର୍ଯ୍ୟ ବାବଦରେ ଜଣାଥାଏ ସିନା, ସୂକ୍ଷ୍ମଭାବରେ ଥିବା ଜୀବାତ୍ମା ବାବଦରେ ଜଣାନଥାଏ । ସେଥିଲାଗି ଶରୀରରେ ଜୀବାତ୍ମା ଥିଲେ ମଧ୍ୟ, ଶରୀରରେ ଶ୍ୱାସ ଚାଲିବା ବନ୍ଦ ହୋଇଗଲେ ସେ ମୃତ୍ୟୁବରଣ କରିଛି ବୋଲି କୁହାଯାଇଥିବା ଅନେକ ଘଟଣା ରହିଛି । ଏଭଳି ଜଣେ ମୃତ୍ୟୁବରଣ କରିଛି କହିବାର କିଛିଘଣ୍ଟା ପରେ, କିଛିଦିନ ପରେ ମଧ୍ୟ ସେ ଜଣକ ବଞ୍ଚିପାରିଥିବା ଘଟଣା ଅନେକ ରହିଛି । ସେହିଭଳି ଜନ୍ମରେ ଶିଶୁ ଶରୀର ଭିତରକୁ ଜୀବାତ୍ମା ପ୍ରବେଶ କରିବା ପୂର୍ବରୁ ଶରୀରର ସ୍ପନ୍ଦନ ନଥିବା ଲକ୍ଷ୍ୟ କରି, ତା'ର ଶ୍ୱାସ ଚାଲୁନଥିବା ଦେଖି ଶିଶୁ ଆଗରୁ ଗର୍ଭ ଭିତରୁ ମୃତ୍ୟୁବରଣ କରିଛି ବୋଲି କୁହାଯାଇଥିବା ଘଟଣା ଅନେକ ରହିଛି, ସେହି ମୃତ ଘୋଷିତ ଶିଶୁମାନେ କିଛିଘଣ୍ଟା ପରେହେଉ, କିଛିଦିନ ପରେହେଉ ବଞ୍ଚିଛନ୍ତି ବୋଲି ପ୍ରମାଣ ମଧ୍ୟ ଅଛି । ଏସବୁକୁ ଗବେଷଣା କରିଦେଖିଲେ, ଜଣେ ଡାକ୍ତରଙ୍କୁ ସ୍ଥୁଳଶରୀର ବାବଦରେ ସଂପୂର୍ଣ୍ଣ ଜଣାଥାଇ ପାରେ, ହେଲେ ସୂକ୍ଷ୍ମଶରୀର ବାବଦରେ କିଛି ଜଣା ନାହିଁ ବୋଲି କହିପାରିବା । ସେହିଭଳି ଆଧ୍ୟାତ୍ମିକ ବିଦ୍ୟା ଜଣାଥିବା ବ୍ୟକ୍ତିଙ୍କୁ ସୂକ୍ଷ୍ମଶରୀର ବାବଦରେ ଜଣାଥାଏ ସିନା, ସ୍ଥୁଳଶରୀର ବାବଦରେ ଭଲରେ ଜଣାନଥାଏ ବୋଲି କହିପାରିବା । ଏତଭିନ୍ନ କେତେକ ଆଧ୍ୟାତ୍ମିକ ଜଣାଥିବା ବ୍ୟକ୍ତିମାନଙ୍କୁ ସୂକ୍ଷ୍ମଶରୀର ବାବଦରେ ଯେତିକି ଜଣାଥାଏ ସ୍ଥୁଳ

ଶରୀର ବାବଦରେ ମଧ୍ୟ ସେତିକି ଜଣାଥାଏ, ଅର୍ଥାତ୍ ସେମାନେ ମଧ୍ୟ ସ୍ଥୁଳଶରୀର ବାବଦରେ ଭଲରେ କହିପାରନ୍ତି । ଏଭଳି ସ୍ଥୁଳ, ସୂକ୍ଷ୍ମଶରୀର ବାବଦରେ ଜଣାଥିବା ବ୍ୟକ୍ତି ଭୂପୃଷ୍ଠରେ କ୍ୱଚିତ୍ ରହିଥା'ନ୍ତି, ସେହିମାନେ ଏହି ଜନନମରଣ ବାବଦରେ ଭଲରେ କହିପାରନ୍ତି, ସେମାନେ ଜଣାଇବା ପରେ ଅନ୍ୟମାନଙ୍କୁ ମଧ୍ୟ ଏକଥା ଜଣାପଡିଥାଏ । ଏହିଭଳି ବ୍ରହ୍ମବିଦ୍ୟାକୁ ଜାଣିଥିବା ଶାସ୍ତ୍ରବେତ୍ତାମାନଙ୍କ ଛଡା ଭୌତିକ ଶାସ୍ତ୍ରବେତ୍ତାମାନେ କିମ୍ୱା ଡାକ୍ତରମାନେ ଜନନମରଣ ବାବଦରେ କହିପାରନ୍ତି ନାହିଁ । ଯଦି ଜାଣିଛନ୍ତି ବୋଲି କହନ୍ତି; ତଥାପି ସେମାନଙ୍କ କଥା ସତ୍ୟ ନୁହେଁ, କାରଣ ! ତାହା ସେମାନେ କହନ୍ତି ସିନା, ପ୍ରମାଣିତ (ନିରୂପଣ) କରିପାରନ୍ତି ନାହିଁ ।

ପୁନର୍ଜନ୍ମ ହେବାପାଇଁ ତା'ଆଗରୁ ମରଣ ନିଶ୍ଚୟ ରହିଥିବା ଦରକାର । ପ୍ରଥମେ ମୃତ୍ୟୁବରଣ ନକରି କାହାର ପୁନର୍ଜନ୍ମ ହୋଇ ନଥାଏ । ସୃଷ୍ଟି ପ୍ରାରମ୍ଭ କଲାବେଳେ ସ୍ୱୟଂ ପରମାତ୍ମା ଯେତେବେଳେ ଜୀବରାଶିଙ୍କୁ ସୃଷ୍ଟିକଲେ ସେତେବେଳେ କେବଳ ଗୋଟିଏ ଥର ପୂର୍ବରୁ ମରଣ ନଥାଇ ଜୀବର ଜନ୍ମ ହୋଇଥିଲା, ତା'ପରେ ଯିଏ ଜନ୍ମ ହୋଇଛି ତା'ର ମରଣ ନିଶ୍ଚୟ ହୋଇଛି, ସେହିଭଳି ଯାହାର ମରଣ ହୋଇଛି ତା'ର ଜନ୍ମ ନିଶ୍ଚୟ ହୋଇଛି । ଏହି ଅନୁସାରେ ସୃଷ୍ଟି ପରେ ଗ୍ରନ୍ଥ ହୋଇ ଆସିଥିବା ଭଗବଦ୍ଗୀତାର ସାଂଖ୍ୟଯୋଗରେ ଥିବା ୨୭ତମ ଶ୍ଳୋକରେ **"ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ"** ବୋଲି ଲେଖାଯାଇଛି, ଅର୍ଥାତ୍ ଯିଏ ଜନ୍ମ ହୋଇଛି ସେ ନିଶ୍ଚୟ ମୃତ୍ୟୁବରଣ କରିବ, ଯିଏ ମୃତ୍ୟୁବରଣ କରିଛି ସେ ନିଶ୍ଚୟ ଜନ୍ମଗ୍ରହଣ କରିବ । ଗୀତାରେ ଭଗବାନ ପ୍ରଥମେ କହିଥିବା ଶବ୍ଦ ହେଉଛି **'ଜାତସ୍ୟ'** । ବାକ୍ୟରେ ଏହି ଶବ୍ଦଟି କହିବାରେ ପ୍ରଥମେ ଜନ୍ମ ଅଛି ବୋଲି ବୁଝାପଡୁଛି । ଗୀତାରେ କଣ ଆଗୁଆ କୁହାଯିବ, କଣ ପରେ କୁହାଯିବ ଭଗବାନ ତାହା କ୍ରମ ଅନୁସାରେ କହିଛନ୍ତି । ତେଣୁ **ଜନ୍ମିତ ନିଶ୍ଚୟ ମୃତ୍ୟୁବରଣ କରେ, ତାହା ଧ୍ରୁବୀକୃତ ହୋଇ ରହିଛି** ବୋଲି

କହିଛନ୍ତି, ତା'ପରେ **ଯିଏ ମୃତ୍ୟୁବରଣ କରେ ସେ ଜନ୍ମ ହେବା ନିର୍ଣ୍ଣୟ କରାଯାଇଛି** ବୋଲି କହିଛନ୍ତି । ଏହି ଶ୍ଳୋକର ପ୍ରଥମ ବାକ୍ୟଟି ସୃଷ୍ଟି ପରେ ହୁଏ, ତେଣୁ ପ୍ରଥମେ ଜନ୍ମ ବାବଦରେ କହିବାକୁ ଯାଇ ଜାତସ୍ୟ ବୋଲି କହିଛନ୍ତି । ସେହିଭଳି ମରଣ ପରେ ଜନ୍ମ ହୋଇଥାଏ ବୋଲି ଦ୍ୱିତୀୟ ବାକ୍ୟରେ କହିଛନ୍ତି । ସେଥିଲାଗି ପ୍ରମାଣିତ ହୁଏ ଯେ, ଯିଏ ଜନ୍ମ ହୋଇଛି ସେ ମୃତ୍ୟୁବରଣ କରେ, ଯିଏ ମୃତ୍ୟୁବରଣ କରିଛି ସେ ନିଶ୍ଚୟ ଜନ୍ମ ହୁଏ । ଭୂପୃଷ୍ଠରେ ଜଣେ ଆମ ଆଖି ଆଗରେ ଜନ୍ମହେଲା ଅର୍ଥାତ୍ ତା'ର ଗୋଟିଏ କ୍ଷଣ ଆଗରୁ ତା'ର ମୃତ୍ୟୁ ନିଶ୍ଚୟ ହୋଇଥିଲା । ଉଦାହରଣ ସ୍ୱରୂପ ଜଣେ ଯଦି ସଂଧ୍ୟା ପାଞ୍ଚଟା ତିନି ମିନିଟ୍‌ରେ ଜନ୍ମ ହେଲା ତେବେ ସେ ସଂଧ୍ୟା ପାଞ୍ଚଟା ଦୁଇ ମିନିଟ୍ ଅଣଷଠି ସେକେଣ୍ଡ୍‌ରେ ମୃତ୍ୟୁବରଣ କରିଥିଲା । ଜଣେ ଜନ୍ମ ହେଲା ଅର୍ଥାତ୍ ସେ ଗୋଟିଏ କ୍ଷଣ ଆଗରୁ ମୃତ୍ୟୁବରଣ କରିଥିଲା, ଯିଏ ମୃତ୍ୟୁବରଣ କରିଛି ସେ ନିଶ୍ଚୟ ଜନ୍ମ ହେବ । ତେଣୁ **"ଧ୍ରୁବଂ ଜନ୍ମ ମୃତସ୍ୟ ଚ"** ବୋଲି ଭଗବାନ ଗୀତାରେ କହିଛନ୍ତି ।

ଏହିଭଳି ବ୍ରହ୍ମବିଦ୍ୟାଶାସ୍ତ୍ର ଅନୁସାରେ ଜନ୍ମମରଣ ରହିଛି, ହେଲେ ତାହା ଆମକୁ ଜଣା ନାହିଁ । ସେଥିଲାଗି କେତେକ ସେମାନଙ୍କର ଜନ୍ମଦିନ ଉତ୍ସବ ବଡ ଧୁମ୍‌ଧାମ୍‌ରେ ପାଳନ କରିଥା'ନ୍ତି, କିନ୍ତୁ ତାହା ସେମାନଙ୍କର ମରଣ ଦିନ ବୋଲି ସେମାନଙ୍କୁ ଜଣାନଥାଏ । କିଛିଦିନ ତଳେ ମୋ'ଜନ୍ମ ଦିନର ପ୍ରବଚନରେ "ଏହା ମୋର ଜନ୍ମଦିନ ହେଲେହେଁ ତା'ଆଗରୁ ଏହା ମୋର ମରଣଦିନ, ତା'ପରେ ମୋର ଜନ୍ମଦିନ ହେବ, ସେଥିଲାଗି ମୁଁ ମୋ' ଜନ୍ମଦିନରେ ନିଶ୍ଚୟ ମୋର ମରଣ ଦିନକୁ ମନେପକାଏ" ବୋଲି କହିଥିଲି । ସମସ୍ତଙ୍କର ଜନ୍ମଦିନ ହିଁ ସେମାନଙ୍କର ମରଣ ଦିନ, ଏକଥା ଅନେକଙ୍କୁ ଜଣା ନାହିଁ । **ଭୂପୃଷ୍ଠରେ କାହାର ପୁନର୍ଜନ୍ମ ଥାଇପାରେ ସିନା ଜନ୍ମଦିନ ନଥାଏ** । ଜନ୍ମ କହିଲେ ପ୍ରଥମେ ଯେତେବେଳେ ଆମେ ଜନ୍ମ

ହୋଇଥିଲେ । ପୁନର୍ଜନ୍ମ କହିଲେ ଆମେ ବାରମ୍ବାର ଜନ୍ମହେବା । ଆମେ ସୃଷ୍ଟି ପ୍ରାରମ୍ଭରେ ଈଶ୍ୱରଙ୍କ ଦ୍ୱାରା ଜନ୍ମ ହୋଇଛେ । ତା'ପରେ ପ୍ରକୃତି ଦ୍ୱାରା ଆମର ପୁନର୍ଜନ୍ମ ହୋଇଆସୁଛି । ପ୍ରଥମେ ସୃଷ୍ଟି ପ୍ରାରମ୍ଭରେ ଜନ୍ମ ହୋଇଥିବା ଆମେ ବାରମ୍ବାର ପୁନର୍ଜନ୍ମ ପାଉଛେ । ଏହି ଅନୁସାରେ ଆଜି ଭୂପୃଷ୍ଠରେ ଥିବା ସମସ୍ତଙ୍କର ପୁନର୍ଜନ୍ମ ହୋଇଛି ବୋଲି କହି ପାରିବା । ପୁନର୍ଜନ୍ମ ହୋଇଥିବା ପ୍ରତ୍ୟେକ ଜୀବକୁ ତା'ର ପୂର୍ବଜନ୍ମ କଥା ମନେ ନଥାଏ । ଗତ ଜନ୍ମରେ ବଞ୍ଚି ତା'ପରେ ପୁନର୍ଜନ୍ମ ହେଲେ ମଧ୍ୟ, ଗତ ଜନ୍ମରେ ଅନେକ ଦୁଃଖ ସୁଖ ଅନୁଭବ କରିଥିଲେ ମଧ୍ୟ, ଗତଜନ୍ମ କଥା କାହାର ମନେ ନାହିଁ । ଏମିତି କାହିଁକି ମନେ ନାହିଁ ବୋଲି ବିଚାର କଲେ ଜଣାଯାଏ ଯେ, ତା'ର ଗତ ଜନ୍ମର ଶରୀର ଆଜିର ପୁନର୍ଜନ୍ମରେ ଆଉ ନାହିଁ । ଗତଜନ୍ମର ଶରୀର ବା ଶରୀରର କୌଣସି ଭାଗ ଏ ଜନ୍ମରେ ଅର୍ଥାତ୍ ପୁନର୍ଜନ୍ମରେ ନାହିଁ । ଜୀବ ମୃତ୍ୟୁବରଣ କରି ନୂଆ ଶରୀରରେ ଜନ୍ମ ହେବାବେଳେ, ଆତ୍ମା ସମ୍ବନ୍ଧୀୟ ଭାଗଗୁଡ଼ିକ ତା'ସହିତ ଆସିଥାଏ ସିନା ପ୍ରକୃତି ସମ୍ବନ୍ଧୀୟ କୌଣସି ଭାଗ ଆସିନଥାଏ, ଅର୍ଥାତ୍ ଜନ୍ମ ପୂର୍ବରୁ ତାହାସବୁ ମରଣରେ ବିନାଶ ହୋଇଯାଇଥାଏ । ପୁନର୍ଜନ୍ମରେ ଜୀବ ସହିତ ଆତ୍ମା, ପରମାତ୍ମା ରହିଥା'ନ୍ତି ହେଲେ ପ୍ରକୃତି ସମ୍ବନ୍ଧୀୟ ୨୪ଭାଗ ବିନାଶ ହୋଇଯାଇଥାଏ । ତା'ଭିତରେ ମନେ ପକାଉଥିବା ବା ସ୍ମୃତିଶକ୍ତି ବିଶିଷ୍ଟ ହୋଇଥିବା ମନ ମଧ୍ୟ ବିନାଶ ହୋଇଯାଇଥାଏ । ସ୍ମୃତିକୁ ଖୋଲି ପାରୁଥିବା ମନ ଗତଜନ୍ମର ମରଣରେ ଚାଲିଯାଇଥାଏ । ସେଥିଲାଗି ଗତ ଜନ୍ମର ସ୍ମୃତି ହଜିଯାଇଥାଏ । ଗତଜନ୍ମରେ ଚାଲାକ୍ ହୋଇଥିବା ଜଣେ ବ୍ୟକ୍ତି ପୁନର୍ଜନ୍ମରେ ଚାଲାକ୍ (ଚତୁର) ହେବ ବୋଲି କହି ପାରିବା ନାହିଁ । ଜଣେ ମଣିଷ ଚତୁର ହେବାକୁହେଲେ ତା' ବୁଦ୍ଧିପରଦା ପତଳା ହୋଇଥିବା ଦରକାର । ଏହି ଚତୁରତାର କାରଣ ହୋଇ ରହିଥିବା ବୁଦ୍ଧି ପୂର୍ବଜନ୍ମର ମରଣରେ ବିନାଶ ହୋଇଯାଇଥାଏ । ସେଥିଲାଗି ପୁନର୍ଜନ୍ମରେ

ତା'ର ବୁଦ୍ଧି ସେହିଭଳି ଯେ ପତଳା ହେବ ଅର୍ଥାତ୍ ଏ ଜନ୍ମରେ ସେ ଚତୁର ହେବ ତାହା ଆମେ ନିର୍ଦ୍ଧାର୍ଯ୍ୟ କରି କହିପାରିବା ନାହିଁ । ଗତ ଜନ୍ମର ଶରୀରଭାଗଗୁଡିକ କରୁଥିବା କାର୍ଯ୍ୟ ଅନୁସାରେ ଗତଜନ୍ମର ଜୀବନ ବିତିଥାଏ । ଚଳିତ ସମୟର ଜନ୍ମରେ (ପୁନର୍ଜନ୍ମରେ) ନୂଆ ଶରୀରର ନୂଆ ନୂଆ ଭାଗ ହୋଇଥିବାରୁ ତା'ର ବୁଦ୍ଧି, ସ୍ମୃତିଶକ୍ତି ଇତ୍ୟାଦିର ଭିନ୍ନତା ରହିଥାଏ । ଗତ ଜନ୍ମର ଶରୀର ପୁନର୍ଜନ୍ମରେ ନଥାଏ । ତେଣୁ ପୁନର୍ଜନ୍ମ ବା ଦ୍ୱିତୀୟ ଜନ୍ମରେ ପ୍ରଥମ ଜନ୍ମର ସ୍ମୃତିହେଉ, ଚତୁରତାହେଉ ସବୁକିଛିର ଭିନ୍ନତା ଦେଖାଯାଇଥାଏ । ମରଣରେ ପ୍ରକୃତି ଭାଗ ହୋଇଥିବା ୨୪ ଗୋଟି ଅବୟବ ବିନାଶ ହୋଇଯାଇଥାଏ, କିନ୍ତୁ ଜୀବ ମରଣରେ ବିନାଶ ହୋଇନଥାଏ । ସେହିଭଳି ଆତ୍ମା ମଧ୍ୟ ବିନାଶ ହୋଇନଥାଏ । ମରଣରେ ଜୀବ ଆଉ ଆତ୍ମାକୁ ଛାଡି ପ୍ରକୃତିର ୨୪ଭାଗ ବିନାଶ ହୋଇଯାଇଥାଏ । ଆତ୍ମାଭାଗର ଜୀବାତ୍ମା, ଆତ୍ମା ପରଜନ୍ମକୁ ଆସିଥାନ୍ତି । ପ୍ରକୃତି ବା ସ୍ତ୍ରୀଭାଗ ହୋଇଥିବା ୨୪ଭାଗର ପୁନର୍ଜନ୍ମ ନଥାଏ, ତାହା ଥରେ ଜନ୍ମହୋଇ ଥରେ ବିନାଶ ହୋଇଥାଏ । ନୂଆଶରୀରକୁ ପ୍ରକୃତି ବାରମ୍ବାର ତିଆରି କରିଥାଏ । ସେଥିଲାଗି ସେଗୁଡିକୁ ପ୍ରକୃତିଭାଗ ବା ସ୍ତ୍ରୀଭାଗ କୁହାଯାଇଥାଏ ।

ଶରୀରର ୨୪ଗୋଟି ଭାଗ ଏକ ଯନ୍ତ୍ରର ଉପକରଣ ଭଳି କାର୍ଯ୍ୟ କରିଥା'ନ୍ତି । ସେଥିଲାଗି ସେହି ଅବୟବଗୁଡିକର ବା ଶରୀର ଭାଗଗୁଡିକର ପାପପୁଣ୍ୟ ନଥାଏ, ତେଣୁ ସେଗୁଡିକ ସେଇଭଳି ହୋଇ ଜନ୍ମହୁଅନ୍ତି ନାହିଁ । ଜୀବାତ୍ମା, ଆତ୍ମା ପୁଣି ଜନ୍ମ ହୋଇଥା'ନ୍ତି । ଆତ୍ମା ଶରୀରରେ ଦୁଇ ପ୍ରକାରର କାର୍ଯ୍ୟ କରୁଥିଲେ ମଧ୍ୟ, ଆତ୍ମାକୁ ପାପପୁଣ୍ୟ ସ୍ପର୍ଶ କରି ନଥାଏ । ଉଦାହରଣସ୍ୱରୂପ ଦେଶର କୌଣସି ନାଗରିକ ତା'ର ଶତ୍ରୁକୁ ମାରିଲେ, ତା' ପାଇଁ ଆଇନ୍‌ର ୩୦୨ଧାରା ଲାଗୁହୋଇଥାଏ । ସେହିଭଳି ଜଣେ କାହାକୁ ସଂପୂର୍ଣ୍ଣ ନ ମାରି କ୍ଷତବିକ୍ଷତ କରିଥିଲେ ତା'ପାଇଁ ୩୦୭

ଧାରା ଲାଗୁ ହୋଇଥାଏ, ସେହି ଧାରା ଅନୁସାରେ ନ୍ୟାୟବ୍ୟବସ୍ଥା ତା'କୁ ଦଣ୍ଡବିଧାନ କରିଥାଏ । ଏହା ଦେଶର ନାଗରିକ ପକ୍ଷରେ ଲାଗୁହେଉଥିବା ଜଣାଶୁଣା ବିଷୟ ହୋଇଥିବାବେଳେ, ଦେଶସୀମାରେ ଦେଶରକ୍ଷାପାଇଁ ଜଣେ ସୈନିକ ଦଶଜଣଙ୍କୁ ଜୀବନରେ ମାରିଦେଲେ ମଧ୍ୟ ତା'ପାଇଁ ୩୦୨ ଧାରା ଲାଗୁହୋଇ ନଥାଏ କି କ୍ଷତବିକ୍ଷତ କରିଦେଲେ ମଧ୍ୟ ୩୦୭ ଧାରା ଲାଗୁହୋଇ ନଥାଏ, କାରଣ ସେ ଦେଶ ପାଇଁ, ସରକାରଙ୍କ ଅଧିନରେ କାର୍ଯ୍ୟକରୁଛି, ତେଣୁ ଦେଶର ନ୍ୟାୟବ୍ୟବସ୍ଥାର କୌଣସି ସେକ୍ସନ୍ ତା' ପାଇଁ କାର୍ଯ୍ୟକାରୀ ହୋଇନଥାଏ । ସେହିଭଳି ଶରୀରରେ ପରମାତ୍ମାଙ୍କ ଅଧିନରେ ରହି ପରମାତ୍ମାଙ୍କ ଯନ୍ତ୍ରାଙ୍ଗରେ (ଅବୟବଗୁଡ଼ିକରେ) କାର୍ଯ୍ୟ କରୁଥିବା  ପ୍ରକୃତି ଶରୀରରେ ପରମାତ୍ମାଙ୍କ ଧାରା ବା ଧର୍ମ ଲାଗୁହେବ ନାହିଁ । ଦୈବଧର୍ମ ଅନୁସାରେ ଆସୁଥିବା ପାପପୁଣ୍ୟ ଶରୀରକୁ ସ୍ପର୍ଶ କରି ନଥାଏ, ସେଗୁଡ଼ିକର କର୍ମ ନଥାଏ କି ଅନୁଭବ ମଧ୍ୟ ନଥାଏ, ସେଥିଲାଗି ଗୋଟିଏ ଜନ୍ମରେ ଶରୀରରେ ଜୀବ ସହିତ ରହିଥିବା ମନ ସେହି ଜନ୍ମରେ ବିନାଶ ହୋଇଯାଇଥାଏ । କେବଳ ଜୀବ ଶରୀରକୁ ଛାଡି ନୂଆଶରୀର ଧାରଣ କରିଥାଏ ବା ତା'ର ପୁନର୍ଜନ୍ମ ହୋଇଥାଏ । ଜୀବ ଦ୍ୱିତୀୟ ଜନ୍ମରେ ଦ୍ୱିତୀୟ ଶରୀରରେ ଥିବାବେଳେ ପୂର୍ବଜନ୍ମର ମନ,ବୁଦ୍ଧି ତା'ର ନଥାଏ । ଦ୍ୱିତୀୟ  ଜନ୍ମରେ  ଜୀବ ସହିତ ନୂଆ ମନ, ନୂଆ ବୁଦ୍ଧି ନିବାସ କରିଥାଏ ।  ଜୀବନକାଳରେ ଶରୀରର ମନେ ରଖିବା ଅର୍ଥାତ୍ ସ୍ମୃତିର କାର୍ଯ୍ୟ କେବଳ ମନ କରିଥାଏ । ଗତ ଜନ୍ମର ସମସ୍ତ ସ୍ମୃତି ସେହି ଜନ୍ମର ମରଣରେ ଚାଲିଯାଇଥାଏ । ସେଥିଲାଗି  ଗତଜନ୍ମର ବିଷୟ  କାହାର ମନେପଡେ ନାହିଁ ।  ଆମେ ଗତଜନ୍ମରୁ ଏ ଜନ୍ମକୁ ଆସିଛେ ତେଣୁ ଆମର ମଧ୍ୟ ଗତଜନ୍ମ ମନେ ନାହିଁ, କାହିଁକିନା ! ଗତ ଜନ୍ମର ମନ ଆମର ଏହି ଶରୀରରେ ଆଉ ନାହିଁ ।

ଜଣେ ମଣିଷ ଏବେ ପୁନର୍ଜନ୍ମ ପାଇ ଭୂପୃଷ୍ଠରେ ରହିଥିଲେ ମଧ୍ୟ, ଅତୀତରେ ତା'ର କେତେଥର ପୁନର୍ଜନ୍ମ ହୋଇଛି ତାହା ପ୍ରଶ୍ନକଲେ, ସୃଷ୍ଟି ପ୍ରାରମ୍ଭରୁ ତା'ର କେତେଥର ପୁନର୍ଜନ୍ମ ହୋଇଛି ସେ ବାବଦରେ ସେ କିଛି କହିପାରିବ ନାହିଁ । ପୁନର୍ଜନ୍ମ ଅନେକ ଥିଲେ ମଧ୍ୟ ଆମର ଗତଜନ୍ମ ମନେ ନଥିବାରୁ ଆମେ କେତେଥର ପୁନର୍ଜନ୍ମ ପାଇଛେ ତାହା କହିବା ଅସମ୍ଭବ । ତେଣୁ ଭଗବଦ୍ଗୀତାର ଜ୍ଞାନଯୋଗରେ ଥିବା ୫ମ ଶ୍ଳୋକରେ **"ବହୁନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ, ତାନ୍ୟହଂ ବେଦ ସର୍ବାଣି ସତ୍ୱଂବେତ୍ଥ ପରନ୍ତପ"** ବୋଲି ଭଗବାନ କହିଛନ୍ତି, ଅର୍ଥାତ୍ ହେ ଅର୍ଜୁନ ! ଏହା ପୂର୍ବରୁ ମୋର ଅନେକ ଜନ୍ମ ହୋଇଛି, ସେଗୁଡ଼ିକ କ୍ରମାନ୍ୱୟରେ ସବୁ ମୋର ମନେଅଛି, କିନ୍ତୁ ତୁ ତୋର ଗତଜନ୍ମ ବାବଦରେ କହି ପାରିବୁ ନାହିଁ, ସେସବୁ ତୋ'ର ମନେ ନାହିଁ ବୋଲି ସ୍ୱୟଂ ଭଗବାନ ଶ୍ରୀକୃଷ୍ଣ କହିଛନ୍ତି । ସେଦିନ ଅର୍ଜୁନଙ୍କର ମନେ ନଥିବା ଭଳି ଆଜି ଆମର ମଧ୍ୟ କିଛି ମନେ ନାହିଁ । ଆମେ ସୃଷ୍ଟି ପ୍ରାରମ୍ଭରୁ ଜନ୍ମମରଣ ଚକ୍ରରେ ଘୂରି ବୁଲୁଛେ । ଆଜିକୁ ଅନେକ ଜନ୍ମ ବିତି ସାରିଲାଣି, ହେଲେ ଏସବୁ କାହାକୁ ଜଣାନାହିଁ ।

ଏଇଠାରେ ଆପଣମାନଙ୍କୁ ଏକ ପ୍ରଶ୍ନକରିବା ସୁଯୋଗ ଅଛି । ତାହା ହେଉଛି ! ଶ୍ରୀକୃଷ୍ଣ ମଧ୍ୟ ଆମରି ଭଳି ଜଣେ ମଣିଷ ଥିଲେ, ସେ ମୋର ସବୁଜନ୍ମ ମନେଅଛି କହିବା ବେଳେ, ସେ ମଧ୍ୟ ଗତ ଜନ୍ମର ମରଣରେ ନିଜର ମନକୁ ହରାଇ ଏ ଜନ୍ମରେ ପୂର୍ବ କଥା ଆଉ କହିପାରି ନଥାନ୍ତେ ! ହେଲେ ସେ କିପରି କହିଲେ ? ଏହାର ସମାଧାନ ହେଉଛି ! ସେଠାରେ ଶ୍ରୀକୃଷ୍ଣ ଯାହା କହିଛନ୍ତି ତାହା ସତ, ହେଲେ ତାଙ୍କକଥା ସତ ବୋଲି କହିବାପାଇଁ ଏହି ପ୍ରଶ୍ନକୁ ମନେରଖି ଆମକୁ ପ୍ରଥମେ ମନ ବାବଦରେ କିଛି ଅଧିକ ଜାଣିବାକୁ ପଡିବ । ଆମ ଶରୀରରେ ପ୍ରକୃତି ଭାଗର

ହୋଇଥିବା ମନ ଦୁଇଟି କାର୍ଯ୍ୟ କରିଥାଏ । ଶରୀରରେ ବାହ୍ୟେନ୍ଦ୍ରିୟ ଏବଂ ଅନ୍ତରେନ୍ଦ୍ରିୟ ରହିଛି । ବାହ୍ୟେନ୍ଦ୍ରିୟଗୁଡ଼ିକ ଆଖିକୁ ଦେଖାଯାଉଛି, ଯାହାକୁ ଆମେ ସ୍ଥୁଳଶରୀର ନାମରେ କହୁଛେ । ସେହିଭଳି ଅନ୍ତରେନ୍ଦ୍ରିୟଗୁଡ଼ିକ ଦେଖା ନଯାଇ ସୂକ୍ଷ୍ମଭାବରେ ରହିଛି । ବାହାରର ବିଷୟଗୁଡ଼ିକ ସଂଗ୍ରହ କରିଥା'ନ୍ତି ବାହ୍ୟେନ୍ଦ୍ରିୟ ବା ପାଞ୍ଚଗୋଟି ଜ୍ଞାନେନ୍ଦ୍ରିୟ । ଆଖି, ନାକ, କାନ, ଜିଭ, ଚର୍ମ ନାମକ ପାଞ୍ଚ ଜ୍ଞାନେନ୍ଦ୍ରିୟଗୁଡ଼ିକ ବାହାରର ବିଷୟଗୁଡ଼ିକୁ ସଂଗ୍ରହ କରି ଅନ୍ତରେନ୍ଦ୍ରିୟ ହୋଇଥିବା ମନକୁ ଜଣାଇଥା'ନ୍ତି, ମନ ସେଗୁଡ଼ିକୁ ନେଇ ଅନ୍ତରେନ୍ଦ୍ରିୟ ହୋଇଥିବା ବୁଦ୍ଧିକୁ ଜଣାଇଥାଏ । ତା'ପରେ ବୁଦ୍ଧି ଜଣାଉଥିବା ନିର୍ଣ୍ଣୟ ବା କାର୍ଯ୍ୟକୁ ପୁନର୍ବାର ମନ ନେଇଆସି ବାହ୍ୟେନ୍ଦ୍ରିୟ ହୋଇଥିବା କର୍ମେନ୍ଦ୍ରିୟଗୁଡ଼ିକୁ ଯଥା ହାତ, ଗୋଡ, ମୁଖ, ଗୁହ୍ୟ, ଉପସ୍ଥକୁ ଜଣାଇଥାଏ, ଏହା ମନର ପ୍ରଥମ କାର୍ଯ୍ୟ ।

ମନ ନାମିତ ହେବାରେ ମଧ୍ୟ ଏକ କାରଣ ରହିଛି । ମନନ କରିଥାଏ ମନ ବୋଲି ବଡମାନେ କହନ୍ତି । ମନନ କହିଲେ ମନେ ପକାଇବା ବା ସ୍ମୃତିକୁ ଦେଖାଇବା, ତେଣୁ ମନନ କହିଲେ ସ୍ମୃତି ମଧ୍ୟ କହିପାରିବା । ମାନବର ଜୀବନରେ ଅନେକ ଘଟଣାସବୁ ଅନେକ ସ୍ମୃତି ହୋଇ ରହିଛି । ସେଗୁଡ଼ିକୁ ମନ ନିଜଠାରେ ରଖି, ପୁନର୍ବାର ଦରକାର ହେବାବେଳେ ବାହାରକୁ ଦେଖାଇ ଥାଏ । ଏହା ମନର ଦ୍ୱିତୀୟ କାର୍ଯ୍ୟ ଏବଂ ମୁଖ୍ୟକାର୍ଯ୍ୟ ବୋଲି କହି ପାରିବା । ମନ ହିଁ ସ୍ମୃତିର ଖଣି ବୋଲି କୁହାଯାଏ । କୌଣସି ସ୍ମୃତି ହେଉ ତାହା ମନରୁ ହିଁ ଆସିଥାଏ । ସେଥିଲାଗି ତାକୁ ସ୍ମୃତିର ଖଣି କୁହାଯାଇଛି । ଏହିଭଳି ଶରୀରର କୌଣସି ପ୍ରକୃତିଭାଗ କରିପାରୁ ନଥିବା କାର୍ଯ୍ୟ ମନ କରିଥାଏ । ଜଣେ ବ୍ୟକ୍ତି ତା'ର ଆଖିରେ ସାପଟିଏ ଦେଖି ପାରୁଛି । ଶରୀରରେ ଆଖି କେବଳ ଦୃଶ୍ୟରୂପକୁ ଦେଖାଇବା କାର୍ଯ୍ୟ କରିଥାଏ । ଦୃଶ୍ୟକୁ ଦେଖାଇବା କାର୍ଯ୍ୟ କେବଳ ଶରୀରର ଆଖି

ନାମକ ଅବୟବଟି କରିଥାଏ, ଆଖି ବ୍ୟତୀତ ଅନ୍ୟ କୌଣସିଭାଗ ଦେଖାଇ ପାରେ ନାହିଁ । ସେଥିଲାଗି "ସ୍ୱତନ୍ତ୍ର କାର୍ଯ୍ୟ କରୁଥିବା ସ୍ୱତନ୍ତ୍ର ଶରୀରଭାଗକୁ ଶରୀରର ଏକ ଅବୟବ କହି ପାରିବା" ସୁତ୍ର ଅନୁସାରେ ଶରୀରରେ ଆଖିକୁ ଏକ ପ୍ରକୃତି ଭାଗ ବୋଲି କହିପାରିବା । ଏହିଭଳି ସ୍ୱତନ୍ତ୍ର କାର୍ଯ୍ୟ କରୁଥିବା ଆଖି ନିଜ ଦ୍ୱାରା ବାହାରେ ଥିବା ସାପକୁ ଦେଖିପାରଛି । ଦେଖିବା ପରେ ଆଖି ଦ୍ୱାରା ଦୃଷ୍ଟି ନାମକ ବିଷୟଜ୍ଞାନ ସୃଷ୍ଟି ହୋଇଛି । ଆଖିରେ ଆସିଥିବା ଦୃଶ୍ୟଜ୍ଞାନକୁ ଶରୀରସାରା ବ୍ୟାପୀ ରହିଥିବା ମନ ଅର୍ଥାତ୍ ଆଖି ପର୍ଯ୍ୟନ୍ତ ବ୍ୟାପୀ ରହିଥିବା ମନ ତାହା ସ୍ୱୀକାର କରି, ଶରୀର ଭିତରେ ଥିବା ବୁଦ୍ଧିକୁ ଜଣାଇଥାଏ । ମନ ନେଇଆସିଥିବା ବିଷୟକୁ ବୁଦ୍ଧି ସ୍ୱୀକାର କରି ଭିତରେ ଥିବା ଜୀବକୁ ଜଣାଇବା ବେଳେ ତାହା ଜୀବ ଜାଣି ପାରିଥାଏ । ଜୀବ ପାଖରେ ସେହି ବିଷୟ ପହଞ୍ଚିବା ସହିତ ତୁରନ୍ତ ସେହି ବିଷୟକୁ ନେଇ ଗୁଣଗୁଡିକ ସ୍ପନ୍ଦିତ ହୋଇଥା'ନ୍ତି । ଗୁଣଗୁଡିକରେ ହେଉଥିବା ସ୍ପନ୍ଦନ (ବିଚ୍ଛର)କୁ ସେହିଠାରେ ଥିବା ଚିତ୍ତ ଗ୍ରହଣ କରିଥାଏ । ଜୀବର ପ୍ରାରବ୍ଧକର୍ମ ଅନୁସାରେ ସେହି ସ୍ପନ୍ଦନକୁ ଚିତ୍ତ ବିଶ୍ଳେଷଣ କରି ସେଥିରୁ ଏକ ନିର୍ଣ୍ଣୟରେ ପହଞ୍ଚି, ସେହି ନିର୍ଣ୍ଣୟକୁ ପୁନର୍ବାର ବୁଦ୍ଧିକୁ ଜଣାଇଥାଏ । ଚିତ୍ତ ପାଖରେ ଥିବା ବୁଦ୍ଧି ତାହା ଗ୍ରହଣ କରି ବାର୍ତ୍ତାବାହକ ବୋଲି ଅନ୍ୟ ନାମରେ କୁହାଯାଉଥିବା ମନକୁ ଜଣାଇଥାଏ । ସେତେବେଳେ ମନ ବୁଦ୍ଧି ଜଣାଇଥିବା ସଂଦେଶକୁ ନେଇ ବାହ୍ୟେନ୍ଦ୍ରିୟ ହୋଇଥିବା କର୍ମେନ୍ଦ୍ରିୟଗୁଡିକୁ ଜଣାଇଥାଏ, ତାପରେ ମନ ଜଣାଇଥିବା ସମାଚ୍ଚର ଅନୁସାରେ କର୍ମେନ୍ଦ୍ରିୟଗୁଡିକ ନିଜ କାର୍ଯ୍ୟରେ ଲାଗିପଡନ୍ତି ।

ସାପ ନାମକ ଦୃଶ୍ୟ ଆଖିରେ ଦେଖାଯିବା ବେଳେ, ଦୃଷ୍ଟି ନାମକ ତନ୍ମାତ୍ର ତାହାକୁ ବାହାରର ସମାଚ୍ଚର କରିନେଇ ମନକୁ ଯୋଗାଇବା ବେଳେ, ମନ ଅନ୍ତରେନ୍ଦ୍ରିୟ ଏବଂ ବାହ୍ୟେନ୍ଦ୍ରିର ମଧ୍ୟବର୍ତ୍ତୀ ଭାବରେ

କାର୍ଯ୍ୟକରି, ବାହାର ବିଷୟକୁ ନେଇ ଅନ୍ତରେନ୍ଦ୍ରିୟ ବୁଦ୍ଧିକୁ ଜଣାଇ ଥାଏ, ପୁଣି ଭିତରୁ ବୁଦ୍ଧି ଯୋଗଇଥିବା ସମାଚାର ବାହାରର କର୍ମେନ୍ଦ୍ରିୟକୁ ଜଣାଇଥାଏ । ଏଠାରେ ଭିତରକୁ ଯାଇଥିବା ସାପ ବିଷୟକୁ ବୁଦ୍ଧି ନେଇ ଜୀବକୁ ଜଣାଇବା ବେଳେ, ଜୀବ ଚାରିକଡେ ଥିବା ଗୁଣଗୁଡିକ ସ୍ପନ୍ଦିତ ହୋଇ, ଗୁଣର ସ୍ପନ୍ଦନକୁ ଚିତ୍ତ ଜୀବର କର୍ମ ଅନୁସାରେ ବିଶ୍ଳେଷଣ କରି ଯେଉଁ ନିର୍ଣ୍ଣୟ ନିଏ ତାହା ଏକ ସମାଚାର କରି ପୁନର୍ବାର ବୁଦ୍ଧିକୁ ଜଣାଇଥାଏ । ଏହିଭଳି ସାପ ନାମକ ବିଷୟ ଭିତରେ ଭିତରେ ଯାତ୍ରା କରି, ଶେଷରେ ଚିତ୍ତ ପାଖରେ ସାପକୁ ମାରିଦେବାର ନିର୍ଣ୍ଣୀତ ସାମାଚାର ତିଆରି ହୋଇ ମନରେ ପହଞ୍ଚିବା ବେଳେ ମନ ତାହା ଆଣି କର୍ମେନ୍ଦ୍ରିୟରେ ପହଞ୍ଚାଇଛି । ସେତେବେଳେ କର୍ମେନ୍ଦ୍ରିୟ ହୋଇଥିବା ହାତ, ଗୋଡ ମିଶି ସାପକୁ ମାରି ଦେଇଛନ୍ତି ।  ଆମ ଶରୀର ଦ୍ୱାରା ହେଉଥିବା ପ୍ରତ୍ୟେକ କାର୍ଯ୍ୟ ଏହିଭଳି ହୋଇଥାଏ । ଏକ ବାହାର କଥା ଭିତରକୁ ଯାଇ, ଭିତରୁ ବାହାରକୁ ଆସି କାର୍ଯ୍ୟରେ ପରିଣତ ହେବାପାଇଁ ଶରୀରର ୨୬ଗୋଟି ଭାଗ କାର୍ଯ୍ୟ କରିଥା'ନ୍ତି, ହେଲେ ଶରୀରର ୨୭ତମ ଭାଗ ହୋଇଥିବା ପରମାତ୍ମା ବା ଈଶ୍ୱର କୌଣସି କାର୍ଯ୍ୟ କରିନଥା'ନ୍ତି । ଶରୀରରେ ଥିବା ମୋଟ ୨୬ଭାଗରୁ ଅତି ମୁଖ୍ୟ ହେଉଛନ୍ତି ଏଇ ମନ ଆଉ ଆତ୍ମା ।

ମନ ପ୍ରକୃତି ଭାଗର, ଆତ୍ମା ପରମାତ୍ମା ଭାଗର, ଜୀବ ସହିତ ଶରୀରର ୨୪ଗୋଟି ଭାଗ ଶରୀରର ଭିନ୍ନ ଭିନ୍ନ ସ୍ଥାନରେ ରହିଥା'ନ୍ତି । ସ୍ୱତନ୍ତ୍ରଭାବରେ ମନ, ଆତ୍ମା ଶରୀରସାରା ବ୍ୟାପୀ ରହିଥା'ନ୍ତି । ଶରୀରସାରା ବ୍ୟାପିରହିଥିବା ମନ ଶରୀରର ବାହାରେ ଥିବା ବିଷୟଗୁଡିକୁ ଗ୍ରହଣ କରି ଭିତରକୁ ନେଇଥାଏ, ଭିତରୁ ବାହାରକୁ ଆଣିଥାଏ । ଏହିଭଳି ବାହ୍ୟ ଏବଂ ଅନ୍ତରେନ୍ଦ୍ରିୟ ଗୁଡିକର ମଧ୍ୟବର୍ତ୍ତୀଭାବରେ ରହିବା ସହିତ ଏକ କାର୍ଯ୍ୟ ବାବଦରେ ମନନ କରିବା ବା ସ୍ମୃତିକୁ ଖୋଲି ଦେଖାଇବା କାର୍ଯ୍ୟ ମଧ୍ୟ ମନ

କରିଥାଏ । ଶରୀରସାରା ବ୍ୟାପିରହିଥିବା ମନର ଦ୍ୱିତୀୟକାର୍ଯ୍ୟ କ'ଣ ତାହା ଜାଣି ପାରିଥିବା ଆମେ ଆତ୍ମାର ଦ୍ୱିତୀୟକାର୍ଯ୍ୟ କ'ଣ ଏବେ ଜାଣିବା ।

ଆତ୍ମା ସାରା ଶରୀରରେ ବ୍ୟାପିରହିଥାଏ । ଶରୀରରେ ଜୀବ ମଧ୍ୟ ନିବାସ କରିଥାଏ । ଜୀବ ଯେଉଁଠାରେ ରହିଥାଏ ଆତ୍ମା ମଧ୍ୟ ସେହିଠାରେ ରହିଥାଏ । **ଆତ୍ମା ନଥିବା ସ୍ଥାନରେ ଜୀବତ୍ମା, ଜୀବାତ୍ମା ନଥିବା ସ୍ଥାନରେ ଆତ୍ମା ନଥାଏ** । ଏହି ଅନୁସାରେ ଆତ୍ମା ଜୀବାତ୍ମା ଦୁଇଟିକୁ ଏକ ଯୋଡି ବା ଯୁଗଳାତ୍ମା ବୋଲି କହି ପାରିବା । ଜୀବାତ୍ମା, ଆତ୍ମା ନଥିବା ସ୍ଥାନରେ ମଧ୍ୟ ପରମାତ୍ମା ରହିଥା'ନ୍ତି । ଜୀବାତ୍ମା, ଆତ୍ମା କେବେହେଲେ ଅଲଗା ଅଛନ୍ତି ବୋଲି କହି ପାରିବା ନାହିଁ । ଏମାନଙ୍କର ସଂପର୍କ ଅଭିନ୍ନ ହେଲେ ମଧ୍ୟ ଶରୀରରେ ଅଲଗା ଅଲଗା ପ୍ରକାରରେ ରହିଥା'ନ୍ତି । ୧- ରକ୍ତ ଥିବା ଶରୀରରେ, ୨- ରକ୍ତ ନଥିବା ଶରୀରରେ ଜୀବାତ୍ମା, ଆତ୍ମା ନିବାସ କରିଥା'ନ୍ତି । ରକ୍ତ ରହିଥିବା ଶରୀର ଯଥା ମାନବ, ପଶୁ, ପକ୍ଷୀ ଏବଂ ନାନା ପ୍ରକାରର ଅଣ୍ଡଜ, ପିଣ୍ଡଜରେ ଆତ୍ମା, ଜୀବାତ୍ମା ରହିଥା'ନ୍ତି । ରକ୍ତ ନଥିବା ଶରୀର ଯଥା ବୃକ୍ଷ, ଲତା, ଇତ୍ୟାଦିରେ ମଧ୍ୟ ଆତ୍ମା, ଜୀବାତ୍ମା ନିବାସ କରିଥା'ନ୍ତି । ବୃକ୍ଷ ମଧ୍ୟ ଜୀବାତ୍ମା, ଆତ୍ମା ନିବାସଯୋଗ୍ୟ ଶରୀର । ରକ୍ତପ୍ରସାରଣ ହେଉଥିବା ମଣିଷହେଉ, ଜନ୍ତୁହୁଅନ୍ତୁ ବା ରକ୍ତ ପ୍ରସାରଣ ହେଉନଥିବା ବୃକ୍ଷଲତାଦି ହୁଅନ୍ତୁ ସମସ୍ତ ଶରୀରରେ ଜୀବାତ୍ମା ଗୋଟିଏ ସ୍ଥାନରେ ରହିଥିବାବେଳେ ଆତ୍ମା ସାରାଶରୀରରେ ନିବାସ କରିଥାଏ । ମଣିଷ ଶରୀରର ନଖଶିଖ (କେଶାଗ୍ର) ପର୍ଯ୍ୟନ୍ତ ଆତ୍ମା ବ୍ୟାପିରହିବା ଭଳି ଏକ ବୃକ୍ଷ ଶରୀରରେ ମଧ୍ୟ ଆତ୍ମା ସର୍ବତ୍ର ବ୍ୟାପିରହିଥାଏ । ରକ୍ତଥିବା ମଣିଷ ଶରୀରର ଶକ୍ତି ହେଉଛି ଆତ୍ମା । ବୃକ୍ଷ ଶରୀରର ଚେରଠାରୁ ପତ୍ର ପର୍ଯ୍ୟନ୍ତ ମଧ୍ୟ ଆତ୍ମା ଶକ୍ତି ବ୍ୟାପିରହିଛି । **ସେଥିଲାଗି ବୃକ୍ଷଲତାରେ ଥିବା ପତ୍ରର ଔଷଧ ରହିଛି, ଏହା ବଡମାନେ ବହୁଆଗରୁ ଜାଣିପାରିଥିଲେ, ସେହି ଶକ୍ତି ହିଁ ଆତ୍ମା ଶକ୍ତି** ।

ବୃକ୍ଷ, ଲତାର ଚେର ମୂଳରେ, ପତ୍ରରେ ଥିବା ଶକ୍ତି ହିଁ ମଣିଷ ଶରୀରର ଆତ୍ମାଶକ୍ତି । ସେହି ଶକ୍ତି ହିଁ ଔଷଧ ଭାବରେ ରହିଛି । ପତ୍ରରେ ଔଷଧଶକ୍ତି ରହିଛି ବୋଲି ପ୍ରମାଣିତ ହୋଇଛି । ଏହି ଔଷଧ ଶକ୍ତି ମଣିଷ ଶରୀରର ଓଁକାର ଶକ୍ତି ହୋଇ ରହିଛି । ଅର୍ଥାତ୍ ବୃକ୍ଷ ଲତାର ଔଷଧ ଶକ୍ତି ମଣିଷର ଓଁକାର ଶକ୍ତି ସହିତ ସମାନ, ଏହି ଦୃଷ୍ଟିରୁ କହିଲେ ବୃକ୍ଷଲତାର ଔଷଧ ଶକ୍ତି ହିଁ ମଣିଷର ମୂଳଶକ୍ତି । ଶେଷରେ ବୁଝିପାରିବା ଭଳି ଗୋଟିଏ ବାକ୍ୟରେ କହିବାକୁ ଗଲେ ଗଛର ମୂଳଶକ୍ତି ହିଁ ମଣିଷର ମୂଳଶକ୍ତି, ଗଛର ପତ୍ରରେ ଥିବା ଶକ୍ତି ମଣିଷର ଆତ୍ମାଶକ୍ତି ସହିତ ସମାନ । ଗଛର ପତ୍ରରେ ଯେମିତି ଶକ୍ତି ରହିଛି, ମଣିଷ ଶରୀରରେ ମଧ୍ୟ ଆତ୍ମାଶକ୍ତି ସେମିତି ବ୍ୟାପି ରହିଛି । ବୃକ୍ଷଲତାରେ, ମଣିଷଠାରେ ଆତ୍ମା ସମାନ ଭାବରେ ବ୍ୟାପି ରହିଥିଲେ ମଧ୍ୟ ବୃକ୍ଷଲତା ଆଉ ମଣିଷ ଶରୀରରେ ଅନେକ ଅନେକ ଭିନ୍ନତା ରହିଥାଏ, ଆମଭଳି ଜ୍ଞାନେନ୍ଦ୍ରିୟ କର୍ମେନ୍ଦ୍ରିୟ ବୃକ୍ଷଲତାର ନହିଁ । ବୃକ୍ଷଲତାର ଶରୀରକୁ ବିଭାଜନ କରି ଦେଖିବା ମଧ୍ୟ ଆମପକ୍ଷେ ସମ୍ଭବ ନୁହେଁ । ଆମେ ପ୍ରମାଣ ପାଇଛେ ଯେ ଆତ୍ମଶକ୍ତି ସମାନ ଭାବରେ ଉଭୟରେ କାର୍ଯ୍ୟ କରୁଛି । ସେଥିଲାଗି ଆମେ ବୁଝିବାପାଇଁ ମଣିଷ ଶରୀରକୁ ଗବେଷଣା କରିବା ଉଚିତ୍, କାରଣ! ଆମେ ହେଉଛେ ମଣିଷ, ଜ୍ଞାନ ଦରକାର ହୁଏ ଆମର ।

ମଣିଷ ଶରୀରରେ ଆତ୍ମା ବ୍ୟାପିରହିବା ଛଡା ଦୁଇଟି ମୁଖ୍ୟ କାର୍ଯ୍ୟ କରିଥାଏ । ଶରୀରରେ ଥିବା ପରମାତ୍ମା ଭାଗ ଯଥା ଜୀବାତ୍ମା, ଆତ୍ମା ଦୁଇଟି ରହିଥିବା ବେଳେ ସେ ଦୁଇଟି ମଧ୍ୟରୁ ଜୀବାତ୍ମା ଶରୀରର ଗୋଟିଏ ସ୍ଥାନରେ ରହିଥାଏ, ଆତ୍ମା ସାରାଶରୀରରେ ବ୍ୟାପିରହି ଦୁଇଟି କାର୍ଯ୍ୟ କରିଥାଏ । ପ୍ରକୃତି ଭାଗର ୨୪ଗୋଟି ଅବୟବ ବା ଯନ୍ତ୍ରାଙ୍ଗକୁ ଆତ୍ମା ଶକ୍ତି ଦେଇ ପରିଚାଳିତ କରିଥାଏ । ଏହିଭଳି ଆତ୍ମାଶକ୍ତି ବା ଚୈତନ୍ୟଶକ୍ତି ପାଇ ମଣିଷ ଜୀବନ ନିର୍ବାହ କରିଥାଏ । ମଣିଷ ଯଦି କଥା କହିଥାଏ ତେବେ

ଆତ୍ମା ହିଁ ସେହି କଥା କୁହାଇଥାଏ । ସେହିଭଳି ଆଖିପତା ପଡିବା ଉଠିବା ମଧ୍ୟ ଆତ୍ମା କରାଇଥାଏ, ଶରୀରର ହୃତ୍ପିଣ୍ଡ କାର୍ଯ୍ୟ କରିବା, ଫୁସ୍‌ଫୁସ୍ କାର୍ଯ୍ୟ କରିବା ସବୁ ଆତ୍ମଚୈତନ୍ୟ ଦ୍ୱାରା ହୋଇଥାଏ । ଏଠାରେ ଆତ୍ମା କରାଇବା ଏବଂ ଆତ୍ମଚୈତନ୍ୟ କାର୍ଯ୍ୟ କରିବା ହୋଇଥାଏ । ଏଭଳି ଦେଖିଲେ ସାରା ଶରୀରର କୌଣସି ଛୋଟ କାର୍ଯ୍ୟ, ବାହ୍ୟେନ୍ଦ୍ରିୟର କାର୍ଯ୍ୟ, ଅନ୍ୟାନ୍ୟ ଅବୟବଗୁଡିକର କାର୍ଯ୍ୟ ମଧ୍ୟ ଆତ୍ମଚୈତନ୍ୟ ଦ୍ୱାରା ହୋଇଥାଏ । ଏ ସବୁ ଆତ୍ମା ନ କରାଇଲେ ଶରୀର ଜଡ ହୋଇଯାଏ । ଶରୀରରେ ଜୀବ ରହିବା, ତା'ର ପ୍ରାଣ ରହିବା, ଖାଉଥିବା ଆହାର ଜୀର୍ଣ୍ଣ କରିବା ଇତ୍ୟାଦି ଶରୀରର ସବୁ କାର୍ଯ୍ୟକୁ ଆତ୍ମା କରାଇଥାଏ । ସାରା ଶରୀରକୁ ନିଜର ଅଧିନରେ ରଖି ଆତ୍ମା ଜୀବର କର୍ମ ଅନୁସାରେ କାର୍ଯ୍ୟକ୍ଷମ କରାଇଥାଏ । ଶରୀରର ଅନ୍ୟାନ୍ୟ ଅଙ୍ଗଗୁଡିକର ଏକ ଏକ କାର୍ଯ୍ୟ ଥିବାବେଳେ, ସେହି ପ୍ରକୃତି ଭାଗର ୨୪ଗୋଟି ଅବୟବକୁ ଆତ୍ମା ପରିଚାଳିତ କରିବା ଆତ୍ମାର ଏକ କାର୍ଯ୍ୟ ହୋଇଥାଏ ।

ଏହିଭଳି ଶରୀରରେ ଆତ୍ମା ଏକ କାର୍ଯ୍ୟ କରୁଛି । ୨୪ଘଂଟା ଆତ୍ମା ନିଜ କାର୍ଯ୍ୟ ଅହରହ କରିବାପାଇଁ ଶରୀରରେ ବ୍ୟାପିରହିଛି । ମନ ମଧ୍ୟ ସାରାଶରୀରରେ ବ୍ୟାପିରହିଛି, ହେଲେ ନିଦ୍ରା ସମୟରେ ସଂକୁଚିତ ହୋଇ ବ୍ରହ୍ମନାଡୀକୁ ଚାଲିଯାଉଛି । ମନ କେବଳ ଜାଗ୍ରତାବସ୍ଥାରେ ସାରା ଶରୀରରେ ବ୍ୟାପିରହି ନିଦ୍ରା ସମୟରେ ବ୍ରହ୍ମନାଡୀର ଗୋଟିଏ ସ୍ଥାନରେ ରହିଯାଉଛି, କିନ୍ତୁ ଆତ୍ମା ନିଦ୍ରା ସମୟରେ, ଜାଗ୍ରତାବସ୍ଥାରେ, ସ୍ୱପ୍ନରେ ସବୁବେଳେ ଶରୀରରେ ବ୍ୟାପିରହିଛି । ମନ ନିଦ୍ରା ସମୟରେ କାର୍ଯ୍ୟ କରେ ନାହିଁ, କିନ୍ତୁ ଆତ୍ମା ନିଦ୍ରାବସ୍ଥାରେ, ଜାଗ୍ରତାବସ୍ଥାରେ ଅହରହ କାର୍ଯ୍ୟ କରିଥାଏ । ମଣିଷ ଜନ୍ମହେବାଠାରୁ ଆତ୍ମା ଏକ କ୍ଷଣ ମଧ୍ୟ ବିଶ୍ରାମ ନନେଇ ଅହରହ କାର୍ଯ୍ୟ କରୁଛି । ଏହି କାର୍ଯ୍ୟକୁ ଆତ୍ମାର ଗୋଟିଏ କାର୍ଯ୍ୟ ବୋଲି ହିସାବ କରାଯାଏ । ଆମେ ଜାଣିବାକୁ ପାଇଥିଲେ ଯେ, ଆତ୍ମାର ଦ୍ୱିତୀୟ

କାର୍ଯ୍ୟ ମଧ୍ୟ ରହିଛି । ଏବେ ତାହା ଜାଣିବାକୁ ଚେଷ୍ଟା କରିବା । ମଣିଷ ଜାଗ୍ରତାବସ୍ଥାରେ ରହିବାବେଳେ ମନ ବାହ୍ୟେନ୍ଦ୍ରିୟର ବିଷୟଗୁଡ଼ିକୁ ନେଇ ଅନ୍ତରେନ୍ଦ୍ରିୟକୁ ଜଣାଏ ଆଉ ନିଦ୍ରା ଅବସ୍ଥାରେ ବ୍ରହ୍ମନାଡୀରେ ସଂକୁଚିତ ହୋଇ ରହେ । ଏତିକିବେଳେ ମଣିଷର ବାହ୍ୟ ବିଷୟଗୁଡ଼ିକ ଭିତରକୁ ଯାଇପାରେ ନାହିଁ । ସେ ସମୟରେ ବାହାରେ କ'ଣ ହୁଏ ମଣିଷ ଜାଣିପାରେ ନାହିଁ । କାରଣ ! ମନ ଇନ୍ଦ୍ରିୟ ପାଖରେ ନଥାଏ ତେଣୁ ସେହି ବିଷୟଜ୍ଞାନ ଭିତରେ ଥିବା ଜୀବକୁ କିମ୍ବା ବୁଦ୍ଧିକୁ ଜଣାପଡିନଥାଏ ।

ଜଣେ ମଣିଷ ଶୋଇଛି, ତା'କୁ ଆଉ ଜଣେ ଡାକିଲା ବୋଲି ଭାବିବା । ସେତେବେଳେ ଶୋଇଥିବା ମଣିଷର କାନରେ ଡାକିବା ଶବ୍ଦ ପଡିବ । ସେହି ଶବ୍ଦ ସେଠାରେ ଶ୍ରବଣ ଭାବରେ ବଦଳିଲା । ହେଲେ ସେ ଶ୍ରବଣ ବିଷୟକୁ ଗ୍ରହଣ କରି ଭିତରେ ଥିବା ବୁଦ୍ଧିକୁ ଜଣାଉଥିବା ମଧ୍ୟବର୍ତ୍ତୀ ମନ ନିଦ୍ରାରେ ବ୍ରହ୍ମନାଡୀରେ ଯାଇ ରହିଛି, ତେଣୁ ଅନ୍ୟ କେହି ଜଣେ ତା'କୁ ଡାକିବାବିଷୟ ଭିତରକୁ ନେଉଥିବା ମନ ସେଠାରେ ନଥିବାରୁ, ସେହି ଡାକ ସେହି ଜୀବକୁ ହେଉ କିମ୍ବା ବୁଦ୍ଧିକୁ ହେଉ ଜଣାପଡିବ ନାହିଁ । ଏହିଭଳି  ସନ୍ଦର୍ଭରେ ଶୋଇଥିବା ମଣିଷକୁ ଡାକିଲେ ମଧ୍ୟ ସେ ଉଠିବାକୁ ସୁଯୋଗ ନାହିଁ । ତା' ପାଖରେ ଡାକରା ପହଞ୍ଚି ପାରିଲା ନାହିଁ, ତେଣୁ ସେ ଉଠିପାରିବ ନାହିଁ, କିନ୍ତୁ ଏ କଥାର ବିରୁଦ୍ଧ ଭାବରେ ଶୋଇଥିବା ମଣିଷ ତ ଉଠିପଡୁଛି ! କିଏ ଜଣେ ଡାକିଲା ବୋଲି ବିଷୟଟି ତା'ର ବୁଦ୍ଧି ପାଖରେ, ଜୀବ ପାଖରେ ତ ପହଞ୍ଚି ପାରୁଛି ! ମଧ୍ୟବର୍ତ୍ତୀ ମନ ନଥିଲେ ଡାକିବା ଶବ୍ଦ ବା ଶ୍ରବଣକୁ କିଏ ଭିତରକୁ ନେଉଛି ? ଏହି ପ୍ରଶ୍ନରେ ବିଚାରକଲେ ବାସ୍ତବରେ ତାହା ମନ କରୁଥିବା କାର୍ଯ୍ୟ ହେଲେ ମଧ୍ୟ, ସେତେବେଳେ ମନକୁ ମଧ୍ୟ ଏ ଖବର ମିଳି ନଥାଏ, ସେଠାରେ ମନ ହିଁ ନଥାଏ । ମନ ନଥିଲେ ମଧ୍ୟ ଅତ୍ୟାବଶ୍ୟକ କାଳରେ ମନ କରୁଥିବା କାର୍ଯ୍ୟକୁ ଆତ୍ମା କରୁଛି । ଆତ୍ମା ଶରୀରର ପ୍ରତ୍ୟେକ ଅବୟବ ସହିତ ଜଡିତ ଥିବାରୁ କାନର ଶ୍ରବଣ ଶୁଣି,

ସେହି ଶ୍ରବଣ ସମାଚାରକୁ ମନ ପହଞ୍ଚାଇବା କ୍ଷେତ୍ରରେ ନିଜେ ଆତ୍ମା ନେଇ ବୁଦ୍ଧି ପାଖରେ ଏବଂ ଜୀବ ପାଖରେ ପହଞ୍ଚାଉଛି । ତେଣୁ ମନ ନଥିଲେ ମଧ୍ୟ କେହି ଡାକିଲେ ଶୋଇଥିବା ମଣିଷ ଉଠିପଡୁଛି । ଏହିଭଳି କେତେକ ସମୟରେ ମନ ତା'ର ନିଜ କାର୍ଯ୍ୟ ନକଲେ ମଧ୍ୟ, ମନ କରୁଥିବା କାର୍ଯ୍ୟ ମଧ୍ୟ ଆତ୍ମା କରୁଛି । ଏହିଭଳି କାର୍ଯ୍ୟ କରିବା ଆତ୍ମାର ଦ୍ୱିତୀୟକାର୍ଯ୍ୟ ବୋଲି ପାଠକମାନେ ମୁଖ୍ୟତଃ ଜାଣିବା ଦରକାର । ଏଠାରେ ଆଉ ଏକ ମୁଖ୍ୟ କଥା ଜାଣିବା ଉଚିତ୍ ଯେ, ଏକଥା ଆମେ କଳ୍ପନା କରି କହୁନାହୁଁ । ମାୟା ପ୍ରଭାବ ଦ୍ୱାରା ଆପଣ ଏଭଳି ଭାବିବା ଦୁର୍ଯୋଗ ରହିଛି । ସେଥିଲାଗି ସତର୍କତାର ସହିତ ଜାଣିବାକୁ କହୁଛୁ ।  ଆତ୍ମାର ଦ୍ୱିତୀୟ କାର୍ଯ୍ୟଟି ନିରାଟ ସତ୍ୟ ଏବଂ ଶାସ୍ତ୍ରବଦ୍ଧ ।

ବାହାରେ କିଏ ଜଣେ ଡାକିବା ବିଷୟକୁ ଆତ୍ମା ଗ୍ରହଣ କରି ଭିତରେ ବୁଦ୍ଧିକୁ, ଜୀବାତ୍ମାକୁ ଜଣାଇବା ବେଳେ, ମନ ବ୍ରହ୍ମନାଡୀକୁ ଛାଡି ସାରା ଶରୀରରେ ପୁନର୍ବାର ବ୍ୟାପିଯାଉଛି । ଏମିତି ଆସିବା ହେଉଛି ନିଦ୍ରାରୁ ଜାଗ୍ରତ ଅବସ୍ଥାକୁ ଫେରିବା । **ଶରୀରରେ ମନର କାର୍ଯ୍ୟକୁ, ସେହିଭଳି ଆତ୍ମା କାର୍ଯ୍ୟକୁ ଚିହ୍ନିପାରିଲେ ମଣିଷ ଆଧାତ୍ମିକ ବିଦ୍ୟାକୁ ଅଧା ଶିଖିଯିବା ଭଳି ହୋଇଥାଏ ।** ଶୋଇଥିବା ମଣିଷ ତା'ର ଅଜାଣତରେ କଡ ଲେଉଟାଉଛି, ଶୋଇଥିବା ମଣିଷ ତା'ର ଅଜାଣତରେ ଗୋଟିଏ ଜାଗାରୁ ଉଠି ଆଉଗୋଟିଏ ଜାଗାରେ ଯାଇ ଶୋଉଛି । ଏହିସବୁ କାର୍ଯ୍ୟ ଆତ୍ମା ଭିତରେ ଥିବା ବୁଦ୍ଧିର ଅଜାଣତରେ କରୁଛି । ସେଥିଲାଗି ନିଦ୍ରାରେ କ'ଣ କ'ଣ କରିଛି ଉଠିବା ପରେ ଶୋଇଥିବା ମଣିଷ ଜାଣିପାରୁ ନାହିଁ । ମଣିଷ ଶୋଇଥିବା ସମୟରେ ବାହାରର ବିଷୟକୁ ଆତ୍ମା ସ୍ୱୀକାର କରି ଦରକାର ପଡିଲେ ଭିତରେ ଥିବା ବୁଦ୍ଧିକୁ, ଜୀବକୁ ଜଣାଉଛି । ଦରକାର ନଥିଲେ କିଛି କରୁ ନାହିଁ । ଉଦାହରଣ ସ୍ୱରୂପ ଶୋଇବା ମଣିଷ ଅଧିକ ସମୟ ଧରି

ଗୋଟିଏ କଡରେ ଶୋଇଥିବା ବେଳେ ତା'ର ହାତ ଦରଜ ହେଲେ ଚର୍ମ ନାମକ ଇନ୍ଦ୍ରିୟର ଏହି ବିଷୟକୁ ଆତ୍ମା ଗ୍ରହଣ କରି, ସେ ବିଷୟ ଭିତରକୁ ନ ପଠାଇ ସେହି ମଣିଷ ନିଜେ ଅନ୍ୟ ଦିଗରେ କଡ ଲେଉଟାଇ ଶୋଇବା ଭଳି କରାଉଛି । ଏହିଭଳି ନିଦ୍ରାବସ୍ଥାରେ କେହି ଡାକିଲେ ଆବଶ୍ୟକ ଅନୁସାରେ ସେ ବିଷୟ ଭିତରକୁ ପଠାଉଛି, ଅର୍ଥାତ୍ ମନ ଜାଗ୍ରତ ଅବସ୍ଥାକୁ ଫେରିବା ଭଳି କରୁଛି, ଏହି ରହସ୍ୟ ମାନବ ଶରୀରରେ ଘଟୁଛି । କାହାକୁ ଜଣାଥାଉ ବା ନଥାଉ ମଣିଷ ଶରୀରରେ ଶତପ୍ରତିଶତ ଏହି କାର୍ଯ୍ୟ ଘଟୁଛି । ସାରାଦୁନିଆରେ ଥିବା କୌଣସି ମତର ମଣିଷ ହେଉ, ଭିତରେ ହେଉଥିବା ଏହି କାର୍ଯ୍ୟ ସମସ୍ତଙ୍କଠାରେ ସମାନଭାବରେ ହେଉଛି । ଏହି ଯନ୍ତ୍ରାଙ୍ଗରେ କୌଣସି ଭିନ୍ନତା ନାହିଁ । ଜଣେ ମୁସ୍ଲିମ୍‌ହେଉ, କ୍ରୈସ୍ତବହେଉ କି ହିନ୍ଦୁହେଉ ସମସ୍ତଙ୍କଠାରେ ଜୀବାତ୍ମା, ଆତ୍ମା, ମନ, ବୁଦ୍ଧି ଇତ୍ୟାଦି ୨୬ଗୋଟି ଶରୀର ଭାଗ ରହିଛି । ସେଗୁଡିକ ସମସ୍ତଙ୍କଠାରେ ସମାନ ଭାବରେ କାର୍ଯ୍ୟ କରୁଛି । ମୁସ୍ଲିମ୍‌ର ଆଖି ଦେଖିପାରିଲେ, ଖ୍ରୀଷ୍ଟିଆନ୍‌ର ଆଖି ଶୁଣୁନାହିଁ ! ସବୁ ମତ (ଧର୍ମ) ରେ ମଣିଷର ଆଖି ଦେଖିବା କାର୍ଯ୍ୟ ହିଁ କରୁଛି । **ସେଥିଲାଗି ଆମର ମତଭିନ୍ନତା (ଧର୍ମ ଭିନ୍ନତା) ଥିଲେ ମଧ୍ୟ ଆତ୍ମାର, ଜୀବାତ୍ମାର, ସେହିଭଳି ଅନ୍ୟ ଶରୀର ଭାଗଗୁଡିକର କୌଣସି ଭିନ୍ନତା ନାହିଁ ।** ସମସ୍ତଙ୍କଠାରେ ସେଗୁଡିକ ସମାନ ପଦ୍ଧତିରେ କାର୍ଯ୍ୟ କରିଥା'ନ୍ତି । କର୍ମ ଅନୁସାରେ ମଣିଷର ଅନୁଭବରେ ଭିନ୍ନତା ଥାଇପାରେ ସିନା, ଶରୀର ଅବୟବର କାର୍ଯ୍ୟଗୁଡିକ ସମସ୍ତଙ୍କଠାରେ ସମାନ ଭାବରେ ହୋଇଥାଏ । ମଣିଷ ବଞ୍ଚିଥିବା କଥା ଛାଡନ୍ତୁ ! ମଣିଷ ମୃତ୍ୟୁବରଣ କଲାବେଳେ, ଜନ୍ମ ହେବାବେଳେ ଗୋଟିଏ ମଣିଷଠାରେ ଯାହାସବୁ ଘଟିଥାଏ, ସବୁ ମତର ମଣିଷଠାରେ ଠିକ୍ ତାହା ଘଟିଥାଏ । କୁଳ ମତ ଭିନ୍ନତାରେ, ଧନୀ ଦରିଦ୍ର ଭେଦରେ, କଳା ଗୋରା ଭେଦରେ, ସ୍ଥିତି ଭେଦରେ ଆତ୍ମାକାର୍ଯ୍ୟ ସମସ୍ତଙ୍କଠାରେ ସମାନ ହୋଇଥାଏ ।

ମଣିଷ ଅଜ୍ଞାନ ଦ୍ୱାରା ନାନା ମତ (ନାନା ଧର୍ମ) ସୃଷ୍ଟି କରି, ପରମାତ୍ମା ଶରୀରରେ ଖଞ୍ଜିଥିବା ବିଧିବିଧାନକୁ ଭୂଲିଯିବା ଦ୍ୱାରା, ଜନ୍ମ ମରଣ ବାବଦରେ ନାନା ମତରେ ନାନା ପ୍ରକାରର କଥା କହୁଛନ୍ତି । ସବୁ ମତର ଦୈବ (ଅଲ୍ଲା, ଯେହୋବା, ପରମାତ୍ମା ବା ପରମେଶ୍ୱର) ଜଣେ ବୋଲି ଉପରକୁ କହୁଛନ୍ତି ସିନା, ଭିତରେ ମୋ' ମତ ଅଲଗା, ମୋ' ଆରାଧ ଅଲଗା ବୋଲି ଭାବୁଛନ୍ତି । ପରମାତ୍ମା ସମସ୍ତ ମତରେ ସମାନ ଜ୍ଞାନ କହିଛନ୍ତି ସିନା, ନାନା ମତରେ ନାନା ପ୍ରକାରର ଜ୍ଞାନ କହି ନାହାନ୍ତି । ସୃଷ୍ଟି ପ୍ରାରମ୍ଭରେ ଜନ୍ମ ହୋଇଥିବା ଇନ୍ଦୁମତ (ହିନ୍ଦୁଧର୍ମ) ସମ୍ବନ୍ଧୀୟ ଭଗବଦ୍ଗୀତାରେ ପରମାତ୍ମା ଭଗବାନଙ୍କ ଦ୍ୱାରା "ଯିଏ ଜନ୍ମ ହୋଇଛି ସେ ନିଶ୍ଚୟ ମୃତ୍ୟୁବରଣ କରିବ, ଯିଏ ମୃତ୍ୟୁବରଣ କରିଛି ସେ ନିଶ୍ଚୟ ଜନ୍ମ ହେବ" ବୋଲି କୁହାଇଛନ୍ତି । ଏ କଥା ଶରୀର ଧାରଣ କରିଥିବା ସମସ୍ତଙ୍କ ପାଇଁ କାର୍ଯ୍ୟକାରୀ ହୋଇଥାଏ । କେତେକଙ୍କଠାରେ କାର୍ଯ୍ୟ କରି କେତେକଙ୍କଠାରେ କାର୍ଯ୍ୟ କରିବ ନାହିଁ ବୋଲି ଆମେ କହି ପାରିବା ନାହିଁ । ଶରୀରର ଜନ୍ମ ହେଉ, ଜୀବନ ହେଉ କି ମରଣ ହେଉ ସମସ୍ତଙ୍କର ସମାନ ଭାବରେ ହୋଇଥାଏ । ଭଗବଦ୍ଗୀତାରେ ଭଗବାନ ଯାହା କହିଛନ୍ତି, ତାହା ହିଁ ଅନ୍ୟ ମତର ଗ୍ରନ୍ଥଗୁଡିକରେ କହିଛନ୍ତି । ପରମାତ୍ମା ସମସ୍ତଙ୍କୁ ସମାନ ଜ୍ଞାନ କହିଥିଲେ ମଧ୍ୟ ତାହା ମାୟା ପ୍ରଭାବ ଦ୍ୱାରା ନାନା ମତ ଭାବରେ, ନାନା ମତଗ୍ରନ୍ଥ ଭାବରେ, ନାନା ବାଣୀ ଭାବରେ ବଦଳିଯାଇ ରହିଛି । ଏହା ମାୟାର ପ୍ରଭାବ ବୋଲି ଜାଣିନଥିବା ମାନବ ପରମାତ୍ମା କାହିଁକି ଏଭଳି କହିଛନ୍ତି ବୋଲି ଟିକିଏ ବିଚାର ନକରି କଥା କହୁଛି ।

ଉଦାହରଣସ୍ୱରୂପ ମଣିଷର ଜନନମରଣ ଜ୍ଞାନ ବାବଦରେ ଚିନ୍ତାକଲେ, ତାହା ପରମାତ୍ମା ସବୁ ମତରେ ସମାନ ଭାବରେ କହିଛନ୍ତି ବୋଲି ମଣିଷ ଭୂଲିଯାଇଛି । ଇନ୍ଦୁ (ହିନ୍ଦୁ) ମତରେ ପୁନର୍ଜନ୍ମ ରହିଛି କୁହାଯାଇଥିବା ବେଳେ, ମୁଖ୍ୟତଃ ଇସ୍ଲାମ୍ ଓ ଖ୍ରୀଷ୍ଟ ମତରେ ପୁନର୍ଜନ୍ମ ହିଁ ନାହିଁ ବୋଲି

କହୁଛନ୍ତି । ଅତି ଚତୁର ଲୋକମାନେ ମଧ୍ୟ ଜନ୍ମ ବିଷୟକୁ ଗଲେ ଟିକିଏ ବିଚାର ନକରି ଅନ୍ଧଭାବରେ କଥା କହୁଛନ୍ତି । ଆତ୍ମଜ୍ଞାନୀ ପ୍ରବକ୍ତାମାନେ କହୁଥିବା କଥାକୁ ବିଶ୍ୱାସ କରିପାରୁ ନାହାନ୍ତି, ସେମାନଙ୍କ କଥାକୁ ବିଶ୍ଳେଷଣ କରି ଯଦି ଦେଖନ୍ତେ ତେବେ ସେମାନେ ଜନ୍ମ (ପୁନର୍ଜନ୍ମ) ରହିଛି କହିଛନ୍ତି ସିନା, ନାହିଁ କହିନାହାନ୍ତି ବୋଲି ଜାଣି ପାରନ୍ତେ । ଭୂପୃଷ୍ଠର ଆଜି ସମସ୍ତେ ଏକ ଜ୍ଞାନଯୁକ୍ତ ବୋଲି କହି ପାରିବା ନାହିଁ । କେତେକଙ୍କଠାରେ ଐଶ୍ୱରୀୟ ଜ୍ଞାନ ଥିବାବେଳେ କେତେକଙ୍କଠାରେ ଐଶ୍ୱରୀୟ ଜ୍ଞାନ ନାମରେ ମାୟାଜ୍ଞାନ ରହିଛି । ଐଶ୍ୱରୀୟ ଜ୍ଞାନ ବା ଦୈବଜ୍ଞାନ କ'ଣ, ମାୟାଜ୍ଞାନ କ'ଣ ମଣିଷ ଜାଣିନଥିବାରୁ, ମୁଁ ଯାହା କହୁଛି ତାହା ହିଁ ଦୈବଜ୍ଞାନ ବୋଲି ଜଣେ ମତାବଲମ୍ବୀ (ଧର୍ମାବଲମ୍ବୀ) କହିଲେ, ମୋର ଜ୍ଞାନ ହିଁ ବାସ୍ତବ ଦୈବଜ୍ଞାନ ବୋଲି ଆଉଜଣେ ମତାବଲମ୍ବୀ କହୁଛି । ସେମାନଙ୍କ ଭିତରୁ କାହାର ଜ୍ଞାନ ବାସ୍ତବଜ୍ଞାନ ଶୁଣୁଥିବା ଲୋକେ ମଧ୍ୟ ଜାଣିପାରୁ ନାହାନ୍ତି । ଏହିଭଳି ସନ୍ଦର୍ଭରେ ବାସ୍ତବ ଦୈବଜ୍ଞାନ କ'ଣ, କେଉଁଟି ଦୈବଜ୍ଞାନ ନୁହେଁ ତାହା ମାନବକୁ ଜଣାଇବାପାଇଁ ପରମାତ୍ମା ଦୃଷ୍ଟାନ୍ତଭାବରେ ଭୂପୃଷ୍ଠରେ ଏପରି କିଛି କାର୍ଯ୍ୟ କରାଇଥା'ନ୍ତି, ଯାହା ଦ୍ୱାରା ମଣିଷ ବାସ୍ତବ ଦୈବଜ୍ଞାନକୁ ଜାଣି ପାରିଥାଏ ।

ଇସ୍ଲାମ୍‌ରେ ପୁନର୍ଜନ୍ମ ବାବଦରେ ଲେଖା ନାହିଁ ବୋଲି ସମସ୍ତେ କହନ୍ତି । ସେଥିଲାଗି ତାହା ବିଶ୍ୱାସ କରି ପ୍ରତ୍ୟେକ ମୁସଲମାନ କହନ୍ତି ଯେ, ମରିଯିବା ପରେ ଆଉ ଜନ୍ମ ନାହିଁ, ସେମାନେ ଯାହା ଶୁଣିଥା'ନ୍ତି ତାହା ସଂପୂର୍ଣ୍ଣ ବିଶ୍ୱାସ କରି ଆଉ ଜନ୍ମ ନାହିଁ ବୋଲି ଧୈର୍ଯ୍ୟର ସହିତ କହିପାରନ୍ତି । ମୋଟାମୋଟି ଭାବରେ ସେମାନଙ୍କ ମତର ଗୁରୁମାନେ ଯାହା କହନ୍ତି ତାହା ସେମାନେ ମଧ୍ୟ କହନ୍ତି, କିନ୍ତୁ କଥାର ବାସ୍ତବତାକୁ ସେମାନେ ଗ୍ରହଣ କରି କହନ୍ତି ନାହିଁ । ଏଇଠାରେ ଆମେ "ବିଶ୍ୱାସ ସତ୍ୟ ନୁହେଁ, କି ଅସତ୍ୟ ନୁହେଁ" ନାମକ ଏକ ସୂତ୍ରକୁ ଦେଖିଲେ । ବିଶ୍ୱାସ ସତ୍ୟ

ହୋଇପାରେ, ଅସତ୍ୟ ହୋଇପାରେ । ମତଗୁରୁମାନେ କହୁଥିବା କଥାକୁ ସେମାନେ ବିଶ୍ୱାସ କରି ପୁନର୍ଜନ୍ମ ନାହିଁ ବୋଲି କହୁଛନ୍ତି । ଏଭଳି ବିଶ୍ୱାସ କରିବାରେ ଭୂଲ୍ ନାହିଁ, କାରଣ ଇସ୍ଲାମ୍ କହିଲେ ତ ବିଶ୍ୱାସ ! ବାସ୍ତବରେ ଇଶ୍ୱରଙ୍କୁ (ଅଲ୍ଲାଃଙ୍କୁ) ବିଶ୍ୱାସ କରିବା ଜଣେ ପ୍ରକୃତ ମୁସଲ୍‌ମାନ୍‌ର କର୍ତ୍ତବ୍ୟ । ସେହିଭଳି ଅଲ୍ଲାଃଙ୍କୁ (ଇଶ୍ୱରଙ୍କୁ) ବିଶ୍ୱାସ କରିବା ହିଁ ଏକ ଇନ୍ଦୁର (ହିନ୍ଦୁର) କର୍ତ୍ତବ୍ୟ । **ଈଶ୍ୱର (ପରମାତ୍ମା) ବା ଅଲ୍ଲାଃ ଦେଖାଯାଆନ୍ତି ନାହିଁ, ତେଣୁ ଈଶ୍ୱରଙ୍କୁ ନଦେଖି ବିଶ୍ୱାସ କରିବା ଉଚିତ୍, କିନ୍ତୁ ମଣିଷ କହୁଥିବା ଐଶ୍ୱରୀୟ ଜ୍ଞାନରେ ବିଚାରକରି ବିଶ୍ୱାସ କରିବା ଉଚିତ୍ ।** ବିଚାର ନକରି ବିଶ୍ୱାସ କଲେ ତାହା ଅନ୍ଧବିଶ୍ୱାସ ହୁଏ, ଅସତ୍ୟ ଗ୍ରହଣ କରିବା ଦୁର୍ଯୋଗ ଥାଏ ।

ଦୈବବାଣୀକୁ ଦୈବଦୂତଙ୍କଠାରୁ ଶୁଣି ପ୍ରବକ୍ତାମାନେ ତାହା ମଣିଷକୁ ଜଣାଇଥା’ନ୍ତି । ପ୍ରବକ୍ତା ଦୈବଜ୍ଞାନକୁ ଶୁଣି, ସମ୍ପୂର୍ଣ୍ଣ ବିଶ୍ୱାସ କରି ଆମକୁ କହିଥା’ନ୍ତି । ଇସ୍ଲାମ୍ କହିଲେ ବିଶ୍ୱାସ । ବିଶ୍ୱାସ କହିଲେ ଇସ୍ଲାମ୍ ବୋଲି ମଧ କହି ପାରିବା । ଦୈବବାଣୀ ଦୈବଦୂତଙ୍କଠାରୁ ଶୁଣିଥିବା ପ୍ରବକ୍ତା, ଦୈବ (ଅଲ୍ଲାଃ) ଜଣାଇଥିବା ବାର୍ତ୍ତା ପ୍ରଜାମାନଙ୍କୁ କହିଥିଲେ । ପ୍ରବକ୍ତାମାନେ କହିଥିବା ଜ୍ଞାନବାଣୀ ସଂପୂର୍ଣ୍ଣ ଦୈବବାଣୀ ହୋଇଥିବାରୁ ତାହା ଶତପ୍ରତିଶତ ସତ୍ୟ ବୋଲି କହିପାରିବା, କିନ୍ତୁ ପ୍ରବକ୍ତାମାନେ କହିଥିବା ସତ୍ୟକୁ ପ୍ରଜାମାନେ ବୁଝିବାରେ ଭୂଲ୍ କରିଛନ୍ତି । ପ୍ରବକ୍ତାମାନେ କହିଥିବା ଦୈବବାଣୀକୁ ସୈତାନ୍ (ମାୟା) ମାନବକୁ ଅଲଗା ବାଟରେ ବୁଝାଇଛି, ସେ ପର୍ଯ୍ୟନ୍ତ ସତ୍ୟ ହୋଇଥିବା ଦୈବବାଣୀ ଅସତ୍ୟରେ ପରିଣତ ହୋଇ ପ୍ରଚାର ହୋଇଯାଇଛି । ଖ୍ରୀଷ୍ଟଧର୍ମରେ ସାତାନ୍ ପ୍ରଭାବ ଦ୍ୱାରା ଯୀଶୁପ୍ରଭୂ କହିଥିବା ବାଣୀକୁ ଖ୍ରୀଷ୍ଟିଆନ୍‌ମାନେ ସଠିକ୍ ବୁଝିପାରି ନାହାନ୍ତି । ଇସ୍ଲାମ୍‌ରେ, ଖ୍ରୀଷ୍ଟମତରେ ପ୍ରବକ୍ତାମାନେ କହିଥିବା ଦୈବବାଣୀକୁ ସେମାନେ କିଛି

ପରିମାଣରେ ବୁଝିପାରି ନାହାନ୍ତି । ହିନ୍ଦୁମତ କଥା କ'ଣ କହିବା ! ଭଗବାନ ଶ୍ରୀକୃଷ୍ଣ କହିଥିବା ଦୈବବାଣୀକୁ ତ ବିଲ୍‌କୁଲ୍ ବୁଝି ନାହାନ୍ତି କହିଲେ ଅତ୍ୟୁକ୍ତି ହେବ ନାହିଁ । ଯଜ୍ଞ, ବେଦପଠନ, ଦାନ, ତପସ୍ୟା ଇତ୍ୟାଦି ଦୈବମାର୍ଗ ନୁହେଁ ବୋଲି ଭଗବାନ କହିଥିଲେ ମଧ୍ୟ,ବହୁଦେବତା ଆରାଧନା ଦ୍ୱାରା ସୃଷ୍ଟିକର୍ତ୍ତା ପରମାତ୍ମାଙ୍କୁ ପାଇହୁଏ ନାହିଁ ବୋଲି ସେ କହିଥିଲେ ମଧ୍ୟ, ହିନ୍ଦୁମାନେ ସେକଥା ବୁଝି ନପାରି ମାୟାମାର୍ଗକୁ ଅନୁସରଣ କରି, ତାହା ହିଁ ଦୈବମାର୍ଗ ଭାବୁଛନ୍ତି, ତାହା ହିଁ ପ୍ରକୃତ ଐଶ୍ୱରୀୟ ମାର୍ଗ ବୋଲି କହୁଛନ୍ତି । ହିନ୍ଦୁମାନେ ସଂପୂର୍ଣ୍ଣ ମାୟାମାର୍ଗରେ ପଡିଥିବାବେଳେ ଖ୍ରୀଷ୍ଟିଆନ୍, ମୁସ୍ଲିମମାନେ ପୁନର୍ଜନ୍ମ ବାବଦରେ ପ୍ରବକ୍ତାମାନଙ୍କ କଥାକୁ ବୁଝିପାରି ନାହାନ୍ତି ।

ଉଦାହରଣ ସ୍ୱରୂପ ପରିଶୁଦ୍ଧ ଗ୍ରନ୍ଥ ବା ପବିତ୍ର ଗ୍ରନ୍ଥ କୁହାଯାଉଥିବା ବାଇବେଲ୍‌ରେ ଏକ ଯୀଶୁବାଣୀକୁ ନେଇ ଦେଖିବା, ଦେଖିଲେ ଆଜିର ଖ୍ରୀଷ୍ଟିଆନ୍‌ମାନେ ଯୀଶୁଙ୍କ କଥାକୁ କେତେ ବିଶ୍ୱାସ କରିଛନ୍ତି ତାହା ଜାଣିହେବ । ଏବେ ମାଥିଉଙ୍କ ଲିଖିତ ସୁସମାଚାରରେ ୧୨ତମ ଅଧ୍ୟାୟ, ୩୦,୩୧ ଏବଂ ୩୨ତମ ବାକ୍ୟଗୁଡିକ ଉପରେ ଦୃଷ୍ଟି ଦେବା । (୧୨-୩୦) ଯଦି କେହି ମୋ' ସହିତ କାମ କରୁନାହିଁ, ତେବେ ସେ ମୋ' ବିରୁଦ୍ଧରେ କାମ କରୁଛି । (୩୧)ତେଣୁ ମୁଁ ତୁମକୁ କହୁଛି ଯେ, ଲୋକେ ଯେଉଁସବୁ ପାପ କରୁଛନ୍ତି ତାହା କ୍ଷମା କରିଦିଆଯିବ । ଲୋକମାନେ ଯେଉଁସବୁ ଖରାପ କଥା କହୁଛନ୍ତି, ତାହା କ୍ଷମା କରିଦିଆଯିବ, କିନ୍ତୁ ପବିତ୍ର ଆତ୍ମାଙ୍କ ବିରୁଦ୍ଧରେ ନିନ୍ଦାକଲେ କ୍ଷମା କରାଯାଇ ପାରିବନି । (୩୨) ଯଦି କେହି ମନୁଷ୍ୟପୁତ୍ରଙ୍କ ବିରୁଦ୍ଧରେ କିଛି କୁହେ ତେବେ ତାକୁ କ୍ଷମା କରାଯାଇ ପାରେ, କିନ୍ତୁ ପବିତ୍ର ଆତ୍ମାଙ୍କ ବିରୁଦ୍ଧରେ କେହି କିଛି କହିଲେ ତାକୁ ବର୍ତ୍ତମାନ (ଏ ଯୁଗରେ) ବା ଭବିଷ୍ୟତରେ (ଆସନ୍ତା ଯୁଗରେ) କେବେହେଲେ କ୍ଷମା କରାଯିବ ନାହିଁ ।

ପ୍ରବକ୍ତା ଯୀଶୁପ୍ରଭୂ କହିଥିବା ବାଣୀର ୩୨ତମ ବାକ୍ୟରେ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, ଏକପ୍ରକାର ପାପକୁ ଅନୁଭବ କରିବା ପାଇଁ ଦୁଇଯୁଗକାଳ ଲାଗେ, ଅର୍ଥାତ୍ ସେହିଭଳି ପାପକୁ ବଞ୍ଚିରହି ଅନୁଭବ କରିବା ପାଇଁ ଦୁଇଯୁଗ ଲାଗେ । ଗୋଟିଏ ଜନ୍ମର ଶରୀରରେ କେହି ଏକଯୁଗକାଳ ବଞ୍ଚିବା ଅସମ୍ଭବ । କେତେଲକ୍ଷ ବର୍ଷ ବିତିଲେ ଏକ ଯୁଗ ହୋଇଥାଏ, ଦୁଇ ଯୁଗ କହିଲେ କେତେବର୍ଷ ହେବ ଟିକିଏ ଚିନ୍ତା କରନ୍ତୁ । ଏକ ଜନ୍ମରେ ମାତ୍ର ଶହେବର୍ଷ ବଞ୍ଚି ନଥିବା ମଣିଷ, ଗୋଟିଏ ଜନ୍ମରେ ଦୁଇଯୁଗ ବଞ୍ଚିପାରିବ ? ଅସମ୍ଭବ ! ସେ କେତେହଜାର ଜନ୍ମ ନେଲେ ମଧ୍ୟ ଦୁଇ ଯୁଗ ହେବ ନାହିଁ ! ! ଏଇ ଅନୁସାରେ ଦୈବ ସଂବନ୍ଧୀୟ ପାପକୁ ଅନୁଭବ କରିବା ପାଇଁ ମଣିଷକୁ କେତେହଜାର କିମ୍ବା କେତେଲକ୍ଷ ଥର ଜନ୍ମ ନେବାକୁ ପଡିବ ବୋଲି ବୁଝାଯାଉଛି । ଏହି ବାଣୀଟି ଏକ ମୁଖ୍ୟ ବାଣୀ ହେଲେହେଁ ମାୟା ବା ସାତାନ୍ ପ୍ରଭାବ କାରଣରୁ କ୍ରୈସ୍ତବ ବୋଧକମାନେ ହୁଅନ୍ତୁ ବା ଖ୍ରୀଷ୍ଟିଆନ୍‌ମାନେ ହୁଅନ୍ତୁ ତାହା ବୁଝିପାରି ନାହାନ୍ତି ବୋଲି କହି ପାରିବା । ପରିଶୁଦ୍ଧ ବାଇବେଲ୍‌ରେ ଯୀଶୁପ୍ରଭୂଙ୍କ ବାଣୀ ଅନୁସାରେ ମଣିଷର ପୁନର୍ଜନ୍ମ ଅଛି ବୋଲି ସ୍ପଷ୍ଟ ବୁଝି ହେଉଥିବା ବେଳେ, ଖ୍ରୀଷ୍ଟିଆନମାନେ ପୁନର୍ଜନ୍ମ ନାହିଁ କହିବା, ଯୀଶୁବାଣୀର ବ୍ୟତିରେକ ବା ଯୀଶୁ ବାଣୀକୁ ବକ୍ର ମାର୍ଗରେ ନେବା ଭଳି ହୋଇଥାଏ, ଭର୍ତ୍ସନା କରିବା ଭଳି ହୋଇଥାଏ । ଏହା ସତ କି ମିଛ ଆପଣମାନେ ବିଚାର କରନ୍ତୁ !

ସ୍ୱର୍ଗ, ନର୍କ ନାମକ କଥା ଦୁଇଟି ମଣିଷକୁ ମାୟା ମାର୍ଗରେ ଠେଲିଦିଏ । ପ୍ରତ୍ୟେକ ମତରେ (ଧର୍ମରେ) ଏହି ସ୍ୱର୍ଗ, ନର୍କ ନିଶ୍ଚୟ କେଉଁଠି ରହିଛି ବୋଲି କହିଥା'ନ୍ତି, କିନ୍ତୁ କେହି ତାହା ଦେଖିନଥା'ନ୍ତି । କୌଣସି ମତାବଲମ୍ବୀ କହିପାରିବ ନାହିଁ ଯେ, ତାହା କେଉଁଠି ଆଉ କେତେ ଦୂରରେ ଅଛି । ଏହି ସ୍ୱର୍ଗନର୍କ ବାବଦରେ ସବୁ ମତର ପ୍ରବକ୍ତାମାନେ କହିଥିଲେ ମଧ୍ୟ, ନର୍କରେ ଦୁଃଖ, ସ୍ୱର୍ଗରେ ସୁଖ ରହିଥାଏ କହିଥିଲେ ମଧ୍ୟ,

ତାହା କେଉଁଠି ?, କେତେ ଦୂରରେ ଅଛି ? କେହି ପ୍ରଶ୍ନ କରିନାହାନ୍ତି କି ପ୍ରମାଣିତ କରିନାହାନ୍ତି । ମାନବ ସ୍ୱର୍ଗନରକ ବାବଦରେ ଏତେ ଭ୍ରାନ୍ତ ଧାରଣା ପାଇବ ବୋଲି ସେମାନେ ଯଦି ଆଗରୁ ଜାଣିଥା'ନ୍ତେ ହୁଏତ ସେ ବାବଦରେ ଆହୁରି କିଛି ଅଧିକ କହିଥା'ନ୍ତେ । ସ୍ୱର୍ଗନର୍କ ରହିଛି ତାହା ସତ୍ୟ, କିନ୍ତୁ ଆଉ କେଉଁଠାରେ ଅଛି ନାମକ ମାୟାଭ୍ରାନ୍ତିରେ ପ୍ରତ୍ୟେକ ମତର ଲୋକମାନେ ପଡିଛନ୍ତି । ସ୍ୱର୍ଗନର୍କ ବାବଦରେ ବୋଧକମାନେ ମଧ୍ୟ ଭ୍ରାନ୍ତ ଅବଧାରଣା ପାଇଛନ୍ତି, ସେମାନଙ୍କ କଥା ଶୁଣୁଥିବା ମଣିଷମାନେ ମଧ୍ୟ ଅବଗତ ଲୋପ ହୋଇଛନ୍ତି । ପ୍ରବକ୍ତାମାନଙ୍କ ଉଦ୍ଦେଶ୍ୟ ଗୋଟିଏ ହୋଇଥିବା ବେଳେ ତାହା ବୁଝି ନପାରି ଆମମାନଙ୍କ ଉଦ୍ଦେଶ୍ୟ ଆଉ ଏକ ପ୍ରକାରର ହୋଇଯାଇଛି । ଏଭଳି ସମସ୍ତ ମତରେ ହୋଇଛି । ଗୋଟିଏ ବିଷୟରେ ଭୂଲ୍ ବୁଝି ତା'ର ଅନୁସନ୍ଧିତ ବିଷୟରେ ବା ଜ୍ଞାନ ବିଷୟରେ ଆମେ ଭୂଲ୍ ବୁଝିବସିଛେ । ଏଭଳି ଜ୍ଞାନ ବିଷୟରେ ଭ୍ରାନ୍ତ ଧାରଣା ପାଇଥିବା ମଣିଷ ଭିତରେ ହିନ୍ଦୁମାନେ ସବୁଠାରୁ ଆଗୁଆ, ସେମାନଙ୍କ ପରେ ମୁସଲ୍‌ମାନ୍‌ମାନେ ପ୍ରବକ୍ତାମାନଙ୍କ କଥାକୁ ଟିକିଏ ଉନ୍ନତ ଢଙ୍ଗରେ ବୁଝିପାରିଥିଲେ ମଧ୍ୟ, ସ୍ୱର୍ଗ ନରକ ବାବଦରେ ସେମାନେ ମଧ୍ୟ ଖୁବ୍ ଭୂଲ୍ ବୁଝିଛନ୍ତି ।

ପ୍ରବକ୍ତାମାନେ କହିଥିବା କଥାରେ ସ୍ୱର୍ଗ, ନରକ ଭୂପୃଷ୍ଠରେ ରହିଛି, ପରମାତ୍ମା ପୁଣ୍ୟ କରିଥିବା ଲୋକମାନଙ୍କୁ ସ୍ୱର୍ଗ, ପାପ କରିଥିବା ଲୋକମାନଙ୍କୁ ନର୍କ ଏଇଠାରେ ଅନୁଭବ କରିବା ପାଇଁ ବନ୍ଦୋବସ୍ତ କରିଛନ୍ତି, ସେହି ଅନୁସାରେ କର୍ମଫଳକୁ ମଣିଷ ଭୂପୃଷ୍ଠରେ ଅନୁଭବ କରୁଛି ବୋଲି ଯଦି ବୁଝି ପାରନ୍ତେ ତେବେ ଆଧ୍ୟାତ୍ମିକରେ ନାନା ପ୍ରଶ୍ନର ସମାଧାନ ହୋଇ ପାରନ୍ତା, କିନ୍ତୁ ତାହା ବୁଝିବାରେ ତ୍ରୁଟି ରହିଯାଇଥିବାରୁ ଆମର ଆଧ୍ୟାତ୍ମିକ ଜ୍ଞାନ ସମୂହ ସଂଶୟଯୁକ୍ତ ଏବଂ ସମାଧାନ ରହିତ ହୋଇଯାଇଛି । ସ୍ୱର୍ଗ, ନର୍କ ଏଇ ଭୂପୃଷ୍ଠରେ ଅଛି, ତାହାକୁ ଆମେ ନିତ୍ୟ

ଅନୁଭବ କରୁଛେ, ଆଖି ଆଗରେ ତାହା ଦେଖିପାରୁଛେ ବୋଲି ଥରେ ଜାଣି ପାରିଲେ ମଣିଷକୁ ବାସ୍ତବ ଜ୍ଞାନ ମିଳିପାରନ୍ତା, କିନ୍ତୁ ଏସବୁ ମାୟାର କାର୍ଯ୍ୟ ଆଉ ଆମର ଏଇ କଥାରେ ମାୟା ମଧ୍ୟ ଆପଣମାନଙ୍କୁ ଭ୍ରମିତ କରିଦେଇ ପାରେ । ଆମକଥା ଅସତ୍ୟ ବୋଲି ବିଶ୍ୱାସ ଆଣିଦେଇ ପାରେ । ସ୍ୱର୍ଗ ନର୍କ ବିଷୟରେ ମଣିଷକୁ ଭ୍ରମିତ କରିଥିବା ମାୟା କେତେକ ମତରେ ଦୈବସାନ୍ନିଧ ମୋକ୍ଷକୁ ମଧ୍ୟ ସ୍ୱର୍ଗ ଭାବିବା ଭଳି କରାଇଛି । ସ୍ୱର୍ଗ ନର୍କ ସ୍ୱତନ୍ତ୍ର, ତାହା ମଣିଷକୁ ସୁଖ, ଦୁଃଖ ଦେଇଥାଏ, ମୁକ୍ତି ବା ମୋକ୍ଷ ସ୍ୱତନ୍ତ୍ର ତାହା ସୁଖଦୁଃଖର ଅତୀତ ଈଶ୍ୱରଙ୍କ ସ୍ଥାନ ବୋଲି ଜାଣିନଥିବା ମଣିଷ ମୋକ୍ଷକୁ ସ୍ୱର୍ଗ ଭାବିଛି । ମଣିଷକୁ ସବୁଦିଗରୁ ଭ୍ରାନ୍ତ ଧାରଣା ଦେଇଥିବା ମାୟା, ଜନ୍ମମରଣ ବାବଦରେ ସଂପୂର୍ଣ୍ଣ ଭୂଲ୍ ବାଟରେ ପରିଚାଳିତ କରି ପୁନର୍ଜନ୍ମ ନାହିଁ, ମଣିଷ ଥରେ ଜନ୍ମହୋଇ ଥରେ ମୃତ୍ୟୁବରଣ କରେ ବୋଲି ଭ୍ରମିତ କରିଛି । ଏଭଳି ରହସ୍ୟ ମଣିଷ କେବେ ଜାଣିନପାରୁ ସେଥିପାଇଁ ମଣିଷର ଆଧ୍ୟାତ୍ମିକ ଧ୍ୟାନସମୂହ ବାହ୍ୟ ଦୁନିଆରେ ଲଗ୍ନହେବା ଭଳି କରି ଦେଇଛି । ଶରୀରାନ୍ତର୍ଗତ ଜୀବ ସେ ନିଜେ ଶରୀରଠାରୁ ଅଲଗା, ଆତ୍ମା ଅଲଗା, ସେହିଭଳି ମନ, ବୁଦ୍ଧି ଇତ୍ୟାଦି ଅଲଗା ଅଲଗା କାର୍ଯ୍ୟ କରୁଛନ୍ତି, ଏସବୁ ଜାଣିବା ହିଁ ଆଧ୍ୟାତ୍ମିକ, ଏହା ଜାଣିପାରଲେ ଦୈବଜ୍ଞାନ ଆଉ ତା'ର ଧର୍ମ ଜଣାପଡେ, ଏଭଳି ଶରୀରାନ୍ତର୍ଗତ ଜ୍ଞାନକୁ ଜାଣି ପାରିଲେ ମଣିଷକୁ ସବୁ ପ୍ରଶ୍ନର ସମାଧାନ ମିଳିଥାଏ, ଏହା ମଣିଷ ଜାଣି ନପାରିବା ଦ୍ୱାରା ମତପ୍ରାଚୀର ଭିତରେ ରହିଯାଇ, ମାୟା ଜାଲରେ ଛନ୍ଦିହୋଇ ନିଯେ ନିଜକୁ ଆଉ ଈଶ୍ୱରଙ୍କୁ ଜାଣିପାରୁ ନାହିଁ ।

ପ୍ରତ୍ୟେକ ମତର ପ୍ରବକ୍ତାମାନେ ପ୍ରକୃତ ଈଶ୍ୱରଙ୍କ ବାବଦରେ ଜଣାଇଥିଲେ ମଧ୍ୟ ସେମାନେ କହିଥିବା ଜ୍ଞାନକୁ ଠିକ୍‌ଭାବରେ ନ ବୁଝି ପ୍ରବକ୍ତାମାନଙ୍କୁ ମଧ୍ୟ ମତ ବା ଧର୍ମରେ ଛନ୍ଦିଦେଇ ଆମ ମତ (ଧର୍ମ) ଅଲଗା ବୋଲି କହୁଛନ୍ତି । ଆଜି ପର୍ଯ୍ୟନ୍ତ କୌଣସି ପ୍ରବକ୍ତା କହିଥିବା ଦୈବିବିଷୟ

ସମସ୍ତ ମଣିଷଜାତି ପାଇଁ ଉଦ୍ଦିଷ୍ଟ । ସେମାନେ କୌଣସି ଧର୍ମ (ମତ) ର ନାଆଁ ଦେଇ ଏହା ଅମୂକ ମତ ବୋଲି କହି ନାହାନ୍ତି ।  ପରମାତ୍ମା ପ୍ରବକ୍ତାମାନଙ୍କ ଦ୍ୱାରା ନିଜ ଜ୍ଞାନକୁ କୁହାଇଛନ୍ତି, କିନ୍ତୁ ମାୟା ମଣିଷକୁ ନିଜ ପକ୍ଷରେ ରଖିବା ପାଇଁ, ପରମାତ୍ମାଙ୍କ ଦିଗରେ ଯିବାକୁ ନଦେବା ପାଇଁ, ଭିନ୍ନ ଭିନ୍ନ କାଳରେ ଭିନ୍ନ ଭିନ୍ନ ପ୍ରବକ୍ତାମାନଙ୍କ ଦ୍ୱାରା ଭିନ୍ନ ଭିନ୍ନ ଜ୍ଞାନ ବୋଧ କରାଯାଇଥିବା ଭଳି କରାଇଛି । ପ୍ରଥମେ ଏହିଭଳି ଭାବରେ ଆରମ୍ଭ ହୋଇଥିବା ମାୟା ପ୍ରଭାବ ମଣିଷକୁ ସାରାଜୀବନ ନିଜ ପ୍ରଭାବରେ ରଖିବା ଭଳି କରିଦେଇଛି । ସେଥିଲାଗି ମଣିଷ କେତେ ମେଧାବୀ ହେଲେହେଁ, ଅନ୍ତର୍ଗତ ଦୈବିବିଷୟରେ ଜ୍ଞାନଶୂନ୍ୟ ହୋଇପଡିଛି । କେତେକ ଲୋକ ଆଧ୍ୟାତ୍ମିକ ବିଦ୍ୟାରେ ମହାମେଧାବୀ ଭଳି ଦେଖାଗଲେ ମଧ୍ୟ, ପ୍ରତ୍ୟେକ ମତର ମୂଳଗ୍ରନ୍ଥକୁ ପଢି ମୁଖସ୍ତ କରି କେଉଁ ଫର୍ଦ୍ଦରେ କ'ଣ ଅଛି କହି ପାରୁଥିଲେ ମଧ୍ୟ, ବେଦମନ୍ତ୍ର, ଗୀତାଶ୍ଲୋକ, ବାଇବେଲ୍ କୋରାନର ବାକ୍ୟଗୁଡିକୁ ମନେରଖି ଦରକାର ବେଳେ କହି ପାରୁଥିଲେ ମଧ୍ୟ, ସେମାନେ ଏହି ମତ ନାମକ ପ୍ରାଚୀର ଭିତରୁ  ବାହାରେ ନାହାନ୍ତି । ସେମାନେ ମତାତୀତ ଜ୍ଞାନ କହି ପାରୁନାହାନ୍ତି । ଶରୀର  ଭିତରେ ପରମାତ୍ମା ଖଞ୍ଜିଥିବା କାର୍ଯ୍ୟକଳାପକୁ ଜାଣି ପାରୁନାହାନ୍ତି । ଶରୀରକୁ  କିଏ  ପରିଚଳିତ କରାଉଛି, ଶରୀରରେ ନିଜର ପାତ୍ର ଶ୍ୱଳ୍ପ କି ମହାନ  ତାହା ଜାଣି ପାରୁନାହାନ୍ତି । ଏଭଳି ଶରୀର ଭିତରେ ହେଉଥିବା କାର୍ଯ୍ୟବିଧିକୁ ନଜାଣି, ସୃଷ୍ଟି ପରେ ଶରୀର ଭିତରେ ହେଉଥିବା ମରଣ ବିଷୟରେ, ସୃଷ୍ଟି ପ୍ରାରମ୍ଭରେ ହୋଇଥିବା ଜନ୍ମ ବିଷୟରେ ମଣିଷ ଅଜଣା ସ୍ଥିତିରେ ରହିଯାଇଥିବା କାରଣରୁ ଜଗତରେ ଆଜିଯାଏ ପୁନର୍ଜନ୍ମ ବିଷୟଟି ରହସ୍ୟ ଭାବରେ ରହିଯାଇଛି ।

ପରମାତ୍ମା ତାଙ୍କ ଜ୍ଞାନ ମଣିଷକୁ ଜଣାଇବା ପାଇଁ ଭୂପୃଷ୍ଠରେ ଅନେକ ଥର ଇନ୍ଦୁ (ହିନ୍ଦୁ)ମତରେ ଭଗବାନ ହୋଇ ଜନ୍ମନେଇ ଆସିଛନ୍ତି । ସେହିଭଳି  ଅନ୍ୟ ମତଗୁଡିକରେ ମଧ୍ୟ ପ୍ରବକ୍ତାମାନଙ୍କ ଦ୍ୱାରା ନିଜ ଜ୍ଞାନକୁ

ଜଣାଇ ଆସିଛନ୍ତି, ହେଲେ ମାୟା ସବୁବେଳେ ମଣିଷକୁ ଜ୍ଞାନଠାରୁ ଦୂରକୁ ନେଇ ଆସୁଛି । ସେଥିଲାଗି ମଣିଷ ତା'ର ଜନ୍ମମରଣ ବାବଦରେ ଆଜିଯାଏ ଜାଣିପାରି ନାହିଁ । ପରମାତ୍ମା ପ୍ରବକ୍ତାମାନଙ୍କ ଦ୍ୱାରା ପୁନର୍ଜନ୍ମ ବାବଦରେ ଜଣାଇଥିଲେ ମଧ୍ୟ ତାହା ମଣିଷ ଜାଣି ନପାରିବା ଦ୍ୱାରା, ତା'ର ଜନ୍ମବିଷୟ ଅତି ମୁଖ୍ୟ ହୋଇଥିବାରୁ କୌଣସି ସୂତ୍ରରୁ ସେ ବିଷୟ ମଣିଷକୁ ଜଣାଇବାପାଇଁ ସ୍ୱୟଂ ମଣିଷ ଶରୀରର ଆତ୍ମା ସ୍ଥିର କରିଛି । ସ୍ୱୟଂ ଆତ୍ମା ପୁନର୍ଜନ୍ମ ବିଷୟ ଜୀବାତ୍ମା ହୋଇଥିବା ମଣିଷକୁ ଜଣାଇବାର କାରଣ ମଧ୍ୟ ରହିଛି । ପରମାତ୍ମା କୌଣସି କାର୍ଯ୍ୟ କରନ୍ତି ନାହିଁ । ପରମାତ୍ମା ଅଂଶ ଭଗବାନଙ୍କ କଥାକୁ ମଧ୍ୟ ମୟା ଖଣ୍ଡନ କରିଦେଇ ପୁନର୍ଜନ୍ମ ନାହିଁ ବୋଲି ବୋଧ କରାଉଛି; ତଥାପି ସେତେବେଳେ କିଛି ପରିମାଣରେ ଦୈବଜ୍ଞାନ ବିଷୟ ବାହ୍ୟତଃ ଅନୁଭବ ପୂର୍ବକ ମଣିଷ ଜାଣିବାକୁ ସୁଯୋଗ ରହିଛି, କାରଣ ସେସବୁ ଜ୍ଞାନକୁ ବ୍ରହ୍ମବିଦ୍ୟାଶାସ୍ତ୍ର ନିରୂପଣ କରିପାରେ, କିନ୍ତୁ ଜନ୍ମ ବାବଦରେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ସେଥିରେ ମିଳିନଥାଏ । ସେଥିଲାଗି ଜନ୍ମ ବାବଦରେ ଜୀବ ସହିତ ବାସ କରୁଥିବା ସ୍ୱୟଂ ଆତ୍ମାକୁ ହିଁ ପ୍ରମାଣ ଦେବାକୁ ପଡେ । ଆତ୍ମା ଶରୀରରେ ଦୁଇ ପ୍ରକାରର କାର୍ଯ୍ୟ କରେ ବୋଲି ଆମେ ଆଗରୁ ଜାଣିଛେ । ଶରୀରାନ୍ତର୍ଗତ ଭାଗଗୁଡିକୁ, ସେଗୁଡିକର କାର୍ଯ୍ୟକୁ ଜାଣିବା ହିଁ ପ୍ରକୃତ ଆଧାତ୍ମିକ ହୋଇଥାଏ । ଏ ବିଷୟ ଆଗରୁ ଆମେ ଜଣାଇଛୁ । ତା'ଛଡା ମନ ଏବଂ ଆତ୍ମା ସ୍ୱତନ୍ତ୍ର ସ୍ୱତନ୍ତ୍ର ଭାବରେ ଦୁଇଦୁଇଟି କାର୍ଯ୍ୟ କରିଥା'ନ୍ତି ବୋଲି ମଧ୍ୟ ଆଗରୁ କହିଛୁ । ଶରୀରରେ ମନ, ଆତ୍ମା ଦୁଇଟି ଲେଖାଏ କାର୍ଯ୍ୟ କରିବା ଶାସ୍ତ୍ରବଦ୍ଧ ବିଷୟ ଏବଂ ବାସ୍ତବ ହେଲେ ମଧ୍ୟ ମଣିଷ ମୁଣ୍ଡରେ ଆତ୍ମା ବାବଦରେ ଏକ ପ୍ରଶ୍ନ ଆସେ । ତାହା ହେଉଛି ! ଶରୀରରେ ପ୍ରକୃତି ସମ୍ବନ୍ଧୀୟ ମନ, ପରମାତ୍ମା ସମ୍ବନ୍ଧୀୟ ଆତ୍ମା ଦୁଇଦୁଇଟି କାର୍ଯ୍ୟ କରୁଥିବା ବେଳେ ଆତ୍ମା ଭଳି ମନ ମଧ୍ୟ ଦୁଇଟି କାର୍ଯ୍ୟ କରିଥାଏ । ସେତେବେଳେ ଆତ୍ମା ମନଠାରୁ ବା କ'ଣ ଅଧିକ

କାର୍ଯ୍ୟ କଲା ! ମନ କରୁଥିବା କାର୍ଯ୍ୟ ଆତ୍ମା, ଆତ୍ମା କରୁଥିବା କାର୍ଯ୍ୟ ମନ କରିପାରୁଥିବାବେଳେ ମନଠାରୁ ଆତ୍ମାକୁ କିପରି ମହାନ କହିବା ? ବୋଲି ପ୍ରଶ୍ନ ଆସିଥାଏ ।

ଏହାର ସମାଧାନ ହେଉଛି ! ପ୍ରକୃତିଠାରୁ ପରମାତ୍ମା ମହାନ କହିପାରିବା ଭଳି, ପ୍ରକୃତି ସମ୍ବନ୍ଧୀୟ ମନଠାରୁ ପରମାତ୍ମା ସମ୍ବନ୍ଧୀୟ ଆତ୍ମା ମଧ୍ୟ ସବୁବେଳେ ମହାନ । ମନଠାରୁ ଆତ୍ମା ମହାନ କହିବାପାଇଁ କାରଣ ମଧ୍ୟ ରହିଛି । କାହାର ଜୀବନରେ ଆତ୍ମା ଏବଂ ମନ ଦୁଇଦୁଇଟି କାର୍ଯ୍ୟ କରୁଥିଲେ ମଧ୍ୟ ଦୁନିଆରେ କେଉଁଠି କେଉଁଠି ଆତ୍ମା ମନଠାରୁ ଅଧିକ ଏକ ତୃତୀୟକାର୍ଯ୍ୟ ମଧ୍ୟ କରି ଦେଖାଉଛି । ତେଣୁ ଶରୀରରେ ଆତ୍ମାକୁ ମନଠାରୁ ମହାନ ବୋଲି କହି ପାରିବା । ସମସ୍ତଙ୍କ ଜୀବନରେ ଆତ୍ମା ତୃତୀୟ କାର୍ଯ୍ୟଟି କରି ଦେଖାଇବା ଆବଶ୍ୟକ ନାହିଁ, ସମସ୍ତଙ୍କ ଶରୀରରେ ଆତ୍ମା, ମନ ସମାନ ଦୁଇଗୋଟି କାର୍ଯ୍ୟ କରୁଥିଲେ ମଧ୍ୟ, ଆବଶ୍ୟକ ସ୍ଥଳେ ତୃତୀୟ କାର୍ଯ୍ୟଟି କରିପାରିବା ଦକ୍ଷତା ହାସଲ କରି ରହିଥିବାରୁ ଆତ୍ମାକୁ ଶରୀରର ସମସ୍ତ ଭାଗଠାରୁ ମହାନ ବୋଲି କହି ପାରିବା ।

ସର୍ବସାଧାରଣ ଭାବରେ ଆତ୍ମା ଶରୀରରେ କାର୍ଯ୍ୟ କରିଥାଏ ବା କରାଇଥାଏ, ହେଲେ ଆତ୍ମା ଦୁଇଟି କାର୍ଯ୍ୟ କରିଥାଏ ବୋଲି ଜାଣିନଥିବା ଲୋକେ କେତେକ ଥିବାବେଳେ, ଶରୀରରେ ଜୀବାତ୍ମା, ପରମାତ୍ମାଙ୍କ ବ୍ୟତୀତ ଆଉଗୋଟିଏ ଆତ୍ମା ରହିଛି ବୋଲି ଅନେକଙ୍କୁ ଜଣାନଥାଏ । ଆତ୍ମା ଅଛି ବୋଲି ପ୍ରାୟ ୯୫ପ୍ରତିଶତ ଲୋକଙ୍କୁ ଜଣାନଥାଏ । ମାତ୍ର ୫ପ୍ରତିଶତ ଲୋକଙ୍କୁ ଆତ୍ମା ନାମକ କିଛି ଗୋଟିଏ ରହିଛି ବୋଲି ଜଣାଥିଲେ ମଧ୍ୟ ସେମାନଙ୍କ ଭିତରୁ ଆତ୍ମା ଦୁଇଗୋଟି କାର୍ଯ୍ୟ କରିଥାଏ ଏବଂ ଆବଶ୍ୟକ ପଡିଲେ ତୃତୀୟ କାର୍ଯ୍ୟଟି ମଧ୍ୟ କରିଥାଏ ବୋଲି କାହାକୁ ଜଣା ନ ଥାଏ । ଏତେ ଗଭୀର ଭାବରେ ଜାଣିବା ପାଇଁ ପ୍ରବକ୍ତାମାନେ ମଧ୍ୟ

ସେତେ ଗଭୀର ଭାବରେ କହିନାହାନ୍ତି, କିନ୍ତୁ ଏକମାତ୍ର ଭଗବଦ୍ଗୀତାରେ ଭଗବାନ କହିଥିବା ଆତ୍ମାର ମହାନତା ଜଣାପଡିଥାଏ । ଭଗବଦ୍ଗୀତାକୁ କେହି ଉଚିତ୍ ଢଙ୍ଗରେ ଜାଣିପାରି ନଥିବାରୁ ସେଥିରେ ଥିବା ଆତ୍ମା କଥା ମଧ୍ୟ କାହାକୁ ଜଣାପଡି ନାହିଁ ବୋଲି କହି ପାରିବା । ସେହିଭଳି ଶରୀରରେ ଆତ୍ମାର କର୍ତ୍ତବ୍ୟ କ'ଣ ? ତାହା ମଧ୍ୟ କେହି ଜାଣିପାରି ନାହାନ୍ତି । ଏବେ ଆତ୍ମା କରୁଥିବା ସେହି ତୃତୀୟ କାର୍ଯ୍ୟଟି କ'ଣ ଆମେ ଜାଣିବା ।

ଆତ୍ମା କରୁଥିବା ତା'ର ପ୍ରଥମ କାର୍ଯ୍ୟରେ ଏକ କ୍ଷଣ ବିଶ୍ରାମ ନ ନେଇ ସୃଷ୍ଟ୍ୟାଦିରୁ (ପ୍ରଭବରୁ) ଅବିରାମ ନିଜର କର୍ତ୍ତବ୍ୟ କରିଚାଲିଛି ଏବଂ ସୃଷ୍ଟ୍ୟାନ୍ତ (ପ୍ରଳୟ) ପର୍ଯ୍ୟନ୍ତ କରୁଥିବ । ବିଶ୍ରାମ ନନେଇ ଆତ୍ମା କାର୍ଯ୍ୟଗୁଡିକୁ କରିଥାଏ, ଏକଥା କାହାକୁ ଜଣା ନଥିଲେ ମଧ୍ୟ ଦୁନିଆରେ ହେଉଥିବା ସମସ୍ତ କାର୍ଯ୍ୟ ଆତ୍ମା ଦ୍ୱାରା ହୋଇଥାଏ । ଆତ୍ମା ସମସ୍ତ ଶରୀରରେ ରହି ଅହର୍ନିଶି କାର୍ଯ୍ୟ କରିଥାଏ । ଆପଣଙ୍କୁ ଜଣାଥାଉ ବା ନଥାଉ କୌଣସି ଜୀବରାଶି କରୁଥିବା କାର୍ଯ୍ୟକୁ ଆତ୍ମା ହିଁ କରିଥାଏ । ସମସ୍ତ ଜୀବରାଶି ମୁଁ କରୁଛି ବୋଲି ଭାବୁଥିବା କାର୍ଯ୍ୟଗୁଡିକୁ ଆତ୍ମା କରିଥାଏ (କରାଇଥାଏ), ଜୀବ କିଛି କରିନଥାଏ । ବିଶ୍ୱରେ ହେଉଥିବା ସମସ୍ତ କାର୍ଯ୍ୟ ଆତ୍ମା କରାଇଥାଏ ବୋଲି ଜାଣି ନପାରିବା ହିଁ ବଡଅଜ୍ଞାନ । ଆତ୍ମା କରୁଥିବା ପ୍ରଥମ କାର୍ଯ୍ୟଟିକୁ ଜାଣିଗଲେ ତାହା କର୍ମଯୋଗ ହୋଇଥାଏ । ବ୍ରହ୍ମଯୋଗ କରିବା ପାଇଁ ମଣିଷର ସାଧନା ଆବଶ୍ୟକ, କିନ୍ତୁ କର୍ମଯୋଗ କରିବାପାଇଁ କୌଣସି ସାଧନାର ଆବଶ୍ୟକ ହୋଇନଥାଏ । ମଣିଷ ଯେତେବେଳେ ଜାଣି ପାରିବ ଯେ, ଶରୀରରେ ଜୀବ ସହିତ ଏକ ଆତ୍ମା ରହିଛି, ସେ ହିଁ ସମସ୍ତ ଛୋଟ ବଡ ଶରୀରରେ, ଶରୀରର ଭିତରେ, ବାହାରେ ହେଉଥିବା କାର୍ଯ୍ୟଗୁଡିକୁ କରୁଛି ସେତେବେଳେ ସେହି ବିଷୟକୁ ମନେରଖି କେହି ମଧ୍ୟ କର୍ମଯୋଗୀ ହୋଇପାରିବ, ଏହା ହିଁ ଭଗବଦ୍ଗୀତାରେ ଭଗବାନ କହିଥିବା କର୍ମଯୋଗର ସୂତ୍ର । କର୍ମଯୋଗ ଆଚରଣ କରିବା ପାଇଁ କୌଣସି ସାଧନା

କର, ଧ୍ୟାନ କର ବୋଲି ଗୀତାରେ କେଉଁଠାରେ ମଧ୍ୟ କହିନାହାନ୍ତି । ସାଧନା କେବଳ ବ୍ରହ୍ମଯୋଗରେ ବୋଲି ମନେ ରଖନ୍ତୁ । ଆଜି ଅନେକ ଲୋକ ଧ୍ୟାନ କରୁଛନ୍ତି, କିନ୍ତୁ ବାସ୍ତବରେ ଯୋଗ କେତେଗୋଟି, ସେମାନେ କରୁଥିବା ଧ୍ୟାନ କେଉଁ ଯୋଗର ତାହା ସେମାନଙ୍କୁ ଜଣା ନାହିଁ । କିଏ କହିଥିବାରୁ ସେମାନେ କରୁଛନ୍ତି ସିନା, ସେମାନେ କରୁଥିବା ସାଧନା କ'ଣ ସେମାନଙ୍କୁ ଜଣା ନାହିଁ । ସେମାନଙ୍କୁ ଶରୀର ବାହାରେ କରାଯାଉଥିବା ସାଧନା ବାବଦରେ ଜଣାନଥିବା ବେଳେ ଶରୀର ଭିତରେ ଥିବା ମନ ବାବଦରେ, ତା'ଠାରୁ ମହାନ ହୋଇଥିବା ଆତ୍ମା ବାବଦରେ ବା କ'ଣ ଜଣାଥିବ ? କିଛି ଜଣା ନାହିଁ ବୋଲି କହିପାରିବା । ଆତ୍ମା ବାବଦରେ ସେମାନଙ୍କୁ ଜଣା ନଥିବାବେଳେ ଆତ୍ମା କି କାର୍ଯ୍ୟ କରୁଛି, କେମିତି କରୁଛି ସେକଥା ସେମାନେ କିପରି ଜାଣିବେ ? ତେଣୁ ଆତ୍ମା ଦ୍ୱାରା ହେଉଥିବା ପ୍ରଥମକାର୍ଯ୍ୟ, କେତେବେଳେ କେମିତି ହେଉଥିବା ଦ୍ୱିତୀୟକାର୍ଯ୍ୟ, କ୍ୱଚିତ୍ କେବେ ହେଉଥିବା ତୃତୀୟକାର୍ଯ୍ୟ କ'ଣ ତାହା ସେମାନଙ୍କୁ ଜଣାନଥାଏ ବୋଲି କହିପାରିବା ।

ଏବେ ସୁଯୋଗ ମିଳିଛି, ଆପଣ ମୋତେ ଖୁବ୍‌ଶୀଘ୍ର ଗୋଟିଏ ପ୍ରଶ୍ନ ପଚାରି ପାରନ୍ତି । ତାହା କଣନା ! ଭୂପୃଷ୍ଠରେ କାହାକୁ ଜଣା ନଥିବା ଆତ୍ମାର ତୃତୀୟକାର୍ଯ୍ୟ ବାବଦରେ ଆପଣ କିପରି ଜାଣିଲେ ? ଏକଥା କାହାକୁ ଜଣାନାହିଁ ବୋଲି ବାରମ୍ବାର କହୁଛନ୍ତି, କାହାକୁ ଜଣା ନାହିଁ ବୋଲି ଆପଣ କହୁଥିବା ବେଳେ, ଆପଣ ତାହା କିପରି କହି ପାରୁଛନ୍ତି ? ଏ ପ୍ରଶ୍ନର ସଲଖ ସମାଧାନ ଯଦି ମୁଁ କହେ ତେବେ, କାହାକୁ ଜଣାନଥିବା କଥା ମୁଁ କହିବା ମଧ୍ୟ ମୋ ଦ୍ୱାରା ହେଉଥିବା ଏକ କାର୍ଯ୍ୟ । ସେଇ କହିବା କାର୍ଯ୍ୟ ମୁଁ କରୁଛି ବୋଲି ଆପଣଙ୍କୁ ଉପରୁ ବୋଧ ହେଉଥିଲେହେଁ ମୋର ସବୁ କାର୍ଯ୍ୟ ଆତ୍ମା ହିଁ କରୁଛି, ଏକଥା ମୁଁ ସବୁବେଳେ ମନେ ରଖିଥାଏ । ମୁଁ ଥିବା ଶରୀରରେ ମୋର ଜଣେ ସାଥି ଅଛି, ସେ ହିଁ ମୋ'ଶରୀରର ଅଧିପତି,

ସେ ନ କରାଇଲେ ମୋ' ଶରୀରରେ କୌଣସି କାର୍ଯ୍ୟ ହୋଇନଥାଏ, ସେ ହିଁ ମୋର ପଡୋଶୀ, ତା'କୁ ହିଁ ମୁଁ ଆତ୍ମା କହୁଛି । ମୁଁ କରୁନଥିବା କାର୍ଯ୍ୟ ମୁଁ କରୁଛି କହିବା ଭୂଲ୍ ହେବ ! ମୁଁ ସେଭଳି ଭୂଲ୍ କେବେ କରେ ନାହିଁ । ଯଦି ସେମିତି କରିବି ତେବେ ମୋ' ପଡୋଶୀକୁ ମୁଁ ଠକିବା ଭଳି ହେବ । ଆତ୍ମା କରୁଥିବା କାର୍ଯ୍ୟ ଜୀବାତ୍ମା ହୋଇଥିବା ମୁଁ ଅଜ୍ଞାନ ବଶବର୍ତ୍ତୀ ହୋଇ କଥାକହିବା ଭଳି, ଆତ୍ମାକୁ ଅବମାନନା କରିବା ଭଳି ହେବ, ଏହାକୁ ହିଁ ଆତ୍ମଦ୍ରୋହ କୁହାଯାଏ । ମୁଁ ସମସ୍ତଙ୍କ ଭଳି ଆତ୍ମଦ୍ରୋହୀ ନୁହେଁ । କାହାକୁ ଜଣାନଥିବା ଆତ୍ମାରହସ୍ୟ ଆତ୍ମାକୁ ହିଁ ଜଣାଥାଏ, ତେଣୁ କାହାକୁ ଜଣାନଥିବା ତୃତୀୟକାର୍ଯ୍ୟ କରିବାକୁ ଯାଇ ଆତ୍ମା ହିଁ ଏଭଳି କଥାକୁ ଏଇ ଶରୀର ଦ୍ୱାରା କୁହାଉଛି, ଜୀବାତ୍ମା ହୋଇଥିବା ମୁଁ କିଛି କହୁନାହିଁ । ଶରୀର କରୁଥିବା କାର୍ଯ୍ୟଗୁଡିକୁ ବୁଦ୍ଧି ଦ୍ୱାରା ଦେଖୁଥାଇ, ତାହା ଅନୁଭବ କରିବା ମୋର କାର୍ଯ୍ୟ, ବାକି ସବୁକିଛି ଆତ୍ମା କରୁଛି, କରାଉଛି । ଆତ୍ମାର ଏହି ତୃତୀୟ କାର୍ଯ୍ୟଟି ମଧ୍ୟ ମୋର ଆତ୍ମା ମୁଁ ଥିବା ଶରୀର ଦ୍ୱାରା ଜଣାଉଛି ।

ମଣିଷର ସଜୀବ ଶରୀରରେ ସବୁବେଳେ ଘଟୁଥିବା କାର୍ଯ୍ୟ ଆତ୍ମାର ପ୍ରଥମକାର୍ଯ୍ୟ ହୋଇଥିବା ବେଳେ, କେତେବେଳେ କେମିତି ହେଉଥିବା କାର୍ଯ୍ୟ ହେଉଛି ଆତ୍ମାର ଦ୍ୱିତୀୟକାର୍ଯ୍ୟ । ତାଛଡା କେତେ ଜନ୍ମ ପରେ କ୍ୱଚିତ୍ ଥରେ ଯେଉଁ କାର୍ଯ୍ୟ ହୋଇଥାଏ ତାହା ଆତ୍ମାର ତୃତୀୟ କାର୍ଯ୍ୟ ବୋଲି ଜାଣିଲେ । **ଜୀବର ପୁନର୍ଜନ୍ମ ଅଛି ବୋଲି ଜଣାଇବା ପାଇଁ କାର୍ଯ୍ୟ କରିବା ଆତ୍ମାର ତୃତୀୟ କାର୍ଯ୍ୟ ହୋଇଥାଏ ।** ଆତ୍ମା ଏହି ତୃତୀୟ କାର୍ଯ୍ୟ ନକଲେ ପୁନର୍ଜନ୍ମ ଅଛି ବୋଲି କହିବାପାଇଁ ଆମ ପାଖରେ କୌଣସି ଆଧାର ରହିବ ନାହିଁ । ତେଣୁ ଥିବା ସତ୍ୟକୁ ଜଣାଇବା ପାଇଁ, "ଧ୍ରୁବଂ ଜନ୍ମ ମୃତସ୍ୟ ଚ" ନାମକ ଶାସ୍ତ୍ରବଚନକୁ ପ୍ରମାଣିତ କରିବାପାଇଁ ଆତ୍ମା ତା'ର କୌଣସି କୌଣସି ଶରୀରରେ ତୃତୀୟ କାର୍ଯ୍ୟଟି କରି ଦେଖାଇଥାଏ । ଆତ୍ମା କରୁଥିବା ଏହି ତୃତୀୟକାର୍ଯ୍ୟ ବାବଦରେ ଏବେ ଆମେ ଆଲୋଚନା କରି

ଦେଖିବା । ଭଗବଦ୍ଗୀତା ଜ୍ଞାନଯୋଗର, ପଞ୍ଚମ ଶ୍ଳୋକରେ -

**"ବହୂନିମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ ।**
**ତାନ୍ୟହଂ ବେଦ ସର୍ବାଣି ନତ୍ୱଂ ବେତ୍ଥ ପରନ୍ତପ" ॥**

ବୋଲି ଲେଖାଯାଇଛି । ଅର୍ଥାତ୍ ହେ ଅର୍ଜୁନ! ମୋର ଅନେକ ଜନ୍ମ ବିତିଯାଇଛି, ତୋର ମଧ୍ୟ ସେହିଭଳି ଅନେକ ଜନ୍ମ ହୋଇଛି । ମୋର ଜନ୍ମଗୁଡିକ ସବୁ ମୋର ମନେ ଅଛି, ହେଲେ ତୋ' ଜନ୍ମ କଥା ତୋ'ର ମନେ ନାହିଁ ବୋଲି ଅର୍ଜୁନଙ୍କୁ କହିଛନ୍ତି । ସେତେବେଳେ ଶ୍ରୀକୃଷ୍ଣ ଆଉ ଅର୍ଜୁନ ଉଭୟେ ମଣିଷ ହେଲେ ମଧ୍ୟ, ଉଭୟଙ୍କଠାରେ ମନ, ଆତ୍ମା ରହି ନିଜ ନିଜର କାର୍ଯ୍ୟ କରିଆସୁଥିଲେ ମଧ୍ୟ, ଅର୍ଜୁନଙ୍କୁ ଜଣାନଥିବା ଗତଜନ୍ମ ବିଷୟ ଶ୍ରୀକୃଷ୍ଣଙ୍କୁ କିପରି ଜଣାପଡିଲା ବୋଲି ପ୍ରଶ୍ନ ନଆସି ରହି ପାରିବ ନାହିଁ । ଏମିତି ଆସିଥିବା ପ୍ରଶ୍ନର ଜବାବ ଖୋଜିଲେ, ଅର୍ଜୁନଙ୍କ ଶରୀରର ଆତ୍ମା ତାଙ୍କ ଶରୀରରେ ଦୁଇଟି କାର୍ଯ୍ୟ କରୁଛି ବୋଲି ଜଣାପଡୁଛି । ସମସ୍ତଙ୍କ ଶରୀରରେ କରୁଥିବା ଭଳି ଆତ୍ମା ମଧ୍ୟ ଅର୍ଜୁନଙ୍କ ଶରୀରରେ ଦୁଇଟି କାର୍ଯ୍ୟ କରୁଥିବାରୁ, ମଣିଷକୁ ତା'ର ଗତଜନ୍ମ ବିଷୟ ମନେ ନପଡିବା ଭଳି ଅର୍ଜୁନଙ୍କର ମଧ୍ୟ ଗତଜନ୍ମ ବିଷୟ ମନେ ନାହିଁ । ଶ୍ରୀକୃଷ୍ଣଙ୍କ ଶରୀରରେ ଆତ୍ମା ତା'ର ତୃତୀୟକାର୍ଯ୍ୟ କରୁଥିବାରୁ ଶ୍ରୀକୃଷ୍ଣଙ୍କର ସମସ୍ତ ଗତଜନ୍ମ ବିଷୟ ମନେପଡିଯାଇଛି । ତେଣୁ ଶ୍ରୀକୃଷ୍ଣ ମୋର ସମସ୍ତ ଗତଜନ୍ମ ମନେଅଛି ବୋଲି କହିଛନ୍ତି ।

ଜଣେ ମଣିଷର ଶରୀରରେ ଆତ୍ମା ସବୁବେଳେ କାର୍ଯ୍ୟ କରୁଥିବା ଯୋଗୁଁ, ମଣିଷ ଶରୀରର ଆତ୍ମାକୁ ଶରୀରରେ ଘଟୁଥିବା ସମସ୍ତ ଛୋଟବଡ କାର୍ଯ୍ୟର ବୃତ୍ତାନ୍ତ ଜଣାଥାଏ । ମଣିଷ ଶରୀରରେ ଆତ୍ମା ସମସ୍ତ କାର୍ଯ୍ୟ କରୁଥିବାରୁ ଆତ୍ମାକୁ ମଣିଷ ଜୀବନରେ ଘଟୁଥିବା କୌଣସି ଘଟଣା ଅଛପା ନାହିଁ । ଆତ୍ମାକୁ ଜଣାନଥିବା ବିଷୟ କିଛି ନାହିଁ । ଏଭଳି ସମସ୍ତ

ବିଷୟକୁ ଜାଣିଥିବା ଆତ୍ମା, ଆବଶ୍ୟକ ସମୟରେ କ୍ୱଚିତ୍ କାହା ଶରୀର ଦ୍ୱାରା ଗତଜନ୍ମର ବିଷୟକୁ ଜାଣି ପାରିବା ଭଳି କରାଉଛି, ଏହା ଆତ୍ମାର ତୃତୀୟକାର୍ଯ୍ୟ । ଏଭଳି ଶ୍ରୀକୃଷ୍ଣଙ୍କ ଶରୀରର ଆତ୍ମା ଗତଜନ୍ମର ବିଷୟ ଶ୍ରୀକୃଷ୍ଣଙ୍କୁ ଜଣାଇଥିବାରୁ ମୋର ଗତଜନ୍ମ ସବୁ ମନେଅଛି ବୋଲି ଶ୍ରୀକୃଷ୍ଣ କହିପାରିଛନ୍ତି । ଏହା ଦ୍ୱାରା ଆତ୍ମାର ତୃତୀୟକାର୍ଯ୍ୟ ଶ୍ରୀକୃଷ୍ଣଙ୍କ ଶରୀର ଦ୍ୱାରା ପ୍ରମାଣିତ ହୋଇଛି ବୋଲି ବୁଝାପଡିଛି । ଏହିଭଳି ଶ୍ରୀକୃଷ୍ଣଙ୍କ ଶରୀରର ଆତ୍ମା, ଶ୍ରୀକୃଷ୍ଣଙ୍କ ଗତଜନ୍ମର ବିଷୟକୁ ଜଣାଇବା ଦ୍ୱାରା, ମଣିଷର ପୁନର୍ଜନ୍ମ ରହିଛି ବୋଲି ପ୍ରମାଣିତ ହୋଇଛି । ଏଠାରେ କେତେକଙ୍କଠାରେ ଏକ ସଂଦେହ ଆସିପାରେ । ତାହା ହେଉଛି ! ଶ୍ରୀକୃଷ୍ଣ ଇନ୍ଦୁମତର (ହିନ୍ଦୁଧର୍ମର) ଜଣେ ପ୍ରବକ୍ତାଙ୍କ ଭଳି ହୋଇଥିବାରୁ ସେ ପୁନର୍ଜନ୍ମ ବାବଦରେ ମିଛ କଥା କହିଥାଇ ପାରନ୍ତି ବୋଲି କେହି ବି ପଚାରି ପାରନ୍ତି । ଅନ୍ୟ ମତଗୁଡିକରେ ପୁନର୍ଜନ୍ମ ନାହିଁ କେବଳ ହିନ୍ଦୁମତରେ କାହିଁକି ଅଛି ବୋଲି କିଛିଲୋକେ ପ୍ରଶ୍ନ ମଧ୍ୟ କରି ପାରନ୍ତି । ଏହାର ସମାଧାନ କ'ଣ ଏବେ ଜାଣିବା ।

ମଣିଷ କୌଣସି ମତରେ ଜନ୍ମଗ୍ରହଣ କଲେ ମଧ୍ୟ ମଣିଷର ଶରୀର ନିର୍ମାଣ ସମସ୍ତଙ୍କର ସମାନ ଭାବରେ ହୋଇଥାଏ । ଗୋଟିଏ ମତର ଶରୀର ନିର୍ମାଣ, ଶରୀରାନ୍ତର୍ଗତ ନିର୍ମାଣ ଗୋଟିଏ ପ୍ରକାରର ହୋଇଥାଏ ସିନା ଅଲଗା ଅଲଗା ହୋଇନଥାଏ । ମଣିଷ ସୃଷ୍ଟି କରିଛି ମତ । ଈଶ୍ୱର ମଣିଷକୁ ସୃଷ୍ଟି କରିଛନ୍ତି ସିନା, ମଣିଷର ମତକୁ ସୃଷ୍ଟି କରିନାହାନ୍ତି । ପରମାତ୍ମାଙ୍କ ସୃଷ୍ଟିରେ ସମସ୍ତ ମଣିଷ ଗୋଟିଏ । ସେଥିଲାଗି ସମସ୍ତ ମତର ମଣିଷମାନେ ଗୋଟିଏ ପ୍ରକାରର ସୃଷ୍ଟି ହୋଇଛନ୍ତି । ସମସ୍ତଙ୍କର ଏକ ପ୍ରକାରର ଅନୁଭୂତି ରହିଛି । **ମଣିଷ ଜନ୍ମହେବା ପରେ ଜାଣିଥିବା ମତ ସମ୍ବନ୍ଧୀୟ ଅଳଂକାର ଆଚରଣାଦିକୁ କଡରେ ରଖିଦେଲେ, ଗୋଟିଏ ମଣିଷ କେଉଁ ମତର (ଧର୍ମର) ବୋଲି କେହି କହି ପାରିବେ ନାହିଁ** । ଏହି ଅନୁସାରେ କହି

ପାରିବା ଯେ, ଗୋଟିଏ ମଣିଷର ଭିତର, ବାହାର ଶରୀର ନିର୍ମାଣ ହେବା ଭଳି ସର୍ବ ମାନବଜାତିର ଶରୀର ନିର୍ମାଣ ଗୋଟିଏ ପ୍ରକାରର ହୋଇଛି । ସେହିଭଳି ଗୋଟିଏ ବିଷୟ ଗୋଟିଏ ମଣିଷଠାରେ ପ୍ରମାଣିତ ହୋଇ ପାରିଲେ ତାହା ସମସ୍ତ ମଣିଷଜାତି ପାଇଁ ପ୍ରମାଣିତ ହୋଇପାରିବ । ପରମେଶ୍ୱର ଜଣେ ମଣିଷକୁ ଦେଖାଇଥିବା ଧର୍ମ ସମସ୍ତ ମଣିଷଙ୍କ ପାଇଁ ଲାଗୁହୋଇଥାଏ । ଜନ୍ମମରଣ ଜଣେ ମଣିଷର ଜୀବନଧର୍ମ ହୋଇଥିବା ବେଳେ, ତହା ସମସ୍ତଙ୍କ ପାଇଁ ସମାନ । ଯୌବନ, ବାର୍ଦ୍ଧକ୍ୟାଦି ଅବସ୍ଥା ଜଣେ ମଣିଷର ଶରୀରରେ ବଦଳୁଥିବା ଭଳି ସମସ୍ତଙ୍କର ବଦଳିଥାଏ, ତାହା ସମସ୍ତଙ୍କ ପାଇଁ ସମାନ ହୋଇଥାଏ । ଏହିଭଳି ସମସ୍ତଙ୍କର ଶରୀରଧର୍ମ ଗୋଟିଏ ପ୍ରକାରର, କିନ୍ତୁ ମତ ସମ୍ବନ୍ଧୀୟ ବିଧିବିଧାନ ସମସ୍ତଙ୍କର ସମାନ ନୁହେଁ । ତେଣୁ ମତାତୀତ ହୋଇ (ଧର୍ମ (ମତ) ନିୟମରୁ ଅଲଗା ହୋଇ) ଦେଖିଲେ ପରମାତ୍ମା କହିଥିବା ଧର୍ମ ସମସ୍ତ ମଣିଷଙ୍କ ପାଇଁ ସମାନ ବୋଲି ସ୍ପଷ୍ଟଭାବରେ ବୁଝି ହୁଏ । ଜନ୍ମ ମରଣ ବାବଦରେ ପରମାତ୍ମା ସମସ୍ତଙ୍କୁ ଗୋଟିଏ ଧର୍ମ ଜଣାଇଛନ୍ତି ସିନା, ଗୋଟିଏ ଗୋଟିଏ ମତରେ ଗୋଟିଏ ଗୋଟିଏ ପ୍ରକାରର ଧର୍ମ କହିନାହାନ୍ତି । ଯଦି କେହି କହେ ଯେ, ମୋ' ମତରେ ଅଲଗା ବିଧିବିଧାନ ରହିଛି, ତେବେ ସେ ଦୈବଧର୍ମକୁ ସଠିକ୍ ବୁଝି ନାହିଁ ଆଉ ସେ ମତପ୍ରାଚୀର ଭିତରେ ରହି ମତ ସମ୍ବନ୍ଧୀୟ କଥା କହୁଛି । ତାହା ଦୈବଧର୍ମ ନୁହେଁ ବୋଲି ଉଚ୍ଚକଣ୍ଠରେ କହି ପାରିବା । ଆମେ ଏଭଳି କାହିଁକି କହୁଛୁ କି ! ଜଣେ 'ମଣିଷର ଥିବା ଧର୍ମ ସମସ୍ତ ମଣିଷଜାତି ପାଇଁ ସମାନ' ନାମକ ସୂତ୍ର ଅନୁସାରେ ଦୈବଧର୍ମ ସମସ୍ତଙ୍କ ପାଇଁ ସମାନ, କିନ୍ତୁ ମତଧର୍ମ କେବଳ ସେହି ମତ ପାଇଁ ପରିମିତ । ମତଧର୍ମ କହିବା ପାଇଁ, ସେହି ଅନୁସାରେ ଚଳିବା ପାଇଁ, କେବଳ ସେହି ମତାବଲମ୍ବୀମାନଙ୍କର କାମରେ ଆସେ ସିନା, ସମସ୍ତ ମଣିଷ ଜାତି ପାଇଁ କାର୍ଯ୍ୟକାରୀ ହୋଇନଥାଏ । ଦୈବଧର୍ମ (ଐଶ୍ୱରୀୟଧର୍ମ) ବା

ପରମାତ୍ମାଧର୍ମ ସମସ୍ତ ମଣିଷ ଜାତି ପାଇଁ ବା ସମସ୍ତ ମତାବଲମ୍ବୀମାନଙ୍କ ପାଇଁ ସମାନ ।

ଭଗବଦ୍ଗୀତାରେ ଭଗବାନ କହିଥିବା ଧର୍ମ ପ୍ରତ୍ୟେକ ମତର ମଣିଷ ପାଇଁ ସମାନ । ଏବେ ଏଇଠି କେତେକ ଏକ ପ୍ରଶ୍ନ ପଚାରି ପାରନ୍ତି । ତାହା ହେଲା ! ଭଗବଦ୍ଗୀତା ପରା ହିନ୍ଦୁମତର ! ତେଣୁ ସେଥିରେ କୁହାଯାଇଥିବା ଧର୍ମ ହିନ୍ଦୁଧର୍ମ ପାଇଁ କ'ଣ ପରିମିତ ନୁହେଁ? ଆମ ତରଫରୁ ଏହାର ସମାଧାନ ହେଉଛି ! ହିନ୍ଦୁମତ ବାସ୍ତବରେ ଏକ ମତ ନୁହେଁ । **'ହିନ୍ଦୁ'** ନାମକ ଶବ୍ଦର କୌଣସି ଅର୍ଥ ନାହିଁ,ଏହା ମଝିରେ ଆସିଥିବା ଶବ୍ଦ । ପୂର୍ବେ ଦ୍ୱାପରଯୁଗ ପୂର୍ବରୁ ଏହି 'ହିନ୍ଦୁ' ଶବ୍ଦ **'ଇନ୍ଦୁ'** ଶବ୍ଦ ଭାବରେ ଥିଲା । ଇନ୍ଦୁ ନାମକ ଶବ୍ଦ ଐଶ୍ୱରୀୟଜ୍ଞାନକୁ ସୂଚୀତ କରୁଥିବା ଅର୍ଥରେ ରହିଛି । ଜ୍ୟୋତିଷ ଶାସ୍ତ୍ରରେ ଇନ୍ଦୁ ଶବ୍ଦର ଅର୍ଥ ଦୈବ ଭାବକୁ ଜଣାଉଛି, ତେଣୁ ଦୈବଜ୍ଞାନ ଜାଣିଥିବା କୌଣସି ବ୍ୟକ୍ତିକୁ ଇନ୍ଦୁ କହି ପାରିବା । କୌଣସି ମତର ଦୈବଜ୍ଞାନୀ ଇନ୍ଦୁ ହୋଇ ପାରେ । ଇନ୍ଦୁ ଏକ ମତ ନୁହେଁ । ଆଜିର କାଳରେ ଅଜ୍ଞାନ ବଢିଥିବାରୁ ଇନ୍ଦୁ ଶବ୍ଦର ଅର୍ଥ ହିନ୍ଦୁ ହୋଇଯାଇଛି । ଇନ୍ଦୁପଥ ବା ଇନ୍ଦୁଧର୍ମ କହିବା ସ୍ଥଳେ ମଣିଷ ହିନ୍ଦୁଧର୍ମ କହୁଛି । 'ଇନ୍ଦୁ' 'ହିନ୍ଦୁ' ଭାବରେ ବଦଳିଥିଲେ ମଧ୍ୟ, ଭଗବଦ୍ଗୀତାରେ କୁହାଯାଇଥିବା ଧର୍ମ ସଂପୂର୍ଣ୍ଣ ଦୈବଜ୍ଞାନ ସମ୍ବନ୍ଧୀୟ, ମତ ସମ୍ବନ୍ଧୀୟ ନୁହେଁ । **ଇନ୍ଦୁଧର୍ମରେ ମତ ସମ୍ବନ୍ଧୀୟ କୌଣସି ନିୟମ, ଆଚରଣ ନାହିଁ** । ଯାହା ରହିଛି ତାହା ଦୈବ ସମ୍ବନ୍ଧୀୟ ଧର୍ମ । ଭଗବଦ୍ଗୀତା ସଂପୂର୍ଣ୍ଣ ଇନ୍ଦୁଧର୍ମକୁ ଜଣାଇଛି । ସେଥିଲାଗି ଗୀତା ମତ ସମ୍ବନ୍ଧୀୟ ଗ୍ରନ୍ଥ ନୁହେଁ, ଦୈବଧର୍ମ ଜଣାଇଥିବା ଗ୍ରନ୍ଥ । ଗୀତା କହିଥିବା ଶ୍ରୀକୃଷ୍ଣ ସ୍ୱୟଂ ଅନେକ ଜନ୍ମ ନେଇଛନ୍ତି ବୋଲି କହିବା ମଧ୍ୟ ମତ ସମ୍ବନ୍ଧୀୟ କଥା ନୁହେଁ । ବିଶ୍ୱବ୍ୟାପ୍ତଭାବରେ କୌଣସି ସ୍ଥାନର ମଣିଷର ପୁନର୍ଜନ୍ମ ରହିଥିବା ପ୍ରମାଣ ରହିବା ବ୍ୟତୀତ, ଭଗବାନ ନିଜ ଅନୁଭବକୁ ଆଧାର କରି କହିଛନ୍ତି । ଏହା

କେବଳ ଶ୍ରୀକୃଷ୍ଣଙ୍କର ଯେ, କିପରି ମନେଥିଲା ? କ'ଣ ଆଉ କାହାର ମନେ ନଥିଲା ! ବୋଲି ବିଚାର କଲେ, ଆହୁରି ଅନେକ ବ୍ୟକ୍ତି ସେମାନଙ୍କର ପୁନର୍ଜନ୍ମ ବାବଦରେ ବ୍ୟକ୍ତ କରିଥିବା ପ୍ରମାଣ ମଧ୍ୟ ମିଳିଛି । ଏମିତି ଯେ, କେବଳ ହିନ୍ଦୁମତରେ ହୋଇଛି ତା ନୁହେଁ କ୍ରୈସ୍ତବ, ଇସ଼୍ଲାମ୍ ମତରେ ମଧ୍ୟ ହୋଇଥିବା ପ୍ରମାଣ ମିଳିଛି, ସେଥିଲାଗି ଯାହା ଶ୍ରୀକୃଷ୍ଣ କହିଥିଲେ ତାହା ବିଶ୍ୱ-ମଣିଷଜାତିରେ ସମସ୍ତଙ୍କ ପାଇଁ ସମାନ, ସମସ୍ତଙ୍କର ଜ୍ଞାନ ବୋଲି ତାହା କେଉଁଠି କେମିତି ଧର୍ମଭାବରେ ପ୍ରମାଣିତ ହୋଇଛି । ସମସ୍ତଙ୍କର ଅନୁଭବରେ ଆସୁଥିବାରୁ ଶ୍ରୀକୃଷ୍ଣ କହିଥିବା ଜ୍ଞାନ ମତ ସମ୍ବନ୍ଧୀୟ ନୁହେଁ ବୋଲି ମଧ୍ୟ ପ୍ରମାଣିତ ହୋଇଛି ।

ଶ୍ରୀକୃଷ୍ଣଙ୍କର ଗତଜନ୍ମ ମନେଥିବା ଭଳି ଆଜି ଆମର ହେଉ, ସେଦିନ ଅର୍ଜୁନଙ୍କର ହେଉ କାହିଁକି ମନେ ନଥିଲା ବୋଲି ଏବେ ଆପଣ ପ୍ରଶ୍ନ କରିପାରନ୍ତି । ତା'ପାଇଁ ଆମ ସମାଧାନ ହେଉଛି ! ଆତ୍ମା କରୁଥିବା ତୃତୀୟକାର୍ଯ୍ୟ ଦ୍ୱାରା କେବଳ ଗତଜନ୍ମ କ୍ୱଚିତ୍ କେଉଁଠି କାହା ଜୀବନରେ ମନେପଡେ ବୋଲି ଆମେ ଏବେ ଟିକିଏ ପୂର୍ବରୁ ଜାଣିଥିଲେ । ଆତ୍ମା ସମସ୍ତଙ୍କ ଜୀବନରେ ଏଭଳି କାର୍ଯ୍ୟ କରିନଥାଏ । ସେଥିଲାଗି ସମସ୍ତଙ୍କ ଜୀବନରେ ଗତଜନ୍ମ ବିଷୟ ମନେପଡିବା ସୁଯୋଗ ନାହିଁ । ସେଦିନ ଅର୍ଜୁନଙ୍କ ଶରୀରର ଆତ୍ମା ତା'ର ତୃତୀୟକାର୍ଯ୍ୟ କରୁନାହିଁ ବୋଲି ଜାଣିଥିବା ଶ୍ରୀକୃଷ୍ଣ, ତୋର ଗତଜନ୍ମ ମନେ ନାହିଁ ବୋଲି କହିଥିଲେ । ଜଗତରେ ପୁନର୍ଜନ୍ମ ରହିଛି ବୋଲି ଜଣାଇବା ପାଇଁ, କାହାଠାରେ କ୍ୱଚିତ୍ ତା'ର ତୃତୀୟକାର୍ଯ୍ୟ କରି ଆତ୍ମା ଗତଜନ୍ମ ବିଷୟ ଜଣାଇଥାଏ । ଗୋଟିଏ ବିଷୟ ସତ କି ମିଛ ଜାଣିବା ପାଇଁ ଏକ ସାକ୍ଷୀ ଯଥେଷ୍ଟ ସିନା, ଅନେକ ସାକ୍ଷୀ ଦରକାର ନାହିଁ । କୋର୍ଟରେ ଏକ ସାକ୍ଷୀ କଥା କହିବାବେଳେ ତାହା ସତ୍ୟ ନିରୂପିତ ହୋଇଥାଏ । ଭାତହାଣ୍ଡିରୁ ଗୋଟିଏ ଚାଉଳ ସିଝିଛି (ଭାତରେ

ପରିଣତ ହୋଇଛି) କି ନାହିଁ ଜାଣିପାରିଲେ ହାଣ୍ଡିରେ ଥିବା ସବୁ ଚାଉଳ ଭାତ ହୋଇଛି କି ନାହିଁ ଜଣା ପଡିଯାଏ ସିନା, ହାଣ୍ଡିର ସବୁ ଚାଉଳକୁ ଚିପି ପରୀକ୍ଷା କରାଯାଏ ନାହିଁ । ସେହିଭଳି ପୁନର୍ଜନ୍ମ ଅଛି କି ନାହିଁ ଜାଣିବା ପାଇଁ କାହାର ଗତଜନ୍ମ ମନେପଡିବା କଥା ପ୍ରମାଣିତ ହେବାବେଳେ ସେହି ଏକମାତ୍ର ସାକ୍ଷୀ ଦ୍ୱାରା ପୁନର୍ଜନ୍ମ ରହିଥିବା ସତ୍ୟ ପ୍ରମାଣିତ ହୋଇଥାଏ; ତଥାପି ଏଇଭଳି ନାନା ଦେଶରେ ପୁନର୍ଜନ୍ମ ବିଷୟ ବା ଗତଜନ୍ମର ବିଷୟ କହିପାରିଥିବା ପ୍ରମାଣ ମଧ୍ୟ ଅନେକ ରହିଛି ।

ଗତଜନ୍ମର ଜୀବ ସହିତ ଶରୀରରେ ଥିବା ଆତ୍ମା, ଆଜିର ଜନ୍ମରେ ସିଧା ବୁଦ୍ଧିକୁ ଗତଜନ୍ମର ବିଷୟଗୁଡିକୁ ଜଣାଇବା ଦ୍ୱାରା ବୁଦ୍ଧି ଦ୍ୱାରା ଜୀବକୁ ଗତଜନ୍ମର ଘଟିଥିବା ଘଟଣା ଜଣା ପଡିଯାଉଛି । ଗତଜନ୍ମରେ ଜୀବ ସେହି ଘଟଣାଗୁଡିକୁ ସ୍ୱୟଂ ଅନୁଭବ କରିଥିଲେ ମଧ୍ୟ, ଜୀବର ସ୍ମୃତିଶକ୍ତି ନରହିବା ଦ୍ୱାରା ତାହା ଜୀବକୁ ଜଣାପଡୁ ନାହିଁ । ଜୀବର ସ୍ମୃତି ନଥିବା ବେଳେ, ଆତ୍ମା ଶରୀରର ମନକୁ ସେକଥା ନ ଜଣାଇ ସିଧା ବୁଦ୍ଧିକୁ ଜଣାଇବାରୁ, ବୁଦ୍ଧି ଦ୍ୱାରା ଜୀବକୁ ଜଣାପଡୁଛି । ଏହିଭଳି ଗତଜନ୍ମ ବିଷୟକୁ ଆବଶ୍ୟକ ସ୍ଥଳେ ଆତ୍ମା ଜୀବକୁ ଜାଣି ପାରିବା ଭଳି କରାଉଛି । ଏମିତି ଆତ୍ମା ଜଣାଇଥିବା ବିଷୟ ମଝିରେ ଥିବା ବୁଦ୍ଧିକୁ ଜଣାପଡିଲେ ମଧ୍ୟ, ବୁଦ୍ଧିର ସ୍ମୃତିଶକ୍ତି ନଥିବା କାରଣରୁ ବୁଦ୍ଧି ସେଗୁଡିକୁ ଭୂଲିଯାଉଛି । ଶରୀରରେ ଥିବା ପ୍ରକୃତି ଭାଗଗୁଡିକ ଭିତରୁ ସ୍ମୃତିଶକ୍ତି କେବଳ ମନର ରହିଥାଏ । ମନର ଅଜାଣତରେ ଆତ୍ମା କେବଳ ଭିତରେ ଥିବା ଜୀବକୁ ଜଣାଇ, ଆତ୍ମା ସ୍ୱୟଂ କର୍ମେନ୍ଦ୍ରିୟଗୁଡିକ ଦ୍ୱାରା ବାହାରକୁ କହିପାରିବା ଭଳି କରାଉଛି । ବାହ୍ୟ କର୍ମେନ୍ଦ୍ରିୟଗୁଡିକୁ ମଧ୍ୟ ସ୍ୱୟଂ ଆତ୍ମା ଜଣାଉଥିବାରୁ, ମନ ସେକଥା ଗ୍ରହଣ କରିପାରୁ ନାହିଁ । ଶରୀରରେ ଗତଜନ୍ମ ବିଷୟ ଆତ୍ମା ଜଣାଉଥିବା ବେଳେ, ସେହି ସମୟରେ କେବଳ ଗତଜନ୍ମ କଥା ମଣିଷ କହି ପାରୁଛି । ଯେତେବେଳେ ଆତ୍ମା ଗତଜନ୍ମ କଥା କହିବା ବନ୍ଦ କରିଦିଏ

ସେତେବେଳେ ସେହି ଶରୀରରେ ଥିବା ଜୀବ ମଧ୍ୟ କ'ଣ କହିଛି ତାହା ଜାଣି ପାରେ ନାହିଁ । ଏକବର୍ଷ କାଳ ଗତଜନ୍ମ ବାବଦରେ କହିଥିବା ଲୋକ ତା'ପରେ ଗତଜନ୍ମ ବାବଦରେ ଆଉ କିଛି କହି ନପାରେ, ସେ କହିଥିବା କଥା ଯଦି କେହି ତାକୁ ମନେ ପକାଇଦିଏ ତେବେ ତା' କଥା ତାକୁ ମଧ୍ୟ ନୂଆ ଶୁଣୁଥିବା କଥାଭଳି ଲାଗେ, ସେଥିଲାଗି କିଛିଦିନ ଗତଜନ୍ମ ବାବଦରେ କହିଥିବା ଲୋକ, ତା'ପରେ ତାହା କହି ପାରେ ନାହିଁ । କିଛି କାଳ କାହାଠାରେ ଗତ ଜନ୍ମକୁ କୁହାଇଥିବା ଆତ୍ମା କେବଳ ପୁନର୍ଜନ୍ମ ଅଛି ବୋଲି ପ୍ରମାଣିତ କରିବା ପାଇଁ ଏଭଳି କରାଇଥାଏ । ଏହା ଶରୀରରେ ମନର ଅଜାଣତରେ ସ୍ୱୟଂ ଆତ୍ମା କରୁଥିବା କାର୍ଯ୍ୟ ହୋଇଥିବାରୁ, ମଣିଷର ସ୍ମୃତିରେ ଗତଜନ୍ମର ବିଷୟ ରହିପାରି ନଥାଏ ।

ଗତଜନ୍ମ ଥିଲା ଏବଂ ପୁନର୍ଜନ୍ମ ରହିଛି ବୋଲି ପ୍ରମାଣିତ କରିବା ପାଇଁ ଆତ୍ମା ସ୍ୱୟଂ ଜଣାଉଥିବା ବିଧାନ ଆମେ ଜାଣିଲେ । ଗତଜନ୍ମ, ପୁନର୍ଜନ୍ମ ରହିଛି ବୋଲି ଜାଣିବା ପାଇଁ ଦୁଇଟି ବିଧାନ ରହିଛି । ତା'ଭିତରୁ ସ୍ୱୟଂ ଆତ୍ମା କୌଣସି ବ୍ୟକ୍ତି ଦ୍ୱାରା ଜଣାଇବା ଏକ ପ୍ରକାରର ହୋଇଥିବା ସ୍ଥଳେ, ଦ୍ୱିତୀୟ ପ୍ରକାରରେ ଆତ୍ମା ସ୍ୱୟଂ କୁହାଏ ନାହିଁ, କିନ୍ତୁ ମଣିଷ ସ୍ୱୟଂ ଜାଣିବା ପାଇଁ ତା'ର ଶରୀରରେ କୌଣସି ଏକ ପ୍ରକାରର ଚିହ୍ନ ରହିଥାଏ । ସେହି ଚିହ୍ନ ଜନ୍ମରୁ ଆସିଥାଏ, ସେହି ଚିହ୍ନକୁ 'କଳାଜାଇ' କୁହାଯାଏ । ଏହି କଳାଜାଇ ଗତଜନ୍ମକୁ ଚିହ୍ନାଇଥାଏ । ଉଦାହରଣ ଭାବରେ ଶ୍ରୀକୃଷ୍ଣଙ୍କୁ ଛୋଟ ବୟସରେ ସର୍ପଦଂଶନ କରିଥିଲା, ତେଣୁ ତାଙ୍କର ପରଜନ୍ମରେ ସେହି ସର୍ପଦଂଶନ ଚିହ୍ନ କଳାଜାଇ ଭାବରେ ରହିଥିଲା । ଏହିଭଳି ଗତଜନ୍ମକୁ ଜାଣିବା ପାଇଁ ଗୋଟିଏ ମାଧ୍ୟମ ହେଲା ଶରୀରରେ ଆତ୍ମା ଜଣାଇବା ଏବଂ ଅନ୍ୟଟି ହେଉଛି ସ୍ୱୟଂ ଜୀବ କଳାଜାଇ ଦ୍ୱାରା ଜାଣି ପାରିବା । ଏହି ଦୁଇ ମାଧ୍ୟମ ଖାଲି କଥାରେ ନୁହେଁ, ପ୍ରତ୍ୟକ୍ଷ ପ୍ରମାଣ ଦେଖି ଆମେ ଜାଣିବା ।

୧୯୩୦ ମସିହା ଜୁନ୍ କିମ୍ବା ଜୁଲାଇମାସ କାଳରେ ଲେବନାନ୍ ଦେଶରେ ହୋସନ୍ ନାମକ ଜଣେ ମହିଳା ଜନ୍ମଗ୍ରହଣ କରିଥିଲେ, ତାଙ୍କର ବୟସ ଯେତେବେଳେ ୨୦ବର୍ଷ ବା ତାଙ୍କର ଯେତେବେଳେ ଯୁକ୍ତ ବୟସ ସେତେବେଳେ ଫାରୁକ୍ ନାମକ ବ୍ୟକ୍ତିଙ୍କ ସହିତ ସେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ଫାରୁକ୍, ଆଉ ହୋସନଙ୍କର ଦୁଇଟି ଝିଅ ଜନ୍ମ ହୋଇଥିଲେ । ହୋସନଙ୍କର ନଭୀ ନାମକ ଜଣେ ଭାଇ ମଧ୍ୟ ଥିଲେ, ସେ ଲେବନାନ୍ ଦେଶରେ ଲେବନାନ୍ ସମାଜର ଜଣେ ଖ୍ୟାତନାମା ବ୍ୟକ୍ତି ଥିଲେ, ହେଲେ ନଭୀ ଯୁକ୍ତବୟସରେ ଏକ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ । ହୋସନ୍ ତାଙ୍କ ଦ୍ୱିତୀୟ ଝିଅକୁ ଜନ୍ମ ଦେବାବେଳେ ଅସୁସ୍ଥ ହେଲେ ଏବଂ ତାଙ୍କର ଏକ ପ୍ରକାରର ହୃତ୍ପିଣ୍ଡ ସମସ୍ୟା ଦେଖା-ଦେଇଥିଲା, ସେଥିଲାଗି ସେମାନେ ଆଉ ଛୁଆ ଜନ୍ମ କରିବା ବିପଦ ବୋଲି ଡାକ୍ତର କହିଥିଲେ । ହେଲେ ହୋସନ୍ ଡାକ୍ତରଙ୍କ କଥାକୁ ସେତେ ପ୍ରାଧାନ୍ୟ ନଦେଇ ୧୯୬୨ମସିହାରେ ଆଉଏକ ଶିଶୁପୁତ୍ରକୁ ଜନ୍ମଦେଲେ । ୧୯୬୩ ମସିହାରେ ହୋସନ୍ଙ୍କ ସାନଭାଇ ନଭୀ ବିମାନ ଦୁର୍ଘଟଣାରେ ମୃତ୍ୟୁବରଣ କରିବାରୁ ମାନସିକ ଆଘାତ ସହିତ ହୋସନ୍ଙ୍କ ସ୍ୱାସ୍ଥ୍ୟ ଦିନକୁ ଦିନ ଖରାପ ହେବାକୁ ଲାଗିଲା । ସେତେବେଳେ ସେ ଆଉ ବଞ୍ଚିବେ ନାହିଁ ବୋଲି ଭାବିଲେ । କିଛିଦିନ ପରେ ୩୬ବର୍ଷରେ ପହଞ୍ଚିଥିବା ହୋସନ୍ ବର୍ଜିନିଆରେ ଥିବା ‘ରିଚ୍ମଣ୍ଡ୍’ ନାମକ ଜଣେ ଡାକ୍ତରଙ୍କ ପାଖକୁ ହୃତ୍ପିଣ୍ଡ ଅପରେସନ୍ ପାଇଁ ଗଲେ, ତାଙ୍କର ଅପରେସନ୍ ହେବା ଆଗରୁ ସେ ତାଙ୍କ ବଡଝିଅ ଲୈଲା ସହିତ କଥା ହେବାକୁ ଇଚ୍ଛାକଲେ, କିନ୍ତୁ ଆଜିଭଳି ସେଲ୍ଫୋନ୍ ସୁବିଧା ନଥିବାରୁ କିମ୍ବା ଅନ୍ୟ କୌଣସି କାରଣରୁ ସେ ଆଉ ଫୋନ୍କରି କଥା ହୋଇ ପାରିଲେ ନାହିଁ, ତାଙ୍କର ଅପରେସନ୍ ହେବା ପରେ ସେ କେବଳ ଗୋଟିଏ ଦିନ ବଞ୍ଚି ଅତି କ୍ଲିଷ୍ଟକର ପରିସ୍ଥିତିରେ ମୃତ୍ୟୁବରଣ କଲେ । ହୋସନ୍ ମୃତ୍ୟୁବରଣ କରିବାର ଦଶଦିନ ପରେ

ସୁଜନ୍ନେଗାନେମ୍ ନାମକ ଶିଶୁକନ୍ୟା ଏକ ପରିବାରରେ ଜନ୍ମନେଲା । ସୁଜନ୍ନେଗାନେମ୍ ୧୬ମାସ ବୟସର ଛୋଟପିଲା । ତାକୁ ଭଲଭାବରେ କଥା କହିବା ଆସିନଥିଲେ ମଧ୍ୟ ତାଙ୍କ ଘରେ ଥିବା ଫୋନ୍ ଧରି ବାରମ୍ବାର ହାଲୋ.. ଲୈଲା, ହାଲୋ.. ଲୈଲା ବୋଲି କହୁଥିଲା । ସେହି ପରିବାରରେ ହେଉ କି ସୁଜନ୍ନେଗାନେମ୍‌ର ମା' ହୁଅନ୍ତୁ ଏଇ ଲୈଲା କିଏ ? ଏତେ ଛୋଟ ଝିଅ କାହିଁକି ଏମିତି ଡାକୁଛି ବୋଲି ବୁଝି ପାରୁନଥିଲେ, ଏମିତି ଛଅମାସ ବିତିଗଲା, ତା'ପରେ ସୁଜନ୍ନେଗାନେମ୍‌କୁ ଦୁଇବର୍ଷ ବୟସ ହୋଇଗଲା । ଏତେବେଳକୁ ସେ ଭଲ ଭାବରେ କଥା କହିବା ଶିଖିଯାଇଥିଲା, ତା'ର ମାଆ ଦିନେ ପଚାରିଲେ, ଏଇ ଲୈଲା କିଏ ? ସେତେବେଳେ ସୁଜନ୍ନେଗାନେମ୍ ମୋର ଦୁଇଟି ଝିଅ ଅଛନ୍ତି, ମୋ' ବଡ ଝିଅର ନାଆଁ ଲୈଲା ବୋଲି କହି, ମୋ' ନାଆଁ ସୁଜନ୍ନେଗାନେମ୍ ନୁହେଁ, ହୋସନ୍, ମୋ ସ୍ୱାମୀଙ୍କ ନାଆଁ ଫାରୁକ୍ ବୋଲି କହିଥିଲା । ତା'ଛଡା ତା'ର ବାପା, ମାଆଙ୍କ ନାଆଁ, ସାନଭାଇର ନାଆଁ, ସାଙ୍ଗସାଥି ପରିବାର ବର୍ଗଙ୍କ ନାଆଁ ମିଶାଇ ଏମିତି ୧୩ଗୋଟି ନାଆଁ କହିଥିଲା ଆଉ ତା'ଗାଆଁର ଅନ୍ୟ ବିବରଣ ପଚାରିବା ବେଳେ ଏବେ ମୋର ମୁଣ୍ଡ ଅତି ଛୋଟ, କିଛିଦିନ ପରେ ସବୁ କହିବି ବୋଲି କହିଥିଲା ।

ଏମିତି ସୁଜନ୍ନେ କହୁଥିବା କଥା ଶୁଣି ତା'ପରିବାରର ଲୋକମାନେ ସୁଜନ୍ନେ ପୂର୍ବ ଜନ୍ମରେ କେଉଁଠାରେ ଜନ୍ମ ହୋଇଥିବା କଥା ସତ କି ମିଛ ଜାଣିବାପାଇଁ ଚେଷ୍ଟାକଲେ । ଏକଥା ସମସ୍ତେ ଜାଣିବାପାଇଁ ପତ୍ରିକା ଦ୍ୱାରା ପ୍ରଚାର ମଧ୍ୟ କରିଥିଲେ । ସେତେବେଳେ ହୋସନଙ୍କ ପରିବାରର ଲୋକମାନେ, ହୋସନର ସ୍ୱାମୀ ଫାରୁକ୍ ଏକଥା ଜାଣିପାରି ସୁଜନ୍ନେକୁ ଦେଖିବାପାଇଁ ଆସିଥିଲେ । ପ୍ରଥମେ ଫାରୁକ୍‌ଙ୍କ ପରିବାର ଛୋଟ ଝିଅ ସୁଜନ୍ନେ କହୁଥିବା କଥାକୁ ବିଶ୍ୱାସ କରିପାରିଲେ ନାହିଁ, କିନ୍ତୁ ସୁଜନ୍ନେ ଫାରୁକ୍‌ଙ୍କ ବନ୍ଧୁବାନ୍ଧବ, ପରିବାରବର୍ଗଙ୍କ ନାଆଁଗୁଡିକ କହିବା

ଦ୍ୱାରା ଆଶ୍ଚର୍ଯ୍ୟ ହୋଇଥିଲେ ଏବଂ ବିଶ୍ୱାସ କରିଥିଲେ । ହୋସନ୍ ତାର ଅଳଂକାର, ଅନ୍ୟ ଆଭରଣ ଇତ୍ୟାଦି ବର୍ଜିନିଆରେ ଥିବା ତା'ର ଜଣେ ସାନ ଭାଇ ହେର୍କୁଲେକୁ ଦେଇଥିଲା, ଏହା ଅପରେସନ୍‌ର ପୂର୍ବ ଘଟଣା । ସେହି ଆଭରଣଗୁଡିକ ହେର୍କୁଲେକୁ ଦେବାବେଳେ, ଏସବୁ ମୋ' ଝିଅମାନଙ୍କୁ ଦେଇଦେବୁ ବୋଲି କହିଥିଲା । ଏକଥା ହୋସନ୍ ଆଉ ତାଙ୍କ ପରିବାରର କେତେକଙ୍କ ଛଡା କାହାକୁ ଜଣା ନଥିଲା । ଏପରି ସବୁ କଥା ସୁଜନ୍ନେଗାନେମ୍ କହିବା ପରେ ସେ ହିଁ ଗତଜନ୍ମର ହୋସନ୍ ବୋଲି ପ୍ରମାଣିତ ହୋଇଥିଲା ।

ଲେଖାପଢା ଜାଣିବା ପୂର୍ବରୁ ସୁଜନ୍ନେ କାଗଜରେ କେତେକ ସଂଖ୍ୟା ଲେଖୁଥିଲା । ତା'ପରେ ସେହି ସଂଖ୍ୟାଗୁଡିକ ଫାରୁକ୍‌ଙ୍କ ଘରର ଫୋନ୍ ନମ୍ବର ବୋଲି ଜଣାପଡିଲା । ଯେତେବେଳେ ସୁଜନ୍ନେକୁ ପାଞ୍ଚବର୍ଷ ସେତେବେଳେ ସେ ଦିନକୁ ତିନିଥର ଫାରୁକ୍ ପାଖକୁ ଫୋନ୍ କରୁଥିଲା । ପୋଲିସ୍ ଚାକିରି କରୁଥିବା ଫାରୁକ୍ ଶେଷରେ ନିଜ ସ୍ତ୍ରୀ ହୋସନ୍ ହିଁ ଆଜି ସୁଜନ୍ନେ ହୋଇ ଜନ୍ମ ହୋଇଛି ବୋଲି ଅଙ୍ଗୀକାର କରିଥିଲେ । ସୁଜନ୍ନେକୁ କୌଣସି ଫଟୋ ଦେଖାଇଲେ ସେଥିରେ ଥିବା ବ୍ୟକ୍ତିମାନଙ୍କୁ ସେ ଚିହ୍ନି ପାରୁଥିଲା । ହୋସନ୍ ସହିତ ସମ୍ବନ୍ଧୀତ ବ୍ୟକ୍ତିମାନଙ୍କ ବାବଦରେ ସେ ଭଲରେ କହି ପାରୁଥିଲା । ହୋସନ୍ ବ୍ୟତୀତ କାହାକୁ ଜଣାନଥିବା ବିବରଣ ସୁଜନ୍ନେ କହୁଥିଲା । ଏହା ଦ୍ୱାରା ଗତ ଜନ୍ମର ହୋସନ୍ ହିଁ ଏ ଜନ୍ମର ସୁଜନ୍ନେ ବୋଲି ପ୍ରମାଣିତ ହୋଇଥିଲା । ପୁନର୍ଜନ୍ମ ରହିଛି ବୋଲି ପ୍ରମାଣ ଦେଉଥିବା ଏହି ବିଷୟ ଚାଳିଶିବର୍ଷ ତଳେ ଘଟିଥିଲା ବୋଲି କେହି ଅସ୍ୱୀକାର କରି ପାରିବେ ନାହିଁ ।

ମରଣ ହେବାବେଳେ ଜୀବ ଶରୀର ଛାଡି ଚାଲିଯିବା, ସେହି ଜୀବ ଆଉଏକ ଶରୀର ଧାରଣ କରିବାକୁ ଜନ୍ମ କୁହାଯାଏ । ତାହାକୁ ଗଭୀର

ଭାବରେ ବିଚାରକଲେ, ତାହା ପୁନର୍ଜନ୍ମ ବୋଲି ଜଣାଯାଇଥାଏ । ଜଣେ ଲୋକ ପୁରୁଣା ବସ୍ତ୍ର ଛାଡି ନୂଆବସ୍ତ୍ର ଧାରଣ କଲେ ତାହା ବସ୍ତ୍ର ବଦଳାଇବା ହୋଇଥାଏ। ସେହିଭଳି ଏକ ଜୀବ ପୁରୁଣାଶରୀର ଛାଡି ନୂଆଶରୀର ଧାରଣ କଲେ ତାହା ଶରୀର ବଦଳାଇବା ହୋଇଥାଏ । ଶରୀର ବଦଳାଇବାରେ ପୁନର୍ଜନ୍ମ ହୋଇଥାଏ । ମଣିଷର ପୁନର୍ଜନ୍ମ ହେଉଥିଲେ ମଧ୍ୟ, ତା'ର ପୂର୍ବଜନ୍ମ ସ୍ମୃତି ନଥିବା କାରଣରୁ ତାହା ତା'ର ଜନ୍ମ ବୋଲି କହନ୍ତି, କିନ୍ତୁ ତାହା ତା'ର ପୁନର୍ଜନ୍ମ ବୋଲି କାହାକୁ ଜଣାନଥାଏ । ଏଭଳି ନଜାଣିବା ଦ୍ୱାରା ଘଟୁଥିବା ସତ୍ୟର ସମାଧି ହୋଇଯାଉଛି । ସେଥିଲାଗି ପୁନର୍ଜନ୍ମର ସତ୍ୟକୁ ଜଣାଇବା ପାଇଁ, ଜୀବ ସହିତ ଶରୀରରେ ଥିବା ଆତ୍ମା କେଉଁଠିକେମିତି କାହା ଶରୀରରୁ ଗତ ଜନ୍ମର ସ୍ମୃତିରୁ କୁହାଇଥାଏ । ଗତଜନ୍ମର ସ୍ମୃତି ଦ୍ୱାରା ପୁନର୍ଜନ୍ମ ନିରୂପିତ ହୋଇଥାଏ । ମଣିଷ ଜୀବନର ଆଧ୍ୟାତ୍ମିକ ବିଷୟଗୁଡିକୁ ପରମାତ୍ମା ତାଙ୍କ ପ୍ରବକ୍ତାମାନଙ୍କ ଦ୍ୱାରା କୁହାଇଥିଲେ । ସେଥିରେ ସେ ଜନ୍ମ, ପୁନର୍ଜନ୍ମ ବିଷୟକୁ ମୁଖ୍ୟଭାବରେ କୁହାଇଥିଲେ । ପରମାତ୍ମା ଭୂପୃଷ୍ଠରେ ଥିବା ମଣିଷକୁ ତାଙ୍କର ମୋକ୍ଷଜ୍ଞାନ ଜଣାଇବା ନିମନ୍ତେ କେଇହଜାର ବର୍ଷରେ ଥରେ ଆସିଥାନ୍ତି । ପରମାତ୍ମା ଏପରି ନିଜ ଜ୍ଞାନ ଭୂପୃଷ୍ଠକୁ ବାରମ୍ବାର ଆସି କହିଛନ୍ତି । ମଣିଷ ତାହା ଭୂଲିନଯିବା ପାଇଁ ପରମାତ୍ମା ବାରମ୍ବାର ଜ୍ଞାନ କହିଥିଲେ ମଧ୍ୟ ମଣିଷ ତାହା ବୁଝିପାରି ନାହିଁ । ଭଗବାନ ଥରେ ଥରେ ଆସି ଯାହା ଯାହା କହି ଯାଇଥିଲେ ତାହାକୁ ମଣିଷ ଗୋଟିଏ ଗୋଟିଏ ମତରେ ପରିଣତ କରିଦେଇଛି, ତାଙ୍କର ଆଗମନକୁ ମତପ୍ରବକ୍ତାଙ୍କ ଆଗମନ ବୋଲି କହିଦେଇଛି । ପରମାତ୍ମା ଗୋଟିଏ ପ୍ରକାର ଜ୍ଞାନ କହିଥିଲେ ମଧ୍ୟ କହିଥିବା ସ୍ଥାନ ଅଲଗା, କାଳ ଅଲଗା, କହିଥିବା ମଣିଷ ଅଲଗା । ସେଥିଲାଗି ପରମାତ୍ମା କହିଥିବା ଜ୍ଞାନ ଗୋଟିଏ ବୋଲି ଜାଣି ନପାରି ମଣିଷ ଆମ ମତରେ ଅଲଗା କହିଛନ୍ତି, ତୁମ ମତରେ ଅଲଗା କହିଛନ୍ତି ବୋଲି ମଣିଷ ଭାବିବସିଛି । ପରମାତ୍ମା

ସତ୍ୟବନ୍ତ, ସତ୍ୟକୁ ହିଁ କହିଥା'ନ୍ତି । ମଣିଷ ପରମାତ୍ମା କହିଥିବା ସତ୍ୟକୁ କେବେ ମଧ୍ୟ ବୁଝିନପାରି, ପ୍ରତ୍ୟେକ ଥର ଅଲଗା ଅଲଗା କହିଛନ୍ତି ବୋଲି ବୁଝି, ନିଜର ଅଜାଣତରେ ସତ୍ୟକୁ ଅସତ୍ୟରେ ପରିଣତ କରିଦେଇଛି । ଏମିତି ପରମାତ୍ମା ଜଣାଇଥିବା ସତ୍ୟକୁ ମୁଁ ଅସତ୍ୟ ଭାବରେ କହୁଛି ବୋଲି ନଜାଣିବା ଛଡା, ନିଜକୁ ଯାହା ଜଣାଅଛି ତାହା ଶତପ୍ରତିଶତ ସତ୍ୟ ବୋଲି ବିଶ୍ୱାସ କରିବସିଛି । ସେହି ବିଶ୍ୱାସରେ କେତେଜଣ ପୁନର୍ଜନ୍ମ ରହିଛି ବୋଲି କହିଲେ କେତେଜଣ ପୁନର୍ଜନ୍ମ ନାହିଁ ବୋଲି କହୁଛନ୍ତି । କେତେକ ମତରେ ପୁନର୍ଜନ୍ମ ଅଛି ବୋଲି କହିଲେ କେତେକ ମତରେ ପୁନର୍ଜନ୍ମ ନାହିଁ ବୋଲି କହୁଛନ୍ତି । ଏହା ଦ୍ୱାରା ସାଧାରଣ ମଣିଷ କ'ଣ ସତ୍ୟ ବୋଲି ବିଶ୍ୱାସ କରିବ, କାହା କଥାକୁ ଅସତ୍ୟ କହିବ ନିର୍ଣ୍ଣୟ କରି ନପାରିବା ସ୍ଥିତିରେ ରହିଛି । ଏଭଳି ଦ୍ୱନ୍ଦ ସମସ୍ୟା ସୃଷ୍ଟି ନହେବାପାଇଁ, କ'ଣ ସତ୍ୟ ତାହା ସମସ୍ତେ ଜାଣିବା ପାଇଁ, ସମସ୍ତ ମତର ଲୋକମାନେ ସତ୍ୟକୁ ଜାଣିବା ପାଇଁ ପରମାତ୍ମା ତାଙ୍କ ଜ୍ଞାନକୁ ଅନୁଭବପୂର୍ବକ ବୁଝିବା ଭଳି କରାଇଥା'ନ୍ତି । ସେହି ପ୍ରକ୍ରିୟା ହିଁ ଉପର ବର୍ଣ୍ଣିତ ହୋସନ୍‌ର ପୁନର୍ଜନ୍ମ ଘଟଣା ।

ପରମାତ୍ମା ଯାହା କହିଛନ୍ତି ତାହା ସତ୍ୟ, ଯଦି କେହି ଅସତ୍ୟ କହେ ତେବେ ମଧ୍ୟ କିଛି ମହାଭାରତ ଅଶୁଦ୍ଧ ହୋଇଯାଇ ନାହିଁ କହିବା ଭଳି, ସେମାନେ ଘଟୁଥିବା ଯଥାର୍ଥ ଘଟଣା ଦ୍ୱାରା ନିଜର ଭ୍ରାନ୍ତ ଅବଗତକୁ ସୁଧାରି ପାରିବେ । ଯଦି ତା'ଦ୍ୱାରା ସେମାନଙ୍କର ସୁଧାର ହୋଇପାରୁ ନାହିଁ ତେବେ ସେମାନଙ୍କଠାରେ ଥିବା ଜ୍ଞାନ ଯେ ମତ ସମ୍ବନ୍ଧୀୟ ଜ୍ଞାନ ବୋଲି କହିପାରିବା ସହିତ କହିପାରିବା ଯେ, ସେମାନଙ୍କଠାରେ ଯାହା ଅଛି ତାହା ଦୈବଜ୍ଞାନ ନୁହେଁ । ପରମାତ୍ମା ସବୁକିଛି ସୃଷ୍ଟି କରିବା ପରେ ମଣିଷକୁ ତାଙ୍କ ଧର୍ମସବୁ ଜଣାଇଛନ୍ତି, ସେହି ଧର୍ମ ଦ୍ୱାରା ମଣିଷ ତାଙ୍କ ପାଖକୁ ଆସିବା ପର୍ଯ୍ୟନ୍ତ ଭୂପୃଷ୍ଠରେ ଜନ୍ମମରଣ ଚକ୍ରରେ ରହି ସୁଖଦୁଃଖକୁ ଅନୁଭବ କରୁଥିବ, ହେଲେ ତାଙ୍କ ପାଖରେ ପହଞ୍ଚୁଥିବା ଲୋକମାନେ

(ଜୀବମାନେ) ଜନନମରଣରୁ ବିମୁକ୍ତି ହୋଇପାରିବେ, ତାହା ହିଁ ମୋକ୍ଷ ବୋଲି ପରମାତ୍ମା ଜଣାଇଛନ୍ତି । ହେଲେ ଇସ୍ଲାମ୍ ମତରେ ବୁଝିବାରେ ତ୍ରୁଟି ରହିବା ଦ୍ୱାରା ପ୍ରବକ୍ତା କହିଥିବା କଥାକୁ କେତେକ ଉଚିତ୍ ଢଙ୍ଗରେ ବୁଝିପାରି ନାହାନ୍ତି । ଦୈବଜ୍ଞାନ ମହାନ ହୋଇଥିବାରୁ କେହି ମଧ୍ୟ ବୁଝିବାରେ ଭ୍ରାନ୍ତ ଧାରଣା ପାଇପାରେ । ମହମ୍ମଦ୍ ପ୍ରବକ୍ତା ବଞ୍ଚିରହିଥିବା ବେଳେ ତାଙ୍କର ଥିବା ଚାରିଜଣ ସ୍ତ୍ରୀଙ୍କ ଭିତରୁ ସଭାସାନ ସ୍ତ୍ରୀଙ୍କୁ ପୁନର୍ଜନ୍ମ ବିଷୟ ଠିକ୍ ଭାବରେ ବୁଝା ନପଡିବା ଦ୍ୱାରା ସେ ପୁନର୍ବାର ମହମ୍ମଦ୍ଙ୍କୁ ସେ ବାବଦରେ ପଚାରିଥିଲେ । ଆଜି ପ୍ରବକ୍ତା ଜୀବିତ ନ ଥିବାରୁ ସେଭଳି ସଂଦେହ ସମାଧାନ କରିବା ପାଇଁ ଆମ ପାଖରେ ସୁଯୋଗ ନାହିଁ । ତେଣୁ ଯଥାର୍ଥ ଘଟଣାକୁ ଜାଣି ଆମେ ଆମ ସଂନ୍ଦେହକୁ ଦୂର କରି ପାରିବା । ମହମ୍ମଦ୍ ପ୍ରବକ୍ତା ତାଙ୍କ ସ୍ତ୍ରୀମାନଙ୍କୁ ଦୈବଧର୍ମ ବୁଝାଉଥିବା ବେଳେ "ମୃତ୍ୟୁବରଣ କରିଥିବା ମଣିଷକୁ ଅଲ୍ଲାଃ ପ୍ରଳୟ ଦିନରେ ସମାଧିରୁ ଉଠାଇଥା'ନ୍ତି, ସେତେବେଳେ ମଣିଷ ଏଇ ହାଡ, ଏଇ ଚର୍ମ, ଏଇ ଶରୀରରେ ସମାଧିରୁ ଉଠି ଆସିଥାଏ, ଉଠିଆସିବା ବେଳେ ତା'ଶରୀରରେ ସୂତା ଖିଅଟିଏ ମଧ୍ୟ ନଥାଏ" ବୋଲି କହିଥିଲେ । ସେତେବେଳେ ପ୍ରବକ୍ତାଙ୍କ ସାନ ସ୍ତ୍ରୀ ଆୟେଷା ପଚାରିଥିଲେ ଯେ, "ଆମେ ହେଉଛୁ ସ୍ତ୍ରୀ, ଅଲ୍ଲାଃ ଆମକୁ ବସ୍ତ୍ରହୀନ ଭାବରେ ଅର୍ଥାତ୍ ନଗ୍ନ ଭାବରେ ଯଦି ଉଠାଇବେ ସେତେବେଳେ ଆମର ଇଜ୍ଜତ୍ ଚାଲିଯିବ, ମାନ ମର୍ଯ୍ୟାଦା ରହିବ ନାହିଁ, ଆମକୁ ଅପମାନ ବୋଧ ହେବ କି ନାଇଁ!" ସେତେବେଳେ ପ୍ରବକ୍ତା କହିଥିଲେ ଯେ, "ଅଲ୍ଲାଃ (ପରମାତ୍ମା) ମଣିଷକୁ ସମାଧିରୁ ଉଠାଇବା ବେଳେ ସେ ମଣିଷ ସ୍ତ୍ରୀ କି ପୁରୁଷ ବୋଲି ଗଣନାରେ ନିଆଯିବ ନାହିଁ, ସେମାନଙ୍କର ସେତେବେଳେ କୌଣସି ଭୌତିକଧ୍ୟାନ ରହିବ ନାହିଁ"। ମୃତ୍ୟୁବରଣ କରିଥିବା ସମସ୍ତେ ପ୍ରଳୟ କାଳରେ ସମାଧିରୁ ଉଠିଥା'ନ୍ତି ବୋଲି ପବିତ୍ର କୋରାନର ଅନେକ ସନ୍ଦର୍ଭରେ ପ୍ରବକ୍ତା ମହାଶୟ ପ୍ରସ୍ତାବିତ କରିଛନ୍ତି ।

ଏକଥା ପ୍ରବକ୍ତାଙ୍କ ଅତି ନିକଟରେ ଥିବା ତାଙ୍କ ସ୍ତ୍ରୀ ମଧ୍ୟ ବୁଝିପାରି ନାହାନ୍ତି, ତେଣୁ ପ୍ରବକ୍ତା ତାଙ୍କୁ ବୁଝାଇବା ପାଇଁ ବିବରଣାତ୍ମକ କହିଛନ୍ତି । ସେହି ବିଷୟ ଜାଣିବା ପରେ ପୁନର୍ଜନ୍ମ ଅଛି ବୋଲି କେହି ମଧ୍ୟ ସହଜରେ ବୁଝି ପାରିବ, କିନ୍ତୁ ପ୍ରବକ୍ତାଙ୍କ କଥାରେ ପୁନର୍ଜନ୍ମ ନାହିଁ ବୋଲି ବୁଝିବା ପାଇଁ କେତେକ କାରଣ ରହିଛି । ସେଗୁଡିକ ହେଉଛି ! ସମାଧି କହିଲେ କ'ଣ କେତେକ ବୁଝିପାରି ନାହାନ୍ତି, ଅଲ୍ଲାଃ ମଣିଷକୁ ପୁଣି ଥରେ ସମାଧିରୁ ଉଠାଇବା ବେଳେ ସେ ମଣିଷର ବୟସ କେତେ ? ଏହି ପ୍ରଶ୍ନ କାହାକୁ ପଚାରିଲେ ମଧ୍ୟ କାହା ପାଖରେ ତା'ର ସମାଧାନ ନାହିଁ । ମଣିଷ କେତେଦିନ ସମାଧିରେ ରହେ ? ପଚାରିଲେ କେହି ଜବାବ ଦେଇ ପାରିବେ ନାହିଁ । ତୁ ଭାବୁଥିବା ସମାଧି ତୋର ନା ତୋ' ଶରୀରର ? ବୋଲି ପଚାରିଲେ କେହି ସଠିକ ଜବାବ ଦେଇପାରିବେ ନାହିଁ । ଯେଉଁମାନେ ପାଣିରେ ବୁଡି ମୃତ୍ୟୁବରଣ କରନ୍ତି ସେମାନଙ୍କର କ'ଣ ସମାଧି ଥାଏ ? ଯେଉଁମାନେ ନିଆଁରେ ପୋଡି ମରିଯାଆନ୍ତି ସେମାନଙ୍କର ସମାଧି କେଉଁଠି ? ବୋଲି ପଚାରିଲେ କେହି କହି ପାରନ୍ତି ନାହିଁ । ଏସବୁ ପ୍ରଶ୍ନର ସମାଧାନ ମିଳିବା ପରେ, ପରମାତ୍ମା ବା ଅଲ୍ଲାଃ ଦେଇଥିବା ଜ୍ଞାନ ଆମେ ବୁଝିଛେ ବୋଲି ହିସାବ ହେବ, ନଚେତ୍ ଆମେ କିଛି ବୁଝି ନାହେଁ ବୋଲି କହି ପାରିବା ।

ସୃଷ୍ଟିସ୍ରଷ୍ଟା ପରମେଶ୍ୱର ପରମାତ୍ମା ବା ଅଲ୍ଲାଃ ତାଙ୍କ ପବିତ୍ର ଗ୍ରନ୍ଥ କୋରାନରେ, ପବିତ୍ର ବାଇବେଲରେ ଏବଂ ପରମ ପବିତ୍ର ପରିଶୁଦ୍ଧ ଭଗବଦ୍ଗୀତାରେ ଜନନମରଣ ବିଷୟରେ ସମସ୍ତଙ୍କ ପାଇଁ ଗୋଟିଏ ଧର୍ମକୁ ବୋଧ କରାଇଛନ୍ତି । ଗୀତାରେ କହିଥିବା ବାଣୀ ହେଉ, ବାଇବେଲ୍‌ରେ କହିଥିବା ବାକ୍ୟ ହେଉ, କୋରାନର ବାଣୀ ହେଉ କୌଣସିରେ ମଧ୍ୟ ଭିନ୍ନତା ନାହିଁ, କିନ୍ତୁ ଆମେ ତାହା ବୁଝିବାରେ ଅନେକ ଭିନ୍ନତା ଆଣିଛେ । ସେଥିଲାଗି ତୁମେମାନେ ଭଲଭାବରେ ଆଲୋଚନା କର ବୋଲି ଅଲ୍ଲାଃ ସତର୍କ କରି କହିଛନ୍ତି । ତାହା କୋରାନ୍ ଗ୍ରନ୍ଥରୁ ଏକ

ଉଦାହରଣଭାବରେ ନେଲେ, ଅଲ-ଜମତ୍ (ବୃନ୍ଦ) ନାମକ ୩୯ତମ ସୁରାର ୪୨ତମ ଆୟତରେ ଅଛି ଯେ, "ଆଲ୍ଲାଃ ପ୍ରତ୍ୟେକ ବ୍ୟକ୍ତିର ପ୍ରାଣକୁ ତାହାର ମୃତ୍ୟୁ ସମୟରେ କବଳିତ କରନ୍ତି ; ଏବଂ ଯାହାର ଏପର୍ଯ୍ୟନ୍ତ ମୃତ୍ୟୁ ହୋଇ ନାହିଁ ସେ (ତାହାର ପ୍ରାଣକୁ) ତାହାର ନିଦ୍ରିତ ଅବସ୍ଥାରେ (କବଳିତ କରନ୍ତି); ଏବଂ ଏହାପରେ ସେ ଯାହାର ମୃତ୍ୟୁ ଆଦେଶ ଜାରି କରିଦିଅନ୍ତି, ତା'ର ପ୍ରାଣକୁ ଅଟକାଇ ରଖନ୍ତି, ଏବଂ ଅନ୍ୟକୁ ଏକ ନିର୍ଦ୍ଦିଷ୍ଟ ଅବଧିପର୍ଯ୍ୟନ୍ତ ଫେରାଇଦିଅନ୍ତି; ଏଥିରେ ଚିନ୍ତାଶୀଳ ସମ୍ପ୍ରଦାୟ ପାଇଁ ନିଦର୍ଶନମାନ ରହିଅଛି" ଏହି ଆୟତଟିକୁ ସଠିକ ବୁଝି ନ ପାରିଲେ ଆୟତଟି କାହାକୁ ମଧ୍ୟ ଚିନ୍ତାରେ ବୁଡାଇଦିଏ । କୋରାନବାଣୀରେ ଅନ୍ୟ ପ୍ରାଣଗୁଡିକୁ ପୁଣି ଫେରାଇଦିଏ ବୋଲି ଅଲ୍ଲାଃ (ପରମାତ୍ମା) କହିଥିବା କଥାଟି ଆଲୋଚନା କରିବାବେଳେ କେଉଁଠାରୁ କେଉଁଠିକୁ ପଠାଇଥା'ନ୍ତି ବୋଲି ବିଚାର କରିବା ଆବଶ୍ୟକ ରହିଛି । ତା'ଛଡା ସ୍ୱୟଂ ଅଲ୍ଲାଃ କହିଛନ୍ତି ଯେ, ଏଥିରେ ଚିନ୍ତାଶୀଳ ସମ୍ପ୍ରଦାୟ ପାଇଁ ନିଦର୍ଶନମାନ (ଯାହା ଦେଖା ନଯାଇ ରହିଛି) ରହିଅଛି । ଏହା ସ୍ୱୟଂ ଅଲ୍ଲାଃ କହିଥିବା ବେଳେ ତାହାକୁ ମଣିଷ କେତେ କେଉଁ ଦିଗରୁ ବିଚାର କରିବା ଆବଶ୍ୟକ ଥରେ ଚିନ୍ତା କରନ୍ତୁ । ତା'ଛଡା ଆମେ ହୁଏତ କିଛି ଭୂଲ୍ ବୁଝିଥିବା ବୋଲି ଭାବି ଆଉ ଥରେ ଦେଖିଲେ ଆମର କ'ଣ କ୍ଷତି ହେଉଛି ! ଏକଥା ମୁଁ କହୁ ନାହିଁ ସ୍ୱୟଂ ଅଲ୍ଲାଃ ସୂଚିତ କରିଛନ୍ତି ।

ଏହାର ଅନୁସନ୍ଧିତ ଭାବରେ କୋରାନରେ ସୃଷ୍ଟିସ୍ରଷ୍ଟା ଅଲ୍ଲାଃ ଆଉ ଗୋଟିଏ କଥା ଜଣାଇଛନ୍ତି । ଅଲ୍-ନଜମ୍ (ନକ୍ଷତ୍ର) ନାମକ ୫୩ତମ ସୁରାର ୪୪,୪୫,୪୬ ଇତ୍ୟାଦି ଆୟତଗୁଡିକରେ (ପବିତ୍ର କୋରାନର ପ୍ରତ୍ୟେକ ସୁରାର ପ୍ରଥମ ଆୟତଟି ହେଉଛି ପ୍ରାର୍ଥନା ବାକ୍ୟ ତେଣୁ ତା'କୁ ବାଦ୍ ଦେଇ ଏଠାରେ ଆମେ ଲେଖିଥିବା ଆୟତକୁ ଆପଣ କୋରାନ ଗ୍ରନ୍ଥରୁ ମେଳାଇବା ବେଳେ ସେଥିରେ ଲେଖାଯାଇଥିବା ଆୟତ ସଂଖ୍ୟା

ପରବର୍ତ୍ତୀ ଆୟତଟି ଦେଖି ମେଳାଇବାକୁ ଅନୁରୋଧ- ଅନୁବାଦକ) ୪୪- ଏବଂ ସେ ହିଁ ମୃତ୍ୟୁ ଦିଅନ୍ତି ଓ ସେ ହିଁ ଜୀବିତ କରାନ୍ତି; ୪୫/୪୬-ଏବଂ ସେ ହିଁ (ମାତୃଗର୍ଭରେ) ନିକ୍ଷିପ୍ତ ହେଉଥିବା ଶୁକ୍ର ବିନ୍ଦୁରୁ (ସକଳ ଜୀବକୁ) ମାଈ ଅଣ୍ଡିରା ଭାବରେ ସୃଷ୍ଟି କରିଛନ୍ତି; ଏହିଭଳି କୋରାନ୍‌ରେ ଆହୁରି ଅନେକ ବାକ୍ୟଗୁଡିଏ ରହିଛି । ସେଗୁଡିକୁ ସଠିକ ଭାବରେ ବୁଝିପାରିବା ବେଳେ ଉପର ଲିଖିତ ହୋସନ୍ ୩୬ ବର୍ଷରେ ମୃତ୍ୟୁବରଣ କରି ପୁଣି ଦଶଦିନ ପରେ ସୁଜନ୍ନେଗାନେମ୍ ଭାବରେ ଜନ୍ମ ହୋଇଥିଲେ ବୋଲି ରହିଥିବା ସତ୍ୟ ବୁଝାପଡିବ । ହୋସନ୍ ମୃତ୍ୟୁବରଣ କରି ପୁଣି ଜନ୍ମ ହୋଇଥିବା କଥା ସତ୍ୟ ହୋଇଥିବା ବେଳେ, ପୁନର୍ଜନ୍ମ ନାହିଁ କହୁଥିବା ଲୋକମାନଙ୍କ କଥା ମିଛ ହୋଇଯିବ । ଏହିଭଳି ଅସତ୍ୟକୁ ଗ୍ରହଣ କରି ପ୍ରବକ୍ତାମାନଙ୍କ ନାଆଁ ବଦନାମ କରିବା ଉଚିତ ନୁହେଁ । ପ୍ରବକ୍ତାମାନଙ୍କ କଥାକୁ ଅସତ୍ୟ ଭାବରେ ବୁଝିବା ଦ୍ୱାରା ଦୈବବାଣୀକୁ ଅସତ୍ୟ କରିଦେବା ଭଳି ହୋଇଥାଏ । ଦୈବବାଣୀକୁ ଅସତ୍ୟ କରିବା ଦ୍ୱାରା କେହି ମଧ୍ୟ ଭୟଙ୍କର ପାପ ଅନୁଭବ କରିବାକୁ ପଡିବ । ତେଣୁ ଦୈବଜ୍ଞାନକୁ କୌଣସି ମତାବଲମ୍ବୀ ଉଚିତ ଢଙ୍ଗରେ ବୁଝିବା ପାଇଁ ଅନୁରୋଧ କରୁଛୁ । କୋରାନ୍ ଗବେଷଣା କରିଥିବା କେତେକ ବଡଲୋକମାନେ ପୁନର୍ଜନ୍ମ ବାବଦରେ ଆହୁରି କିଛି କଥା ରହିଛି ବୋଲି ଲେଖିଛନ୍ତି । ତାହା ତଳେ ଲେଖୁଛୁ ଦେଖନ୍ତୁ ।

୧- ଆଉ ଯେତେବେଳେ ଶରୀର ବିନାଶ ହୋଇଯାଏ, ସେତେବେଳେ ଆତ୍ମା (ଜୀବାତ୍ମା) ସେହି ପୁରୁଣା କବଚକୁ ଛାଡି, ସେଥିରୁ ମୁକ୍ତ ହୋଇ ନୂଆ ଶରୀରକୁ ଧାରଣ କରେ । ମାନବ ଦେହ ଏକ ବ୍ୟକ୍ତିର ଏକ ଋତୁ ଭଳି କିଛିକାଳ ରହିଥାଏ । ଆତ୍ମାର ସେ ସମୟ ଶେଷ ହୋଇଗଲେ ସେ ତା'କୁ ଛାଡି ଆଉ ଏକ ଶରୀର ଗ୍ରହଣ କରିଥାଏ ।

୨- ଦୈବତ୍ୱ ଆତ୍ମାଗୁଡିକୁ (ଜୀବାତ୍ମାଗୁଡିକୁ) ଉଦ୍ଭବ କରିଥାଏ, ଏଠାକୁ ବାରମ୍ବାର ପଠାଇଥାଏ । ଯେତେବେଳେ ସେହି ଆତ୍ମା ପୁଣି ଦୈବତ୍ୱରେ ପହଞ୍ଚେ ସେତେବେଳେ ଆଉ ଆତ୍ମା ଜନ୍ମ ହୁଏ ନାହିଁ ।

୩- ସୃଷ୍ଟିସ୍ରଷ୍ଟା ପରମାତ୍ମା (ଅଲ୍ଲାଃ) ତୋତେ ତିଆରି କରିଥିଲେ ମଧ୍ୟ, ତୁ ମୃତ୍ୟୁବରଣ କରିବାବେଳେ ପୁଣି ଜନ୍ମ କରାଇଲେ ମଧ୍ୟ, ସେହିଭଳି ତୁ ଜନ୍ମହେବା ପରେ ତୁ ମୃତ୍ୟୁବରଣ କରିବା ଭଳି କରାଇଲେ ମଧ୍ୟ, ତୁ ତାଙ୍କ ପାଖରେ ପହଞ୍ଚିବା ପର୍ଯ୍ୟନ୍ତ ଏହି ଜନନମରଣ ଚକ୍ରରେ ପ୍ରବେଶ କରି ସେହି ଦୈବତ୍ୱକୁ, ଦୈବଙ୍କୁ ଭୂଲିଯାଉଥିବୁ ।

୪- ତୋତେ ସୃଷ୍ଟିକରି ତୋର ଏକ ଅସ୍ତିତ୍ୱ ତିଆରିକରି, ତୋର ମୃତ୍ୟୁ ପରେ ତୋତେ ଜନ୍ମ କରାଇ, ପରେ ମୃତ୍ୟୁବରଣ କରାଇବା ଭଳି କେବଳ ଅଲ୍ଲାଃ କରାଇ ପାରନ୍ତି ।

୫- ପଥରରୁ ମଞ୍ଜିକୁ ଫଟାଇ ଗଜା କରାଇ, ମୃତକକୁ ପୁଣି ଜନ୍ମ କରାଇ, ବଞ୍ଚିଥିବା ମଣିଷକୁ ମୃତ୍ୟୁ ଦେଇଥା'ନ୍ତି ସେହି ଅଲ୍ଲାଃ ।

୬- ଏବେ ତୋତେ ସତ୍ୟ ବୋଧ କରୁଛି, କୌଣସି ଆତ୍ମାକୁ ଗୋଟିଏ ଜିନିଷ (ଦୈବତ୍ୱ) ଉପରେ ତୀବ୍ର ଆଶକ୍ତି, ଶ୍ରଦ୍ଧା ଥିଲେ ସେହି ଆତ୍ମା ଭଳି ଆତ୍ମାଗୁଡିକ ଅନେକ ଶରୀର ଧାରଣ କଲେ ମଧ୍ୟ, କେତେ ନାଆଁରେ ନାମିତ ହୋଇଥିଲେ_ମଧ୍ୟ ସେଗୁଡିକ ଦୈବଙ୍କର ନିକଟତର ହୋଇଥା'ନ୍ତି ।

ଏହି ବାକ୍ୟଗୁଡିକ ଦୈବତ୍ୱର ମହାନତାକୁ ଜଣାଇବା ବ୍ୟତୀତ, ମଣିଷର ଜନ୍ମ ରହିଛି ବୋଲି ଜଣାଇଛି । ମଣିଷ କରୁଥିବା ପାପପୁଣ୍ୟଗୁଡିକୁ ଅନୁଭବ କରିବା ପାଇଁ ଜନ୍ମହୁଏ, ଏକଥା ସତ୍ୟ । ତାହାକୁ ହିଁ ଆମେ କର୍ମ ସିଦ୍ଧାନ୍ତ କହୁଛୁ, ସେହି କର୍ମ ସିଦ୍ଧାନ୍ତ ଜଣାଇଥିବା ବାକ୍ୟଗୁଡିଏ ମଧ୍ୟ ପବିତ୍ର କୋରାନରେ ପ୍ରବକ୍ତା ମହମ୍ମଦ୍ ଅନେକ ସନ୍ଦର୍ଭରେ ଜଣାଇଛନ୍ତି । ସେଗୁଡିକ ମଧ୍ୟରୁ ମଧ୍ୟ କେତେଗୋଟି ବାକ୍ୟ ତଳେ ଲେଖୁଛୁ ଦେଖନ୍ତୁ ।

୧– ଦୈବତ୍ୱ ବା ପରମାତ୍ମା (ଅଲ୍ଲାଃ) କୌଣସି ଆତ୍ମାକୁ (ଜୀବକୁ) ତା'ର ଶକ୍ତିଠାରୁ ଅଧିକ କର ବୋଲି ନିର୍ଦ୍ଦେଶ ଦେଇନାହାନ୍ତି । ସେହି ଆତ୍ମା ଯାହା ଅର୍ଜନ କରିଛି ତାହା ହିଁ ପାଇଥାଏ, ତେଣୁ ସେ ଯାହା ପାଏ ସେଥିପାଇଁ ସେ ହିଁ ଦାୟୀ ।

୨– ପ୍ରତ୍ୟେକ ଆତ୍ମା (ଜୀବ) ନିଜେ କରିଥିବା ଭଲକୁ ପୁଣି ପାଇଥାଏ । ସେହିଭଳି ସେ କରିଥିବା ଖରାପକୁ ପୁଣି ପାଇଥାଏ ।

୩– ଆମେ ଆମ କର୍ମର ହିସାବ ଦେଖିବା ବେଳେ ଆମେ ଆମକୁ ନ୍ୟାୟ ଦେଇପାରିବା । ଏଥିପାଇଁ କୌଣସି ଆତ୍ମା, କୌଣସି କାରଣ ପାଇଁ ଦୋଷୀ ନୁହେଁ । ସୋରିଷ ଭଳି ହେଉପଛେ ସେ କର୍ମ ପାପ ହେଉ ବା ପୁଣ୍ୟ ହେଉ ତାହା ଆମେ ପୁଣି ପାଇବା । ଆମ ଆତ୍ମାକ୍ଷେତ୍ର ସେହି ହିସାବ ବିଷୟରେ ଅତି ପକ୍କା ରହିଥାଏ ।

୪– ଆମେ ଅନ୍ୟମାନଙ୍କ ପାଇଁ କ'ଣ କରିଛେ, ଅନ୍ୟମାନେ ଆମପାଇଁ କଣ କରିଛନ୍ତି ସେସବୁ ବିଷୟ ହିସାବ ହୋଇ ଆମ ପାଖରେ ଅଛି ।

୫– ବିଶ୍ୱମାନବ ବାବଦରେ କୋରାନ୍‌ରେ ଅତ୍ୟଦ୍ଭୁତ ବାକ୍ୟମାନ ରହିଛି, ହେଲେ ମତର ସଂକୁଚିତ ଅବଗାହନରେ ଏହି ସତ୍ୟକୁ ଆମେ ଭୂଲିଯାଇଛେ । ପ୍ରପଞ୍ଚର କୌଣସି ମତାବଲମ୍ବୀ ହେଉ ପଛେ, ଯିଏ ଦୈବତ୍ୱକୁ ବିଶ୍ୱାସ କରେ ତା'ର ଶେଷ ଦିବସରେ ଭୟ ନଥାଏ ଏବଂ ସେମାନେ ଦୁଃଖିତ ହୋଇନଥା'ନ୍ତି । ଦେଖିଲେ ତ ! ଏହି ବାକ୍ୟଗୁଡିକର ମହାନତା ।

କର୍ମସିଦ୍ଧାନ୍ତ ବାକ୍ୟଗୁଡିକ ଅନୁସାରେ କୋରାନ୍ ଅତି ମହାନ । ସମସ୍ତ ମଣିଷଜାତି ପାଇଁ ଉଦ୍ଦିଷ୍ଟ ସୂତ୍ରଗୁଡିକୁ କୋରାନ କହିଛି ବୋଲି ଏଇଠାରେ ସ୍ପଷ୍ଟ ବୁଝି ହେଉଛି । କୋରାନ୍ କହିଥିବା କର୍ମ ସିଦ୍ଧାନ୍ତ ଅନୁସାରେ ମଣିଷ କରିଥିବା କର୍ମ ପାଇଁ ସେ ନିଜେ ଦାୟୀ । ମଣିଷ ଯାହା

କରିଛି ତାହା ଅନୁଭବ କରିବା ପାଇଁ ମଣିଷକୁ ପରମାତ୍ମା ପୁଣି ଥରେ ଜନ୍ମ କରାଇଥା'ନ୍ତି । ଯାହାର କୌଣସି କର୍ମ ନାହିଁ ସେ ଆଉ ଜନ୍ମହେବା ଆବଶ୍ୟକ ନାହିଁ, ସେ ପରମାତ୍ମାଙ୍କ ସନ୍ନିଧିରେ ରହିଯାଏ । ପରମାତ୍ମା ପ୍ରଥମେ କର୍ମ ନଥିବା ମଣିଷକୁ ଜନ୍ମ କରାଇ ବଞ୍ଚିବା ଭଳି କରାଇଥିଲେ ମଧ୍ୟ, ମଣିଷ ତା'କୁ ଜନ୍ମ ଦେଇଥିବା ପରମାତ୍ମାଙ୍କୁ ଭୂଲିଯାଇ ନିଜେ ବଞ୍ଚୁଛି ବୋଲି ଭାବି, ନ ଥିବା କର୍ମ ଅର୍ଜନ କରି ବାରମ୍ବାର ଜନ୍ମ ହେଉଛି । ଆମେ ପୁନର୍ଜନ୍ମ ଅଛି ବୋଲି ଯେତେ କହିଲେ ମଧ୍ୟ ବିଶ୍ୱାସ ନକରିବା ଲୋକେ ଥାଇପାରନ୍ତି । ସେଥିଲାଗି ମୁସ୍ଲିମ୍ ସମ୍ପ୍ରଦାୟରେ ଜନ୍ମ ନେଇଥିବା ଏକ ବ୍ୟକ୍ତିର ଯଥାର୍ଥ ଘଟଣାକୁ ଦେଖିବା । ଏହା ପୂର୍ବରୁ ମଧ୍ୟ ଜଣେ ମୁସ୍ଲିମ୍ ସମ୍ପ୍ରଦାୟର ମହିଳା ହୋସନ୍ କଥା ଜାଣିଥିଲେ । ଏବେ ଜଣେ ମୁସ୍ଲିମ୍ ପୁରୁଷଙ୍କ ପୁନର୍ଜନ୍ମ ବାବଦରେ ଜାଣିବା । ତାହା ମଧ୍ୟ ଲେବନାନ୍ ଦେଶର ଘଟଣା । ୧୯୪୩ ମସିହାରେ ଲେବନାନ୍ ସହରର ଫରମଙ୍ଗା ନାମକ ନଗରରେ ରସିଦ୍‌ଖାଦିଜ୍ ନାମକ ବ୍ୟକ୍ତି ଜନ୍ମଗ୍ରହଣ କରିଥିଲେ, ସେ ଅଟୋମୋବାଇଲ୍ ମେକାନିକ୍ ଭାବରେ ବଞ୍ଚୁଥିଲେ, ତାଙ୍କୁ ୨୫ବର୍ଷ ବୟସରେ ଦିନେ ଇବ୍ରାହିମ୍ ନାମକ ତାଙ୍କର ଜଣେ ମିତ୍ର ତାଙ୍କ କାର୍‌ରେ ବୁଲିବା ପାଇଁ ନେଇଯାଇଥିଲେ । ଇବ୍ରାହିମ୍ ସମୁଦ୍ର କୂଳରେ ତାଙ୍କ କାର୍‌କୁ ଖୁବ୍ ଜୋର୍‌ରେ ଚଳାଉଥିଲେ । ମିଲିଟାରି ବିଚ୍ ନାମକ ସ୍ଥଳରେ କାର୍‌ଟି କଂଟ୍ରୋଲ୍ ଫେଲ୍ ହୋଇ ଦୁର୍ଘଟଣାଗ୍ରସ୍ତ ହେଲା, ସେଥିରେ ବସିଥିବା ରସିଦ୍ ବାହାରକୁ ଖସିପଡିଲେ, ତାଙ୍କ ମୁଣ୍ଡରେ ତୀବ୍ର ଆଘାତ ଲାଗିବା କାରଣରୁ ସେ ସେହି ଦୁର୍ଘଟଣା ସ୍ଥଳରେ ହିଁ ମୃତ୍ୟୁବରଣ କଲେ । ରସିଦ୍ ମୃତ୍ୟୁବରଣ କରିବାର ଏକବର୍ଷ ପରେ ଡାନିଏଲ୍ ଜର୍ଦ୍ଦି ନାମକ ଜଣେ ବ୍ୟକ୍ତି ଜନ୍ମଗ୍ରହଣ କଲେ । ଡାନିଏଲ୍ ଜର୍ଦ୍ଦିଙ୍କୁ ଯେତେବେଳେ କଥା କହିବା ଆସିଗଲା ସେ ସେତେବେଳେ କହିଥିବା ପ୍ରଥମ ଶବ୍ଦଟି ହେଉଛି ଇବ୍ରାହିମ୍ । ଦୁର୍ଘଟଣା ସ୍ଥଳରେ ମରିଯାଇଥିବା ଦିନ କାର୍ ଚଳାଉଥିବା ତାଙ୍କ ମିତ୍ରଙ୍କ ନାଆଁ ଥିଲା

ଇବ୍ରାହିମ୍ । ଡାନିଏଲ୍ ଜର୍ଦ୍ଦି ସେ ନାଆଁ କାହିଁକି କହୁଛି ତାହା କେହି ବୁଝି-ପାରୁନଥିଲେ । 'ଇବ୍ରାହିମ୍' ବୋଲି କାହିଁକି କହୁଛି କାହାକୁ ଜଣାନଥିଲା । ତା'ପରେ ଦୁଇବର୍ଷ ବୟସରେ ଜର୍ଦ୍ଦି ତାଙ୍କ ମାଆ 'ଲତିଷା'ଙ୍କୁ ମୁଁ ମୋର ଘରକୁ ଯିବି ବୋଲି  କହିଲା । ତା'ପରେ ଛଅମାସ ପରେ ଅର୍ଥାତ୍ ଜର୍ଦ୍ଦିକୁ ଅଢେଇବର୍ଷ ହେବାବେଳେ ଇଏ ମୋ ଘର ନୁହେଁ, ତୁ ମୋ' ମାଆ ନୋହୁଁ, ମୋର ବାପା ନାହାନ୍ତି, ସେ ମରିଯାଇଛନ୍ତି ବୋଲି କେତେଗୋଟି କଥା କହିଥିଲା, ସେତେବେଳେ ସେ ତା'ର ବାପା 'ଯୋଶେଫ୍'ଙ୍କୁ ବାପା ନଡାକି ଯୋଶେଫ୍ ବୋଲି ସମ୍ବୋଧନ କରୁଥିଲା, ତା'ଛଡା ତା'ର ବାପାଙ୍କ ନାଆଁ 'ନୟାମ୍' ବୋଲି କହୁଥିଲା । ନୟାମ୍ ଥିଲେ ରସିଦ୍‌ର ବାପା ।

ଡାନିଏଲ୍‌କୁ ଯେତେବେଳେ ଅଢେଇବର୍ଷ ସେତେବେଳେ ସେ ତାଙ୍କ ପରିବାରବର୍ଗଙ୍କ ସହିତ ଦିନେ ପିକ୍ନିକ୍ ଯାଇଥିଲେ । ସେହି ସମୟରେ ତାଙ୍କ ପରିବାରର କେହି ଜଣେ ଫରମଛା ନାମକ ଶବ୍ଦ ଭୂଲ୍ ବଶତଃ ଉଚ୍ଚାରଣ କରିବାବେଳେ ଡାନିଏଲ୍ ତାହା ଠିକ୍ ଉଚ୍ଚାରଣ କରି କହିଥିଲା । ସେତିକିବେଳେ ଡାନିଏଲ୍ ଜର୍ଦ୍ଦିଙ୍କ ବାପା ଯୋଶେଫ୍ ଏ ନାଆଁ ତୁ କିପରି ଜାଣିଲୁ ବୋଲି ପଚାରିବା ବେଳେ, ଏ ସହର ବାବଦରେ ମୋତେ ଭଲ ଭାବରେ ଜଣାଅଛି,  ମୁଁ ଏଇ ସହରରେ ରହୁଥିଲି ବୋଲି କହିଥିଲା । ଡାନିଏଲ୍ ଜର୍ଦ୍ଦି କହୁଥିବା କଥା ତାଙ୍କ ପରିବାରର କେହିମଧ୍ୟ ବୁଝି ପାରୁନଥିଲେ ।   ଦିନେ ଡାନିଏଲ୍ ତା'ର ବାପାଙ୍କ ସହିତ କାର୍‌ରେ ଯାତ୍ରା କରୁଥିବା ସମୟରେ କାର୍‌ଟି  ମିଲିଟାରି  ବିଚ୍ ଯାଉଥିବା ବେଳେ, ସେ ଅଞ୍ଚଳକୁ ଦେଖୁଥିବା ଡାନିଏଲ୍ ଆଖି ବନ୍ଦକରି, ହାତରେ ମୁହଁକୁ ଲୁଚାଇ ଖୁବ୍ ଜୋର୍‌ରେ ଚିତ୍କାର କଲା, ତା'ପରେ ମୁଁ ଏଇଠି ମରିଯାଇଥିଲି ବୋଲି ଖୁବ୍ ଜୋର୍‌ରେ ଚିତ୍କାର କରି କହିଥିଲା, ତା'ଛଡା ସେ ଜଣେ ମେକାନିକ୍, ତା'ର ମିତ୍ର ଇବ୍ରାହିମ୍ କାର୍‌ଟି ଚଲାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା ଏବଂ ସେ ତଳେ ପଡି ମରିଯାଇଥିଲା ବୋଲି କହିଥିଲା ।

ସ୍କୁଲ୍‌ରେ ଡାନିଏଲ୍ ନର୍ସରୀ ପଢୁଥିବା ବେଳେ ତା'ର ନାଆଁ ଡାନିଏଲ୍ ଜର୍ଦ୍ଦି ନୁହେଁ, ରସିଦ୍ ଖାଦିଜ୍ ବୋଲି ଦିନେ କହିଥିଲା, ସେହି ସ୍କୁଲ୍‌ରେ ଆଉଏକ ସନ୍ଦର୍ଭରେ ତା'ର ଯୁକ୍ତବୟସ ପ୍ରାରମ୍ଭହେବା ବେଳେ ସ୍କୁଲ୍‌ର ଜଣେ ସୁନ୍ଦରୀ ଲେଡିଟିଚରଙ୍କୁ ଦେଖି "ତୁ ଖୁବ୍ ସୁନ୍ଦରୀ' ବୋଲି କହିଥିଲା । ଏହିଭଳି କଥାରେ, କାର୍ଯ୍ୟରେ କେତେକ ସନ୍ଦର୍ଭରେ ବିଚିତ୍ର ଦେଖାଯାଉଥିବା ଡାନିଏଲ୍, କହୁଥିବା କଥାମାନ କେତେଦୂର ସତ ବୋଲି ଜାଣିବାପାଇଁ ତା'ର ବାପା ଯୋଶେଫ୍, ଫରମଙ୍ଗା ସହରକୁ ଯାଇ ଡାନିଏଲ୍ ବର୍ଣ୍ଣନା କରୁଥିବା କାର୍ ମେକାନିକ୍ ବାବଦରେ, ମିଲିଟାରୀ ବିଚ୍‌ରେ ଘଟିଥିବା ଦୁର୍ଘଟଣା ବାବଦରେ ପଚରାଉଚରା କରିବା ପରେ ସତକଥା ସବୁ ବାହାରକୁ ଆସିଥିଲା, ଏକଥା ଜାଣିପାରି ରସିଦ୍‌ଖାଦିଜ୍‌ର ମିତ୍ରମାନେ ଡାନିଏଲ୍‌କୁ ଦେଖିବା ପାଇଁ ଆସିଥିଲେ, ସେମାନଙ୍କୁ ଦେଖି ଡାନିଏଲ୍ ରସିଦ୍‌ର ଭଉଣୀ 'ନଜ୍ଲା'କୁ ସାଙ୍ଗେ ସାଙ୍ଗେ ଚିହ୍ନି ତା'ର ନାଆଁଧରି ଡାକିଥିଲା । ପ୍ରଥମେ ତା'ର ମିତ୍ରମାନଙ୍କୁ ଦେଖି ଡାନିଏଲ୍ ତା'ର ମାଆ ଲତିଷାକୁ 'ମୋ ମିତ୍ରମାନେ ଆସିଛନ୍ତି, ସେମାନେ ଖାଇବା ପାଇଁ କଦଳୀ ନେଇଆସ' ବୋଲି କହିଥିଲା । ଗତଜନ୍ମରେ ରସିଦ୍‌ର ଅତି ପ୍ରିୟ ଥିଲା କଦଳୀ । ଜଣାପଡିଥିଲା ଯେ, ରସିଦ୍ ମୃତ୍ୟୁବରଣ କରିବା ପରେ ତା'ର ମାଆ କହିବାରୁ ରସିଦ୍‌ର ମରଣଦୁଃଖକୁ ଭୂଲିବା ପାଇଁ ତା'ର ଭଉଣୀମାନେ କଦଳୀଖାଇବା ବନ୍ଦ କରିଦେଇଥିଲେ । ତା'ପରେ ଡାନିଏଲ୍ ଫରମଙ୍ଗାକୁ ଯିବାବେଳେ ତା'ର ସାଙ୍ଗ ଇବ୍ରାହିମ୍ ଆଉଜଣେ ସାଙ୍ଗ 'ବଜାଜ୍'କୁ ଚିହ୍ନି ସେମାନଙ୍କ ସହିତ କଥା ହୋଇଥିଲା ।

ରସିଦ୍ ମରିଯିବା ପରେ ଡାନିଏଲ୍ ହୋଇ ଜନ୍ମନେଇଛି ବୋଲି ଶେଷରେ ରସିଦ୍‌ର ପରିବାରବର୍ଗ ଅଙ୍ଗୀକାର କରିଥିଲେ । ରସିଦ୍ ପରିବାର ଡାନିଏଲ୍‌ର ଫଟୋ ନିଜଘରେ ରଖିଥିଲେ । ରସିଦ୍

ପରଜନ୍ମରେ ମଧ୍ୟ କାର୍ ଚଲାଇବାକୁ ଭୟ କରୁଥିଲା । ଏଭଳି ଭୟ ହେଉ, କାର ଚଲାଇବା କଥା ହେଉ ଡାନିଏଲ୍ ମନେ ପକାଇ କହିବା ପାଇଁ ତା'ର କିଛି ମନେ ପଡୁନଥିଲା । ଡାନିଏଲ୍‌ର କୌଣସି ସମ୍ବନ୍ଧ ନଥାଇ ତା'ର ଶରୀରରେ ଥିବା ଆତ୍ମା କରୁଥିବା କାର୍ଯ୍ୟଗୁଡିକୁ ଆତ୍ମାର ତୃତୀୟ କାର୍ଯ୍ୟ କହି ପାରିବା । ପ୍ରତ୍ୟେକ ଶରୀରରେ ଜୀବାତ୍ମାର ସାଥିଭାବରେ ଆତ୍ମା ନିବାସ କରି କେତେବେଳେ କେଉଁଠି ଘଟାଉଥିବା ଘଟଣାଗୁଡିକ ହିଁ ପୁନର୍ଜନ୍ମ ବୃତ୍ତାନ୍ତ । ପୁନର୍ଜନ୍ମ ନାହିଁ ବୋଲି ଯୁକ୍ତି କରୁଥିବା ଲୋକମାନେ ଯେ ଭୂଲ୍ କହୁଛନ୍ତି ସେକଥା ପ୍ରମାଣିତ ହୋଇଥାଏ, କାରଣ ! ଆତ୍ମା କରି ଦେଖାଉଥିବା ଘଟଣାଗୁଡିକରେ ଶାସ୍ତ୍ରୀୟତା ଅଛି ।

ମଣିଷ କ୍ୱଚିତ୍ ଆଧ୍ୟାତ୍ମିକ ବିଦ୍ୟାକୁ ଜାଣି ପାରିଥାଏ । କେତେଲକ୍ଷ ମଣିଷ ଭିତରେ କେହି ଜଣେ ଦୈବଜ୍ଞାନରେ ଆଶକ୍ତି ରଖି ତାହା ଜାଣିବା ପାଇଁ ଚେଷ୍ଟା କଲାବେଳେ, ସେ ବିଷୟର ଭାବକୁ ସଠିକ୍ ଗ୍ରହଣ କରିନପାରି ଅନ୍ୟ ଅର୍ଥରେ ବୁଝିବା ଦ୍ୱାରା, ହେତୁବଦ୍ଧତା ନଥିବା ଦ୍ୱାରା, ଥିବା ଜିନିଷ ନଥିବା ଭଳି, ନଥିବା ଜିନିଷକୁ ଥିବା ଭଳି ବୁଝୁଛି । ସେଥିଲାଗି ଦୈବଜ୍ଞାନ ଅସତ୍ୟ ଭାବରେ ବ୍ୟାପିଯାଇଛି । ଭୂପୃଷ୍ଠରେ ଘଟିଥିବା, ଘଟୁଥିବା ପୁନର୍ଜନ୍ମକୁ ଦେଖି ମଧ୍ୟ ପୁନର୍ଜନ୍ମ ନାହିଁ ବୋଲି ମଣିଷ କହୁଛି । ଦୈବଜ୍ଞାନକୁ ବା ଐଶ୍ୱରୀୟ ଜ୍ଞାନକୁ ଏଇଭଳି ସ୍ଥିତିରେ ମଣିଷ ଅସତ୍ୟରେ ପରିଣତ କରିଦେଉଛି । ପୁନର୍ଜନ୍ମ ନାହିଁ ବୋଲି କେତେକ ମତର ଲୋକମାନେ କହିଲେ ମଧ୍ୟ ସେହି ମତର ମତ ପ୍ରବକ୍ତାମାନେ ହୁଅନ୍ତୁ, ପ୍ରବକ୍ତାମାନଙ୍କ ଦ୍ୱାରା କୁହାଇଥିବା ପରମାତ୍ମା ହୁଅନ୍ତୁ ପୁନର୍ଜନ୍ମ ନାହିଁ ବୋଲି କେବେ ମଧ୍ୟ କହି ନାହାନ୍ତି । ଯେଉଁମାନେ ସ୍ୱର୍ଗ ନରକ ବାବଦରେ କହନ୍ତି ସେମାନେ ନରକରେ କଷ୍ଟ, ସ୍ୱର୍ଗରେ ସୁଖ ରହିଛି ବୋଲି କହି ମଧ୍ୟ, ଦୈବସନ୍ନିଧି, ପରମପଦ ବା ପରଲୋକ କହିଲେ ଏଇ ସ୍ୱର୍ଗକୁ ହିଁ ବୁଝିଛନ୍ତି । ସ୍ୱର୍ଗ ଆଉ ପରମଧାମ ଭିତରେ

ମାପହୀନ ଭିନ୍ନତା ରହିଛି । ଦୈବସନ୍ନିଧି ବା ପରମଧାମକୁ କେହି ଦେଖି ନାହାନ୍ତି । ତାହା ଏଭଳି ବୋଲି କେହି ମଧ କହି ପାରିବେ ନାହିଁ । ସେଠାକୁ ଯାଇଥିବା ଲୋକ ସେ ବାବଦରେ କହିପାରିବ ସିନା, ଯାଇନଥିବା ଲୋକ କିପରି କହିବ ? ତେଣୁ ତାହା ସ୍ୱର୍ଗ ବୋଲି କହୁଥିବା ଲୋକମାନେ ଭୂଲ୍ କହୁଛନ୍ତି । ସ୍ୱର୍ଗ ସୁଖର ନୀଳୟ, ନରକ ଦୁଖ କଷ୍ଟର ନୀଳୟ କହିବା ସତ୍ୟ, କିନ୍ତୁ ତାହା ଏଇ ଭୂପୃଷ୍ଠରେ, ମଣିଷ ଭିତରେ ରହିଛି । ଯେଉଁମାନେ ସୁଖ ଅନୁଭବ କରନ୍ତି ତାହା ସେମାନଙ୍କ ପାଇଁ ସ୍ୱର୍ଗଧାମ, ଯେଉଁମାନେ କଷ୍ଟ ଅନୁଭବ କରନ୍ତି ତାହା ସେମାନଙ୍କ ପାଇଁ ନର୍କଧାମ, ସେ ଦୁଇଟିକୁ ଅନୁଭବ କରୁଥିବା ମଣିଷମାନଙ୍କୁ ଏଇଠାରେ ହିଁ ଦେଖି ହେବ । **ଆଧ୍ୟାତ୍ମିକ ହେଉଛି ସ୍ୱତନ୍ତ୍ର ଦୈବଙ୍କ ରାଜ୍ୟ ଭଳି । ମତ ହେଉଛି ଏକ ସ୍ୱତନ୍ତ୍ର ମାୟାରାଜ୍ୟ ଭଳି** । ମୁଁ ଜ୍ଞାନୀ ବୋଲି କହୁଥିବା ଲୋକମାନେ ସେମାନଙ୍କ ମତଜ୍ଞାନରେ ପଡି ବାସ୍ତବ ଦୈବଜ୍ଞାନକୁ ଭୂଲିଯାଇଛନ୍ତି । ସେଥିଲାଗି ଆଧ୍ୟାତ୍ମିକର ଅର୍ଥ ଜାଣିବାକୁ ହେଲେ କୌଣସି ମଣିଷ ହେଉ, କୌଣସି ପ୍ରବକ୍ତା କହିଥିବା ମତ ସମ୍ବନ୍ଧ ନରଖି ଦୈବଗ୍ରନ୍ଥ ହୋଇଥିବା କୋରାନ୍, ବାଇବେଲ୍, ଗୀତାରୁ ଦୈବଜ୍ଞାନକୁ ଜାଣି ପାରିବେ ।

ବ୍ରହ୍ମବିଦ୍ୟାଶାସ୍ତ୍ର ଅନୁସାରେ ପୁନର୍ଜନ୍ମର ବାସ୍ତବତାକୁ ମାତ୍ର କିଛିଲୋକ ସ୍ୱୀକାର କରିଥା'ନ୍ତି, କିନ୍ତୁ କେତେକ ହେତୁବାଦୀମାନେ, ନାସ୍ତିକବାଦୀମାନେ ସ୍ୱୀକାର କରିନଥା'ନ୍ତି । ହେତୁବାଦ ସତ୍ୟ ନିରୂପଣ ପାଇଁ ରହିଥିଲେ ମଧ, ସେମାନେ ସତ୍ୟ ଶୋଧନ କରୁନାହାନ୍ତି । ନିଜେ ନିଜକୁ ମେଧାବୀ ବୋଲାଉଥିବା ହେତୁବାଦୀମାନେ ସେମାନଙ୍କୁ ଜଣା ନଥିବା ବିଷୟକୁ ଅନ୍ଧବିଶ୍ୱାସ କହୁଛନ୍ତି, ମାନସିକ ରୋଗ ବୋଲି ମଧ କହୁଛନ୍ତି । ସେଥିଲାଗି ଆଜିର ହେତୁବାଦୀମାନଙ୍କୁ ନାସ୍ତିକବାଦୀ କହିଲେ ଅତ୍ୟୁକ୍ତି ହେବନାହିଁ । ଆଉ କେଉଁଠି ଅନ୍ୟ ଦେଶରେ କାହିଁକି ଭାରତ ଦେଶରେ ମଧ "ଧ୍ରୁବଂ ଜନ୍ମ ମୃତସ୍ୟ ଚ" ନାମକ

ବାକ୍ୟକୁ ପ୍ରମାଣିତ କରିବାପାଇଁ ଅନେକ ସ୍ଥାନରେ ଅନେକ ପୁନର୍ଜନ୍ମ ଘଟଣା ଘଟିଛି । ପ୍ରତ୍ୟକ୍ଷ ପ୍ରମାଣ ହୋଇଥିବା, ଦୃଢ ପ୍ରମାଣ ଥିବା ଘଟଣା ଥିଲେ ମଧ୍ୟ, କେତେକ ହେତୁବାଦୀମାନେ ତାହା ଏକ ମାନସିକ ରୋଗ, ସତକଥା ନୁହେଁ ବୋଲି କହିଥିବା ସନ୍ଦର୍ଭ ଅନେକ ରହିଛି; ତଥାପି ଜଣେ ମହାନ ଶାସ୍ତ୍ରଜ୍ଞ ହୋଇଥିବା "ଇମାମ୍ ଷ୍ଟିବେନ୍‌ସନ୍" ନାମକ ଜଣେ ବ୍ୟକ୍ତି ଗୋଟିଏ ଦିଗରେ ବିଜ୍ଞାନ ଏବଂ ଆଉ ଗୋଟିଏ ଦିଗରେ ବିଶ୍ୱାସକୁ ଅନୁସନ୍ଧାନ କରି, ଅନେକ ଗବେଷଣା କରି ଶେଷରେ ପୁନର୍ଜନ୍ମ ବିଜ୍ଞାନର ଏକ ସିଦ୍ଧାନ୍ତ ବୋଲି ମତପୋଷଣ କରିଛନ୍ତି । ସେ ଅନେକ ଗବେଷଣା କରି ୧୯୯୩ ମସିହାରେ ପୁନର୍ଜନ୍ମ ସତ୍ୟ ବୋଲି କହିଥିଲେ । ଆମେ ବିଜ୍ଞାନର କୌଣସି ଗବେଷଣା ନକରି କେବଳ ଜ୍ଞାନ ଗବେଷଣା କରି ୧୯୮୦ମସିହାରେ **"ଜନନ ମରଣ ସିଦ୍ଧାନ୍ତ"** ବହିର୍ଗତ କରିଛୁ । ତା' ପରେ ସେହି ସିଦ୍ଧାନ୍ତର ଅନୁସନ୍ଧିତ **"ମରଣ ରହସ୍ୟ"** ଜଣାଇଛୁ, ଏବେ ଏଇ **"ପୁନର୍ଜନ୍ମ ରହସ୍ୟ"**କୁ ମଧ୍ୟ ଜଣାଉଛୁ । ଆମ ଗବେଷଣା ଛୋଟ ଛୋଟ ପ୍ରଶ୍ନର ମଧ୍ୟ ସମାଧାନ କରିଛି । ତା'ଛଡା ଏବେ ଭାରତରେ ଘଟିଥିବା ପୁନର୍ଜନ୍ମକୁ ବିବରଣୀ ଦେଇ ସେଥିରେ ଥିବା ପ୍ରଶ୍ନର ସମାଧାନ ଦେବା ପାଇଁ ଭାବିଛୁ । ଅନ୍ୟଦେଶ ହୋଇଥିବା ଲେବନାନ୍ ଦେଶର ଘଟଣା ସ୍ୱତନ୍ତ୍ର ଭାବରେ ଇସ୍ଲାମ୍ ସମାଜରେ ଘଟିଥିବା ଘଟଣା ହୋଇଥିବା ସ୍ଥଳେ, ଭାରତରେ ଘଟିଥିବା ଘଟଣା ଇନ୍ଦୁ (ହିନ୍ଦୁ) ସମାଜରେ ଘଟିଛି, ସେଗୁଡିକ ଭିତରୁ ନିମ୍ନରେ ଗୋଟିଏ ଘଟଣାକୁ ସ୍ଥାନଦେଉଛୁ,ଦେଖନ୍ତୁ ।

ଭାରତରେ ଦ୍ୱାପର ଯୁଗରୁ ପୁନର୍ଜନ୍ମକୁ ବ୍ରହ୍ମବିଦ୍ୟାଶାସ୍ତ୍ର ବା ଭଗବଦ୍ଗୀତା ଶାସ୍ତ୍ରୀୟତାର ସହିତ କହିଆସିଛି; ତଥାପି ତାହା କେତେକ କାଳକ୍ଷେପ ପାଇଁ କୁହାଯଉଥିବା କାହାଣୀ ଭଳି ହିସାବ କରୁଛନ୍ତି ସିନା, ତାହା ମଣିଷ ଜୀବନରେ ଘଟୁଥିବା ସତ୍ୟ ବୋଲି ସଂପୂର୍ଣ୍ଣ ଭାବରେ ଜାଣିପାରି ନାହାନ୍ତି । କେତେକ ପୁନର୍ଜନ୍ମ ଅସତ୍ୟ ବୋଲି କହୁଛନ୍ତି । ଏଇ

ମଧ୍ୟକାଳୀନ ସମୟରେ ଭାରତର "ବିକ୍ରମରାଜ୍ ସିଙ୍ଗ୍ ଚୌହାନ୍" ନାମକ ଜଣେ ଫୋରେନ୍ସିକ୍ ସାଇଂଟିଷ୍ଟ୍ ମଧ୍ୟପ୍ରଦେଶର ଝାନ୍ସିରେ ଥିବା ବୁଲେନ୍ଦ୍‌ଖଣ୍ଡ୍ ୟୁନିଭର୍ସିଟିରେ ହୋଇଥିବା "ନ୍ୟାସନାଲ୍ କନ୍‌ଫରେନସ୍ ସାଇଂଟିଷ୍ଟ୍ ଅଫ୍ ଇଣ୍ଡିଆ" ମିଟିଙ୍ଗ୍‌ରେ ହାଜର ହୋଇ, ପୁନର୍ଜନ୍ମ ବିଷୟକୁ ବଳ ପ୍ରଦାନ କରିବା ଛଡା, ପୁନର୍ଜନ୍ମ ସ୍ମୃତିର ବିବରଣ ଜଣାଉଥିବା ଏକ କେସ୍‌ର ଷ୍ଟଡିକୁ ସେହି ସମାବେଶରେ ଉପନୀତ କରିଥିଲେ । ତାହା ନିମ୍ନମତେ ରହିଛି । ରତନ୍‌ଜିତ୍ ସିଂ ନାମକ ଛଅବର୍ଷର ଜଣେ ବାଳକ ପଞ୍ଜାବର 'ଆଲ୍ମିୟାନା' ନାମକ ଗ୍ରାମର । ସେ ତା'ର ବାପାମାଆଙ୍କୁ ନିଜ ଗତଜନ୍ମର ବିବରଣ କହିଥିଲା । ସେ ଗତଜନ୍ମରେ 'ଚକେଲା' ନାମକ ଗାଆଁର ନିବାସୀ, ତା'ର ନାଆଁ ସିତାରାମ୍ ସିଂ, ସେ ୧୯୯୨ ସେପ୍ଟେମ୍ବର୍ ୧୦ ତାରିଖରେ ସ୍କୁଲ୍‌ରୁ ଫେରୁଥିବା ସମୟରେ ଏକ ସ୍କୁଟର୍ ଖୁବ୍ ଦ୍ରୁତଗତିରେ ଆସି ତା'କୁ ଧକ୍କା ହୋଇଥିଲା, ସେତେବେଳେ ତା'ର ମୁଣ୍ଡରେ ତୀବ୍ର ଆଘାତ୍ ଲାଗି, ସେହି ଆଘାତ କାରଣରୁ ଦୁଇଦିନ ପରେ ମୃତ୍ୟୁବରଣ କରିଥିଲା । ସେ ଏସବୁ କହିବା ବ୍ୟତୀତ ତା'ର ଗତଜନ୍ମର ବନ୍ଧୁ ମିତ୍ର, ପରିବାରବର୍ଗଙ୍କ ନିକଟକୁ ଯିବାପାଇଁ ସବୁଦିନ କହୁଥିଲା । ରତନ୍‌ଜିତ୍ ସିଂ କୁ ଯେତେବେଳେ ମାତ୍ର ଦୁଇବର୍ଷ ହୋଇଥିଲା ଆଉ ତା'କୁ ସଂପୂର୍ଣ୍ଣ କଥା କହିବା ଆସିନଥିଲା ସେତେବେଳେ ତା'କୁ ଆସି ଆସିନଥିବା ଭାଷାରେ ପୁର୍ବଜନ୍ମ ସ୍ମୃତିକୁ କହିବା ଆରମ୍ଭ କରିଥିଲା ।

ରତନ୍‌ଜିତ୍ ସିଂ ଅତି ଛୋଟପିଲା ହୋଇଥିବାରୁ ତା'କଥା କେହି ଗଭୀରଭାବରେ ନେଉନଥିଲେ । ତା'କୁ ଯେତେବେଳେ ଛଅବର୍ଷ ହେଲା ସେତେବେଳେ ତା'ର ପୂର୍ବଜନ୍ମ କଥା ଅଧିକ ମନେପଡିଲା ଆଉ ସେ ତା'ର ବାପାମାଆଙ୍କୁ ତା'ର ପୂର୍ବ ଜନ୍ମର ଗାଆଁକୁ ନେଇଯିବା ପାଇଁ ଜିଦ୍ କରିବାକୁ ଲାଗିଲା, ଶେଷରେ ଦିନେ ତା'ର ବାପା 'ରଞ୍ଜିତ୍ ସିଂ' ତା'କଥା ଶୁଣି ତାକୁ ଚକେଲା ଗାଆଁକୁ ନେଇଗଲେ, ସେ କହୁଥିବା ଚକେଲା ଗାଆଁର

ସେହି ପରିବାର ଆଉ ସେଠାରେ ରହୁନଥିବାରୁ ସେଠାରୁ ଫେରି ସେହି ପରିବାରଟି ରହୁଥିବା ଅନ୍ୟ ଏକ ଗାଆଁକୁ ନେଇଗଲେ, ସେଇଠାରେ ରତନ୍ କହୁଥିବା ତା'ର ପୂର୍ବଜନ୍ମର ମାତାପିତାଙ୍କୁ ଦେଖି ଚିହ୍ନି ପାରିଥିଲା, ହେଲେ ସେମାନେ ବିଶ୍ୱାସ କଲେ ନାହିଁ ଯେ, କେତେଦିନ ତଳେ ତାଙ୍କ ପୁଅ ମରିଯାଇ ପୁଣି ରତନ୍‌ଜିତ୍ ହୋଇ ଜନ୍ମ ହୋଇଛି । ଏ କଥାରେ ରତନ୍ ତା'ର ଆକ୍ସିଡେଂଟ୍ ବେଳେ ତା'ପାଖରେ ଥିବା ତା'ର ବହିଗୁଡ଼ିକରେ ରକ୍ତଛିଟା ଲାଗିଥିବା ବିଷୟ କହିଥିଲା ଏବଂ ସେଦିନ ତା'ସାର୍ଟ୍ ପକେଟରେ ୧୫୦ଟଙ୍କା ଥିଲା, ତାହା ଅମୂକ ଦୋକାନୀକୁ ଦେବାକୁ ଥିଲା ବୋଲି କହିଥିଲା ।

ଏକଥା ଶୁଣିବା ପରେ ସେ ବାଳକର ଗତଜନ୍ମର ମାଆ ତା'କୁ ନିଜପୁଅ ବୋଲି ବିଶ୍ୱାସ କରି ଭୋ..ଭୋ ହୋଇ କାନ୍ଦିଥିଲେ, ଆଉ କାନ୍ଦୁଥିବା ସମୟରେ ଘର ଭିତରୁ ସୁଖିଲା ରକ୍ତଛିଟା ଲାଗିଥିବା ବହିଗୁଡ଼ିକ ଆଣି ଦେଖିଥିଲେ । ଏହିଭଳି ବହିର୍ଗତ ହୋଇଥିବା ତନ୍‌ଜିତ୍‌ର ପୁନର୍ଜନ୍ମ ବୃତ୍ତାନ୍ତ ଅଳ୍ପଦିନ ଭିତରେ ସାରା ଉତ୍ତରଭାରତରେ ବ୍ୟାପିଯାଇଥିଲା । ଏ ବିଷୟସବୁ ଫୋରେନ୍ସିକ୍ ସାଇଂଟିଷ୍ଟ ବିକ୍ରମସିଂ ଚୌହାନ୍‌ଙ୍କ ପର୍ଯ୍ୟନ୍ତ ପହଞ୍ଚିଥିଲା । ପ୍ରଥମେ ସେ ମଧ୍ୟ ଏକଥାକୁ ବିଶ୍ୱାସ କରିନଥିଲେ; ତଥାପି ସତ୍ୟାସତ୍ୟକୁ ପ୍ରଜାମାନଙ୍କୁ ଜଣାଇବା ପାଇଁ, ସ୍ୱୟଂ ସେ କଥାର ସତ୍ୟାସତ୍ୟ ଜାଣିବା ପାଇଁ ରତନ୍‌ଜିତ୍ ସହିତ ସାକ୍ଷାତ୍ କରି କଥା ହୋଇଥିଲେ, ସେ ବାଳକ କହୁଥିବା ତା'ର ପୂର୍ବଜନ୍ମର ମାଆବାପାଙ୍କ ସହିତ ମଧ୍ୟ କଥା ହୋଇଥିଲେ । ଫୋରେନ୍ସିକ୍ ସାଇନ୍ସ ଆଧାରରେ ରତନ୍‌ଜିତ୍ ସିଂ କହୁଥିବା କଥା ଅନୁସାରେ ତା'ର ପୂର୍ବଜନ୍ମ କଥାର ସତ୍ୟାସତ୍ୟ ଜାଣିବା କାର୍ଯ୍ୟରେ ଲାଗିପଡ଼ିଲେ । ରତନଜିତ୍ ଗତଜନ୍ମରେ ପାଠ ପଢୁଥିବା ସମୟର ହାତଲେଖାକୁ ପ୍ରଥମେ ପରୀକ୍ଷା କଲେ । ସମସ୍ତଙ୍କର ହାତଲେଖା ସମାନ ହୋଇ ନଥାଏ । ସେଥିଲାଗି ଫୋରେନ୍ସିକ୍ ସାଇନ୍ସ ଏହି କାରଣରୁ ଫର୍ଜରି ଦସ୍ତଖତ୍‌ଗୁଡ଼ିକୁ ଚିହ୍ନି ପାରିଥାଏ,

ସେ ଜଣେ ଫୋରେନ୍ସିକ୍ ସାଇଂଟିଷ୍ଟ୍ ହୋଇଥିବାରୁ ତାଙ୍କୁ ଜଣାଥିବା ଶାସ୍ତ୍ର ପରିଜ୍ଞାନ ଆଧାରରେ ରତନ୍‌ଜିତ୍‌ର ହାତଲେଖା, ଏ ଜନ୍ମର ହାତଲେଖା ସଂପୂର୍ଣ୍ଣ ଏକାଭଳି ବୋଲି ଚିହ୍ନି ପାରିଥିଲେ । ଏଠାରେ ଧ୍ୟାନଦେବା ବିଷୟ ହେଉଛି ! ଏ ଜନ୍ମରେ ରତନ୍ ଏକ ଗରିବ ପରିବାରରେ ଜନ୍ମ ହୋଇଥିବାରୁ ସେ ସ୍କୁଲ୍‌କୁ ଯାଇ ପାଠପଢିବା ସୁଯୋଗ ପାଇନଥିଲା, ଏକଥା ପ୍ରଥମେ ବିକ୍ରମ୍‌ସିଂ ଙ୍କୁ ଜଣାନଥିଲା, ସେ ସାଧାରଣ ଭାବରେ ସେହି ବାଳକକୁ ଏକ କାଗଜ ଦେଇ କିଛି ଲେଖିବା ପାଇଁ କହିଥିଲେ, ସେତେବେଳେ ସେ ଇଂଗ୍ଲିସ୍ ଆଉ ପଞ୍ଜାବୀ ଭାଷାରେ ଲେଖି ଦେଖାଇଥିଲା, ସେହି ଅନୁସାରେ ସେ ଜାଣି ପାରିଥିଲେ ଯେ ଗତଜନ୍ମରେ ସେ ଯାହା ଶିଖିଥିଲା ତାହା ଏ ଜନ୍ମରେ ମଧ୍ୟ ଲେଖି ପାରିଛି ।

ରତନ୍‌ଜିତ୍ ସିଂ ନାମକ ବାଳକର ପୁନର୍ଜନ୍ମ ବିଷୟରେ ମୁଖ୍ୟତଃ ଦେଖିବା ଜିନିଷ ହେଉଛି ! ପୂର୍ବଜନ୍ମ ସମସ୍ତଙ୍କର ରହିଛି । ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ସମସ୍ତଙ୍କୁ ସୃଷ୍ଟି କରିଥିଲେ, ସେହି ସୃଷ୍ଟି ହିଁ ମଣିଷ ପ୍ରଥମ ଜନ୍ମ । ମଣିଷ ସୃଷ୍ଟି ଆଦିରେ ପ୍ରଥମଥର ଜନ୍ମ ହୋଇଥାଏ ଏବଂ ତା'ପରେ ସେ ଯେତେ ଥର ଜନ୍ମ ହୁଏ ତାହା ତା'ର ପୁନର୍ଜନ୍ମ ହୋଇଥାଏ । ଏକଥା ଆମେ ମଧ୍ୟ ପୂର୍ବରୁ କହିଛୁ, ସେହି ହିସାବରେ ଆପଣ ମୁଁ, ସେ, ସମସ୍ତେ ଏବେ ପୁନର୍ଜନ୍ମ ନେଇଛେ । କାହାର ଗତ ଜନ୍ମ ମନେ ନାହିଁ । କାହିଁକିନା ! ସେ ଜନ୍ମର ପୂର୍ବସ୍ମୃତି ଆମମାନଙ୍କର ନାହିଁ । ଗତଜନ୍ମ କଥା କହିବାକୁ ହେଲେ ଆତ୍ମା କୁହାଇଲେ ହିଁ କହି ପାରିବା । ଆତ୍ମା ସର୍ବସ୍ୱତନ୍ତ୍ର, ଏଭଳି ଆତ୍ମା ପୂର୍ବଜନ୍ମ କଥା କୁହାଇବା ତା'ର ତୃତୀୟକାର୍ଯ୍ୟ ବୋଲି ଆମେ ଆଗରୁ କହିଛୁ । ଆତ୍ମା କ୍ୱଚିତ୍ କାହାଠାରେ ପୂର୍ବ ଜନ୍ମର ସ୍ମୃତିକୁ କୁହାଇ ପୁନର୍ଜନ୍ମ ରହିଛି ବୋଲି ଯେ ପ୍ରମାଣିତ କରି ଦେଖାଏ ଖାଲି ସେତିକି ନୁହେଁ ପୂର୍ବ ଜନ୍ମର କେତେକ ଅଭ୍ୟାସ ମଧ୍ୟ ଆସିବା ଭଳି କରିଥାଏ । ତା'ଛଡା ପୂର୍ବଜନ୍ମର ପାଠପଢା, ଲେଖିବା ବିଷୟ ମଧ୍ୟ ଆତ୍ମା

ରତନ୍‌ଠାରେ ଆଣିଥିଲା ବୋଲି ପ୍ରମାଣ ମିଳିଛି । ଏହିଭଳି ପୂର୍ବଜନ୍ମ ସ୍ମୃତି ସମସ୍ତଙ୍କଠାରେ ଯେ ସମାନ ହେବ ତାହା କହି ପାରିବା ନାହିଁ, ତାହା ଆତ୍ମା ଉପରେ ନିର୍ଭର କରେ । କେତେକ ପୂର୍ବଜନ୍ମର ସ୍ମୃତି ନଥାଇ ମଧ୍ୟ ଗତଜନ୍ମର ବିଦ୍ୟାକୁ ଜାଣି ପାରିବା ଭଳି ଆତ୍ମା କରାଇଥାଏ । ଏମିତି କରିବା ଦ୍ୱାରା କେତେକ ଛୋଟବୟସରେ ମଧ୍ୟ ଗତଜନ୍ମର ସଂଗୀତ ପ୍ରାବୀଣ୍ୟତା ଦର୍ଶାଇ ପାରିଛନ୍ତି । ସେହିଭଳି କୌଣସି ବିଦ୍ୟା ନଶିଖି କେତେକଙ୍କର ପାଣ୍ଡିତ୍ୟ ବହିର୍ଗତ ହୋଇଛି, ତାହା ପୂର୍ବଜନ୍ମ ସଂସ୍କାର ବୋଲି କେତେକ କହିଥା'ନ୍ତି । ଗୀତିକାର ବାଲସୁବ୍ରମନ୍ୟମ୍ ସଂଗୀତବିଦ୍ୟା ନ ଶିଖି ମଧ୍ୟ ଛୋଟ ବୟସରୁ ସଂଗୀତ ଶିଖିଥିବା ଗାୟକମାନଙ୍କଠାରୁ ଉନ୍ନତମାନର ପ୍ରାବୀଣ୍ୟତା ଦର୍ଶାଇ ପାରିଛନ୍ତି । ଏହାର କାରଣ ତାଙ୍କର ଗତଜନ୍ମ ବୋଲି, ଆତ୍ମା ବୋଲି କାହାକୁ ଜଣାନାହିଁ । ଏହିଭଳି ଆତ୍ମା ଗତଜନ୍ମର କୌଣସି ବିଷୟ ମଧ୍ୟ ପରଜନ୍ମରେ ଦର୍ଶାଇ ପାରେ ।

ମଣିଷ ଶରୀରରେ ତିନିଭାଗ ହୋଇ ରହିଥିବା ପରମାତ୍ମା, ଆତ୍ମା, ଜୀବାତ୍ମାଙ୍କ ଭିତରୁ ପରମାତ୍ମା (ଦୈବ ବା ଈଶ୍ୱର) କୌଣସି କାର୍ଯ୍ୟ କରନ୍ତି ନାହିଁ, ତାଙ୍କର ରୂପ, ନାମ, କ୍ରିୟା ନାହିଁ ବୋଲି ଜାଣିଛେ । ସେହିଭଳି ଶରୀରରେ ଆତ୍ମାଗୁଡିକ ଭିତରୁ ଅତି ଛୋଟ ହୋଇଥିବା ଜୀବାତ୍ମା ମଧ୍ୟ କିଛି କରେ ନାହିଁ, କେବଳ ତା'କୁ ମିଳୁଥିବା ଦୁଃଖସୁଖକୁ ଅନୁଭବ କରେ । ଜୀବାତ୍ମା ସବୁଦିଗରୁ ଅନ୍ଧ, ତା'କୁ କିଛି ଜଣା ନଥାଏ, କିଛି କରିବା ଶକ୍ତି ତା'ର ନଥାଏ, କିନ୍ତୁ ଜୀବାତ୍ମାର ଆକାର ଅଛି ଆଉ ସେ ଦୁଃଖସୁଖକୁ ଅନୁଭବ କରିପାରେ । ଆଉ ବଳକା ରହିଥିବା ଦ୍ୱିତୀୟଆତ୍ମା ବିଷୟକୁ ଗଲେ, ଆତ୍ମା ଶରୀରରେ ରହିଥିଲେ ମଧ୍ୟ ତା'କୁ କେହି ଚିହ୍ନି ନପାରିବା ସ୍ଥିତିରେ ରହିଛି । ଶରୀରରେ ଜୀବାତ୍ମା, ପରମାତ୍ମା କିଛି କରୁନଥିଲେ ମଧ୍ୟ, ଆତ୍ମା ଏକ କ୍ଷଣ ମଧ୍ୟ ବିଶ୍ରାମ ନନେଇ କାର୍ଯ୍ୟ କରିଚାଲିଥାଏ । କେତେକ ଆଧ୍ୟାତ୍ମିକ ମାର୍ଗରେ ଯାତ୍ରା କରୁଥାଇ ଆତ୍ମା ନାମକ ଶବ୍ଦ ନିଜ ତୁଣ୍ଡରେ

ଅନେକ ଥର ଉଚ୍ଚାରଣ କରୁଥିଲେ ମଧ୍ୟ, ଆତ୍ମାର କାର୍ଯ୍ୟକଳାପ କ'ଣ ସେମାନଙ୍କୁ ଜଣା ନଥାଏ । ଆତ୍ମାକୁ ଅନେକ ଲୋକ ପରମାତ୍ମା କିମ୍ବା ଜୀବାତ୍ମା ଭାବରେ କହିଥା'ନ୍ତି, କିନ୍ତୁ ଆତ୍ମା କହିଲେ, ଯିଏ ଶରୀରରେ ମିଶି ରହିଥାଏ, ସବୁବେଳେ ଜୀବାତ୍ମାର ସାଥି ବା ପଡୋଶୀ ହୋଇ ରହିଥାଏ, ତା'ର ସ୍ୱତନ୍ତ୍ର କାର୍ଯ୍ୟାଚରଣ ଥାଏ ବୋଲି କେହି ଆଜିଯାଏଁ ଜଣାଇପାରି ନାହାନ୍ତି । ଆତ୍ମାର କାର୍ଯ୍ୟକଳାପ ମୋଟ ତିନି ପ୍ରକାରର ବୋଲି ମଧ୍ୟ କାହାକୁ ଜଣା ନାହିଁ । ଏବେ ଆମେ ଆତ୍ମାର ତୃତୀୟକାର୍ଯ୍ୟ ବିଷୟରେ କହୁଛୁ । ଆତ୍ମାର ତୃତୀୟ କାର୍ଯ୍ୟରେ ମଣିଷଠାରୁ ପୁନର୍ଜନ୍ମ ରହସ୍ୟ ବହିର୍ଗତ ହୋଇଥାଏ ବୋଲି ଜାଣିଲେ । ଆତ୍ମା ବାହାର ବ୍ୟକ୍ତିମାନଙ୍କ ବାବଦରେ, ବାହ୍ୟ ପ୍ରଦେଶ ବାବଦରେ ଥିବା ଗତଜନ୍ମର ସମ୍ବନ୍ଧକୁ ଜଣାଇବା ବେଳେ, ମଣିଷର ପୁନର୍ଜନ୍ମ ରହିଛି ବୋଲି ଜଣାପଡିଥାଏ । ଯଦି ଆତ୍ମା ତା'ର ତୃତୀୟକାର୍ଯ୍ୟରେ ଗତଜନ୍ମର ବ୍ୟକ୍ତି, ପ୍ରଦେଶ ସହିତ ଥିବା ସମ୍ପର୍କକୁ ନଜଣାଇ, କେବଳ ଗତଜନ୍ମର ଶରୀରାନ୍ତର୍ଗତ ବିଦ୍ୟା, ଅଭ୍ୟାସ, ପାଣ୍ଡିତ୍ୟ, ଭାଷା, ମେଧାଶକ୍ତି ଇତ୍ୟାଦିକୁ ଜଣାଏ ତେବେ ସେହି ସବୁ ବିଷୟଗୁଡିକର ଆଧାରରେ କେହି ମଧ୍ୟ ପୁନର୍ଜନ୍ମ ରହିଛି ବୋଲି ଜାଣି ପାରିବ, କିନ୍ତୁ କେହି ଜାଣିପାରି ନାହାନ୍ତି । ତା'ଛଡା ଶରୀର ଭିତରର ବିଷୟକୁ ବାଦ୍‌ଦେଲେ ଶରୀର ଉପରେ ଥିବା କଳାଜାଇ ଚିହ୍ନକୁ ଦେଖି ମଧ୍ୟ ତା'ର ପୁନର୍ଜନ୍ମ ହୋଇଛି ବୋଲି କେହି ଜାଣିପାରି ନାହାନ୍ତି । ଗତଜନ୍ମ ରହିଛି ବୋଲି ମଣିଷ ଜାଣିବାପାଇଁ ଆତ୍ମା କେତେବେଳେ କେମିତି କୌଣସି ବ୍ୟକ୍ତିଠାରେ ଗତଜନ୍ମ ସମ୍ବନ୍ଧୀୟ ଶରୀରାନ୍ତର୍ଗତ ସ୍ମୃତି କିମ୍ବା ବାହ୍ୟସ୍ମୃତିକୁ ବହିର୍ଗତ କରାଇଥାଏ । ଏଭଳି ଜଣାଇବା ବ୍ୟତୀତ କେତେକଙ୍କ ଶରୀରରେ ଗତଜନ୍ମର କୌଣସି ଚିହ୍ନକୁ ମଧ୍ୟ ପର ଜନ୍ମରେ ରହିବା ଭଳି କରାଇଥାଏ । ଏହି ସମ୍ବନ୍ଧୀୟ ଏକ ବିବରଣୀ ନିମ୍ନମତେ ରହିଛି ।

ଇଂଲାଣ୍ଡର "ହେକ୍ସହେମ୍" ନାମକ ସହରରେ ରହୁଥିବା 'ଜନ୍ ପୋଲାକ', ଏବଂ 'ଫ୍ଲୋରେନ୍ସ' ନାମକ ଦମ୍ପତିଙ୍କର ଦୁଇଟି ଝିଅ ଥିଲେ । ବଡ ଝିଅର ନାଆଁ ଥିଲା 'ଜୁନ୍ନା', ସାନ ଝିଅର ନାଆଁ ଥିଲା 'ଜାକ୍ଲିନ୍' । ଜୁନ୍ନାର ବୟସ ଥିଲା ୧୧ ଆଉ ଜାକ୍ଲିନ୍ ଥିଲା ୬ ବର୍ଷର । ଆନନ୍ଦରେ ବିତୁଥିବା ଜନ୍ ପୋଲାକ୍‌ଙ୍କ ପାରିବାରିକ ଜୀବନରେ ଦିନେ ଏକ ବିଷାଦ ଖେଳିଯାଇଥିଲା । ୧୯୫୭ ମେ ମାସ ୫ ତାରିଖରେ ତାଙ୍କର ଦୁଇଝିଅ ସ୍କୁଲ୍ ଯିବାକୁ ବାହାରିଲେ । ଏଭଳି ଖୁସିରେ ସ୍କୁଲ୍ ଯାଇଥିବା ସେମାନେ ଆଉ ଘରକୁ ଫେରି ନଥିଲେ । ଏକ ରୋଡ୍ ଦୁର୍ଘଟଣାରେ ଦୁଇ ଭଉଣୀ ପ୍ରାଣ ହରାଇଥିଲେ । ଜନ୍ ପୋଲାକଙ୍କ ଘରେ ଦାରୁଣବିଷାଦ ଅନେକ ଦିନ ପର୍ଯ୍ୟନ୍ତ ଖେଳିରହିଥିଲା । ତା'ପରେ ପ୍ରାୟ ଦେଢବର୍ଷ ବିତିଗଲା ଅର୍ଥାତ୍ ୧୯୫୮ ଅକ୍ଟୋବର ୪ ତାରିଖରେ ଫ୍ଲୋରେନ୍ସ ଦୁଇଟି ଜାଆଁଳା ଝିଅ ଜନ୍ମଦେଲେ । ସେହି ଦୁଝିଅଙ୍କ ଭିତରୁ ସାନ ଝିଅର ମୁଣ୍ଡର କପାଳରେ ଏକ ଆଘାତ ହୋଇଥିବା ଭଳି ଚିହ୍ନ ଥିଲା । ଠିକ୍ ଏଇଭଳି ଚିହ୍ନ ଅର୍ଥାତ୍ ଘାଆ ଶୁଖିଯିବା ପରେ ଯେଉଁଭଳି ଚିହ୍ନ ଥାଏ ଠିକ୍ ସେହି ଚିହ୍ନ ଜନ୍ ଫ୍ଲୋରେନ୍ସଙ୍କ ମରିଯାଇଥିବା ସାନଝିଅ ଜାକ୍ଲିନ୍‌ର କପାଳରେ, ଠିକ୍ ସେହି ସ୍ଥାନରେ ଥିଲା । ଦିନେ ତାଙ୍କର ସାନଝିଅ ଜାକ୍ଲିନ୍ ସାଇକେଲ୍ ଚଲାଉଥିବା ସମୟରେ ତଳେ ପଡିଯାଇ ତୀବ୍ର ଆଘାତ ପାଇଥିଲା । ଏବେ ଜନ୍ମ ହୋଇଥିବା ସାନ ଝିଅର ମଧ୍ୟ ସେହି ଚିହ୍ନ ସେହି ସ୍ଥାନରେ ରହିଥିଲା । ଏହି ଚିହ୍ନ ଯେ ଗତ ଜନ୍ମରେ ଥିବା ତାଙ୍କ ସାନ ଝିଅର, ସାନ ଝିଅର ଯେ ପୁନର୍ଜନ୍ମ ହୋଇଛି ବୋଲି ସେମାନେ ଚିହ୍ନି ପାରିଲେ ନାହିଁ ।

ଜନ୍ମ ହୋଇଥିବା ଦୁଇଝିଅଙ୍କୁ ଯେତେବେଳେ ୪ମାସ ବୟସ ହେଲା ସେତେବେଳେ ଦିନେ ପୋଲାକ୍‌ଙ୍କ ପରିବାର ସେମାନେ ବାସ କରୁଥିବା ହେକ୍ସହେମ୍ ସହର ଛାଡି ସେଠାରୁ ୪୦ କିଲୋମିଟର ଦୂରରେ ଥିବା 'ହ୍ୱାଇଟ୍‌କିବେ' ନାମକ ଗ୍ରାମକୁ ଚାଲିଗଲେ । ସେଦିନଠାରୁ ୪

ବର୍ଷ ପର୍ଯ୍ୟନ୍ତ ସେମାନେ ହେକ୍ସହେମ୍ ସହରକୁ ଫେରିନଥିଲେ । ତା'ପରେ ଦିନେ ପୋଲାକଙ୍କ ପରିବାର ଦୁଇଝିଅଙ୍କ ସହିତ ହେକ୍ସହେମ୍ ସହରକୁ ଆସିଲେ । ଏଭଳି ଆସିଥିବା ୪ ବର୍ଷର ସେହି ଜାଆଁଳା ଝିଅ ଦୁଇଟି ଗତ ଜନ୍ମରେ ବାସ କରୁଥିବା ସେମାନଙ୍କ ଘରକୁ ଚିହ୍ନି ପାରିଥିଲେ । ଖାଲି ସେତିକି ନୁହେଁ ସେମାନେ ରହୁଥିବା, ଖେଳୁଥିବା ସ୍ଥାନକୁ ସହଜରେ ଚିହ୍ନି ପାରିଥିଲେ, ସେମାନଙ୍କ ସ୍କୁଲ୍ ମଧ୍ୟ ଚିହ୍ନି ପାରିଥିଲେ । ସେତେବେଳେ ସେହି ଦମ୍ପତି ଏବେ ଜନ୍ମ ଦେଇଥିବା ଝିଅ ଦୁଇଟି ମରିଯାଇଥିବା ତାଙ୍କରି ଝିଅମାନେ ବୋଲି ବିଶ୍ୱାସ କରିଥିଲେ । ଏଠିକାର ଏହି ଘଟଣାରେ ସାନ ଝିଅର ଗତଜନ୍ମରେ ରହିଥିବା କପାଳର ଚିହ୍ନ ଦ୍ୱିତୀୟ ଜନ୍ମରେ ସେହି ସାନ ଝିଅର କପାଳରେ ରହିବା କଥାକୁ ବିଶେଷଭାବରେ ଚିହ୍ନିବା ଉଚିତ୍ । ଏଭଳି ଆଉ ଏକ ଘଟଣା ବାବଦରେ ତଳେ ଜଣାଉଛୁ ଦେଖନ୍ତୁ ।

'ଷ୍ଟିଭେନ୍ସନ୍' ନାମକ ଆମେରିକାନ୍ ଶାସ୍ତ୍ରବେତ୍ତା ଭାରତର ଜଣେ ବ୍ୟକ୍ତିର ପୁନର୍ଜନ୍ମ ବାବଦରେ ପରିଶୀଳନ କରିଥିଲେ । ସେହି ପରିଶୀଳନରେ ଜଣେ ବ୍ୟକ୍ତି ଗତଜନ୍ମରେ ସୈନିକ ଭାବରେ କାର୍ଯ୍ୟ କରୁଥିଲେ । ଏକ ସନ୍ଦର୍ଭରେ ଶତ୍ରୁମାନେ ବନ୍ଧୁକରେ ଅତି ନିକଟରୁ ତାକୁ ସୁଟ୍ କରିଥିଲେ । ସେତେବେଳେ ତା'ର ଛାତିରେ ବନ୍ଧୁକର (ସଟ୍‌ଗନ୍) ବୁଲେଟ୍ ପ୍ରବେଶ କରିବା ଦ୍ୱାରା ସେ ମୃତ୍ୟୁବରଣ କରିଥିଲେ । ଏଭଳି ମୃତ୍ୟୁବରଣ କରିଥିବା ସେହି ବ୍ୟକ୍ତି ପୁଣି 'ମହୋରାମ' ନାମକ ବ୍ୟକ୍ତି ଭାବରେ ଜନ୍ମଗ୍ରହଣ କରିଥିଲେ । ଆଶ୍ଚର୍ଯ୍ୟକର ବିଷୟ ହେଉଛି ମହୋରାମର ଛାତିରେ ଗନ୍‌ର ବୁଲେଟ୍ ଗଲିଲେ ଯେଉଁ ଆକାରର ଚିହ୍ନ ହେବ ଠିକ୍ ସେହି ଆକାରର କଳାଜାଇ ଚିହ୍ନଟିଏ ରହିଥିଲା । ଷ୍ଟିଭେନ୍‌ସନ୍ ମହୋରାମ୍ ନାମକ ବାଳକର ପୁନର୍ଜନ୍ମ ବିଷୟକୁ ଅତି ଗଭୀର ଭାବରେ ଗବେଷଣା କରି ମହୋରାମ କହିଥିବା ଗତଜନ୍ମ ବିଷୟ ସତ ବୋଲି ନିର୍ଦ୍ଧାରଣ କରି, ତା'ର ପୁନର୍ଜନ୍ମ

ହୋଇଛି ବୋଲି ପ୍ରମାଣିତ କରିଥିଲେ । ଏହିଭଳି ଷ୍ଟିଭେନ୍‌ସନ୍ ଥାଇଲାଣ୍ଡ୍ ଦେଶରେ ପୂର୍ବ ଜନ୍ମର ସ୍ମୃତି ଥିବା ଜଣେ ବାଳକକୁ ସାକ୍ଷାତ କରି, ତା'ର ଗତଜନ୍ମର ବିଷୟକୁ ଗବେଷଣା କରିଥିଲେ । ସେହି ବାଳକ ଗତଜନ୍ମର ତା'ର ଦାଦାଙ୍କ ଦ୍ୱାରା ତା'ର ମୁଣ୍ଡର ପଛଭାଗରେ ଛୁରୀଭୂଷାରେ ଅତି ଦାରୁଣ ଭାବରେ ମୃତ୍ୟୁବରଣ କରିଥିଲା ବୋଲି ଜାଣି ପାରିଥିଲେ । ଏଭଳି ସେ ମୃତ୍ୟୁବରଣ କରିବା ଦ୍ୱାରା ଜନ୍ମ ହୋଇଥିବା ଦ୍ୱିତୀୟଜନ୍ମରେ ତା' ମୁଣ୍ଡର ପଛଭାଗରେ ଏକ ବଡ କଳାଜାଇ ଚିହ୍ନ ରହିଥିଲା ବୋଲି ଷ୍ଟିଭେନ୍‌ସନ୍ ଜାଣି ପାରିଥିଲେ । ଏହିଭଳି ପୁନର୍ଜନ୍ମ ପରିଶୀଳକ ଷ୍ଟିଭେନ୍‌ସନ୍ ଅନେକ ବ୍ୟକ୍ତିଙ୍କର ଗତଜନ୍ମର କୌଣସି ଏକ ଚିହ୍ନ ପୁନର୍ଜନ୍ମରେ କଳାଜାଇ ଭାବରେ ରହିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଗୋଟିଏ ଶରୀରରେ କୌଣସି କାରଣରୁ ସୃଷ୍ଟି ହୋଇଥିବା ଚିହ୍ନ ସେହି କାରଣକୁ ସୂଚିତ କରୁଥିବା ଚିହ୍ନ ଭାବରେ, ପରଜନ୍ମରେ କିମ୍ବା ତା'ପରେ କେତୋଟି ଜନ୍ମଯାଏଁ କଳାଜାଇ ଭାବରେ ରହିବା ଭଳି ଆତ୍ମା କରାଇଥାଏ । ପ୍ରତ୍ୟେକ ଶରୀରରେ ଜନ୍ମରୁ କୌଣସିନା କୌଣସି ଏକ ସ୍ଥାନରେ କଳାଜାଇ ଚିହ୍ନ ରହିଥାଏ । କଳାଜାଇ ଆତ୍ମା ଜଣାଇ ଦେଉଥିବା ଜୀବର ଗତଜନ୍ମର ଚିହ୍ନ ହୋଇଥିବା ବେଳେ, ଶରୀର ପରମାତ୍ମାଙ୍କର ସ୍ଥାନ ବୋଲି ଜଣାଇ ଦେଉଥିବା ଜ୍ଞାନଚିହ୍ନ ଭାବରେ ରହିଥାଏ । କଳାଜାଇ ଗତଜନ୍ମର ପ୍ରକୃତି ଶରୀରକୁ ଚିହ୍ନାଉଥିବା ସ୍ଥଳେ, ପରମାତ୍ମାଙ୍କ ଅସ୍ତିତ୍ୱକୁ ମଧ୍ୟ ଚିହ୍ନାଇଥାଏ ।

ପୁନର୍ଜନ୍ମର ଆଉଏକ ମୁଖ୍ୟ ଘଟଣାକୁ ଗବେଷଣା କରି ଦେଖିବା । ଜଣେ ବ୍ୟକ୍ତି ମୃତ୍ୟୁବରଣ କରିବାର କିଛିକାଳ ପରେ ପୁଣି ଜନ୍ମ ହୋଇଥାଏ ବୋଲି କେତେକଙ୍କୁ ମନେପଡିଥିବା ପୂର୍ବଜନ୍ମ ସ୍ମୃତି ଦ୍ୱାରା ଜଣା ପଡିଥାଏ, ହେଲେ ମୃତ୍ୟୁବରଣ କରିବାର କେତେକାଳ ପରେ ସେମାନେ ଜନ୍ମ ହୁଅନ୍ତି ? ଏହି ବ୍ୟବଧାନ କାହିଁକି ? କ'ଣ ମୃତ୍ୟୁ

ପରେ ସମସ୍ତଙ୍କର କାଳ ବ୍ୟବଧାନ ଏକ ପ୍ରକାରର ? ବୋଲି ପ୍ରଶ୍ନ କରି ଦେଖିଲେ, ଆଉ କିଛି ଆଶକ୍ତିକର ଜ୍ଞାନ ଜାଣିବାକୁ ମିଳିଥାଏ । ଏ ପର୍ଯ୍ୟନ୍ତ ଆମେ ଜାଣିଥିବା କେତେକଙ୍କ ପୁନର୍ଜନ୍ମ ସମାଚାରରେ ସେମାନଙ୍କ ଜନ୍ମର କାଳ ପରିମାଣ ଏକ ପ୍ରକାରର ନାହିଁ । ଜଣେ ବର୍ଷକ ପରେ ଜନ୍ମ ହୋଇଥିବା ବେଳେ, ଆଉ ଜଣେ ପାଞ୍ଚବର୍ଷ ପରେ ଜନ୍ମ ହୋଇଛି । ଏଭଳି ଏକ କାଳ ପରିମାଣ ନରହି ବିଭିନ୍ନ କାଳରେ ସେମାନେ ଜନ୍ମ ହୋଇଛନ୍ତି । ଏବେ ଆମେ କାଳ ପରିମାଣ ଉପରେ ଦୃଷ୍ଟି ଦେଇ ବିଭିନ୍ନ କାଳରେ ଜନ୍ମ ହୋଇଥିବା କେତେଜଣଙ୍କ ଘଟଣାକୁ ଜାଣିବା ।

ପ୍ରଖ୍ୟାତ ଆମେରିକାନ୍ ପାରାସାଇକଲଜିଷ୍ଟ୍ ଷ୍ଟିଭେନ୍‌ସନ୍‌ଙ୍କ ସହଚର 'ପ୍ରଫେସର୍ ଏଚ୍.ଏନ୍.ବାନାର୍ଜୀ' ଭାରତର ପ୍ରଥମ ପାରାସାଇକଲଜିଷ୍ଟ୍ ବୋଲି ବୋଧହୁଏ ଅନେକଙ୍କୁ ଜଣା ନାହିଁ । ଏଚ୍.ଏନ୍ ବାନାର୍ଜୀ ଏକ ବାଳିକାର ପୁନର୍ଜନ୍ମ ଗବେଷଣା କରି ତା'ର ସତ୍ୟାସତ୍ୟ ଦୁନିଆକୁ ଜଣାଇଥିଲେ । ମଧ୍ୟପ୍ରଦେଶର ଛତ୍ରପୁରର ଏକ ନୈଷ୍ଠିକ ବ୍ରାହ୍ମଣ ପରିବାରରେ 'ସ୍ୱର୍ଣ୍ଣଲତା ମିଶ୍ର' ନାମକ ଏକ ଝିଅ ୧୯୪୮ ମସିହାରେ ଜନ୍ମଗ୍ରହଣ କରିଥିଲା । ସେ ଝିଅକୁ ଯେତେବେଳେ ତିନିବର୍ଷ ସେତେବେଳେ ସେ ଝିଅର ବାପା ସେଠାରୁ ୧୬୦ କିଲୋମିଟର ଦୂରରେ ଥିବା ନିଜର ବାସସ୍ଥଳି 'କାଟ୍ନେ' ନାମକ ସହରକୁ ତାଙ୍କ ଝିଅ ସହିତ ଯାଉଥିଲେ । ସେତେବେଳେ ସ୍ୱର୍ଣ୍ଣଲତା ମିଶ୍ର କାଟ୍ନେ ସହରର ଶିବାରୁ ଅଞ୍ଚଳରୁ ଗୋଟିଏ ଦିଗକୁ ପଡିଥିବା ରାସ୍ତାକୁ ତା'ର ବାପାକୁ ଦେଖାଇ, ସେଇ ରୋଡ୍‌ରେ ଗଲେ 'ଜୁରୁକୁଟିଆ' ଗାଆଁ ପଡିବ ବୋଲି କହିଥିଲା । କେତେବେଳେ ଘରୁ ବାହାରକୁ ଆସିନଥିବା ତିନିବର୍ଷର ଝିଅ ୧୬୦ କିଲୋମିଟର ଦୂରରେ ଥିବା ଆଉ ଏକ ଗାଆଁକୁ ପଡିଥିବା ରାସ୍ତାକୁ କିପରି ଚିହ୍ନିଲା ବୋଲି ବାପା ଆଶ୍ଚର୍ଯ୍ୟ ହୋଇଥିଲେ ।

ବାପା ଆଉ କିଛି କହିବା ପାଇଁ ତୁଣ୍ଡ ଖୋଲିଛନ୍ତି କି ନାଇଁ ସ୍ୱର୍ଣ୍ଣଲତା ତା'ର ବାପାକୁ କହିଲା ଯେ, ମୁଁ ସେହି ଜୁରୁକୁଟିଆ ଗାଆଁରେ

ରହୁଥିଲି, ମୋ' ନାଆଁ ବିୟା ପାଠକ୍, ମୋର ସ୍ୱାମୀ ଆଉ ଦୁଇଜଣ ପିଲା ଅଛନ୍ତି, ମୋ ସ୍ୱାମୀର ନାଆଁ ଚିନ୍ତାମଣି ପାଣ୍ଡେ, ମୋ' ଗଳାରେ ତୀବ୍ର ଜନ୍ତ୍ରଣା ହେଉଥିବାରୁ ଜବଲପୁର ସହରର ଡାକ୍ତର ଏସ୍.ସି.ଭରତ ଚିକିତ୍ସା କରିଥିଲେ, ହେଲେ ମୋ' ରୋଗ ବଢ ହୋଇ ମୁଁ ୧୯୩୯ରେ ମରିଯାଇଥିଲି । ଏହିଭଳି ସେ ଭଲରେ କଥା କହି ପାରୁନଥିବା ଭାଷାରେ କହିଥିଲା । ତା'କଥାକୁ ଅତି ଆଶଙ୍କିକର ଭାବରେ ଶୁଣୁଥିବା ତା'ର ବାପା ଝିଅର କଥାରେ କେତେ ସତ, କେତେ ମିଛ ଅଛି ବୋଲି ଜାଣିବାପାଇଁ ଜୁରୁକୁଟିଆ ଗାଆଁକୁ ଯାଇଥିଲେ । ସ୍ୱର୍ଣ୍ଣଲତା କହିବା ଅନୁସାରେ ତା'ର ଗତ ଜନ୍ମର ସ୍ୱାମୀ 'ଚିନ୍ତାମଣି ପାଣ୍ଡେଙ୍କୁ' ସାକ୍ଷାତ୍ କରିଥିଲେ ଏବଂ ନିଜ ଝିଅର ପୁନର୍ଜନ୍ମ କଥା କହିଥିଲେ । ସେତେବେଳେ ଚିନ୍ତାମଣି ତାଙ୍କ ସ୍ତ୍ରୀ ବିୟାପାଠକ୍ ୧୯୩୯ ମସିହାରେ ମରିଯାଇଥିଲା ବୋଲି ସ୍ୱର୍ଣ୍ଣଲତାର ବାପାଙ୍କୁ କହିଥିଲେ । ହେଲେ ୧୨ବର୍ଷ ତଳେ ମୃତ୍ୟୁବରଣ କରିଥିବା ତାଙ୍କ ସ୍ତ୍ରୀ ଯେ ସ୍ୱର୍ଣ୍ଣଲତା ହୋଇ ଜନ୍ମ ହୋଇଛି, ଏକଥା ସେ ବିଶ୍ୱାସ କଲେନାହିଁ । ତାପରେ କଥା ସାରା ମଧ୍ୟପ୍ରଦେଶରେ ବ୍ୟାପିଯାଇଥିଲା । ଶେଷରେ ଭାରତର ପ୍ରଖ୍ୟାତ ସାଇକଲଜିଷ୍ଟ୍ ଏଚ୍.ଏନ୍ ବାନାର୍ଜୀଙ୍କ ପାଖରେ ଏକଥା ପହଞ୍ଚିଥିଲା । ସ୍ୱର୍ଣ୍ଣଲତାର ପୁନର୍ଜନ୍ମର ସତ୍ୟାସତ୍ୟ ବିଷୟରେ ଜାଣିବାକୁ ଋହୁଁଥିବା ବାନାର୍ଜୀ ପ୍ରଥମେ ସ୍ୱର୍ଣ୍ଣଲତାକୁ ଭେଟି, ତା'ଗତ ଜନ୍ମର କୁଟୁମ୍ବ ସଭ୍ୟଙ୍କ ବାବଦରେ, ସେ ଗତ ଜନ୍ମରେ ରହୁଥିବା ଘର ବାବଦରେ ପଋରି ବୁଝି, ତା'ପରେ ଜୁରୁକୁଟିଆ ଗାଆଁକୁ ଯାଇଥିଲେ ଏବଂ ସ୍ୱର୍ଣ୍ଣଲତା କହିଥିବା ବିବରଣକୁ ତୁଳନା କରି, ସ୍ୱର୍ଣ୍ଣଲତା ଯାହା କହିଥିଲା ତାହା ସତ ବୋଲି, ସେ ଗତ ଜନ୍ମରେ ବିୟାପାଠକ୍ ଆଉ ଏବେ ସେ ସ୍ୱର୍ଣ୍ଣଲତା ହୋଇ ଜନ୍ମହୋଇଛି ବୋଲି ପ୍ରମାଣିତ କରିଥିଲେ । କିଛିଦିନ ବିତିବା ପରେ ସ୍ୱର୍ଣ୍ଣଲତାକୁ ୧୦ ବର୍ଷ ହେଲା । ଗତଜନ୍ମ ସ୍ମୃତିରେ ତା'ର ମାନସିକ ସ୍ଥିତି ଅସ୍ଥିର ହୋଇଥିଲା, ଏହି ସମୟରେ ଡାକ୍ତର ଷ୍ଟିଭେନ୍‌ସନ୍ ଇଣ୍ଡିଆ ଆସିଥିଲେ ।

ଷ୍ଟିଭେନ୍‌ସନ୍ ତାଙ୍କ ମିତ୍ର ବାନାର୍ଜୀଙ୍କ ଦ୍ୱାରା ସ୍ୱର୍ଣ୍ଣଲତାର ପୁନର୍ଜନ୍ମ ବାବଦରେ ଜାଣି ଅତି ଉତ୍ସାହିତ ହୋଇଥିଲେ, ସେହି ଉତ୍ସାହରେ ଷ୍ଟିଭେନ୍‌ସନ୍ ସ୍ୱର୍ଣ୍ଣଲତାର ଗତଜନ୍ମର ସ୍ୱାମୀ ଚିନ୍ତାମଣି ପାଣ୍ଡେଙ୍କୁ ଭେଟି, ସ୍ୱର୍ଣ୍ଣଲତା ରହୁଥିବା ଛତ୍ରପୁର ଆସି ସ୍ୱର୍ଣ୍ଣଲତାକୁ ମଧ୍ୟ ଭେଟିଥିଲେ । ସ୍ୱର୍ଣ୍ଣଲତା ତା'ର ଗତଜନ୍ମର ସ୍ୱାମୀ ଚିନ୍ତାମଣିଙ୍କୁ ଦେଖିବା କ୍ଷଣରେ ଲାଜେଇଯାଇ ତଳକୁ ମୁହଁ କରିଥିଲା । ଷ୍ଟିଭେନ୍‌ସନ୍ ପାଣ୍ଡେଙ୍କୁ ସ୍ୱର୍ଣ୍ଣଲତାର ପୁଣି ଥରେ ପରିଚୟ କରାଇଲେ । ସ୍ୱର୍ଣ୍ଣଲତା ଅନେକ କଥା କହୁଥିଲେ ମଧ୍ୟ ପାଣ୍ଡେ ତା'କୁ ତାଙ୍କର ଗତଜନ୍ମର ସ୍ତ୍ରୀ ବୋଲି ସ୍ୱୀକାର କରିନଥିଲେ, ତା' ଶୁଣି ସ୍ୱର୍ଣ୍ଣଲତା ପାଣ୍ଡେଙ୍କୁ ଗୋଟିଏ କଥା ପଚାରିଲା, ସେ ପାଣ୍ଡେଙ୍କୁ କହିଲା ଯେ, ମୁଁ ମୋ' ଆଲମାରୀରେ ଥିବା କପଡା ତଳେ ଯେଉଁ ୧୨୦୦ ଟଙ୍କା ରଖିଥିଲି ତାହା ଅମୁକ ଦିନ ତୁମେ ଚୋରି କରିନଥିଲ ? ସେତିକି କଥାରେ ପାଣ୍ଡେ ଆବାକ୍ ହୋଇଯାଇଥିଲେ । କେବଳ ଆମ ସ୍ୱାମୀ ସ୍ତ୍ରୀଙ୍କ ଛଡା ଆଉକାହାକୁ ଜଣା ନଥିବା ରହସ୍ୟ ୧୦ ବର୍ଷର ଝିଅ କିପରି ଜାଣିଲା ? ବୋଲି ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ଶେଷରେ ଛୋଟ ପିଲା ସ୍ୱର୍ଣ୍ଣଲତା ହିଁ ମୋର ଗତ ଜନ୍ମର ସ୍ତ୍ରୀ ଥିଲା ବୋଲି ସ୍ୱୀକାର କରିଥିଲେ । ଏହା ଦ୍ୱାରା ସ୍ୱର୍ଣ୍ଣଲତାର ପୁନର୍ଜନ୍ମ ହୋଇଛି ବୋଲି ଷ୍ଟିଭେନ୍‌ସନ୍‌ଙ୍କୁ ଶକ୍ତ ପ୍ରମାଣ ମିଳିଯାଇଥିଲା । ଏହିଭଳି ସ୍ୱର୍ଣ୍ଣଲତାରପୁନର୍ଜନ୍ମ କଥା ୧୯୫୦ ରୁ ୧୯୬୦ ମଧ୍ୟ କାଳରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା ।

ମଧ୍ୟପ୍ରଦେଶରେ ଜନ୍ମ ହୋଇଥିବା ସ୍ୱର୍ଣ୍ଣଲତାର ଜନ୍ମମରଣର ମଧ୍ୟକାଳଟି ନଅବର୍ଷର ବ୍ୟବଧାନରେ ଥିଲା । ବିୟାପାଠକ୍ ୧୯୩୯ରେ ମୃତ୍ୟୁବରଣ କରି ୧୯୪୮ରେ ସ୍ୱର୍ଣ୍ଣଲତା ଭାବରେ ଜନ୍ମ ହୋଇଥିଲା । ଗୋଟିଏ ସ୍ଥାନରେ ନଥାଇ ଆଉ ଗୋଟିଏ ସ୍ଥାନରେ ପହଞ୍ଚିଥିବା ସେ, ମଝିରେ ଥିବା ୯ବର୍ଷ କେଉଁଠାରେ ଥିଲା ? ବୋଲି ପ୍ରଶ୍ନ ନ ଆସି ରହି ପାରିବ ନାହିଁ । ବିୟାପାଠକ୍ ମୃତ୍ୟୁବରଣ କରି ସ୍ୱର୍ଣ୍ଣଲତା ଭାବରେ

ଜନ୍ମହେବା କାଳ କ'ଣ ସମସ୍ତଙ୍କ ମରଣ ଆଉ ଜନ୍ମର ବ୍ୟବଧାନ? ବୋଲି ପ୍ରଶ୍ନ କରି ଦେଖିଲେ, ନାଇଁ ବୋଲି ସମାଧାନରେ କହି ପାରିବା । ବହିର୍ଗତ ହୋଇଥିବା ପୁନର୍ଜନ୍ମକୁ ଦେଖିଲେ କାହାର ଦୁଇବର୍ଷ ତ କାହାର ୩ବର୍ଷ ଆଉକାହାର ୯ବର୍ଷ ବ୍ୟବଧାନରେ ପୁନର୍ଜନ୍ମ ହୋଇଛି । ଉଦାହରଣ ଭାବରେ ଆଉ ଏକ ପୁନର୍ଜନ୍ମ ବାବଦରେ ଜାଣିବା ।

ସର୍ବ ପ୍ରଥମ ଭାରତୀୟ ଅନ୍ତରୀକ୍ଷ ଯାତ୍ରୀଣି "କଳ୍ପନା ଚାଓଲା"ଙ୍କ ବାବଦରେ ପ୍ରାୟ ସମସ୍ତେ ଜାଣନ୍ତି । ଭାରତୀୟ ମହିଳାର ସାହାସ, ମେଧାଶକ୍ତିର ଚିହ୍ନଭାବରେ ସବୁଦିନ ପାଇଁ ରହିଯାଇଥିବା ପଞ୍ଜାବର କଳ୍ପନା ଚାଓଲା, ଆମେରିକାର ଅନ୍ତରୀକ୍ଷ ପରିଶୀଳନ ସଂସ୍ଥା ନାସା(NASA)ରେ କାର୍ଯ୍ୟ କରୁଥିଲେ । ଅନ୍ତରୀକ୍ଷ ଭିତରକୁ ପ୍ରୟୋଗ କରିଥିବା କଲମ୍ବିୟା ସ୍ପେସ୍‌ସିପ୍ ଇତର ପାଶ୍ଚାତ୍ୟ ଅନ୍ତରୀକ୍ଷ ଯାତ୍ରୀମାନଙ୍କ ସହିତ ଗବେଷୀକା କଳ୍ପନା ଚାଓଲା ମଧ୍ୟ ଯାତ୍ରା କରିଥିଲେ । କିଛିଦିନ ଆକାଶରେ ବିତାଇ ଗବେଷଣା ସଂପୂର୍ଣ୍ଣ ହେବାପରେ କଲମ୍ବିୟାସ୍ପେସ୍‌ସିପ୍ ଭୂପୃଷ୍ଟକୁ ପ୍ରତ୍ୟାବର୍ତ୍ତନ କରୁଥିଲା । ୨୦୦୩ ଫେବୃୟାରୀ ୧ ତାରିଖ ଦିନ ଆଉମାତ୍ର ୧୬ ମିନିଟ୍‌ରେ ଭୂପୃଷ୍ଟରେ ପହଞ୍ଚିଥା'ନ୍ତା, କିନ୍ତୁ ଦୁର୍ଭାଗ୍ୟ ବସତଃ ଅଭାବନୀୟ ପରିଣାମ ଦ୍ୱାରା ଆକାଶରେ ଅର୍ଥାତ୍ ଭୂପୃଷ୍ଟର ବାତାବରଣ ଭିତରକୁ ପ୍ରବେଶ କରୁଥିବା ସମୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ସେହି ଦୁର୍ଘଟଣାରେ ସେଥିରେ ଯାତ୍ରା କରୁଥିବା ସମସ୍ତ ଯାତ୍ରୀମାନେ ଛୋଟଛୋଟ ଖଣ୍ଡ ହୋଇ ମୃତ୍ୟୁବରଣ କଲେ । ଭାରତୀୟ ବ୍ୟୋମଗାମିନୀ କଳ୍ପନା ଚାଓଲା ମଧ୍ୟ ସେହି ଘୋର ପ୍ରମାଦରେ ପ୍ରାଣ ହରାଇଥିଲେ । ହେଲେ ସେ ପୁନର୍ବାର କିଛିଦିନ ଅନ୍ତରରେ ଭୂପୃଷ୍ଟରେ ଜନ୍ମଗ୍ରହଣ କରିଥିଲେ ।

କଳ୍ପନାଚାଓଲା ପୁଣି ଜନ୍ମହେବା ସମାଚାର (ଏସ୍.ବି.ଏନ୍ 7) ଚାନେଲ୍ ଓ ଇଣ୍ଡିଆଟୁଡେ ପତ୍ରିକା ପ୍ରଚାରକରି ସାରା ଦୁନିଆକୁ

ଜଣାଇଥିଲେ, ସେହି ବିବରଣକୁ ଦେଖିଲେ, ଉତ୍ତରପ୍ରଦେଶର 'ବୁଲନ୍ଦ ସହର' ନାମକ ଗ୍ରାମରେ 'ରାଜକୁମାର' ନାମକ ଜଣେ ସାଧାରଣ ଚାଷ-ମଜୁରିଆ ଭାବରେ କାର୍ଯ୍ୟ କରୁଥିବା ପରିବାରରେ କଳ୍ପନା ଚାଓଲା ଝିଅଟିଏ ହୋଇ ଜନ୍ମ ନେଇଥିଲେ । ୨୦୦୩ ମାର୍ଚ୍ଚ ୨୩ ତାରିଖରେ 'ଉପାସନା' ନାମରେ କଳ୍ପନାଚାଓଲା ଜନ୍ମ ହୋଇଥିଲେ । ଉପାସନା (କଳ୍ପନା ଚାଓଲା)କୁ ଯେତେବେଳେ ଚାରିବର୍ଷ ବୟସ ହେଲା ସେତବେଳକୁ ସେ କଥା କହିବା ଶିଖିଯାଇଥିଲା । କଥା କହିବା ଆରମ୍ଭ କରିଥିବା ଉପାସନା, ସେ ଗତଜନ୍ମରେ କଳ୍ପନା ଚାଓଲା ନାମକ ଅନ୍ତରୀକ୍ଷ ଗବେଷୀକା ଥିଲା, ତାଙ୍କ ବାପାଙ୍କ ନାଆଁ 'ବନାର୍ସି ଦାସ' ଥିଲା, ଚାରିବର୍ଷ ତଳେ ଅନ୍ୟ ଅନ୍ତରୀକ୍ଷ ଯାତ୍ରୀମାନଙ୍କ ସହ ମିଶି ଏକ ବିମାନରେ ଆକାଶରୁ ଓହ୍ଲାଇ ଆସୁଥିବା ବେଳେ, ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଯିବା କାରଣରୁ ସେ ସେଥିରେ ମୃତ୍ୟୁବରଣ କରିଥିଲା ବୋଲି କହିଥିଲା ।

ଗତଜନ୍ମର ବିବରଣକୁ ଠିକ୍ ଠିକ୍ କହୁଥିବା ଉପାସନା (କଳ୍ପନା ଚାଓଲା)ର ନାଆଁ କ୍ରମେ ସାରା ଉତ୍ତରପ୍ରଦେଶରେ ବ୍ୟାପିଗଲା । ଆଜିର ଉତ୍ତରପ୍ରଦେଶର 'ଏଡ୍ୱା' ଜିଲ୍ଲାର 'ପଠା' ନାମକ ଗ୍ରାମରେ ମଜୁରିଆ କାର୍ଯ୍ୟ କରୁଥିବା ପିତା ରାଜକୁମାର ସହିତ ବଞ୍ଚୁଥିବା ଉପାସନାର ଇଣ୍ଟରଭ୍ୟୁ ନେବାପାଇଁ ଇଣ୍ଟରନ୍ୟାସ୍‌ନାଲ୍ ମିଡିଆ ପ୍ରତିନିଧିମାନେ ଆସିଥିଲେ । ସେମାନଙ୍କୁ ସେ କହିଥିଲା ଯେ, ଆମେ ଭୂପୃଷ୍ଠକୁ ଫେରି ଆସୁଥିବା ସମୟରେ ଆମ ଅନ୍ତରୀକ୍ଷ ଯାନଟି ଆକାଶରେ ଥିବା ବେଳେ, ଆକାଶରେ ସଞ୍ଚରଣ କରୁଥିବା ଏକ ବଡ ଗୋଲାକାର ବରଫଖଣ୍ଡ ଆସି ଆମ ଯାନରେ ଧକ୍କା ହୋଇଥିଲା, ସେଥିଲାଗି ଆମ ଅନ୍ତରୀକ୍ଷ ଯାନଟି ବ୍ଲାଷ୍ଟ୍ ହୋଇଗଲା ଏବଂ ସେଥିରେ ଥିବା ଆମେ ସମସ୍ତେ ମୃତ୍ୟୁବରଣ କରିଥିଲୁ । ୨୦୦୩ ଫେବୃୟାରୀ ୧ ତାରିଖ ଦିନ ନାସା

କେନ୍ଦ୍ରର ପ୍ରତିନିଧିମାନେ ଅନ୍ତରୀକ୍ଷ ଯାନର ବାହାରପାଖରେ ଖଞ୍ଜା ଯାଇଥିବା ପ୍ଲେଟ୍ ଖସିଯାଇଥିବାରୁ ତାହା ଭୂ ବାତାବରଣରେ ପହଞ୍ଚିବା ସହିତ ଭୂ ବାତାବରଣର ଘର୍ଷଣ କାରଣରୁ ନିଆଁ ଲାଗି ବ୍ଲାଷ୍ଟ୍ ହୋଇଯାଇଥିଲା ବୋଲି କହିଥିଲେ, କିନ୍ତୁ ନାସା ପ୍ରତିନିଧିମାନେ କହୁଥିବା ଅନୁସାରେ ସେଠାରେ ତାହା ଘଟିନଥିଲା, ଆକାଶରେ ଭୂପୃଷ୍ଠରୁ ୭୦ କିଲୋମିଟର ଦୂରରେ ବୁଲୁଥିବା ଏକ ବରଫ ଗୋଳ ଆସି ଅନ୍ତରୀକ୍ଷ ଯାନ (ବିମାନ)ରେ ଧକ୍କା ହୋଇଥିବାରୁ ସେହି ଦୂର୍ଘଟଣାଟି ଘଟିଥିଲା । ଏହିଭଳି ଘଟିଥିବା ଘଟଣାର ପ୍ରତ୍ୟକ୍ଷସାକ୍ଷୀ କଳ୍ପନାଚାଓଲା (ଉପାସନା) ଏକଥା କହିଥିଲା ।

ଏଠାରେ ଧ୍ୟାନ ଦେବା ବିଷୟ ହେଉଛି ! ଆମେ ଆଗରୁ ଜଣାଇଥିବା ସ୍ୱର୍ଣ୍ଣଲତା ମିଶ୍ରର ପୁନର୍ଜନ୍ମ ସମାଚାରରେ, ସ୍ୱର୍ଣ୍ଣଲତା ଗତ ଜନ୍ମରେ ୧୯୩୯ ମସିହାରେ ମୃତ୍ୟୁବରଣ କରି ୧୯୪୮ ମସିହାରେ ଜନ୍ମ ହୋଇଥିଲା । ତେଣୁ ଏଇ ଅନୁସାରେ ଆମେ କହି ପାରିବା ଯେ, ସ୍ୱର୍ଣ୍ଣଲତା ଦୀର୍ଘ ନଅବର୍ଷ ବ୍ୟବଧାନରେ ଜନ୍ମ ହୋଇଥିବା ସ୍ଥଳେ, କଳ୍ପନା ଚାଓଲା ଉପାସନାଭାବରେ ଜନ୍ମହେବାକୁ ମାତ୍ର ଏକମାସ ୨୨ ଦିନର ବ୍ୟବଧାନ ରହିଥିଲା । ଏପର୍ଯ୍ୟନ୍ତ ଆମେ କହିଥିବା ପୁନର୍ଜନ୍ମ ସମାଚାରରେ ସେମାନେ ମୃତ୍ୟୁବରଣ କରିଥିବା କାଳ ଏବଂ ପୁନର୍ବାର ଜନ୍ମହେବା କାଳର ବ୍ୟବଧାନ କିଛିବର୍ଷ ଆଉ କିଛିମାସ ହୋଇ ରହିଛି । ୨୯ ବର୍ଷ ବୟଷର ଆମେରିକାନ୍ ନ୍ୟାଭି ଫାଇଟର୍ ପାଇଲଟ୍ 'ଜେମ୍ସ ହୋଷ୍ଟନ୍' ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଜାପାନ ସହିତ ଯୁଦ୍ଧ କରୁଥିବା ସମୟରେ, ୧୯୪୫ ମାର୍ଚ୍ଚ ୩ ତାରିଖରେ ପସିଫିକ୍ ସମୂଦ୍ର ଉପରେ ବିମାନ ଚଳାଉଥିବା ବେଳେ ତାଙ୍କ ବିମାନକୁ ଜାପାନର ଅର୍ସେରୀ ବିଭାଗର ଲୋକମାନେ ଫାୟାରିଂ କରିଦେଇଥିଲେ, ଯଦ୍ୱାରା ଜେମ୍ସ ହୋଷ୍ଟନ୍ ନିଜେ ଚଳାଉଥିବା ଯୁଦ୍ଧବିମାନ ସହିତ ଖଣ୍ଡଖଣ୍ଡ ହୋଇ ପସିଫିକ୍ ସମୂଦ୍ରରେ ମିଶିଯାଇଥିଲେ । ତା'ପରେ ୧୯୯୮ ମସିହାରେ ଜେମ୍ସ ହୋଷ୍ଟନ୍ ପୁଣି 'ଜେମ୍ସ ଲେନିଞ୍ଜର୍' ଭାବରେ

ଜନ୍ମ ହୋଇଥିଲେ । ହୋଷ୍ଟନ୍‌ଙ୍କ ମୃତ୍ୟୁବରଣ କରିବା ଆଉ ଲେନିଞ୍ଜର୍ ଜନ୍ମ ହେବା ବ୍ୟବଧାନ ଥିଲା ଦୀର୍ଘ ୫୩ ବର୍ଷ । କଳ୍ପନା ଚାଓଲା କେବଳ ୫୨ ଦିନରେ ପୁଣି ଉପାସନା ହୋଇ ଜନ୍ମ ହେବାବେଳେ, ସ୍ୱର୍ଣ୍ଣଲତା ନଅବର୍ଷ ବ୍ୟବଧାନରେ, ଲେନିଞ୍ଜର୍ ୫୩ବର୍ଷ ବ୍ୟବଧାନରେ ଜନ୍ମ ହୋଇଥିଲେ । ଲେବନାନ୍ ଦେଶର ହୋସନ୍ ମୃତ୍ୟୁବରଣ କରିବାର ମାତ୍ର ୧୦ ଦିନ ଅନ୍ତରରେ ସୁଜନ୍ନେଗାନେମ୍ ହୋଇ ଜନ୍ମ ହୋଇଥିଲେ । ଏବେ ଏଠାରେ ପ୍ରଶ୍ନ ଆସେ ଯେ, ଦ୍ୱିତୀୟ ଜନ୍ମକୁ ସେମାନେ ଆସିବା ଆଗରୁ କ'ଣ ହୋଇ ରହିଥିଲେ ? କେଉଁଠାରେ ଥିଲେ ? ଏକଥା ବିଚାର କଲେ, ଆମ ତରଫରୁ ଆସୁଥିବା ସମାଧାନକୁ ନିମ୍ନମତେ ଦେଖନ୍ତୁ ।

ମଣିଷର ଶରୀର ଦୁଇଭାଗ ହୋଇ ରହିଛି, ତାହା ସ୍ଥୁଳ ଏବଂ ସୂକ୍ଷ୍ମ ବୋଲି ଆମେ ଆଗରୁ ଜାଣିଛେ । ଏହି ସମ୍ବନ୍ଧୀୟ ବିଷୟ **"ମରଣ ରହସ୍ୟ"** ଆଉ **"ଜନନ ମରଣ ସିଦ୍ଧାନ୍ତ"** ନାମକ ଗ୍ରନ୍ଥରେ ମଧ୍ୟ ଲେଖାଯାଇଛି, ସେଥିରେ ଥିବା ସମାଚାର ଅନୁସାରେ ଜଣେ ମଣିଷ ସ୍ଥୁଳଭାବରେ ମୃତ୍ୟୁବରଣ କଲେ ମଧ୍ୟ, ସୂକ୍ଷ୍ମଭାବରେ ବଞ୍ଚି ରହିଥାଏ, ସେ ସଂପୂର୍ଣ୍ଣ ମୃତ୍ୟୁବରଣ କରି ନାହିଁ, ମୃତ୍ୟୁବରଣ କରିବା ପାଇଁ ଆଉ କିଛିକାଳ ବାକି ରହିଛି ବୋଲି ସେଥିରେ ଜଣାଇଛୁ । ତା'ଛଡା ଜଣେ ମଣିଷ ମୃତ୍ୟୁବରଣ କଲେ ମଧ୍ୟ, ତାହା ତା'ର ସ୍ଥୁଳମରଣ ହେଲେ ମଧ୍ୟ, ତାତ୍କାଳିକମରଣ ହୋଇଥିବାରୁ ସେ ପୁଣି ସେହି ସ୍ଥୁଳଶରୀରରେ ବଞ୍ଚିପାରିବା ସୁଯୋଗ ରହିଛି । ଏଭଳି ଅନେକ ଲୋକ ମୃତ୍ୟୁବରଣ କରିବା ପରେ ପୁନର୍ବାର ଜୀବିତ ହୋଇଥିଲେ ବୋଲି ଅନେକ ଦୃଷ୍ଟାନ୍ତ ରହିଛି । ଜଣେ ମଣିଷ (ଏକ ଜୀବ) ତା'ର ସ୍ଥୁଳ ଏବଂ ସୂକ୍ଷ୍ମଶରୀରକୁ ଛାଡି ଚାଲିଯିବା ବେଳେ, ତାହା ତା'ର ସଂପୂର୍ଣ୍ଣମରଣ ଭାବରେ ହିସାବ ହୋଇଥାଏ । ଯାହାର ସଂପୂର୍ଣ୍ଣ ମରଣ ହୋଇଯାଇଛି ସେ ଏକ କ୍ଷଣ (ସେକେଣ୍ଡ୍) ମଧ୍ୟ ଆଳସ୍ୟ ନକରି ଜନ୍ମ ହୋଇଥାଏ, ଏକଥା ବହୁଶା ଅନେକଙ୍କୁ ଜଣା ନାହିଁ । ମରଣ

ତିନିପ୍ରକାରର ୧) କାଳମରଣ ୨) ଅକାଳମରଣ ୩) ତାତ୍କାଳିକମରଣ । ସ୍ଥୁଳଶରୀର ମୃତ୍ୟୁବରଣ କରି ସୂକ୍ଷ୍ମଶରୀର ବଳକା ରହିଥିଲେ ତାହା ଅକାଳମରଣ ହୋଇଥାଏ । ସ୍ଥୁଳଶରୀର ଏବଂ ସୂକ୍ଷ୍ମଶରୀର ଦୁଇଟିଯାକ ମୃତ୍ୟୁବରଣ କରିଥିଲେ ତାହା ମରଣ ହୋଇଥାଏ, ଏହା ହିଁ କାଳମରଣ ବା ସଂପୂର୍ଣ୍ଣମରଣ । ଶରୀରରେ ଜୀବାତ୍ମା ରହିଥିବା ବେଳେ ଆତ୍ମା ତା'ର କାର୍ଯ୍ୟକୁ ବନ୍ଦ କରିଦେଲେ ଶରୀରର ଶ୍ୱାସ ସ୍ଥିର ହୋଇ ରହିଯାଏ, କିନ୍ତୁ ଏହା ମଧ୍ୟ ମରଣ ନୁହେଁ, ଆତ୍ମା ଇଚ୍ଛା କଲେ କୌଣସି ସମୟରେ ସେହି ଶରୀର ପୁଣି ଶ୍ୱାସ ପ୍ରଶ୍ୱାସ ନେଇ ଚଳପ୍ରଚଳ କରିପାରେ । ଏହା ଏକ ମରଣ ନହେଲେ ମଧ୍ୟ ସମସ୍ତେ ଏହି ସ୍ଥିତିକୁ ମରଣ କହୁଥିବାରୁ ଏହାକୁ ଆମେ ତାତ୍କାଳିକମରଣ କହିଛୁ ।

ସ୍ୱର୍ଣ୍ଣଲତା, ଜେମ୍ସ ଲେନିଞ୍ଜର୍, କଳ୍ପନା ଚାୱଲା, ହୋସନ୍ ଇତ୍ୟାଦି ବ୍ୟକ୍ତିମାନେ ପ୍ରଥମେ ମୃତ୍ୟୁବରଣ କରିବା ବେଳେ ସମ୍ପୂର୍ଣ୍ଣମରଣ ପାଇ ନଥିଲେ । ସେମାନେ ମୃତ୍ୟୁବରଣ କରିଥିଲେ ମଧ୍ୟ ସେମାନଙ୍କର ସ୍ଥୁଳଶରୀର ମୃତ୍ୟୁବରଣ କରି, ସୂକ୍ଷ୍ମଶରୀରରେ ରହିଥିବାରୁ ତାହା ସେମାନଙ୍କର ଅକାଳମରଣ ବୋଲି କହି ପାରିବା । ସେଥିଲାଗି ସେମାନଙ୍କର ସମ୍ପୂର୍ଣ୍ଣ ମରଣ ହେବାପାଇଁ ସେମାନଙ୍କ କର୍ମ ଅନୁସାରେ କେତେ ଦିନ, କେତେ ମାସ କିମ୍ବା କେତେ ବର୍ଷ ଲାଗିଥାଇ ପାରେ । ସେହିଭଳି ସ୍ୱର୍ଣ୍ଣଲତା ମୃତ୍ୟବରଣ କରିବାର ନଅମାସ ପରେ, ଲେନିଞ୍ଜର୍ ୫୩ବର୍ଷ ପରେ, କଳ୍ପନା ଚାୱଲା ୫୨ଦିନ ପରେ, ହୋସନ୍ ୧୦ଦିନ ପରେ ସଂପୂର୍ଣ୍ଣ ଭାବରେ ମୃତ୍ୟୁବରଣ କରି ପୁନର୍ବାର ଜନ୍ମ ପାଇଥିଲେ । ସେତେବେଳ ଯାଏ ସେମାନେ ସେମାନଙ୍କର ପ୍ରଥମ ଜନ୍ମରେ ଥିଲେ ବୋଲି ହିସାବ କରି ପାରିବା ।

ଆମେ ଆଧାତ୍ମିକ ଜାଣିଛୁ ବୋଲି କହୁଥିବା କେତେକ ଲୋକେ, ମଣିଷ ମୃତ୍ୟୁବରଣ କରିବା ପରେ ସାଙ୍ଗେ ସାଙ୍ଗେ ଜନ୍ମ ହୁଅନ୍ତି ନାହିଁ,

କରିଥିବା ପାପକୁ ସେମାନେ ଅନୁଭବ କରିବାପାଇଁ ପ୍ରଥମେ ନରକକୁ ଯାଇଥା'ନ୍ତି, ପାପ ସରିଯିବା ପରେ ସେମାନଙ୍କର ଥିବା ପୁଣ୍ୟକୁ ଅନୁଭବ କରିବାପାଇଁ ସ୍ୱର୍ଗପୁରକୁ ଯାଇ ସେଠାରେ ସୁଖ ଅନୁଭବ କରି, ପୁଣ୍ୟଫଳ ଶେଷ ହୋଇଯିବା ପରେ ପୁଣି ବ୍ରହ୍ମାଙ୍କ ପାଖକୁ ଯାଇ, ତାଙ୍କ ପାଖରେ ନୂଆ କର୍ମ ଲେଖାଇ ସେଠାରୁ ଫେରି କାଳ ବିଳମ୍ବ ନକରି ଜନ୍ମ ହୋଇଥା'ନ୍ତି । ସେଥିଲାଗି ସେମାନେ ମୃତ୍ୟୁବରଣ କରିବା ପରେ ଜନ୍ମ ହେବାପାଇଁ କିଛି ସମୟ ବିଳମ୍ବ ହୋଇଥାଏ ବୋଲି କହୁଛନ୍ତି । ଜୀବାତ୍ମା କାହିଁକି ବିଳମ୍ବରେ ଜନ୍ମହୁଏ ବୋଲି ସେମାନେ କହୁଥିବା କାହାଣୀ ଶୁଣିବା ପାଇଁ ଭଲଲାଗେ ସିନା ସତ୍ୟ ନୁହେଁ, ଏହି ବିଷୟର ଶାସ୍ତ୍ରବଦ୍ଧତା ନାହିଁ । ସ୍ୱର୍ଗ, ନରକ ମଣିଷର ଜୀବନ ଭିତରେ ରହିଛି ସିନା ମଣିଷ ମରିଯିବା ପରେ ସେଠାକୁ ଯାଇ ନଥାଏ । ଆଧ୍ୟାତ୍ମିକବେତ୍ତାମାନେ ଏଇଠାରେ ହିଁ ଭୂଲ୍ ବୁଝିଥା'ନ୍ତି । କେବଳ ଇନ୍ଦୁ (ହିନ୍ଦୁ)ମତ ବ୍ୟତୀତ ଅନ୍ୟ ମତ (ଧର୍ମ)ଗୁଡିକରେ ମଧ୍ୟ ଏଇ ସ୍ୱର୍ଗ ନରକ ବିଷୟରେ ଭ୍ରମିତ ହୋଇଛନ୍ତି । ଏଇଠାରେ ହିଁ ସମସ୍ତେ କିଛି ଆଲୋଚନା କରିବା ବିଷୟ ରହିଛି । ଗତଜନ୍ମର ବିଷୟକୁ କହି ପାରିଥିବା ମଣିଷମାନେ ଅଛନ୍ତି ସିନା, ମରିଯିବା ପରେ ସ୍ୱର୍ଗ କିମ୍ବା ନରକକୁ ଯାଇ, ସେଠାରୁ ଫେରି ଆସି, ସେଠିକାର ବିଷୟ କହିଥିବା କୌଣସି ଲୋକ ନାହାନ୍ତି । କଳ୍ପନା ଚାୱଲା, ସ୍ୱର୍ଣ୍ଣଲତା, ଜେମ୍ସ ଲେନିଞ୍ଜର ଇତ୍ୟାଦି ବ୍ୟକ୍ତିମାନେ ବିଭିନ୍ନ କାଳ ବ୍ୟବଧାନରେ ପୁନର୍ଜନ୍ମ ପାଇଥିଲେ । ସେମାନଙ୍କ ମଧ୍ୟରେ ୫୩ ବର୍ଷ ପରେ ଜନ୍ମ ହୋଇଥିବା ଲେନିଞ୍ଜର୍, ୯ବର୍ଷ ପରେ ଜନ୍ମ ହୋଇଥିବା ସ୍ୱର୍ଣ୍ଣଲତା, ୫୨ଦିନ ପରେ ଜନ୍ମ ହୋଇଥିବା କଳ୍ପନା ଚାୱଲା, ମାତ୍ର ୧୦ଦିନ ବ୍ୟବଧାନରେ ଜନ୍ମ ହୋଇଥିବା ହୋସନ୍ ଇତ୍ୟାଦି ବ୍ୟକ୍ତିମାନେ ସ୍ୱର୍ଗକୁ କି ନର୍କକୁ ଯାଇଥିବା କଥା କହି ନାହାନ୍ତି । ତେଣୁ ସବୁ ବିଷୟକୁ ଅନ୍ଧଭାବରେ ଗ୍ରହଣ ନକରି କିଛି ବିଚାର କରି ଗ୍ରହଣ କରିବାକୁ ଇଚ୍ଛା କଲେ ବାସ୍ତବ କଥା କ'ଣ ଜାଣି ପାରନ୍ତେ । ମରଣ ପରେ ସ୍ୱର୍ଗ କିମ୍ବା

ନରକ ନାହିଁ, ତାଛଡା ଥିବା କଥା ଅସତ୍ୟ ବୋଲି କହିବାପାଇଁ ଅନେକ ଆଧାର ମଧ୍ୟ ରହିଛି । ସେହିଭଳି ସ୍ୱର୍ଗ ନରକକୁ ମଣିଷ ତା'ର ଜୀବନରେ ଅନୁଭବ କରୁଛି ବୋଲି କହିବାକୁ ମଧ୍ୟ ଅନେକ ଆଧାର ରହିଛି ।

ମୋତେ ୧୦ କିମ୍ବା ୧୧ ବର୍ଷ ହୋଇଥିବା ବେଳେ ଏକ ଘଟିଥିବା ଘଟଣା ମୋର ଭଲ ଭାବରେ ମନେ ଅଛି । ତାହା ହେଉଛି, ଜଣେ ଲୋକ ମାନସିକ ଭାବରେ ଅନ୍ୟ ସବୁ ଦିଗରୁ ସଂପୂର୍ଣ୍ଣ ସୁସ୍ଥ ଥିଲେ ମଧ୍ୟ, କେବଳ ଅମାବାସ୍ୟା ଆଉ ପୂର୍ଣ୍ଣମୀ ଦିନରେ ସେ ପାଗଳ ହୋଇଯାଉଥିଲା, ସେଦିନ ସେ ଘରେ ନରହି, ବଜାରରେ ବିନା କାରଣରେ ପାଟିକରି ବୁଲୁଥିଲା, ତା'ର ନିଜ ଲୋକମାନେ ତା'କୁ ଜବରଦସ୍ତ ଘରେ ରଖିଲେ ମଧ୍ୟ ସେହି ଦୁଇଦିନ ସେ କୌଣସି ସୂତ୍ରରୁ ଖସି ପଳାଉଥିଲା, ସେ ପାଟିକରି (ଗର୍ଜନକରି) ବୁଲୁଥିବା ବେଳେ ତା'ମୁଖରୁ ଅଧିକ ଲାଳ ଝରୁଥିଲା । ଏମିତି ଦିନେ ବଜାର ଭିତରେ ଅମାବାସ୍ୟା ଦିନ ଅନାରୋଗ୍ୟ କାରଣରୁ ସେ ମୃତ୍ୟୁବରଣ କଲା, ସେ ଯେଉଁଦିନ ଯେଉଁ ସମୟରେ ମୃତ୍ୟୁବରଣ କଲା ସେଦିନ ସେ ରହୁଥିବା ଗଳିରେ ଏକ ଝିଅ ଜନ୍ମହେଲା, ହେଲେ ଅଧଘଣ୍ଟା ଯାଏ ତାର ପ୍ରାଣ ଆସିନଥିଲା । ଝିଅଟି ତା'ମାଆର ଗର୍ଭରେ ଆଗରୁ ମରିଯାଇଛି ବୋଲି ଭାବି ତା'କୁ ପୋତିଦେବା ପାଇଁ ଘରର ଲୋକମାନେ ବାହାରକୁ ଆଣିଲେ । ଠିକ୍ ସେହି ସମୟରେ ପାଗଳଟି ମୃତ୍ୟୁବରଣ କରିଥିଲା, ସେ ମୃତ୍ୟୁବରଣ କରିବା କ୍ଷଣରେ ଏତେବେଳ ଯାଏ ପ୍ରାଣ ନଥିବା ଝିଅଠାରେ ପ୍ରାଣ ଆସି, ଝିଅଟି କାନ୍ଦିବାକୁ ଲାଗିଲା ଏବଂ ସମସ୍ତେ ଖୁସିହୋଇ ଝିଅଟିକୁ ଘରକୁ ଆଣିଲେ । ଏସବୁ ମୁଁ ପ୍ରତ୍ୟକ୍ଷ ଭାବରେ ଦେଖିଥିବା ଘଟଣା । ତା'ପରେ ସେ ଝିଅକୁ ଚାରିବର୍ଷ ହେଲା ଆଉ ସେ ସେତେବେଳକୁ କଥା କହିବା ଶିଖିଯାଇ କହିଥିଲା ଯେ, ମୁଁ ଏଇ ଗଳିରେ ରହୁଥିଲି, ମୁଁ ପାଗଳ ଥିଲି, ମୁଁ ବଞ୍ଚିଥିବା ବେଳେ ଏଇ ଘରକୁ ମଧ୍ୟ ଅନେକ ଥର ଆସିଥିଲି । ତାଛଡା ଗତ ଜନ୍ମରେ ଥିବା ତା'ଘରର

ଲୋକମାନଙ୍କ ନାଆଁ ମଧ୍ୟ କହିଥିଲା । ସେତେବେଳେ ସେ ଝିଅ ଏମିତି କଥା କହିବା ତା'ବାପା ମାଆଙ୍କୁ ଭଲ ଲାଗୁନଥିଲା, ତାଙ୍କ ଝିଅ ଅମୂକ ବୋଲି ଜାଣିଲେ ନିଜର, ନିଜ ପିଲାର ମାନଇଜ୍ଜତ ଚାଲିଯିବା ଭଳି ହେବ ବୋଲି ଏକଥା ବାହାରକୁ ବହିର୍ଗତ ନକରି ଲୁଚାଇ ରଖିଥିଲେ । ସେମାନଙ୍କ ଘର ପାଖରେ ରହୁଥିବା ମୋତେ ଏକଥା ଜଣାଥିଲା । ପାଞ୍ଚଛଅମାସ ଧରି ସେ ଝିଅର ଗତ ଜନ୍ମ କଥା କେତେବେଳେ କେମିତି ମନେପଡୁଥିଲା ସିନା, ପୂର୍ବଜନ୍ମ କଥା ତା'ର ସବୁବେଳେ ମନେପଡୁ ନଥିଲା । ଛଅମାସ ପରେ ଆଉ ସେ ଝିଅର ଗତଜନ୍ମ ମନେପଡିଲା ନାହିଁ । ସେମାନଙ୍କ ଗଳିରେ ମରିଯାଇଥିବା ସେହି ପାଗଳ ଭୂତହୋଇ ସେ ଝିଅଠାରେ ଆସି ଏମିତି କଥାବାର୍ତ୍ତା କରୁଛି ବୋଲି ସମସ୍ତେ ଭାବୁଥିଲେ ସିନା, ସେହି ପାଗଳର ପୁଣି ଥରେ ପୁନର୍ଜନ୍ମ ହୋଇଛି ବୋଲି କେହି ଭାବୁ ନଥିଲେ । ସେତେବେଳେ ମୁଁ ମଧ୍ୟ ସେଇକଥା ଭାବୁଥିଲି । ହେଲେ ମୋର ବୟସ ବଢିବା ସହିତ ମୁଁ କିଛି ଆତ୍ମଜ୍ଞାନ ଅବଗାହନ କରିବା ପରେ ଜାଣି ପାରିଲି ଯେ, ସେହି ପାଗଳ ବ୍ୟକ୍ତିର ପୁନର୍ଜନ୍ମ ହୋଇଛି । ଏସବୁ କହିବାର କାରଣ ହେଉଛି ! ପାଗଳ ଲୋକଟି ମୃତ୍ୟୁବରଣ କରିବା କ୍ଷଣରେ ସେ ସେହି ଗଳିରେ ପୁଣି ଶିଶୁ ଭାବରେ ଜନ୍ମ ହୋଇଥିଲା । ତେଣୁ ଜଣାଯାଏ ଯେ, ଜଣେ ମୃତ୍ୟୁବରଣ କରିବା ପରେ ସାଙ୍ଗେସାଙ୍ଗେ ପୁଣି ଜନ୍ମ ହୋଇପାରେ ।

ଭଗବଦ୍ଗୀତାରେ ଭଗବାନ ଜୀର୍ଣ୍ଣ ବସ୍ତ୍ର ଛାଡି ମଣିଷ ନୂଆ ବସ୍ତ୍ର ଧାରଣ କରେ ବୋଲି କହିବା ଭଳି, ଗୋଟିଏ ଜୀବ ତା'ର ପୁରୁଣାଶରୀର ଛାଡି ନୂଆଶରୀର ଧାରଣ କରିଥାଏ । ସେଠାରେ ଭଗବାନ କହିଥିବା କଥା ଶାସ୍ତ୍ରବଦ୍ଧ ଏବଂ ଜୀବ ପାଇଁ ଧର୍ମବଦ୍ଧ ହୋଇ ରହିଛି । ଭଗବାନ କହିଥିବା ଭଳି ପୁନର୍ଜନ୍ମ ସ୍ମୃତି ଫେରି ଆସିଥିବା ବ୍ୟକ୍ତିମାନଙ୍କ ବିଷୟରେ ଶରୀରର ଧର୍ମ ପ୍ରମାଣିତ ହୋଇଛି । ପୁରୁଣା ବସ୍ତ୍ର ଛାଡି ନୂଆ ବସ୍ତ୍ର ଧାରଣ କରିବା ଭଳି କହିବାରେ, ମଣିଷର ଶତପ୍ରତିଶତ ପୁନର୍ଜନ୍ମ ରହିଛି ବୋଲି ଜାଣି

ହୋଇଯାଏ । ଗୀତାର ଅକ୍ଷରପରବ୍ରହ୍ମଯୋଗର ପଞ୍ଚମ ଏବଂ ଷଷ୍ଠ ଶ୍ଲୋକରେ ମରଣବେଳର ଶେଷ ସମୟରେ ଯିଏ ମୋତେ ସ୍ମରଣ କରି ମୃତ୍ୟୁବରଣ କରିଥାଏ ସେ ମୋତେ ହିଁ ପାଇଥାଏ । ମଣିଷ ଯେଉଁ ଯେଉଁ ଭାବକୁ ନେଇ ମୃତ୍ୟୁବରଣ କରିଥାଏ ପରଜନ୍ମରେ ସେହି ଭାବକୁ ପାଇଥାଏ । "ଈଶ୍ୱରଙ୍କୁ ସ୍ମରଣ କରି ଯେଉଁମାନେ ଦେହତ୍ୟାଗ କରିଥା'ନ୍ତି, ସେମାନେ ମୃତ୍ୟୁ ପରେ ଈଶ୍ୱରଙ୍କଠାରେ ମିଶିଯାଇଥା'ନ୍ତି । ଯେଉଁମାନେ ପ୍ରକୃତି ବିଷୟକୁ ସ୍ମରଣ କରୁଥାଇ ଦେହତ୍ୟାଗ କରିଥା'ନ୍ତି, ସେମାନେ ପୁନର୍ବାର ଏଇ ପୃଥିବୀରେ ହିଁ ଜନ୍ମଗ୍ରହଣ କରିଥା'ନ୍ତି" ବୋଲି ଭଗବାନ କହିଥିବା କଥା ପ୍ରମାଣିତ ହେଉଛି । ଏହିଭଳି ଭଗବଦ୍ଗୀତାର ଅନେକ ସ୍ଥାନରେ ମଣିଷର ପୁନର୍ଜନ୍ମ ରହିଛି ବୋଲି ଉଲ୍ଲେଖ ଅଛି । ପୁନର୍ଜନ୍ମ କହିଲେ ମୃତ୍ୟୁ ପରେ ପୁଣି ଜନ୍ମ ହେବା, ଏହି ବିଷୟ ଭଗବଦ୍ଗୀତାରେ କୁହାଯାଇଛି ।

ବ୍ରହ୍ମବିଦ୍ୟା ହୋଇଥିବା ଭଗବଦ୍ଗୀତା ଅନୁସାରେ ଏକ ଜୀବ ମୃତ୍ୟୁବରଣ କରିବା ପରେ ଜନ୍ମ ହୋଇଥାଏ, ଜନ୍ମହେବା ପରେ ପାପ ପୁଣ୍ୟଗୁଡ଼ିକୁ ଦୁଃଖ ସୁଖ ରୂପରେ ଅନୁଭବ କରିଥାଏ ବୋଲି ଜଣାଯାଉଛି । ଗୀତା କୁହାଯାଇଥିବା ଭାରତରେ, ବାଇବେଲ, କୋରାନ୍ କୁହାଯାଇଥିବା ଅନ୍ୟ ଦେଶ ଦୁଇଟିରେ ଏବଂ ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ଗୀତାରେ କୁହାଯାଇଥିବା ପୁନର୍ଜନ୍ମ ବିଷୟ ସତହୋଇ ରହିଛି ବୋଲି ଜଣାପଡ଼ିଛି । ଏହାଦ୍ୱାରା ଗୀତାବାଣୀ ପ୍ରପଞ୍ଚର ସବୁଦେଶ ପାଇଁ ଗ୍ରହଣୀୟ ବୋଲି ବୁଝାଯାଉଛି । ଘଟିଥିବା ପ୍ରତ୍ୟକ୍ଷ ସତ୍ୟ ଅନୁସାରେ ବାଇବେଲ୍, କୋରାନରେ ପୁନର୍ଜନ୍ମ ନାହିଁ ବୋଲି ଲେଖାଯାଇ ନାହିଁ, ଯଦି ସେଭଳି ଲେଖାଯାଇ ଥାଆନ୍ତା, ତେବେ ଦୈବବାଣୀର ବିରୁଦ୍ଧ ଭାବରେ ସେଭଳି ଘଟଣାମାନ କାହିଁକି ଘଟିଥାଆନ୍ତା ବୋଲି ଚିନ୍ତା କରିବା ଉଚିତ୍ । ଘଟିଥିବା ପ୍ରତ୍ୟକ୍ଷ ପ୍ରମାଣ ଅନୁସାରେ, ପ୍ରତ୍ୟେକ ଗ୍ରନ୍ଥରେ ଯାହା କୁହା ଯାଇଛି ତାହା କହିଥିବା ବ୍ୟକ୍ତି ଜଣେ ଏବଂ ପ୍ରବକ୍ତାମାନେ କହିଥିବା ଜ୍ଞାନ ମଧ୍ୟ ଗୋଟିଏ

ବୋଲି ଜଣାପଡିବା ସହିତ ଯାହା କୁହାଯାଇଛି ତାହା ହିଁ ଘଟିଛି ଆଉ ସେହି ଅନୁସାରେ ପୁନର୍ଜନ୍ମ ରହିଛି ବୋଲି ସ୍ପଷ୍ଟ ଜଣା ପଡିଯାଉଛି । ତା'ଛଡା ପୁନର୍ଜନ୍ମ କୌଣସି ମତାବଲମ୍ବୀର ବ୍ୟତିରେକ ନୁହେଁ କହିବାପାଇଁ ପ୍ରମାଣ ଭାବରେ, ପ୍ରତ୍ୟେକ ମତରେ ପୁନର୍ଜନ୍ମ ହୋଇଥିବା ଭଳି, ସେମାନଙ୍କ ଭିତରୁ କେତେକଙ୍କଠାରେ ଗତଜନ୍ମର ସ୍ମୃତି ଫେରି ଆସିଥିବା ଭଳି ସତ୍ୟ କଥାକୁ ଗବେଷଣା କଲେ ବାସ୍ତବତା ବହିର୍ଗତ ହୋଇଯାଉଛି । ତା'ଛଡା ଜଣେ ମୁସଲ୍‌ମାନ୍ ଆଉ ଜଣେ ମୁସଲ୍‌ମାନ୍ ଘରେ ଜନହେବା କଥା ମଧ୍ୟ ପ୍ରମାଣିତ ହୋଇଯାଇଛି । ଜଣେ ଖ୍ରୀଷ୍ଟିଆନ୍ ଆଉଜଣେ ଖ୍ରୀଷ୍ଟିଆନ୍ ଘରେ, ଜଣେ ହିନ୍ଦୁ ଆଉ ଜଣେ ହିନ୍ଦୁର ଘରେ ଜନ୍ମହେବା କଥା ପ୍ରମାଣିତ ହୋଇଯାଇଛି ଏବଂ କୌଣସି ମତର ବ୍ୟକ୍ତି କୌଣସି ମତାବଲମ୍ବୀର ଘରେ ଜନ୍ମ ହୋଇପାରେ ବୋଲି ମଧ୍ୟ ପ୍ରମାଣିତ ହୋଇଯାଇଛି । ଏହି ଅନୁସାରେ କହିହୁଏ ଯେ, ମତ (ଧର୍ମ) କେବଳ ବଞ୍ଚିଥିବା ମଣିଷର, କିନ୍ତୁ ମୃତ୍ୟୁବରଣ କରିବା ପରେ ମତ କାହା ସାଥିରେ ଯାଇନଥାଏ, କୌଣସି ମତର ଲୋକ ମୃତ୍ୟୁ ପରେ କୌଣସି ମତରେ ଜନ୍ମ ଗ୍ରହଣ କରିପାରେ । ଜଣେ ପୂର୍ବ ଜନ୍ମରେ କୌଣସି ଅନ୍ୟ ମତର ହେଲେ ମଧ୍ୟ ମୃତ୍ୟୁ ପରେ ସେ ଯେଉଁ ମତରେ ଜନ୍ମ ହୁଏ ସେହି ମତର ବୋଲି ଭାବନା କରାଯାଏ । ମତ ବା ଯାହାକୁ ଅଜ୍ଞାନବଶତଃ ଧର୍ମ କୁହାଯାଏ ତାହା ମଣିଷ ସୃଷ୍ଟି କରିଛି ସିନା, ପରମାତ୍ମା ତିଆରି କରିନାହାନ୍ତି ବୋଲି ଜାଣିବାକୁ କିଛି ସନ୍ଦେହ ରହୁନାହିଁ । ପରମତକୁ ଘୃଣା କରିଥାଏ ମଣିଷ, କାରଣ ! ସେ ଯେଉଁ ମତରେ ଜନ୍ମ ହୋଇଥାଏ ସେହି ମତକୁ ମହାନ କରି କହିଥାଏ । ଉଦାହରଣ ଭାବରେ କହିଲେ, ହିନ୍ଦୁମତକୁ ଘୃଣା କରୁଥିବା ଜଣେ ଖ୍ରୀଷ୍ଟିଆନ ଯଦି ପର ଜନ୍ମରେ ହିନ୍ଦୁ ଘରେ ଜନ୍ମ ହୁଏ, ତେବେ ସେ ସେତେବେଳେ ଖ୍ରୀଷ୍ଟମତକୁ ଘୃଣା କରେ । ପରମତ ଦ୍ୱେଷର ପ୍ରଭାବ ଏହିଭଳି ଜନ୍ମ ଜନ୍ମାନ୍ତର ରହିଥାଏ । ଏହି ଅନୁସାରେ **ମତଗୁଡିକ ମଣିଷ ଜୀବନର ସୀମା ନିର୍ଦ୍ଧାରଣ କରିଥାଏ କିନ୍ତୁ, ମଣିଷ କେବେ ଜନ୍ମ ହେବାର ସୀମା ନିର୍ଦ୍ଧାରଣ କରିପାରେ ନାହିଁ** ବୋଲି ଜଣାପଡୁଛି ।

ତେଣୁ ଏକ ଜନ୍ମର ପରିମିତ ହୋଇଥିବା ମତ(ଧର୍ମ)କୁ ଛାଡି, ପ୍ରତ୍ୟେକ ଜନ୍ମର ସମ୍ପର୍କ ଥିବା ପରମାତ୍ମା (ଅଲ୍ଲାଃ ବା ଯହୋବା)ଙ୍କୁ ଜାଣିବା ଉଚିତ୍ ବୋଲି ଜଣାଉଛୁ ।

ପୁନର୍ଜନ୍ମ ବିଷୟରେ କିଛି ବିବରଣ ଏପର୍ଯ୍ୟନ୍ତ ଜାଣିଲେ । କୌଣସି ବ୍ୟକ୍ତି ତା'ର ପୁନର୍ଜନ୍ମ ବିଷୟରେ ଜାଣିବାକୁ ଚାହିଁଲେ ମଧ୍ୟ ତା'ର ଆତ୍ମା ତା'କୁ ନ ଜଣାଇବା ପର୍ଯ୍ୟନ୍ତ ସେ ଜାଣି ପାରିବ ନାହିଁ । ଆତ୍ମା ବ୍ୟତୀତ ପୁନର୍ଜନ୍ମ ବିଷୟ କେହି ଜଣାଇ ପାରିବେ ନାହିଁ । ଆତ୍ମା ଜୀବାତ୍ମାର କର୍ମ ଅନୁସାରେ କାର୍ଯ୍ୟ କରିଥାଏ ସିନା, ଜୀବର ଇଚ୍ଛାରେ କାର୍ଯ୍ୟ କରିନଥାଏ । ତେଣୁ କେହି ଇଚ୍ଛାକରି ଆତ୍ମାଠାରୁ ପୁନର୍ଜନ୍ମ ବିଷୟ ଜାଣି ପାରିବେ ନାହିଁ । ଶରୀରରେ ଆତ୍ମା ସ୍ୱତନ୍ତ୍ର । ଆତ୍ମା ତା'ର ଇଚ୍ଛା ଅନୁସାରେ ଜଣାଇଲେ ହିଁ ଗତଜନ୍ମ ବିଷୟ ଜଣା ପଡିଥାଏ । ତୁ ତୋ'ର ଆତ୍ମାକୁ ପୁଜା କରି ପଚାରିଲେ ମଧ୍ୟ, ଜୀବାତ୍ମା ହୋଇଥିବା ତୋକଥା ଆତ୍ମା ଶୁଣିବ ନାହିଁ । ତୋ' ଆତ୍ମାକୁ ତୋ'ର ପୁର୍ବଜନ୍ମ ବିଷୟରେ ସବୁକିଛି ଜଣାଥିଲେ ମଧ୍ୟ ଗତଜନ୍ମ ବିଷୟରେ ତୋତେ ତିଳେମାତ୍ର ଜଣାଇବ ନାହିଁ । ଆତ୍ମା ଏଭଳି ତୋ'କଥା ଶୁଣୁନଥିବା ବେଳେ, ପାଖରୁ ଆଉ କେହି ଯଦି ପଚାରେ ତା' କଥା କ'ଣ ଶୁଣିବ ? ତୋ'ପାଖ ପଡୋଶୀ ଦେଶର ରାଜା ହେଲେ ମଧ୍ୟ, ଦେଶର ସମ୍ରାଟ ହେଲେ ମଧ୍ୟ, ସାରା ପ୍ରପଞ୍ଚର ପ୍ରମୁଖ ବ୍ୟକ୍ତି ହୋଇଥିଲେ ମଧ୍ୟ କାହା କଥା ସେ ଶୁଣିବ ନାହିଁ । ତୋ'ଇଚ୍ଛା ଅନୁସାରେ କିମ୍ବା ଆଉ କାହା ଇଚ୍ଛା ଅନୁସାରେ ମଧ୍ୟ ଆତ୍ମା ତୋ'ପୁର୍ବ ଜନ୍ମ ବାବଦରେ ଜଣାଇବ ନାହିଁ । ଏଇଠାରେ କେତେକ ଏକ ପ୍ରଶ୍ନ ପଚାରିବାକୁ ସୁଯୋଗ ପାଇ ପାରନ୍ତି । ତାହା ହେଉଛି ! ଆଜିର କାଳରେ କେତେକ ଉନ୍ନତମାନର ପାଠ ପଢିଥିବା ଡାକ୍ତରମାନେ 'ପାଷ୍ଟ୍‌ଲାଇଫ୍ ରିଗ୍ରେଷନ୍ ଥେରପି' ସାହାଯ୍ୟରେ କେତେକଙ୍କର ପୁର୍ବଜନ୍ମ ବାବଦରେ କହି ପାରୁଛନ୍ତି । ତାହା କିପରି ସମ୍ଭବ

ହୁଏ ? ଆପଣ ଏ ବାବଦରେ କ'ଣ କହିବେ ବୋଲି ଆମକୁ ପଚାରି ପାରନ୍ତି । ସେଥିପାଇଁ ଆମ ସମାଧାନ ନିମ୍ନମତେ କହୁଛୁ ।

ଏଇ କିଛିଦିନ ତଳେ ମା' ଟିଭି ଚାନେଲ୍‌ରେ କିଛିଦିନ, ଏମ୍. ଡି.ପଢିଥିବା ଜଣେ ଡାକ୍ତର କେତେକଙ୍କ ଦ୍ୱାରା ସେମାନଙ୍କ ଅଜାଣତରେ ସେମାନଙ୍କର ଗତଜନ୍ମ ବିଷୟଗୁଡିକୁ କୁହାଇ ପାରୁଛନ୍ତି ବୋଲି ମୁଁ ଦେଖିଥିଲି, ଡାକ୍ତର ଜଣକ ପାଷ୍ଟ୍‌ଲାଇଫ୍ ରିଗ୍ରେଷନ୍ ଥେରପି ଦ୍ୱାରା ଅନ୍ୟମାନଙ୍କର ପୁର୍ବଜନ୍ମ ବିଷୟକୁ ମଧ୍ୟ ସେମାନଙ୍କ ଦ୍ୱାରା କୁହାଇ ହେବ ବୋଲି କହୁଥିବା ଶୁଣିଛି, ସେ ଜଣେ ଏମ୍.ଡି ପଢିଥିବା ଡାକ୍ତର ହୋଇଥିବାରୁ ତାଙ୍କ କଥାକୁ କେହି ମଧ୍ୟ ସହଜରେ ବିଶ୍ୱାସ କରିପାରିବେ । ଗୋଟିଏ ରୋଗ ନିବାରଣର ବୈଦ୍ୟବିଧିକୁ 'ଥେରପି' କହନ୍ତି । ମଣିଷର ଅନେକ ରୋଗ ରହିଛି । ସେହିଭଳି ସେଗୁଡିକୁ ନିବାରଣ କରିବା ପାଇଁ ଅନେକ 'ମେଡିକାଲ୍ ଥେରପି' ମଧ୍ୟ ରହିଛି । ଗତଜନ୍ମ କଥା କୁହାଇବା ମଧ୍ୟ କେତେକଙ୍କ ମତରେ ଏକ ବୈଦ୍ୟବିଧି । ସେଥିଲାଗି ବୋଧହୁଏ ଡାକ୍ତରମାନେ ତା'କୁ 'ପାଷ୍ଟ୍‌ଲାଇଫ୍ ରିଗ୍ରେଷନ୍ ଥେରପି' କହିଛନ୍ତି । ହାଇଦ୍ରାବାଦ୍‌ରେ ଦୁଇ ତିନିଜଣ ଡାକ୍ତର ଏଇ ପାଷ୍ଟ୍‌ଲାଇଫ୍ ରିଗ୍ରେଷନ୍ ଥେରପିଷ୍ଟ୍ ଭାବରେ ରହିଛନ୍ତି । ସେହିଭଳି ଏକ ବୋର୍ଡ ଲଗାଇଥିବା ଜଣେ ଡାକ୍ତରଙ୍କ ପାଖକୁ ଯାଇ ତାଙ୍କ ଥେରପିରେ କ'ଣ ସବୁ ହେଉଛି ବୋଲି ଜାଣିବାକୁ ଇଚ୍ଛାକଲୁ । ସାଙ୍ଗେ ସାଙ୍ଗେ ତାଙ୍କୁ ଫୋନ୍ କରି 'ଆଜ୍ଞା ମୋତେ ନିଦ ଆସୁନାହିଁ ଆପଣ ଆପଣଙ୍କୁ ଜଣାଥିବା ପଦ୍ଧତିରେ ମୋତେ ଭଲ ନିଦ ହେବା ଭଳି କରି ପାରିବେ କି ?' ବୋଲି ପଚାରିଲୁ । ସେତେବେଳେ ସେ 'ହଁ ହଁ ନିଶ୍ଚୟ କରି ପାରିବୁ, ହେଲେ ଆମ ଫିଜ୍ କେତେ ଆପଣ ଜାଣିଛନ୍ତି ତ !' ବୋଲି କହିଲେ । ଆପଣ କହିଲେ ସିନା ଜାଣିବୁ ବୋଲି ଆମେ କହିଲୁ, ତାପରେ ସେ ତାଙ୍କ ଫିଜ୍ ୫ହଜାର ଟଙ୍କା ବୋଲି

କହିଥିଲେ । ତା' ପରଦିନ ଆମେ ୫୦୦୦ ଟଙ୍କା ନେଇ ସେଠାକୁ ଗଲୁ ଆଉ ତାଙ୍କ ଫିଜ୍ ତାଙ୍କୁ ଦେଇ, ସେଠାରେ ସେ କେଉଁ ସବୁ ପଦ୍ଧତି ଉପଯୋଗ କରୁଛନ୍ତି ତାହା ଲକ୍ଷ୍ୟକଲୁ । ଜଣେ ସାଧାରଣ ବ୍ୟକ୍ତି ଭାବରେ ସେଠାକୁ ଯାଇଥିବା ମୋତେ ସେ କହିଲେ ଯେ, 'ଆପଣ ଏକ ସପ୍ତାହ ପର୍ଯ୍ୟନ୍ତ ନିୟମିତ ଆସନ୍ତୁ, ଆପଣଙ୍କ ନିଦ୍ରାହୀନତା ନିଶ୍ଚୟ ଦୂର ହୋଇଯିବ' । ସେହି ଦିନ ଆମେ ତାଙ୍କ ପାଖରେ ଦିନ ୧୧ଟା ବେଳୁ ଦ୍ୱିପ୍ରହର ଦୁଇଟା ପର୍ଯ୍ୟନ୍ତ ରହିଲୁ । ସେଠାରେ ଆମେ ଥିବାବେଳେ ଅନେକ ଲୋକ ଅନେକ ସମସ୍ୟା ନେଇ ଆସିଥିବା ଦେଖିଲୁ, ସେମାନଙ୍କ ଭିତରୁ ଜଣେ ତା'ର ଗତଜନ୍ମ କଥା ଜାଣିବା ପାଇଁ ଆସିଥିଲା । ସେହି ଡାକ୍ତର ସେ ବ୍ୟକ୍ତିଙ୍କ ଦ୍ୱାରା ତାଙ୍କ ଗତଜନ୍ମ କୁହାଇ ପାରିଥିବା ଆମେ ଅତି ପାଖରେ ବସି ଦେଖିଥିଲୁ, ତା'ଛଡା ସେ ଏଭଳି କିପରି କୁହାଇ ପାରୁଛନ୍ତି ତାହା ମଧ୍ୟ କ୍ରମେ ଜାଣି ପାରିଥିଲୁ ।

ସେହି ସନ୍ଦର୍ଭରେ ଆମେ ଯାହା ବୁଝିଲୁ ସେହି ଅନୁସାରେ ସେ ଡାକ୍ତରଙ୍କୁ କିଛି ପ୍ରଶ୍ନ କରିଥିଲୁ । ଆମେ କେବଳ ସର୍ବସାଧାରଣ ଜ୍ଞାନ ବାବଦରେ ତାଙ୍କୁ ପଚାରିଥିଲୁ ସିନା, ଗତଜନ୍ମ ବାବଦରେ ପଚାରି ନଥିଲୁ । ସେତେବେଳେ ସେ କହିଥିବା ସମାଧାନ ଅନୁସାରେ ତାଙ୍କୁ ସର୍ବସାଧାରଣ ଜ୍ଞାନ ମଧ୍ୟ ଜଣା ନାହିଁ ବୋଲି ଜାଣି ପାରିଥିଲୁ । ଆତ୍ମା କହିଲେ କ'ଣ ଜଣାନଥିବା, ଆତ୍ମଜ୍ଞାନ କ'ଣ ଜଣା ନଥିବା ସେ ମହାଶୟ ଆଉ ଜଣକର ଗତଜନ୍ମ ଅନୁଭୂତି କିପରି କୁହାଇ ପାରୁଛନ୍ତି ତାହା ଆମକୁ ଚକିତ କରିଦେଇଥିଲା । ସାଧାରଣତଃ ସ୍ୱାମିଜୀ ବେଶରେ କେତେକ ଲୋକ ଲୋକମାନଙ୍କୁ ଠକୁଥିବାବେଳେ, ସ୍ୱାମିଜୀ ବେଶ ନହୋଇ ଡାକ୍ତରଭାବରେ ରହି ନୂଆ ପାଷ୍ଟ୍‌ଲାଇଫ୍ ରିଗ୍ରେଷନ୍ ଥେରପି ନାଆଁରେ ଲୋକମାନଙ୍କୁ ଠକିବା, ନିଜକୁ ମହାନ ବୋଲାଇବା କଥା ଆମକୁ ବିଚିତ୍ର

ଲାଗୁଥିଲା, ସେମାନେ ଯାହା କରୁଛନ୍ତି ତାହା ଦୈବଜ୍ଞାନର ବିରୁଦ୍ଧ ଆଉ ଲୋକମାନଙ୍କୁ ଠକିବା, ଏକଥା ସେମାନଙ୍କୁ ଜଣା ଅଛି କି ନାଇଁ କିଏ ଜାଣେ, କିନ୍ତୁ ପ୍ରଜାମାନେ ସେମାନଙ୍କ ଦ୍ୱାରା ନିଶ୍ଚୟ ଠକାଇ ଯାଉଛନ୍ତି । ଜନସାଧାରଣଙ୍କୁ ସେମାନେ ଭ୍ରମିତ କରି ଠକୁଛନ୍ତି ବୋଲି ଆମେ କହୁଛୁ । କାହିଁକିନା ! ମଣିଷର ମନ ବୋଲି କିଛି ଗୋଟିଏ ରହିଛି ଆଉ ଆମେ ଜାଣିଛେ ଯେ, ସେହି ମନର ଦୁଇଟି କାର୍ଯ୍ୟ ମଧ୍ୟ ଅଛି । ସେହି ମନ କେତେକଙ୍କଠାରେ ବଳୁଆ, ଆଉ କେତେକଙ୍କର ବଳହୀନ । ମନ ସବଳ କି ଦୁର୍ବଳ ସାଇକଲଜିଷ୍ଟ୍‌ମାନେ ମୁଖ୍ୟତଃ ଚିହ୍ନି ପାରିଥା'ନ୍ତି । ସେମାନଙ୍କର ମନକୁ ସେମାନେ ନିଜର ଅଧିକାରରେ ରଖିପାରିଥା'ନ୍ତି । ନିଜ ଅଧିନରେ ଅନ୍ୟର ମନକୁ ରଖିବାକୁ ଆଜିର ନବୀନ ଭାଷାରେ "ହିପ୍ନୋଟାଇଜ୍" କହନ୍ତି । ଜଣକୁ ହିପ୍ନୋଟାଇଜ୍ କରି ପାରୁଥିବା ବ୍ୟକ୍ତି ସେହି ବ୍ୟକ୍ତିର ମନ ତାଙ୍କ (ହୋପ୍ନୋଟାଇଜ୍ କରୁଥିବା ଡାକ୍ତରର) ମନକଥା କହିବା, ତାଙ୍କ (ଡାକ୍ତରଙ୍କ) ପ୍ରଶ୍ନର ଉତ୍ତର ଦେବାଭଳି କରି ପାରନ୍ତି । ଏଠାରେ ସମସ୍ତେ ଧ୍ୟାନ ଦେବା ବିଷୟ ହେଉଛି ! କୌଣସି ପ୍ରଶ୍ନର ସମାଧାନ କହିବା କ୍ଷମତା, ବିଜ୍ଞତା କେବଳ ଶରୀରରେ ଥିବା ବୁଦ୍ଧିର ରହିଥାଏ, ମନର ଉତ୍ତର କହିବାର କ୍ଷମତା ନଥାଏ, ତେବେ ହିପ୍ନୋଟାଇଜ୍ ହୋଇଥିବା ଲୋକ ହିପ୍ନୋଟାଇଜ୍ କରିଥିବା ଲୋକ ପଚାରୁଥିବା ପ୍ରଶ୍ନର ଉତ୍ତର କିପରି ଦେଉଛି ? ବୋଲି ଆପଣମାନେ ମୋତେ ପଚାରି ପାରନ୍ତି । ଏହିଭଳି ପ୍ରଶ୍ନ ଆପଣମାନେ ପଚାରିବା ଉଚିତ୍ । ଏଭଳି ପ୍ରଶ୍ନ ଆସିବା ବେଳେ ହିଁ ସମାଧାନ ଶ୍ରଦ୍ଧାର ସହିତ ଶୁଣିବାକୁ ଇଚ୍ଛାହୁଏ ।

ହିପ୍ନୋଟାଇଜ୍ ନାକମ ଆଂଗ୍ଲ ଭାଷାର ଓଡିଆ ଅର୍ଥ ହେଉଛି 'ସମ୍ମୋହନ' । ଜଣେ ଲୋକ ଦ୍ୱାରା ସମ୍ମୋହିତ ହୋଇଥିବା ଲୋକ ସମ୍ମୋହିତ କରିଥିବା ଲୋକ ଯେପରି କହେ ସେପରି ଶୁଣିଥାଏ । ଏଠାରେ

ଜୀବର କୌଣସି ସମ୍ପର୍କ ନଥାଏ । ହିପ୍ନୋଟାଇଜ୍ (ସମ୍ମୋହିତ) ହୋଇଥିବା ଲୋକର ମନ, ହିପ୍ନୋଟାଇଜ୍ କରିଥିବା ବ୍ୟକ୍ତିର କଥା ଅନୁସାରେ ଅର୍ଥାତ୍ ଉଦ୍ଦେଶ୍ୟ ଅନୁସାରେ ଆଚରଣ କରିଥାଏ । ଜୀବକୁ କିଛି ଜଣା ନଥିବା ନିଦ୍ରା ଭଳି ସ୍ଥିତିରେ ରଖି, ତା'ର ମନକୁ ନିଜ ଅଧିନରେ ରଖିବା ହିପ୍ନୋଟାଇଜ୍ ବୋଲି ଟିକିଏ ବିଶୁଦ୍ଧଭାବରେ କହି ପାରିବା । ଶରୀରର ମନ କେବଳ ହିପ୍ନୋଟାଇଜ୍ ହେବା ଦ୍ୱାରା, ହିପ୍ନୋଟାଇଜ୍ ବେଳେ କ'ଣ କ'ଣ ସବୁ ହୋଇଛି ତାହା ଜୀବ ଜାଣିପାରେ ନାହିଁ କି ବୁଦ୍ଧିରେ ମଧ୍ୟ କିଛି ଆସି ନଥାଏ । ହିପ୍ନୋଟାଇଜ୍ ହୋଇଥିବା ବ୍ୟକ୍ତିର ମନ ହିପ୍ନୋଟାଇଜ୍ କରିଥିବା ବ୍ୟକ୍ତିର ଅଧିନରେ ରହିବା ଦ୍ୱାରା, ସେ ବାହାରକୁ ଶୁଣାଯିବା ଭଳି କହୁଥିବା କଥା ଅନୁସାରେ କିମ୍ବା ଭିତରେ ଶୁଣା ନଯାଇ କହୁଥିବା କଥା ଅନୁସାରେ ପରିଚାଳିତ ହୋଇଥାଏ । ଏହା ଭଲଭାବରେ ବୁଝାଯିବା ପାଇଁ ଏକ ଉଦାହରଣ କହୁଛି ଦେଖନ୍ତୁ । ହିପ୍ନୋଟାଇଜ୍ କରିଥିବା ବ୍ୟକ୍ତି ହିପ୍ନୋଟାଇଜ୍ ହୋଇଥିବା ବ୍ୟକ୍ତି ସହିତ ପାଖରେ ଥିବା ଲୋକମାନେ ଶୁଣି ପାରିବା ଭଳି ଗତଜନ୍ମରେ ତୁ କେତେବର୍ଷ ବଞ୍ଚିଲୁ ବୋଲି ପଚାରିଲା । ସେତେବେଳେ ହିପ୍ନୋଟାଇଜ୍ ହୋଇଥିବା ବ୍ୟକ୍ତି ଆଖି ବନ୍ଦକରି ରହିଥିବା ସ୍ଥିତିରେ, ପଚାରିଥିବା ପ୍ରଶ୍ନ ପାଇଁ 'ମୁଁ ଗତଜନ୍ମରେ ୬୦ ବର୍ଷ ବଞ୍ଚିଲି' ବୋଲି କହିଲା । ତୁ କେମିତି ମରିଗଲୁ ବୋଲି ପଚାରିଲେ 'ମୁଁ ପାଣିରେ ବୁଡି ମରିଗଲି ବୋଲି କହିଲା । ଏଠାରେ ପଚାରିଥିବା ଦୁଇଟି ପ୍ରଶ୍ନର ସମାଧାନକୁ ହିପ୍ନୋଟାଇଜ୍ ହୋଇଥିବା ବ୍ୟକ୍ତି କହିଲା । ପାଖରେ ବସି ଦେଖୁଥିବା, ଶୁଣୁଥିବା ଲୋକମାନେ ହିପ୍ନୋଟାଇଜ୍ କରିଥିବା ବ୍ୟକ୍ତି କେଉଁ ପ୍ରଶ୍ନ ପଚାରିଲା ତାହା ଜାଣିଛନ୍ତି ଆଉ ହିପ୍ନୋଟାଇଜ୍ ହୋଇଥିବା ବ୍ୟକ୍ତି କି ଉତ୍ତର ଦେଲା ତାହା ମଧ୍ୟ ଜାଣିଛନ୍ତି, ହେଲେ ଏଠାରେ କାହାକୁ ଜଣାନଥିବା କଥା ଆଉ ଗୋଟିଏ ଅଛି । ତାହା ହେଉଛି ! ମନର ଉତ୍ତରଦେ ବା କ୍ଷମତା ନାହିଁ, ଏକଥା ଆମେ ପୂର୍ବରୁ ମଧ୍ୟ କହିଛୁ ! ସେହି ଅନୁସାରେ

ହିପ୍ନୋଟାଇଜ୍ ହୋଇଥିବା ବ୍ୟକ୍ତି ସ୍ୱୟଂ ଉତ୍ତର କହି ନାହିଁ, ହେଲେ ଆମେ ଦେଖୁଥିବା ଶୁଣୁଥିବା ସ୍ଥିତିରେ ହିପ୍ନୋଟାଇଜ୍ ହୋଇଥିବା ବ୍ୟକ୍ତି ଉତ୍ତର ଦେଲା । ତା'ହେଲେ ସେ କେମିତି ଉତ୍ତର ଦେଲା ? ବୋଲି ବିଚାରକଲେ ! ଯିଏ ପ୍ରଶ୍ନ କରିଛି ସେ ହିଁ ହିପ୍ନୋଟାଇଜ୍ ହୋଇଥିବା ବ୍ୟକ୍ତି ଶରୀରର ମନ ଦ୍ୱାରା ଉତ୍ତର କହିବା ଭଳି କରାଇଛି । ଏକଥା କେମିତି ଲାଗୁଛିନା ! ମିମିକ୍ରି କରୁଥିବା ବ୍ୟକ୍ତି, ମୁଖ ଚାଳନା କରିପାରୁଥିବା ଭଳି ଏକ କଣ୍ଢେଇକୁ ସମସ୍ତଙ୍କୁ ଦେଖାଯିବା ଭଳି ନିଜ ପାଖରେ ରଖି, ତୁ କ'ଣ ଖାଇଛୁ ? ବୋଲି ସମସ୍ତଙ୍କୁ ଦେଖାଯିବା, ଶୁଣାଯିବା ଭଳି ପ୍ରଶ୍ନ କରିଥାଏ । ସେତେବେଳେ ସେ କଣ୍ଢେଇ ତା'ର ତୁଣ୍ଡ ଖୋଲି ମୁଁ ବ୍ରେଡ୍ ଖାଇଛି ବୋଲି ଉତ୍ତର ଦିଏ । ସେଠାରେ ଦେଖୁଥିବା ଲୋକମାନେ ମିମିକ୍ରି କରୁଥିବା ବ୍ୟକ୍ତି ପଚାରିଥିବା ପ୍ରଶ୍ନରେ କଣ୍ଢେଇ ଉତ୍ତର ଦେଉଛି ବୋଲି ଭାବିଥା'ନ୍ତି । ହେଲେ ମିମିକ୍ରିବାଲା ପ୍ରଶ୍ନ ପଚାରୁଛି ଆଉ ଉତ୍ତର ମଧ୍ୟ ମିମିକ୍ରିବାଲା ଦେଉଛି । ଏକଥା କାହାକୁ ଜଣା ନପଡିବା ଭଳି ସେ ଏକ କୌଶଳ ଦ୍ୱାରା ନିଜର ତୁଣ୍ଡ ଖୋଲିବା ଭଳି ଜଣାନପଡି ନିଜେ ପ୍ରଶ୍ନ କରି ନିଜେ ଉତ୍ତର କହୁଥିଲେ ମଧ୍ୟ ତାହା ଦେଖୁଥିବା ଆମେ ଜାଣିପାରୁ ନାହେଁ, କଣ୍ଢେଇ କହୁଛି ବୋଲି ଭାବୁଛେ । ମିମିକ୍ରିବାଲାର କଣ୍ଢେଇ କହିବା ଯେତିକି ସତ, ହିପ୍ନୋଟାଇଷ୍ଟ୍ ପାଖରେ ଆଖି ବନ୍ଦକରି ମଣିଷ କଥା କହିବା ମଧ୍ୟ ସେତିକି ସତ ।

ଏବେ ଆମକୁ ସୂତ୍ର ଜଣା ପଡିଗଲା । ସେହି ଅନୁସାରେ ଅନେକ ହିସାବ କରି ପାରିବା । ମିମିକ୍ରି ଆର୍ଟିଷ୍ଟ୍ ର କାର୍ଯ୍ୟର ତୁଳନା ଅନୁସାରେ ଯେଉଁମାନେ ହିପ୍ନୋଟାଇଜ୍ କରିଥା'ନ୍ତି ସେମାନେ ଅନ୍ୟମାନଙ୍କ ଦ୍ୱାରା କଥା କୁହାଇ ପାରୁଛନ୍ତି । ମିମିକ୍ରିବାଲା ପ୍ରଶ୍ନ କରି, ମିମିକ୍ରିବାଲା ନିଜେ ଉତ୍ତର ତିଆରି କରୁଥିବା ଭଳି, ହିପ୍ନୋଟାଇଜ୍ କରୁଥିବା ବ୍ୟକ୍ତିର ପ୍ରଶ୍ନ, ଉତ୍ତର ମଧ୍ୟ ତା'ର ହୋଇଥାଏ । ଯିଏ ମିମିକ୍ରି କରୁଛି ତା'ପାଖରେ ତୁଣ୍ଡ ଖୋଲି

ପାରୁଥିବା ଭଳି କଣ୍ଢେଇ ଥିବାବେଳେ, ହିପ୍ନୋଟାଇଜ୍ କରୁଥିବା ବ୍ୟକ୍ତି କିଛି ଜାଣିନପାରି କଥା କହୁଥିବା ମଣିଷ ଦ୍ୱାରା କଥା କୁହାଇଥାଏ । ମିମିକ୍ରିବାଲା ତା'ର ପ୍ରଶ୍ନକୁ ସମସ୍ତେ ଜାଣି ପାରୁଥିବା ଭଳି ପଚାରି ତା'ର ଉତ୍ତର ଗୋପନୀୟ ଭାବରେ କହି ପାରିବା ଭଳି, ହିପ୍ନୋଟାଇଜ୍ କରିଥିବା ବ୍ୟକ୍ତି ଆଖି ବନ୍ଦକରି ରହିଥିବା ବ୍ୟକ୍ତିର ତୁଣ୍ଡରୁ କୁହାଇଥାଏ । ଡାକ୍ତର ପାଖରେ ଆଖି ବନ୍ଦକରି ରହିଥିବା (ସମ୍ମୋହିତ ହୋଇ) ବ୍ୟକ୍ତି କିପରି କଥା କହେ ତାହା କେହି ବୁଝିବାକୁ ଚେଷ୍ଟା କରନ୍ତି ନାହିଁ । ତା'ଛଡା, ପ୍ରଶ୍ନ କରିଥିବା ବ୍ୟକ୍ତିର ମନୋଭାବ ସମ୍ବନ୍ଧୀୟ ଜବାବ ସମ୍ମୋହିତ ହୋଇଥିବା ମଣିଷ କହିଥାଏ ବୋଲି କେହି ଜାଣିପାରି ନଥା'ନ୍ତି । ପ୍ରଶ୍ନ ପଚାରୁଥିବା ବ୍ୟକ୍ତି ମହାନ ଡାକ୍ତର ହୋଇଥିବାରୁ ଏବଂ ସେମାନଙ୍କ ଠକାମିକୁ ପାଷ୍ଟ୍‌ଲାଇଫ୍ ରିଗ୍ରେଷନ୍ ଥେରପି ବୋଲି ନାଆଁ ଦେଇଥିବାରୁ ସମସ୍ତେ ତାହା ବିଶ୍ୱାସ କରିଥା'ନ୍ତି ।

ପାଷ୍ଟ୍‌ଲାଇଫ୍ ରିଗ୍ରେଷନ୍ ଥେରପି ଦ୍ୱାରା ଏଭଳି କରି ପାରୁଛୁ ବୋଲି କହୁଥିବା ଡାକ୍ତରମାନେ କୌଣସି ଆତ୍ମଜ୍ଞାନ ନଜାଣିବା ଦ୍ୱାରା, କୁହାଇ ପାରୁଥିବା କଥା ଅନୁସାରେ, କହୁଥିବା କଥା ଅନୁସାରେ ସେମାନଙ୍କ ଅଜ୍ଞାନତା ପଦାରେ ପଡିଯାଉଛି । ଆତ୍ମଜ୍ଞାନ ନଥିବା ଅନେକ ଲୋକଙ୍କୁ ବିଶ୍ୱାସ କରାଇହେବ ସିନା, ଆତ୍ମଜ୍ଞାନ ଥିବା କେହି ଜଣକୁ ମଧ୍ୟ ସେମାନଙ୍କ ଥେରପି ଦେଖାଇ ବିଶ୍ୱାସ କରାଇ ପାରିବେ ନାହିଁ । ସେଥିପାଇଁ ଆମେ ଦେଖିଥିବା ଗୋଟିଏ କଥା କହୁଛୁ ଶୁଣନ୍ତୁ । ତାହା ହେଉଛି, ମା ଟିଭିରେ ପ୍ରସାର ହେଉଥିବା ପାଷ୍ଟ୍‌ଲାଇଫ୍ ରିଗ୍ରେଷନ୍ ଥେରପି କଥା । ଜଣେ ଏମ୍.ଡି ଡାକ୍ତର ଜଣେ ମହିଳାଙ୍କୁ ଏକ ଉଚ୍ଚ ବେଞ୍ଚ ଉପରେ ଶୋଇବାକୁ କହି ସମସ୍ତେ ଦେଖିପାରିବା ଭଳି ହିପ୍ନୋଟାଇଜ୍ କଲେ । ସେତେବେଳେ ସେ ମହିଳାଜଣକ ଅପସ୍ମାରକ ସ୍ଥିତିକୁ (କିଛି ଜାଣି ନପାରିବା ସ୍ଥିତିକୁ)

ଚାଲିଗଲେ । ହେଲେ ସମ୍ମୋହନ କୌଶଳ ଦ୍ୱାରା ତାଙ୍କ ମନ ତାଙ୍କ ଶରୀରରୁ କଥା କହି ପାରୁଥିଲା । ଏହି ସମୟରେ ଡାକ୍ତର ମହାଶୟ ପ୍ରଶ୍ନ କରିବା, ସେହି ମହିଳାଜଣକ ଉତ୍ତର ଦେବା ମଧ୍ୟ ଟିଭିରେ ସମସ୍ତେ ଦେଖି ପାରୁଥିଲେ । ମହିଳାଜଣକ ଡାକ୍ତରଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ, 'ମୁଁ ଗତଜନ୍ମରେ ଏକ ଲାମ୍ବାଡି (ସୁଗାଲି ନାମକ ଏକ ଜାତି) ଘରେ ଜନ୍ମ ହୋଇଥିଲି, ମୋ ବାହାଘର ହେଲା, ମୋ ସ୍ୱାମୀ ଜଣେ ମଦୁଆ ଥିଲେ, ସେ ମୋତେ ସବୁଦିନ ପିଟୁଥିଲେ, ଦିନେ ମୁଁ ମୋର ଛୋଟ ପୁଅକୁ କ୍ଷୀର ଦେବାକୁ (ସ୍ତନ୍ୟପାନ କରାଇବାକୁ) ଯାଉଥିବା ବେଳେ, ମୋ ମଦୁଆ ସ୍ୱାମୀ ତା'ମଧ୍ୟ କରିବାକୁ ନଦେଇ ତାଙ୍କର କାମବାଞ୍ଛା ପୁରଣ କରିବାକୁ ମୋତେ ଟଣାଓଟରା କଲେ, ଏଭଳିଆ ମଦୁଆ ସ୍ୱାମୀ ପାଖରେ ରହିବା ଭଲ ନୁହେଁ ଭାବି ମୁଁ ଘର ଛାଡି ଏକ ଆମ୍ବ ତୋଟାରେ ଆଶ୍ରୟନେଲି' ବୋଲି କହିଥିଲେ । ଡାକ୍ତର ପଚାରୁଥିବା ପ୍ରଶ୍ନର ଉତ୍ତର ସେହି ମହିଳା ଦେଉଥିବା ଭଳି ସମସ୍ତଙ୍କୁ ଲାଗୁଥିଲେ ମଧ୍ୟ ତାହା ସତ୍ୟ ନୁହେଁ ଡାକ୍ତରଙ୍କ ମନଗଢା କଥା ବୋଲି ବୁଝିହେଲା । ଛୋଟଛୁଆ କ୍ଷୀର ପିଇବାକୁ ପାଞ୍ଚମିନିଟ୍ ମଧ୍ୟ ଲାଗିବ ନାହିଁ, ସେହି ପାଞ୍ଚମିନିଟ୍ ମଧ୍ୟ ସମ୍ଭାଳି ନପାରିବା କଂସେଇ ପିତା ହୁଏତ କେହି ନଥିବେ । ଏଭଳି ମନଗଢା, କଟୁକଥା ମଧ୍ୟ ସେମାନେ କୁହାଇଥା'ନ୍ତି । ଏଇ କଥାର ଆଉଏକ ମୋଡରେ ସେ ମହିଳା କହୁଥିଲେ ଯେ, ମୁଁ ଯେତେବେଳେ ମରିଗଲି ସେତେବେଳେ ମୋ' ପୁଅ ଅବିବାହିତ ସୁସ୍ଥ ଯୁବକଟିଏ ଥିଲା । ତା'ପରେ ମୁଁ ମରିଯାଇ ଏଠାରେ ଜନ୍ମ ହୋଇ ପ୍ରାୟ ପଚାଶ ବର୍ଷ ହେଲା ଅଛି । ମୋ' ସ୍ୱାମୀ ମଧ୍ୟ ମୋ'ପାଖରେ ବସିଛନ୍ତି । ଯେଉଁ ସ୍ୱାମୀ ମୋ' ପାଖରେ ବସିଛନ୍ତି ସେ ହିଁ ମୋ' ଗତଜନ୍ମର ପୁଅ ଥିଲା । ଏପରି ସେ ମହିଳାଜଣକ କହୁଥିବା କଥା ଶୁଣିବାକୁ ମଧ୍ୟ ଆମକୁ ଖରାପ ଲାଗୁଛି; ତଥାପି ଏ କଥାରେ କେତେ ସତ୍ୟ ରହିଛି ଆପଣ ବିଚାର କରନ୍ତୁ ! ସେ (ସେହି ମହିଳା) ଯେତେବେଳେ

ମରିଗଲେ ସେତେବେଳେ ତାଙ୍କ ପୁଅ ସୁସ୍ଥଯୁବକ ଅବସ୍ଥାରେ ଥିଲା । ଏ ଜନ୍ମର ସ୍ୱାମୀ ପୁଣି ତାଙ୍କ (ସେ ମହିଳାଙ୍କ) ଠାରୁ ବୟସରେ ବଡ, ସେ ମରିଯିବା ଆଗରୁ ତ ତାଙ୍କ ପୁଅ ମରିଯାଇ ନଥିଲା ! ତେବେ ଏ ଜନ୍ମରେ ତାଙ୍କ ପୁଅ କିପରି ତାଙ୍କଠାରୁ ବୟସରେ ବଡ ହେଲା ? ତାଙ୍କଠାରୁ ଆଗରେ ଜନ୍ମହେବା ପାଇଁ ଯାହାର ସୁଯୋଗ ନାହିଁ, ତାଙ୍କଠାରୁ ବୟସରେ ବଡ ହୋଇ ସେ କିପରି ତାଙ୍କର ସ୍ୱାମୀ ହେଲା ? ବୋଲି ଗୋଟିଏ ଛୋଟପିଲା ମଧ୍ୟ ପ୍ରଶ୍ନ ପଚାରିବ । ଏହିଭଳି କଟୁକଥାମାନ ମନରେ ଗଢି ପାଷ୍ଟ୍‌ଲାଇଫ୍ ଥେରପି ନାଆଁରେ ଲୋକମାନଙ୍କୁ କିପରି ଠକୁଛନ୍ତି ଆପଣମାନେ ଦେଖନ୍ତୁ ! ଏକଥା ସଂପୂର୍ଣ୍ଣ ଅସତ୍ୟ ବୋଲି ଜାଣି ପାରିବାରେ ସନ୍ଦେହ ନାହିଁ ।

ସେହି ଡାକ୍ତରଜଣକ ଆଉଗୋଟିଏ ଲୋକ ଦ୍ୱାରା ତା'ର ଗତଜନ୍ମକୁ କୁହାଇବା ବେଳେ ପାଷ୍ଟ୍‌ଲାଇଫ୍ ରିଗ୍ରେଷନ୍ ଥେରପି ନାଆଁରେ ଲୋକମାନଙ୍କୁ କିପରି ଠକୁଛନ୍ତି ତାହା ସ୍ପଷ୍ଟ ଜାଣି ହୋଇଯାଉଛି । ଜଣେ ସିନେମା ଆକ୍ଟରଙ୍କ ଦ୍ୱାରା ତାଙ୍କର ଗତଜନ୍ମ କଥା କୁହାଉଥିବା ସମୟରେ ପ୍ରଶ୍ନ କରୁଥିବା ଡାକ୍ତର, ସିନେମା ଆକ୍ଟରଙ୍କୁ କେତେକ ପ୍ରଶ୍ନ ପଚାରିବା ପରେ ଶେଷରେ ଏକ ପ୍ରଶ୍ନ ପଚାରିଲେ । ସେ ପ୍ରଶ୍ନ ସର୍ବସାଧାରଣ ପ୍ରଶ୍ନ ହେଲେ ମଧ୍ୟ ଜବାବ କିନ୍ତୁ ପୁରା ମିଛ ଥିଲା ବୋଲି କେହି ମଧ୍ୟ ଜାଣି ପାରିବେ, ସେହି ଜବାବରେ ସେହି ଆକ୍ଟର ଗତଜନ୍ମରେ ଖ୍ରୀଷ୍ଟଧର୍ମ ପ୍ରଚାରକ ଯୀଶୁ ଥିଲେ ବୋଲି କହିଥିଲେ । ଏକଥା ସାଧାରଣ ଲୋକମାନେ ବିଶ୍ୱାସ କରି ପାରନ୍ତି ସିନା, ଆମକୁ ତାହା ଖାଣ୍ଟିମିଛ ବୋଲି ଜଣା ପଡିଗଲା । ଯୀଶୁ ଜଣେ ଧର୍ମପ୍ରବକ୍ତା ଭାବରେ କେତେ ଦୈବ୍ୟଜ୍ଞାନ ବୋଧ କରିଥିଲେ । ଯଦି ସେ ପୁଣି ଜନ୍ମ ହୁଅନ୍ତି ତେବେ ପର ଜନ୍ମରେ ତାଙ୍କଠାରେ ସଂପୂର୍ଣ୍ଣ ଜ୍ଞାନ ଦେଖାଯିବା ଉଚିତ୍ ସିନା ଦୈବଧର୍ମ କହିଲେ କ'ଣ ଜଣା ନଥିବା ବ୍ୟକ୍ତି ନିଜେ ଯୀଶୁ ବୋଲି କହିବା ମାଂସାହାରୀ ବାଘ ମୁଁ ତୃଣଭୋଜୀ ଗାଈ କହିବା ଭଳି ଲାଗୁଛି । ଯୀଶୁ ସମସ୍ତଙ୍କ ଭଳି ଜନ୍ମହେବା ପାତ୍ର ନୁହଁନ୍ତି । ଯଦି ଜନ୍ମ

ହୁଅନ୍ତି, ତେବେ ଭୂପୃଷ୍ଠରେ ଜ୍ଞାନବୋଧ କରିବା ପାଇଁ ଜନ୍ମହୋଇ ପାରନ୍ତି ସିନା, ପେଟପୋଷିବା ପାଇଁ ସିନେମା ଆକ୍ଟର ହୋଇ କେବେ ମଧ୍ୟ ଆସିବେ ନାହିଁ । ଜଣେ ସିନେମା ଆକ୍ଟରଙ୍କ ଦ୍ୱାରା ଯୀଶୁଙ୍କର ମହାନତା ଜାଣି ନଥିବା ଡାକ୍ତର ସେ ବ୍ୟକ୍ତି ଗତଜନ୍ମର ଯୀଶୁ ବୋଲି କୁହାଇବା ବହୁତବଡ ଭୂଲ୍ । ଏହି ମନଗଢା କାହାଣୀ ଦ୍ୱାରା ସେ ଡାକ୍ତରଙ୍କ କଥା ସଂପୂର୍ଣ୍ଣ ମିଛ ଆଉ ସେ କୌଣସି ଦୈବସୂତ୍ର ଜାଣି ନାହାନ୍ତି ବୋଲି ଆମକୁ ଭଲଭାବରେ ଜଣା ପଡିଯାଉଛି ।

ଏଇଭଳି ମୋତେ ଜଣାଥିବା ଆଉଗୋଟିଏ କଥା, ଜଣେ ହିପ୍ନୋଟାଇଜ୍ କରୁଥିବା ଡାକ୍ତରଙ୍କ ଦ୍ୱାରା ବାହାରକୁ ଆସିଛି । ପ୍ରଶ୍ନ କରିବାଲୋକ ଉତ୍ତର ଦେଇଥାଏ ତେଣୁ ସମ୍ମୋହିତ ହୋଇଥିବା ବ୍ୟକ୍ତି ଦ୍ୱାରା କୌଣସି କଥା କୁହାଇ ଦିଆଯାଇଥାଏ, ଆଉ ଆମେ ଜାଣିଲେ ଯେ, କୁହାଉଥିବା ବ୍ୟକ୍ତିର କଥା ପଦାରେ ପଡିପାରେ, କିନ୍ତୁ ପଚାରୁଥିବା ପ୍ରଶ୍ନଗୁଡିକର ଉତ୍ତର ଯେ, ପଚାରୁଥିବା ବ୍ୟକ୍ତିର ବୋଲି ଜାଣି ନପାରିବା ଦ୍ୱାରା ଏଇ ପାଷ୍ଟଲାଇଫ୍ ରିଗ୍ରେଷନ୍ ଥେରପି ଦ୍ୱାରା ଅନେକଲୋକ ଭ୍ରମିତ ହେଉଛନ୍ତି । ଏବେ ମୋତେ ସତ ଆପଣମାନଙ୍କୁ ମିଛ ଲାଗୁଥିବା ଆଉ ଗୋଟିଏ ଘଟଣା କହୁଛି ଦେଖନ୍ତୁ । ସାଧାରଣ ପ୍ରଜାମାନେ ଏକ ଅସତ୍ୟ ଘଟଣାକୁ ସତ୍ୟ ବୋଲି ସହଜରେ ବିଶ୍ୱାସ କରିଯାଆନ୍ତି । ମେଧାବୀ, ବିଜ୍ଞାନୀ, ଭୌତିକ ଶାସ୍ତ୍ରଜ୍ଞ ଇତ୍ୟାଦି ବୋଲାଉଥିବା ଲୋକମାନେ ଜନ୍ମ ବିଷୟରେ ଥିବା ସତ୍ୟକୁ ଧ୍ୟାନ ନଦେଇ, ନଥିବା ସତ୍ୟକୁ ସତ୍ୟ ବୋଲି ଭାବୁଛନ୍ତି । ମଣିଷ ଜନ୍ମହେବା କ୍ଷଣରେ କ'ଣ ହୋଇଥାଏ ନଜାଣି ଭ୍ରମରେ ଅସତ୍ୟକୁ ସତ୍ୟ ଭାବୁଛନ୍ତି । ଏଇ ଜନନ ସମୟର ସତ୍ୟକୁ ସମସ୍ତେ ଅସତ୍ୟ ବୋଲି ଭାବିଛନ୍ତି କହିଲେ କିଛି ଅତ୍ୟୁକ୍ତି ହେବ ନାହିଁ । ଗର୍ଭସ୍ଥ ଶିଶୁଠାରେ ପ୍ରାଣ ନାହିଁ ବୋଲି ରହିଥିବା ସତ୍ୟକୁ ବହୁଶା କାହାକୁ ଜଣା ନାହିଁ, ସେକଥା

ଆମେ ଆମ ରଚନାର **'ଜନନ ମରଣ ସିଦ୍ଧାନ୍ତ'**ରେ ଶାସ୍ତ୍ରବଦ୍ଧ ପ୍ରମାଣର ସହିତ ଲେଖିଛୁ ।

ମଣିଷର ଜନ୍ମରେ କ'ଣ ଘଟୁଛି ପ୍ରତ୍ୟକ୍ଷ ଭାବରେ ଥିବା ସତ୍ୟଟି ଜଣା ପଡୁଥିଲେ ମଧ୍ୟ, ମା'ଗର୍ଭରେ ଥିବାବେଳେ ଗର୍ଭସ୍ଥ ଶିଶୁଠାରେ ୫ମାସରୁ କିମ୍ବା ୬ମାସରୁ ପ୍ରାଣପ୍ରବେଶ ହୋଇଥାଏ ବୋଲି କେତକେ ଆଧ୍ୟାତ୍ମିକବେତ୍ତାମାନେ କହୁଥିବା ବେଳେ, ବିଜ୍ଞାନକୁ ଭଲ ଭାବରେ ଜାଣିଛୁ ବୋଲି କହୁଥିବା କେତେକ ଡାକ୍ତରମାନେ ବୀର୍ଯ୍ୟକଣାରେ ପ୍ରାଣ ଅଛି, ମାଆ ଗର୍ଭ ଧାରଣ କଲାବେଳଠାରୁ ଶିଶୁଠାରେ ପ୍ରାଣ ଅଛି ବୋଲି କହୁଛନ୍ତି । ଏହିଭଳି ବିଜ୍ଞାନ ଜଣାଥିବା ଲୋକମାନେ, ଜ୍ଞାନୀମାନେ ଭୂଲ୍ ବୁଝିବା ଦ୍ୱାରା ଆମ ଜନନ ବିଷୟରେ ଥିବା ସତ୍ୟକୁ ସମସ୍ତେ ଭୂଲ୍ ବୁଝିଛନ୍ତି, ଯାହା ଦ୍ୱାରା ଜନନ ରହସ୍ୟ ସର୍ବଦା ରହସ୍ୟ ହୋଇ ରହିଯାଉଛି ବୋଲି ଜଜନମରଣ ସିଦ୍ଧାନ୍ତରେ ଜଣାଇଛୁ, ସେ ବିଷୟରେ ସମସ୍ତେ କିପରି ଭୂଲ୍ ବୁଝୁଛନ୍ତି ତାହା ମଧ୍ୟ ବିଶଦଭାବରେ ଜଣାଇଛୁ । ଯାହା ଆମେ ଲେଖିଛୁ ତାହା କିପରି ଶାସ୍ତ୍ରବଦ୍ଧ ସତ୍ୟ ହୋଇ ରହିଛି ତାହା ମଧ୍ୟ ସେଥିରେ ପ୍ରମାଣିତ କରି ଦେଖାଇଛୁ । ସେହି ଜନନ ବିଷୟ ପାଷ୍ଟ୍‌ଲାଇଫ୍ ରିଗ୍ରେସନ୍ ଥେରପି ଅନୁସାରେ ହିପ୍ନୋଟାଇଜ୍ ହୋଇଥିବା ବ୍ୟକ୍ତି ଦ୍ୱାରା ହିପ୍ନୋଟାଇଜ୍ କରିଥିବା ବ୍ୟକ୍ତି କୁହାଇବା ବେଳେ କହୁଥିବା ମଣିଷ, ଥିବା ସତ୍ୟକୁ ନକହି ଅସତ୍ୟ କହୁଛି, ଅର୍ଥାତ୍ ତାହା କହୁଥିବା ବ୍ୟକ୍ତିର ଭୂଲ୍ ଏବଂ ସେ ସତ୍ୟକୁ ଜାଣି ନପାରିବା ଦ୍ୱାରା ସେହିଭଳି କହିଥାଏ ବୋଲି ଜଣା ପଡିଯାଇଛି । ପାଷ୍ଟ୍‌ଲାଇଫ୍ (ଗତଜନ୍ମ)ରେ କ'ଣ ହୋଇଥିଲା, ସେ ମଣିଷର ଆତ୍ମାକୁ ଜଣାଥାଏ ସିନା, ଏ ଜନ୍ମର ମନକୁ ଜଣା ନଥାଏ ବୋଲି ଜାଣିସାରିଛେ । ଆତ୍ମା ଗତଜନ୍ମରେ ମଧ୍ୟ ଜୀବ ସାଥିରେ ଥିଲା, ମନ ମରଣରେ ବିନାଶ ହୋଇଯାଇଥିଲା । ତେଣୁ ଗତଜନ୍ମ ବିଷୟ, ଏ ଜନ୍ମର ବିଷୟକୁ ଆତ୍ମା

କହିପାରେ । ଆତ୍ମା କାହା କଥା ଶୁଣେ ନାହିଁ, କାହା କଥାର ଜବାବ ଦିଏ ନାହିଁ । ହିପ୍ନୋଟାଇଜ୍ କରିଥିବା ବ୍ୟକ୍ତିର ପ୍ରଶ୍ନରେ ହିପ୍ନୋଟାଇଜ୍ ହୋଇଥିବା ବ୍ୟକ୍ତିର ମନ କେବଳ ଜବାବ ଦେଇପାରେ, ସେହି ମନର ଗତଜନ୍ମ କଥା ସ୍ମୃତିରେ ନଥିବାରୁ, ଜନନ ସମୟର କଥା ମନେ ନଥିବାରୁ, ସେ କଥାଗୁଡିକ ମନ କହି ପାରେ ନାହିଁ । ସେଥିଲାଗି ସମ୍ମୋହିତ ହୋଇଥିବା ବ୍ୟକ୍ତି ପ୍ରଶ୍ନ ପଚାରୁଥିବା ବ୍ୟକ୍ତିର ଜବାବ ଦିଏ ।

ଦିନେ ହିପ୍ନୋଟାଇଜ୍ କରିଥିବା ବ୍ୟକ୍ତି, ହିପ୍ନୋଟାଇଜ୍ ହୋଇଥିବା ବ୍ୟକ୍ତିକୁ କେତେକ ପ୍ରଶ୍ନ ପଚାରିବା ସମୟରେ ତୁ ମାତୃଗର୍ଭରେ ୫ମାସର ହୋଇଥିବା ବେଳେ ସେଠାରେ କ'ଣ କରୁଥିଲୁ ? କିପରି ରହିଥିଲୁ ବୋଲି ପଚାରିଲା । ସେତେବେଳେ ଆଖି ବନ୍ଦକରି ଶୋଇଥିବା ବ୍ୟକ୍ତି ସେ ଗର୍ଭ ଭିତରେ ଅନେକ କଷ୍ଟ ଭୋଗୁଥିବା କଥା କହିବା ସହିତ, ସେ ସମୟରେ ତା'ର ଗତଜନ୍ମ ମନେ ପଡିବା, ଆଗତ ଜନ୍ମରେ ସେ କିପରି ହେବ ସେକଥା ମଧ୍ୟ କିପରି ଆଗରୁ ନିର୍ଣ୍ଣୟ ହୋଇଛି ତାହା କହିଥିଲା । ଆମେ ଏହାକୁ ଆଶ୍ଚର୍ଯ୍ୟର ସହିତ ଦେଖିବା ସହିତ ଏହା କହୁଥିବା ବ୍ୟକ୍ତିର କଥା ନୁହେଁ, ପଚାରୁଥିବା ବ୍ୟକ୍ତିର କଥା ବୋଲି ବୁଝି ପାରିଲୁ । କାରଣ ! କହୁଥିବା ବ୍ୟକ୍ତିର ଗର୍ଭସ୍ଥ ଜୀବନ ଗାଥା ହିଁ ନାହିଁ । ଯାହା ନାହିଁ ତାହା ମଣିଷ କିପରି କହି ପାରିବ ? ସେଥିଲାଗି ଯାହା ହେବାକଥା ନୁହେଁ ଏଠାରେ ତାହା ହେଉଛି, ଏହି ଅସତ୍ୟ କଥା ହିପ୍ନୋଟାଇଜ୍ କରୁଥିବା ବ୍ୟକ୍ତିର ମନଗଢା କଥା ବୋଲି ସ୍ପଷ୍ଟ ବୁଝାଯାଉଛି । ଗର୍ଭସ୍ଥ ଜୀବନ ବାବଦରେ ସମସ୍ତେ ଭ୍ରମରେ ପଡିବା ଭଳି ସେହି ହିପ୍ନୋଟାଇଜ୍ କରୁଥିବା ଡାକ୍ତର ମଧ୍ୟ ଭ୍ରମରେ ପଡିଛି ଏବଂ ନିଜର ଉଦ୍ଦେଶ୍ୟକୁ ଅନ୍ୟମାନଙ୍କଠାରୁ ଲୁହାଇ ଲୋକମାନଙ୍କୁ ଠକୁଛି ବୋଲି ସଫା ଜଣାପଡିଯାଉଛି । ଏଠାରେ କେତେକ ଏକ ପ୍ରଶ୍ନ ପଚାରିବା ସୁଯୋଗ ରହିଛି । ତାହା ହେଉଛି ! ସେମାନେ ଏମିତି କାହିଁକି

କରୁଛନ୍ତି ? ଏହା ଦ୍ୱାରା ସେମାନଙ୍କର ଲାଭ କ'ଣ ? ଏହି ପ୍ରଶ୍ନର ସମାଧାନ ଆମ ତରଫରୁ ଦେଖନ୍ତୁ ।

ଏହିଭଳି ପାଷ୍ଟ୍‌ଲାଇଫ୍ ରିଗ୍ରେଷନ୍ ଥେରପି ନାମକ ବୈଦ୍ୟବୃତ୍ତି କେବଳ କେତେକ ଡାକ୍ତରମାନେ କରିଥାଆନ୍ତି । ଏଭଳି କରି ସେମାନେ ଏ ଜନ୍ମର ରୋଗପାଇଁ ଗତଜନ୍ମର କୌଣସି କାରଣ ଦର୍ଶାଇ, ଗତଜନ୍ମ ସମ୍ବନ୍ଧୀୟ କାରଣ ଅନୁସାରେ ଚିକିତ୍ସା କଲେ ସେହି ରୋଗ ଦୂର ହୋଇ ପାରିବ ବୋଲି କହିଥାଆନ୍ତି । ଏମିତି ଗତଜନ୍ମର କାରଣକୁ ଜାଣି ସମସ୍ତେ ଚିକିତ୍ସା କରି ପାରନ୍ତି ନାହିଁ, କେବଳ ଆମ ଭଳି ଡାକ୍ତରମାନେ କରିପାରନ୍ତି ବୋଲି ପ୍ରଚାର କରନ୍ତି । ଗତଜନ୍ମର କାରଣ ନ ଜାଣି ଚିକିତ୍ସା କଲେ ସେ ରୋଗ ଭଲ ହେବ ନାହିଁ, ଦୀର୍ଘକାଳୀକ ରୋଗ ହୋଇଯିବ ବୋଲି କହିଥା'ନ୍ତି । ସେମାନେ ଏମିତି କହିବା ଦ୍ୱାରା ସମସ୍ତେ ସେହି ଡାକ୍ତରଙ୍କୁ ଏକ ସ୍ୱତନ୍ତ୍ର ଡାକ୍ତର ଭାବରେ ଚିହ୍ନିବା ବ୍ୟତୀତ ସମସ୍ତେ ନିଜର ଗତଜନ୍ମ କଥା ଜାଣିବାପାଇଁ ମଧ୍ୟ ଅଭିଳାଷ ରଖି ଅଧିକସଂଖ୍ୟାରେ ଆସି ସେହିଭଳି ଡାକ୍ତରମାନଙ୍କୁ ଦେଖା କରିଥା'ନ୍ତି । ଏହା ଦ୍ୱାରା ସେମାନଙ୍କର ନାଆଁ ଉଚ୍ଚକୁ ଯାଇଥାଏ । କେତେକ ଡାକ୍ତର ଏଇ ପାଷ୍ଟ୍‌ଲାଇଫ୍ ରିଗ୍ରେଷନ୍ ଥେରପି ବାବଦରେ ପ୍ରଚାର କରୁଛନ୍ତି ବୋଲି ଆମେ ଚେଷ୍ଟାକଲେ ଜାଣି ପାରିବା । ଏହା ସତ କଥା ନୁହେଁ ବୋଲି କେତେକ ବିଜ୍ଞାନ ଜାଣିଥିବା ଲୋକମାନେ, ହେତୁବାଦୀମାନେ କହିଥାଆନ୍ତି । ଆମେ ସତ୍ୟକୁ ସତ୍ୟ, ଅସତ୍ୟକୁ ଅସତ୍ୟ ବୋଲି କହୁଛୁ । ହେତୁବାଦୀମାନଙ୍କର ଏଭଳି କେତେଗୋଟି କଥାକୁ ଆମେ ମଧ୍ୟ ସ୍ୱୀକାର କରୁଛୁ ।

ସୃଷ୍ଟିରେ ତିଆରି ହୋଇଥିବା ମଣିଷ ସେହି କାଳରୁ ମୃତ୍ୟୁବରଣ କରୁଥାଇ, ପୁଣି ଜନ୍ମ ହେଉଥାଇ ତା'ର ଶରୀରକୁ ବାରମ୍ବାର ବଦଳାଇ ଚାଲିଛି । ମରଣରେ ଶରୀର ବିନାଶ ହେଉଥିଲେ ମଧ୍ୟ ଜୀବର ବିନାଶ

ନ ହୋଇ ସେ ନୂଆ ଶରୀର ଧାରଣ କରିଥାଏ । ଜୀବ (ଜୀବାତ୍ମା) ସୃଷ୍ଟି ପ୍ରାରମ୍ଭରୁ ଶରୀର ଧାରଣ କରୁଥାଇ ପାପପୁଣ୍ୟକୁ ଅନୁଭବ କରି ଆସୁଛି, ସେ ଯେତେବେଳେ ଦୈବ୍ୟଜ୍ଞାନ ଜାଣି ତା'ର ଥିବା କର୍ମକୁ ବିନାଶ କରି ପାରିବ ସେତେବେଳେ ସେ ଦୈବଙ୍କଠାରେ ମିଶିଯାଇ ଆଉ ଶରୀର ଧାରଣ କରି ଜନ୍ମ ହେବ ନାହିଁ ବୋଲି ବ୍ରହ୍ମବିଦ୍ୟାଶାସ୍ତ୍ର କହୁଛି । ଷଡଶାସ୍ତ୍ର ଭିତରୁ ସବୁଠାରୁ ମହାନ ହୋଇଥିବା ବ୍ରହ୍ମବିଦ୍ୟାଶାସ୍ତ୍ର ମସ୍ତଙ୍କପାଇଁ ଆବଶ୍ୟକ । ସ୍ୱୟଂ ପରମାତ୍ମା ଏହି ବିଦ୍ୟାକୁ କହିଥିବାରୁ, ତାହା ସମସ୍ତ ମଣିଷ ପାଇଁ ସମାନ ଏବଂ ତାହା ଦୈବଶାସ୍ତ୍ର ହୋଇଥିବାରୁ ସେଥିରେ କୌଣସି କୁଳମତର ଭେଦଭାବ ନଥାଏ । ପରମାତ୍ମା ତାଙ୍କ ଜ୍ଞାନ ଜଣାଇବା ପାଇଁ ନିଜର ପ୍ରବକ୍ତାମାନଙ୍କୁ ପଠାଉଥିବା ବେଳେ, ସେମାନେ କହୁଥିବା ଜ୍ଞାନ ମଣିଷ ବୁଝି ନପାରି ପ୍ରବକ୍ତାମାନଙ୍କୁ ନିଜମତର କହିଥା'ନ୍ତି । ବାସ୍ତବରେ କୌଣସି ପ୍ରବକ୍ତା ମତବୋଧକ ନୁହନ୍ତି, ସେମାନେ ସମସ୍ତ ମଣିଷକୁ କେବଳ ଦୈବସୂତ୍ରଗୁଡିକ କହିଥା'ନ୍ତି । ମାୟା ପ୍ରଭାବରେ ତାହା ବୁଝିପାରୁ ନଥିବା ମଣିଷ ନିଜେ ମତ (ଧର୍ମ) ଗୁଡିକ ତିଆରି କରିଛି । ତା'ଛଡା ଶାସ୍ତ୍ର ହିଁ ଶାସନରୂପ ବୋଲି ନ ଜାଣି ବ୍ରହ୍ମବିଦ୍ୟାର ବିରୁଦ୍ଧ ଭାବରେ କେତେକଥା ତିଆରି କରୁଛି, ସେଗୁଡିକ ଭିତରେ ପୁନର୍ଜନ୍ମ ନାହିଁ କହିବା ବ୍ରହ୍ମବିଦ୍ୟାର ବଡ ବିରୁଦ୍ଧକଥା । ଷଷ୍ଠତମଶାସ୍ତ୍ର ବ୍ରହ୍ମବିଦ୍ୟାରେ ରହିଥିବା ଧର୍ମର ବିରୁଦ୍ଧକଥା କହିବା ବଡ ଅଜ୍ଞାନତା ହେବ । ତେଣୁ ଯାହା ଦୈବଧର୍ମର ବିରୁଦ୍ଧ ତାହା ଅଧର୍ମ ।

ଆଜିକୁ ଦୁଇହଜାର ବର୍ଷରୁ ଜନ୍ମ ହୋଇଥିବା ଖ୍ରୀଷ୍ଟମତର ପ୍ରବକ୍ତା ଯୀଶୁ ପୁନର୍ଜନ୍ମ ନାହିଁ ବୋଲି କହିନଥିଲେ ମଧ୍ୟ, କେଉଁଠି କେଉଁଠି ପୁନର୍ଜନ୍ମ ହୋଇଥାଏ ବୋଲି କହିଛନ୍ତି । ତାହା ବୁଝିପାରି ନଥିବା ମଣିଷ, ଯୀଶୁବାଣୀକୁ ଏକ ମତରେ ପରିଣତ କରିଦେଇଛି । ଏଭଳି ଖ୍ରୀଷ୍ଟମତରେ

ଯୀଶୁବାଣୀକୁ ସେ ମତାବଲମ୍ବୀମାନେ ବ୍ୟତୀରେକ ଭାବରେ କହିବା ବେଳେ, ତା'ପରେ କିଛିକାଳ ଅର୍ଥାତ୍ ପ୍ରାୟ ୧୪୦୦ ବର୍ଷ ପୂର୍ବେ ହଜରତ୍ ମହମ୍ମଦ୍ ପ୍ରବକ୍ତା ମହାଶୟ ଜନ୍ମହୋଇ ତାଙ୍କୁ ମିଳିଥିବା ଦୈବଜ୍ଞାନକୁ ସେ ପ୍ରଜାମାନଙ୍କୁ କହିଥିଲେ । ଇସ୍ଲାମ୍ (ବିଶ୍ୱାସ)ର ମୂଳଦୁଆ ଉପରେ ପ୍ରବକ୍ତା ତାଙ୍କର ବାଣୀକୁ ଜଣାଇବା ବେଳେ, ଦୈବଙ୍କ ଉପରେ ସମସ୍ତଙ୍କର ବିଶ୍ୱାସ ଆବଶ୍ୟକ ହେଲେ ମଧ୍ୟ, ଶେଷରେ ତାହା ମଧ୍ୟ ଏକ ମତରେ ପରିଣତ ହୋଇଯାଇଛି । ସାତାନ୍ ବା ସୈତାନ୍ କୁହାଯାଉଥିବା ମାୟା ମଣିଷଠାରେ ରହି ପ୍ରବକ୍ତାମାନେ କହିଥିବା ଦୈବିସଂଦେଶ ମଧ୍ୟ ମଣିଷ ଭୂଲ୍ ବୁଝିବା ଭଳି କରାଇବା ଦ୍ୱାରା ଇସ୍ଲାମ୍‌ରେ ମଧ୍ୟ ପୁନର୍ଜନ୍ମ କଥା ନାହିଁ ବୋଲି ମଣିଷ କହିବାକୁ ପଛାଇ ନାହିଁ । ଇସ୍ଲାମ୍ କହିଥିବା ଦୈବସୂତ୍ର ଅଜଣା ରହିଯିବା ଦ୍ୱାରା ଶେଷରେ ସମସ୍ତେ ଏଇ ଜନ୍ମ ବିଷୟରେ ଭ୍ରମରେ ପଡିଯାଇଛନ୍ତି । ଇସ୍ଲାମରେ ପୁନର୍ଜନ୍ମ ନାହିଁ ବୋଲି କହିବା ପାଇଁ ତା' ଆଗରୁ ଜନ୍ମ ହୋଇଥିବା ଖ୍ରୀଷ୍ଟିଆନମାନେ ହିଁ କାରଣ ବୋଲି କହି ପାରିବା । ଖ୍ରୀଷ୍ଟମତରେ ପୁନର୍ଜନ୍ମ ନାହିଁ ବୋଲି ପ୍ରଚାରହେବା ଦ୍ୱାରା ସେଥିରେ ଥିବା ସାତାନ୍, ଇସ୍ଲାମରେ ସୈତାନ୍ ଭାବରେ ବଦଳି ସେମାନଙ୍କୁ ମଧ୍ୟ ଭୂଲ୍ ବାଟରେ ନେଇଯାଇଛି ।

ମରଣ ବିଷୟକୁ ସବିବରଣ କହିବାକୁ ଯାଇ, ଏକ ମଣିଷକୁ ବିଭାଜନ କରି ଦେଖିଲେ, ମଣିଷର ଶରୀର ମୋଟ ଦୁଇଭାଗର ବୋଲି ଜଣାଯାଏ । ଗୋଟିଏ ପ୍ରକୃତିଭାଗ ଆଉଗୋଟିଏ ପରମାତ୍ମାଭାଗ । ପ୍ରକୃତି ଭାଗରେ ସାରାଶରୀର ରହିଥିବା ସ୍ଥଳେ, ପରମାତ୍ମା ଭାଗରେ ଜୀବାତ୍ମା, ଆତ୍ମା, ପରମାତ୍ମା ରହିଛନ୍ତି । ସେହିଭଳି ଦୁଇଗୋଟି ଭାଗର ଦିନେ ବିନାଶ ମଧ୍ୟ ହୋଇଥାଏ । ପ୍ରକୃତି ଭାଗର ଶରୀର ବିନାଶହେବା ଭଳି, ଆତ୍ମାଭାଗର ଜୀବାତ୍ମା ମଧ୍ୟ ଦିନେ ବିନାଶ ହୋଇଥାଏ, କିନ୍ତୁ ମନେ ରଖିବା ଉଚିତ୍ ଯେ, ଜୀବାତ୍ମା ସିନା ବିନାଶ ହୁଏ, ହେଲେ ତା'ସହିତ

ଥିବା ପରମାତ୍ମା ଭାଗର ଆତ୍ମା କେବେ ବିନାଶ ହୋଇ ନଥାଏ । **ଶରୀର ବିନାଶ ହେବାକୁ ମରଣ କୁହାଯାଏ । ଜୀବ ବିନାଶ ହେବାକୁ ମୋକ୍ଷ କୁହାଯାଏ ।** ଯେମିତି ଶରୀରର ମୃତ୍ୟୁକୁ ମରଣ କହୁଛେ ସେହିଭଳି ଜୀବର ବିନାଶ ବା ମୋକ୍ଷକୁ ମୁକ୍ତି କୁହାଯାଏ । ଜୀବ ଧାରଣ କରୁଥିବା ଶରୀର ଅନେକ ଥର ବିନାଶ ହୋଇଥାଏ, ଅନେକ ଥର ଜନ୍ମ ହୋଇଥାଏ, କିନ୍ତୁ ଜୀବ କେବଳ ଥରେ ଜନ୍ମ ହୋଇଥାଏ, ଥରେ ବିନାଶ ହୋଇଥାଏ । ଏହି ଅନୁସାରେ ଶରୀରର ଅନେକ ଜନ୍ମ ମରଣ ରହିଛି ସିନା, ଜୀବର ଜନ୍ମ ଗୋଟିଏ ଥର ହୋଇଥାଏ, ମୁକ୍ତି ମଧ୍ୟ ଗୋଟିଏ ଥର ହୋଇଥାଏ । ଶରୀର ବଦଳାଇ ଜୀବ ନୂଆଶରୀର ଧାରଣ କରିବା ସ୍ଥିତିକୁ ପୁନର୍ଜନ୍ମ କହୁଛୁ ଏବଂ ତାହା ଜନ୍ମ ନୁହେଁ ବୋଲି କହୁଛୁ । କେବଳ ଶରୀର କଥା କହିବା ବେଳେ ତାହାକୁ ଜନ୍ମ କହିବାକୁ ପଡୁଛି । ଜୀବ ନୂଆଶରୀର ଧାରଣ କଲେ ତାହାକୁ ସନ୍ଦର୍ଭାନୁସାରେ ଜନ୍ମ କୁହାଯାଏ । ତାହା ଶରୀରର ପାଇଁ କୁହାଯାଏ ସିନା ଜୀବ ପାଇଁ ନୁହେଁ । ଏହିଭଳି ଏକ ମଣିଷ ଶରୀରରେ ଜନନମରଣ ରହିଥାଏ । ଶରୀରସ୍ଥ ଜୀବର ଜନ୍ମ ଏବଂ ମୋକ୍ଷ ରହିଥାଏ । ଆମେ ଏହା ପୂର୍ବରୁ କହିଥିବା **ଜନନ ମରଣ ସିଦ୍ଧାନ୍ତ, ମରଣ ରହସ୍ୟକୁ** କେବଳ ଶରୀର ଉଦ୍ଦେଶ୍ୟରେ କହିଛୁ ବୋଲି ଆପଣମାନେ ଜାଣିବା ଉଚିତ୍ ।

ଜଣେ ମଣିଷ (ଜୀବ) ସୃଷ୍ଟି ପ୍ରାରମ୍ଭରେ ଜନ୍ମ ହୋଇଥାଏ । ତା'ପରେ ଅନେକଥର ତା'ର ଶରୀର ମୃତ୍ୟୁବରଣ କଲାବେଳେ ନୂଆଶରୀର ଧାରଣ କରି ଆସିଥାଏ । କୌଣସି ଶରୀରର ସ୍ମୃତି ସେହି ଶରୀରରେ ଥିବା ମନଠାରେ ରହିଥାଏ । ତେଣୁ ଗତଜନ୍ମ ଶରୀରର ସ୍ମୃତିକୁ ଜୀବ ଏ ଜନ୍ମରେ ଭୂଲିଯାଏ । ଏଇ ଜନ୍ମର ଶରୀରର ସ୍ମୃତିକୁ ମନ ଯୋଗାଇ ଦେଉଥାଏ, ତେଣୁ କେବଳ ଏ ଜନ୍ମର ସ୍ମୃତିକୁ ମଣିଷ ଜାଣି ପାରିଥାଏ । ସେଥିଲାଗି ମଣିଷର କେତେଥର ପୁନର୍ଜନ୍ମ ହୋଇଛି ସେ କହି ପାରିବ ନାହିଁ କି ଗତଜନ୍ମ କଥା କହି ପାରିବ ନାହିଁ । ଏହା ମଣିଷ ଶରୀରରେ ହେଉଥିବା

ଜନ୍ମମରଣର ନିୟମ । ଜୀବର ଜନ୍ମ ଆଉ ମୁକ୍ତି କଥା ବିଚାର କଲେ ଜୀବ ଜନ୍ମହୋଇ ଶରୀର ବଦଳାଇ ଆସୁଛି ସିନା, ମୋକ୍ଷ ପାଇପାରୁ ନାହିଁ । ଭୂପୃଷ୍ଠରେ ଥରେ ଜନ୍ମ ହୋଇଥିବା ଜୀବ, ଅନେକ ଶରୀର ଧାରଣ କରି, ଅନେକ ନାଆଁରେ ପରିଗଣିତ ହୋଇ ଆଜିଯାଏ କାଳକଟି ଆସୁଛି । ତା'ର ଗତଜନ୍ମ ସ୍ମୃତି ନଥିବାରୁ ସେ କେତେ ଶରୀର ଧାରଣ କରିଛି, କେଉଁ କେଉଁ ନାଆଁରେ ପରିଗଣିତ ହୋଇଛି ସେସବୁ କାହାର ମଧ୍ୟ ମନେ ନାହିଁ । ଯଦି କେଉଁଠାରେ କ୍ୱଚିତ୍ କାହାର ଆତ୍ମା କାହାର ଗତଜନ୍ମ ବିଷୟ କୁହାଏ ତେବେ ସେହି ଆଧାରରେ ମଣିଷର ପୁନର୍ଜନ୍ମ ରହିଛି ବୋଲି କହି ପାରିବା, ତା'ଛଡା ବ୍ରହ୍ମବିଦ୍ୟାଶାସ୍ତ୍ର ପୁନର୍ଜନ୍ମ ବିଷୟର ସାକ୍ଷୀହୋଇ ଅଛି ।

କେହି କେତେ ଥର ପୁନର୍ଜନ୍ମ ପାଇଥିଲେ ମଧ୍ୟ ସେହି ମଣିଷର ଜୀବ ମାତ୍ର ଗୋଟିଏ ଥର ଜନ୍ମ ହୋଇଛି, ସେ ଅନେକ ଥର ମୃତ୍ୟୁବରଣ କରିଥିଲେ ମଧ୍ୟ ସେ ଜୀବର ବାସ୍ତବ ମରଣ (ମୋକ୍ଷ) ହୋଇନାହିଁ । ଜୀବ ଜନ୍ମ ହୋଇ କେତେ ଲକ୍ଷ ବର୍ଷ ହେଲେ ମଧ୍ୟ, ତା'ର ବାସ୍ତବ ମରଣ ବା ଶେଷମରଣ କେବେ ଆସିବ କହି ପାରିବା ନାହିଁ । ଜୀବର ମୋକ୍ଷ ହେବାକୁ ହେଲେ ତା' ଆଗରୁ ସେ ଦୈବଜ୍ଞାନ ଜାଣିଥିବା ଆବଶ୍ୟକ । ଜୀବ ଶରୀରର ମରଣ ଜୀବର ଅଜାଣତରେ ହୋଇଥାଏ । କୌଣସି ଜୀବ ମୁଁ ଶରୀର ଛାଡି ଚାଲିଯିବି ବୋଲି ଭାବିବା ଆଗରୁ, ତା'ର ଶରୀର ତା'କୁ ଛାଡ଼ି ଚାଲିଯାଏ । ସାଧାରଣତଃ ଜୀବ କୌଣସି ଚେଷ୍ଟାକରିବା ଆଗରୁ ସେ ଧାରଣ କରିଥିବା ଶରୀର ବିନାଶ ହୋଇଯାଏ, ହେଲେ ଜୀବର ଅମାପ ଚେଷ୍ଟା କରିବା ଦ୍ୱାରା ନିଜର ବିନାଶ କରି ପାରେ, ତା'କୁ ଅନେକ ଦୈବଜ୍ଞାନ ଅର୍ଜନ କରି ସେହି ଅନୁସାରେ ଜୀବନରେ ଆଚରଣ କରିବା ପରେ ତା'ର ଥିବା କର୍ମ ନିର୍ମୁଳ ହୋଇଥାଏ । ଜୀବ ଭୂପୃଷ୍ଠରେ ବଞ୍ଚି ରହିବାପାଇଁ ତା'ର କର୍ମ ତା' ପାଇଁ ଦିବ୍ୟଔଷଧ ଭଳି କାର୍ଯ୍ୟ

କରେ । ଜୀବକୁ ଅନେକ କାଳରୁ ବଞ୍ଚାଇ ରଖିଥିବା ଔଷଧ ଭଳି, କର୍ମଠାରୁ ବଳି, ତା'ର ବିଷଭଳି ରହିଥିବା ଦୈବଜ୍ଞାନକୁ ମଣିଷ ଜୀର୍ଣ୍ଣ କରି ପାରିଲେ ତା'ର କର୍ମ ବିନାଶ ହୋଇ ମୁକ୍ତି ହେବ, ସେହି କଥା ଆଉ କେତେକ ଅଲଗା ଭାବରେ କହିଥା'ନ୍ତି । **ଶରୀରରେ ରହି ଶରୀର ମରଣଗୁଡିକୁ ପ୍ରାପ୍ତ ହେଉଥିବା ଜୀବକୁ ମୃତଜୀବ, ଶରୀରକୁ ଛାଡି ମୁକ୍ତି ହୋଇ ଆଉକେବେ ଶରୀରରେ ବନ୍ଧିତ ନ ହୋଇ ଶରୀର ମରଣଗୁଡିକରୁ ମୁକୁଳିତ ହେଉଥିବା ଜୀବକୁ ଅମୃତଜୀବ ବୋଲି ବର୍ଣ୍ଣନା କରିଛନ୍ତି ।** ତେଣୁ ଭଗବଦ୍ଗୀତା ହେଉ, ବାଇବେଲ୍ ହେଉ, ମୋକ୍ଷ ପାଇଥିବା ବ୍ୟକ୍ତିକୁ ଅମୃତ କହିଥାନ୍ତି, ସେହି ଅନୁସାରେ ଯାହାକୁ ଦୈବଜ୍ଞାନ ଜଣାଥାଏ ସେ ଅମୃତକୁ ସ୍ୱୀକାର କରିଥାଏ ବୋଲି କେତେକ କହିଥା'ନ୍ତି । ସେହି ଅର୍ଥରେ ଗୀତାର ରାଜବିଦ୍ୟା ରାଜଗୁହ୍ୟ ଯୋଗରେ **"ଅମୃତଂ ଚୈବ ମୃତ୍ୟୁଶ୍ଚ"** ଅର୍ଥାତ୍ ମୃତ୍ୟୁ ପାଇଁ ଅମୃତ ହୋଇ ରହିଛି ବୋଲି ଭଗବାନ କହିଛନ୍ତି । ତା'ଛଡା ସେହି ଗୀତାର ଗୁଣତ୍ରୟ ବିଭାଗ ଯୋଗର ୨୭ତମ ଶ୍ଳୋକରେ "ଅମୃତସ୍ୟ ବ୍ୟୟସ୍ୟ" ଅର୍ଥାତ୍ ବ୍ୟୟ ବା ଶରୀର ବିନାଶ ପାଇଁ ଅମୃତ ଭାବରେ ରହିଛି ବୋଲି କହିଛନ୍ତି ।

ଏହି ବିଷୟ ଏଭଳି ଥିବାବେଳେ ବାଇବେଲର ନ୍ୟୁ ଟେଷ୍ଟାମେଣ୍ଟରେ ମଧ୍ୟ ସେହି ଅର୍ଥରେ ଏଫିସୀୟଙ୍କୁ ଲେଖାଯାଇଥିବା ପତ୍ରର ଦ୍ୱିତୀୟ ଅଧ୍ୟାୟରେ ଥିବା ୧୧,୧୨,୧୩ ତମ ବାକ୍ୟଗୁଡିକରେ ନିମ୍ନମତେ ରହିଛି । "ତୁମେମାନେ ଅଣଯିହୁଦୀ ରୂପେ ଜନ୍ମଗ୍ରହଣ କରିଥିଲ । ତୁମମାଙ୍କୁ ଯିହୁଦୀମାନେ ଅନୁନ୍ନତ କହନ୍ତି, ସେମାନେ ନିଜକୁ ଉନ୍ନତ କହନ୍ତି । ଏହା ଏକକାର୍ଯ୍ୟ, ଯାହାକୁ କି ସେମାନେ ନିଜ ଶରୀର ଉପରେ କରିଥାନ୍ତି । ମନେରଖ, ତୁମେମାନେ ପୂର୍ବରୁ ଖ୍ରୀଷ୍ଟବିହୀନ ଥିଲ । ତୁମେମାନେ ଇସ୍ରାଏଲର ନାଗରୀକ ନଥିଲ । ତେଣୁ ପରମେଶ୍ୱର ତାହାଙ୍କ ଲୋକମାନଙ୍କ ସହିତ କରିଥିବା ପ୍ରତିଜ୍ଞାଯୁକ୍ତ ନିୟମ ତୁମ୍ଭେ ପ୍ରାପ୍ତହୋଇ ନଥିଲ ।

ତୁମର ଆଉ କିଛି ଆଶା ଭରସା ନଥିଲା, କି ତୁମ୍ଭେ ପରମେଶ୍ୱରଙ୍କୁ ଜାଣିନଥିଲ । ସେତେବେଳେ ତୁମ୍ଭେମାନେ ପରମେଶ୍ୱରଙ୍କଠାରୁ ଦୂରରେ ଥିଲ । କିନ୍ତୁ ଏବେ ଖ୍ରୀଷ୍ଟ ଯୀଶୁଙ୍କଠାରେ ବିଶ୍ୱାସ ଥିବା ହେତୁ ତୁମ୍ଭେ ତାଙ୍କର ନିକଟବର୍ତ୍ତୀ ହୋଇଛ । ଖ୍ରୀଷ୍ଟଙ୍କର ରକ୍ତ ଦ୍ୱାରା ତୁମ୍ଭେ ପରମେଶ୍ୱରଙ୍କର ନିକଟତର ହୋଇଛ" । ବାଇବେଲରେ ଲେଖାଯାଇଥିବା କେତେକ ଶବ୍ଦର ଉନ୍ନତ ଅର୍ଥ ଅନେକ କ୍ରୈସ୍ତବ ବୋଧକମାନଙ୍କୁ ମଧ୍ୟ ବୁଝା ନ ପଡିବା ଦ୍ୱାରା ସେଗୁଡିକର ବାସ୍ତବ ଅର୍ଥ ଅର୍ଥାତ୍ ବାଇବେଲର ଭାବ ମଣିଷକୁ ଅଜଣା ରହିଯାଇଛି । ଯୀଶୁରକ୍ତ କହିଲେ ଖ୍ରୀଷ୍ଟିଆନ୍‌ମାନେ 'ଯୀଶୁ କୃଶ ଉପରେ ଥିବାବେଳେ ତାଙ୍କ ଶରୀରରୁ ଝରିଥିବା ରକ୍ତ' କୁ ମନେ ପକାଉଛନ୍ତି । ଏହି ଭାବ ଠିକ୍ ନୁହେଁ ବୋଲି କାହାକୁ ମଧ୍ୟ ଜଣା ନାହିଁ । ଯୀଶୁଙ୍କ ରକ୍ତ ଦ୍ୱାରା ମଣିଷର ପାପ କ୍ଷମା ହୋଇଯାଏ ବୋଲି ଖ୍ରୀଷ୍ଟିଆନ୍ ହେଉଥିବା ଲୋକମାନଙ୍କୁ ଯୀଶୁ ଝରାଇ ଥିବା ରକ୍ତ ଦ୍ୱାରା ତୁମମାନଙ୍କର ପାପ ଧୋଇ ହୋଇଯିବ ବୋଲି କୁହାଯାଉଛି । ଶୁଣୁଥିବା ସମସ୍ତେ ସେମାନଙ୍କ କଥାକୁ ହିଁ ବିଶ୍ୱାସ କରୁଛନ୍ତି । ହେଲେ ଖ୍ରୀଷ୍ଟ କହିଲେ ପରମେଶ୍ୱର, ଖ୍ରୀଷ୍ଟରକ୍ତ କହିଲେ ଦୈବଜ୍ଞାନ ବା ପରମାତ୍ମା ଧର୍ମ ବୋଲି ସେମାନେ ଜାଣିପାରୁ ନାହାନ୍ତି । ଦୈବଜ୍ଞାନରେ ଅଧିକାଂଶ ରହିଥିବା ଶବ୍ଦର ସୂକ୍ଷ୍ମଜ୍ଞାନ ରହିଥାଏ ସିନା, ସ୍ଥୁଳ ଭାବରେ ଜ୍ଞାନ ନଥାଏ । ଯୀଶୁ ବଂଚିଥିବା ବେଳେ ମଧ୍ୟ ମୋ' ରକ୍ତରୁ ପରମେଶ୍ୱରଙ୍କ ଚୂକ୍ତି ଆରମ୍ଭହୁଏ ବୋଲି କହିଛନ୍ତି ସିନା, ଶରୀରରେ ଥିବା ସାଧାରଣ ରକ୍ତ ବୋଲି କହିନାହାନ୍ତି ।

ଉପର ଲିଖିତ ୧୧,୧୨,୧୩ ତମ ବାକ୍ୟଗୁଡିକର ସାରାଂଶରେ ଥିବା ସତ୍ୟଭାବକୁ ଦେଖିଲେ ପୂର୍ବେ ଇଜ୍ରାଏଲ୍ ଦେଶରେ ଅଜ୍ଞାନୀ ଭାବରେ ଥିବା "ତୁମେମାନେ ଈଶ୍ୱରଙ୍କଠାରୁ ଦୂରହୋଇ ରହିଥିଲ, ତାଙ୍କଠାରୁ ଦୂରରେ ଥିବା ତୁମେମାନେ ଏବେ ତାଙ୍କ ବିଷୟରେ ଦୈବଜ୍ଞାନ ଦ୍ୱାରା ନିକଟରେ ଅଛ" ବୋଲି କୁହାଯାଇଛି । ଏହି ବାକ୍ୟରୁ ଆମକୁ ବୁଝାଯାଉଛି ଯେ,

ପୂର୍ବେ ଦୁଇହଜାର ବର୍ଷ ତଳେ ଇଜ୍ରାଏଲ୍ ଦେଶରେ ଅଜ୍ଞାନୀମାନେ ଅର୍ଥାତ୍ ଦୈବଜ୍ଞାନ ଜାଣି ନଥିବା ଲୋକମାନେ ବା ପରମେଶ୍ୱରଙ୍କଠାରୁ ଦୂରରେ ଥିବା ଲୋକମାନେ ଏବେ ଦୈବଜ୍ଞାନ ଜାଣିବା ଦ୍ୱାରା ପରମେଶ୍ୱରଙ୍କର ନିକଟତର ହୋଇଛନ୍ତି ବୋଲି ବୁଝାଯାଉଛି । ଅର୍ଥାତ୍ ଗୋଟିଏ ଛୋଟ ବାକ୍ୟରେ କହିଲେ ସେତେବେଳେ ଅଜ୍ଞାନୀ ଥିବା ଲୋକେ ଏବେ ଜ୍ଞାନୀ ହୋଇ ଅଛନ୍ତି । ପୂର୍ବେ ଅଜ୍ଞାନୀହୋଇ ଥିବା ଲୋକମାନେ ସେମାନଙ୍କର ଜନ୍ମ ବଦଳାଇ ଏବେ ଜ୍ଞାନ ଜାଣି ଦୈବଙ୍କର ନିକଟ ହୋଇ ଅଛନ୍ତି, ସେମାନେ ଏଭଳି ଜନ୍ମ ବଦଳାଇବା କାରଣରୁ ଏବେ ଦୈବଜ୍ଞାନ ଦ୍ୱାରା (ଖ୍ରୀଷ୍ଟରକ୍ତ ଦ୍ୱାରା) ଦୈବଙ୍କର ନିକଟତର ହୋଇଛନ୍ତି ବୋଲି କୁହାଯାଇଥିବା ଜଣାଯାଉଛି । ଏହି ବାକ୍ୟଗୁଡିକରେ ମଣିଷର ପୁନର୍ଜନ୍ମ ରହିଛି ବୋଲି ଭଲଭାବରେ ବୁଝିହେଉଛି । ତାଛଡା ସେହି ଦ୍ୱିତୀୟ ଅଧ୍ୟାୟର ପ୍ରଥମ ବାକ୍ୟରେ ଥିବା ଜ୍ଞାନ ସୂକ୍ଷ୍ମ ଅର୍ଥରେ ଅଛି ବୋଲି ସଫା ଜଣାପଡିଯାଉଛି । ସେଠାରେ କୁହାଯାଇଛି ଯେ, "ପୂର୍ବରୁ ତୁମମାନଙ୍କର ପାପ ହେତୁ ଓ ପରମେଶ୍ୱରଙ୍କୁ ବାଧା ଦେଉଥିବା ଭୂଲ୍ କାର୍ଯ୍ୟ ହେତୁ ତୁମ୍ଭର ଆତ୍ମିକ ଜୀବନ ମୃତ ଥିଲା" । ଏହି ବାକ୍ୟରେ ସେ ପରମାତ୍ମା ବା ପରମେଶ୍ୱର ବୋଲି ବୁଝି ହେଉଛି, କିନ୍ତୁ ମୃତ ଥିଲ ବୋଲି ଲେଖା ଥିବାବେଳେ ଏହା ସମସ୍ତଙ୍କୁ ଭ୍ରମିତ କରିଦେଇ ପାରେ । ଦୂରରେ ଥିବା ଲୋକମାନେ ପାଖେଇ ଆସିଛନ୍ତି ବୋଲି ଉପର ଲିଖିତ ବାକ୍ୟଗୁଡିକର ଭାବାର୍ଥ ଥିବା ଭଳି, ଏଠାରେ ମୃତ ଥିବା ଲୋକେ ଜୀବୀତ ହେଲେ ବୋଲି ଭାବାର୍ଥ ରହିଛି । ମୃତଲୋକମାନେ ଅର୍ଥାତ୍ ଯେଉଁମାନଙ୍କୁ ଦୈବଜ୍ଞାନ ଜଣା ନାହିଁ । ମଣିଷ ଅନେକ ପାପ କରି ସେହି ପାପ ଭିତରେ ରହି, ଈଶ୍ୱରଙ୍କ ଉପରୁ ଆସ୍ଥା ହରାଇଦେଇଛି, ଏହି ବିଷୟକୁ ଜ୍ଞାନାର୍ଥରେ ମୃତଲୋକ ବୋଲି କୁହାଯାଇଛି । ସେହି ଲୋକମାନଙ୍କୁ ପରମେଶ୍ୱର ତାଙ୍କ ପ୍ରବକ୍ତାମାନଙ୍କ ଦ୍ୱାରା ଜ୍ଞାନ ଜଣାଇ ଦୈବତ୍ୱରେ (ଖ୍ରୀଷ୍ଟଙ୍କଠାରେ) ବଞ୍ଚାଇଛନ୍ତି, ଅର୍ଥାତ୍ ଜ୍ଞାନ ଦ୍ୱାରା ଚୈତନ୍ୟବନ୍ତ କରିଛନ୍ତି ବୋଲି କହି ପାରିବା ।

ଭଗବଦ୍ଗୀତାର ଜ୍ଞାନ ଯୋଗ, ୩୭ ତମ ଶ୍ଳୋକରେ କୁହାଯାଇଥିବା ଯଥୈଧାଂସି ସମୀଧୋଗ୍ନିର୍ଭସ୍ମସାତ୍ କୁରୁତେର୍ଜୁନ । ଜ୍ଞାନାଗ୍ନି ସର୍ବ କର୍ମାଣି ଭସ୍ମସାତ୍ କୁରୁତେ ତଥା ॥ ଅର୍ଥାତ୍ "ଯେଉଁଭଳି ଅଗ୍ନିରେ କାଠଗୁଡିକ ପୋଡିଯାଉଛି, ସେହିଭଳି ଜ୍ଞାନ ନାମକ ଅଗ୍ନିରେ ସମସ୍ତ କର୍ମ (ପାପପୁଣ୍ୟ) ପୋଡିଯାଉଛି" ବୋଲି ଭଗବାନ ଜଣାଇଥିବା ଭଳି, ବାଇବେଲରେ ମଧ୍ୟ ଯୀଶୁଙ୍କ ରକ୍ତ ଦ୍ୱାରା ପାପ ପରିହାର ହୋଇଥାଏ ବୋଲି କୁହାଯାଇଛି । ଗୀତାରେ ଦୈବଜ୍ଞାନ ଦ୍ୱାରା କୁହାଗଲା ବେଳେ, ବାଇବେଲରେ ଯୀଶୁରକ୍ତ ଦ୍ୱାରା ବୋଲି କୁହାଯାଇଥିବା କଥାକୁ ଏକଭଳି ବୁଝିଲେ ଦୁଇଜାଗାରେ କୁହାଯାଇଥିବା ଦୈବଜ୍ଞାନ ଅଭିନ୍ନ ବୋଲି ଜଣା ଯାଇଥାଏ । ଖ୍ରୀଷ୍ଟ ଅର୍ଥ ପରମାତ୍ମା, ରକ୍ତର ଅର୍ଥ ଜ୍ଞାନ ବୋଲି ବୁଝି ପାରିଲେ ଦୈବବାଣୀ କେବେ ମଧ୍ୟ ବଦଳି ନଥାଏ ବୋଲି ସହଜରେ ଜାଣି ହୋଇଯିବ । ତା' ନହୋଇ ସୃଷ୍ଟିସ୍ରଷ୍ଟା ପରମାତ୍ମା (ପରମେଶ୍ୱର) ଜଣେ ବୋଲି ନଜାଣି ସବୁ ମତରେ ଗୋଟିଏ ଗୋଟିଏ ପରମେଶ୍ୱର ବା ଈଶ୍ୱର (ଅଧିପତି) ଅଛନ୍ତି ଭାବି, ତୁମ ଆରାଧ୍ୟ ଅଲଗା, ଆମ ଆରାଧ୍ୟ ଅଲଗା ଭାବିବା ଅଜ୍ଞାନ ହୋଇଥାଏ । ପ୍ରତ୍ୟେକ ମତର ଅଧିପତି ଜଣେ, ଏହା ଯେଉଁମାନେ ଜାଣିଯାଆନ୍ତି ସେମାନେ ସବୁ ମତର ଜ୍ଞାନ ଗୋଟିଏ, ସମସ୍ତଙ୍କ ଆରାଧ୍ୟ ମଧ୍ୟ ଜଣେ ବୋଲି ଜାଣି ପାରନ୍ତି ।

ଖ୍ରୀଷ୍ଟମତରେ (ଖ୍ରୀଷ୍ଟ ଧର୍ମରେ) ପୁନର୍ଜନ୍ମ ନାହିଁ, ଏ କଥା କୁହାଯିବାର ଶୁଣୁଛେ । ତେଣୁ ଏକଥା ବାଇବେଲରେ ପରମାତ୍ମା (ପରମେଶ୍ୱର) କହି ନାହାନ୍ତି ବୋଲି ଆଉଏକ ଉଦାହରଣ ଦେଖାଉଛୁ, ଦେଖନ୍ତୁ । ବାଇବେଲର ସବୁଠାରୁ ଉନ୍ନତ ଜ୍ଞାନ ହେଉଛି "ଯୋହନଙ୍କ ଲିଖିତ ସୁ ସମାଚାର" । ସେଥିରେ ଥିବା ୧୫ତମ ଅଧ୍ୟାୟର ୨୬,୨୭ ତମ ବାକ୍ୟରେ "ମୁଁ ପରମପିତାଙ୍କ ପାଖରୁ ତୁମ୍ଭମାନଙ୍କ ନିକଟକୁ ସେହି ସାହାଯ୍ୟକାରୀଙ୍କୁ

ପଠାଇବି । ସେହି ସାହାଯ୍ୟକାରୀ ସତ୍ୟମୟ ଆତ୍ମା ଅଟନ୍ତି । ସେ ପରମପିତାଙ୍କ ପାଖରୁ ଆସନ୍ତି । ସେ(ସତ୍ୟମୟ ଆତ୍ମା) ଯେତେବେଳେ ଆସିବେ, ସେ ମୋ' ବିଷୟରେ ସାକ୍ଷୀ ଦେବେ । ତୁମେ ମୋ' ବିଷୟରେ ମଧ୍ୟ ଲୋକମାନଙ୍କୁ କହିବ, କାରଣ ! ତୁମେମାନେ ପ୍ରଥମରୁ ମୋ' ସହିତ ରହିଛ" ବୋଲି କୁହାଯାଇଛି । ଏହି ବାକ୍ୟଗୁଡିକରେ ପ୍ରଜାମାନେ ଯୀଶୁପ୍ରଭୂ ଥିବା ସମୟରେ ଯୀଶୁଙ୍କୁ ଯେଉଁମାନେ ସୂଚୀତ କରୁଥିଲେ, ତାଙ୍କ ବାଣୀ ଯେଉଁମାନେ ଶୁଣିଥିଲେ ସେମାନେ କେତେହଜାର ବର୍ଷ ବିତିବା ପରେ ସତ୍ୟମୟ ଆତ୍ମା ଆସିବା ବେଳେ ମଧ୍ୟ ଜନ୍ମ ହୋଇଥିବେ, ସତ୍ୟମୟ (ସତ୍ୟସ୍ୱରୂପୀ) ଆତ୍ମା କହିଥିବା ଯୀଶୁବାଣୀକୁ ସେମାନେ ସହଜରେ ଜାଣି ପାରିବେ (ଚିହ୍ନିପାରିବେ) ବୋଲି ଜଣାଯାଉଛି । ତୁମେମାନେ ପ୍ରଥମରୁ ମୋ' ସହିତ ରହିଛ (ସୃଷ୍ଟିଆଦିରୁ ରହିଛ) ବୋଲି ବାକ୍ୟରେ କହିଥିବାରୁ ଆମେମାନେ ସୃଷ୍ଟି ଆଦିରୁ ପୁନର୍ଜନ୍ମ ନେଇ ଆସୁଅଛେ ବୋଲି ଭଲରେ ଜଣାଯାଉଛି । ବାଇବେଲରୁ ଏହାଠାରୁ ଆଉ ବଡ ସାକ୍ଷୀ, ପ୍ରମାଣ ଖୋଜିବା ଆବଶ୍ୟକ ନାହିଁ; ତଥାପି ଆଉ ଏକ ସନ୍ଦର୍ଭରେ ମାଥିଉ ଲିଖିତ ସୁସମାଚାରରେ ଥିବା ୧୨ତମ ଅଧ୍ୟାୟର ୩୧,୩୨ ତମ ବାକ୍ୟରେ "ତେଣୁ ମୁଁ ତୁମକୁ କହୁଛି ଯେ, ଲୋକେ ଯେଉଁସବୁ ପାପ କରୁଛନ୍ତି ତାହା କ୍ଷମା କରିଦିଆଯିବ । କିନ୍ତୁ ପବିତ୍ରଆତ୍ମାଙ୍କ ବିରୁଦ୍ଧରେ ନିନ୍ଦାକଲେ କ୍ଷମା କରାଯାଇ ପାରିବନି । ଯଦି କେହି କିଛି ମନୁଷ୍ୟ ପୁତ୍ରଙ୍କ ବିରୁଦ୍ଧରେ କୁହେ ତେବେ ତାକୁ କ୍ଷମା କରାଯାଇ ପାରେ, କିନ୍ତୁ ପବିତ୍ରଆତ୍ମା (ପରିଶୁଦ୍ଧ ଆତ୍ମା)ଙ୍କ ବିରୁଦ୍ଧରେ କେହି କିଛି କହିଲେ ତାକୁ ବର୍ତ୍ତମାନ(ଏ ଯୁଗରେ) ବା ଭବିଷ୍ୟତରେ (ଆସନ୍ତା ଯୁଗରେ) କେବେହେଲେ କ୍ଷମା କରାଯିବ ନାହିଁ ।" ବୋଲି ଲେଖାଅଛି । ଏଥିରୁ ବୁଝିହୁଏ ଯେ, ଏକ ଯୁଗରେ ଥିବା ମଣିଷ ହିଁ ଆସନ୍ତା ଯୁଗରେ ମଧ୍ୟ ରହିବ । ଏକ ଯୁଗ ଅନେକ ଲକ୍ଷ ବର୍ଷ ହୋଇଥାଏ । ସେହିଭଳି ଦୁଇ ଯୁଗ କାଳ ମଣିଷ ପାପ ଅନୁଭବ କରିବାକୁ

ହେଲେ, ମଣିଷ ଅନେକ ଥର ଜନ୍ମ ହୋଇ ମୃତ୍ୟୁବରଣ କରିବାକୁ ପଡିବ । ଏଇ କଥା ଅନୁସାରେ ମଧ୍ୟ ପୁନର୍ଜନ୍ମ ଅଛି ବୋଲି ବାଇବେଲରୁ ଜଣାଯାଉଛି ।

ଏମିତି ପରମାତ୍ମା ତାଙ୍କ ପ୍ରବକ୍ତାମାନଙ୍କ ଦ୍ୱାରା ଅନେକ ସ୍ଥାନରେ ପୁନର୍ଜନ୍ମ ଅଛି ବୋଲି ଜଣାଇଛନ୍ତି । ହେଲେ କୁହାଯାଇଥିବା ଜ୍ଞାନକୁ ଠିକ୍ ବୁଝିପାରି ନଥିବା ମଣିଷ ପୁନର୍ଜନ୍ମ ବିଷୟରେ ଦୈବଜ୍ଞାନକୁ ଭୂଲ୍ ଅର୍ଥରେ ବୁଝିଛି ବୋଲି କହିପାରିବା । ଆମେ ଏକଥା କହିବାଦ୍ୱାରା କେତେକ ଖ୍ରୀଷ୍ଟିଆନମାନେ, କେତେକ ହିନ୍ଦୁମାନେ ମୋତେ ନିମ୍ନମତେ ପ୍ରଶ୍ନ ପଚାରିଛନ୍ତି । ଗୋଟିଏ ଦିଗରେ ଗୀତାରେ, ଅନ୍ୟଦିଗରେ ବାଇବେଲରେ ପୁନର୍ଜନ୍ମ ଅଛି ବୋଲି ବିଶ୍ୱାସ କରିପାରିବା, କିନ୍ତୁ ତୁମେ କହୁଥିବା 'ଜନନ ମରଣ ସିଦ୍ଧାନ୍ତ, ମରଣ ରହସ୍ୟ' ତ କୌଣସି ଗ୍ରନ୍ଥରେ ନାହିଁ! ମୂଳଗ୍ରନ୍ଥ ହୋଇଥିବା ଭଗବଦ୍ଗୀତା, ବାଇବେଲ୍‌ରେ କୁହାଯାଇ ନଥିବା କଥା କିପରି ଆପଣ କହୁଛନ୍ତି ? ସେମାନଙ୍କର ଏଇ ପ୍ରଶ୍ନର ସମାଧାନ କରିବାକୁ ଯାଇ, ପରମାତ୍ମା ମୂଳଗ୍ରନ୍ଥ ହୋଇଥିବା ଭଗବଦ୍ଗୀତା ବାଇବେଲରେ କହିଥିବା ଜ୍ଞାନକୁ ମନେ ପକାଇ, ସେହି ଗ୍ରନ୍ଥଗୁଡିକରେ କୁହାଯାଇ ନଥିବା ବିଷୟ ମଧ୍ୟ ଆପଣମାନଙ୍କୁ ଜଣାଇ ଦିଆଯିବ ବୋଲି ଆଗରୁ କହିଛନ୍ତି । ପରମାତ୍ମା କହିଥିବା କଥା ଅନୁସାରେ ଆମ ତରଫରୁ ମୂଳ ଗ୍ରନ୍ଥଗୁଡିକରେ କୁହାଯାଇ ନଥିବା ଅନେକ ବିଷୟ ବହିର୍ଗତ ହୋଇଛି ବୋଲି ଭାବୁଛୁ । ଯାହାସବୁ ନୂଆ କୁହାଯାଇଛି ତାହା ମୁଁ କହି ନାହିଁ । ଏଠାରେ ମୁଖ୍ୟତଃ ଅନୁଧ୍ୟାନ କରିବା ବିଷୟଟିଏ ରହିଛି । ଏଇ କିଛିଦିନ ତଳେ ଜଣେ ବ୍ୟକ୍ତି ମୋତେ ଏକ ପ୍ରଶ୍ନ ପଚାରିଲା ଯେ, ଆପଣ ରଚନା କରିଥିବା ଗ୍ରନ୍ଥଟିଏ ପଢିଲି, ସେଥିରେ ଅନେକ ସ୍ଥାନରେ ଆମେ କହୁଛୁ, ଆମ ତରଫରୁ, ଆମକଥା, ଆମେ ଇତ୍ୟାଦି ବହୁବଚନାନ୍ତ ଶବ୍ଦଗୁଡିଏ ବ୍ୟବହାର କରିଛନ୍ତି । ବେଳେବେଳେ ମୁଁ, ମୋତେ, ଆପଣ

ମୋତେ ପଚାରିବା ବେଳେ, ମୋର ଇତ୍ୟାଦି ଏକବଚନାନ୍ତ ଶବ୍ଦଗୁଡିଏ ମଧ୍ୟ ବ୍ୟବହାର କରିଛନ୍ତି । ଏମିତି ଆପଣ କାହିଁକି ଲେଖନ୍ତି ? ଏମିତି ଲେଖିବା ଦ୍ୱାରା ଆପଣ, ଆପଣଙ୍କ ଆଶ୍ରମର ଲୋକମାନେ ମିଶି କହିବା ଭଳି ଆମକୁ ବୋଧ ହେଉଛି । ଏଭଳି ଅନେକ ସ୍ଥାନରେ ନିଜେ ନିଜକୁ ବହୁବଚନରେ କହି କେଉଁଠି କେଉଁଠି ଏକବଚନରେ କହିଛନ୍ତି । ଏମିତି କହିବା, ଲେଖିବାରେ କ'ଣ ଅର୍ଥ ରହିଛି ? ଆମେ କିଛି ବୁଝି ପାରୁନାହୁଁ । ନିଜକୁ ଆମେ ବୋଲି କହିଲେ ତାହା ମଧ୍ୟ ଗର୍ବକାରକ ଅର୍ଥ ଦିଏ । ଏହା କ'ଣ ଅହଂକାରର ଚିହ୍ନ ନୁହେଁ ?

ଆପଣଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଉଥିବା ମୁଁ କହିବାକୁ ଚାହେଁ ଯେ, ବାଇବେଲ୍ ଇତ୍ୟାଦି ମୂଳ ଗ୍ରନ୍ଥଗୁଡିକରେ କୁହାଯାଇନଥିବା ସଂପୂର୍ଣ୍ଣ ଜ୍ଞାନବିଷୟ ଆମେ ଲେଖିଛୁ । ସତ୍ୟମୟ ଆତ୍ମାଭାବରେ ପବିତ୍ରଆତ୍ମା ଆସି ସଂପୂର୍ଣ୍ଣ ଜ୍ଞାନ ତୁମମାନଙ୍କୁ ବୁଝାଇ, ମୁଁ ତୁମକୁ କହିଥିବା ବିଷୟଗୁଡିକ ମନେ ପକାଇବେ ବୋଲି ପବିତ୍ର ଦୈବଗ୍ରନ୍ଥ ବାଇବେଲ୍‌ରେ ଲେଖାଯାଇଛି । ହେଲେ ମୋ' ଗ୍ରନ୍ଥରେ ଲେଖାଯାଇଥିବା ସମସ୍ତ ଜ୍ଞାନବିଷୟ ଆମେ ଲେଖିଛୁ ବୋଲି ଲେଖାଯାଇଛି । ଆପଣଙ୍କୁ ତାହା ମୋର ଅହଂକାର ବୋଧ ହେଲେହେଁ, ମୁଁ ସତର୍କତାର ସହିତ, ସ୍ମୃତିରେ ଜ୍ଞାନକୁ ରଖି, ମୁଁ ମୋତେ ନଭୂଲି ସେମିତି ମୋ' ପାଖରେ ଥିବା ସାଥିକୁ ସ୍ମୃତିରେ ରଖି ଲେଖିଛି ବୋଲି ଜଣାଉଛି । ମୁଁ ଥିବା ଶରୀରରେ ମୁଁ କିଛି ଜାଣେ ନାହିଁ, ମୁଁ ପାଞ୍ଚଦିଗରୁ ଅନ୍ଧଟିଏ, ଦେଖିପାରେ ନାହିଁ, ଶୁଣିପାରେ ନାହିଁ, ସେମିତି ଅନ୍ୟକିଛି ମଧ୍ୟ ମୋତେ ଜଣା ନାହିଁ । ମୁଁ କୌଣସି ଜ୍ଞାନ ନଥିବା ଜୀବ, ହେଲେ ମୋ' ସହିତ ମୋ' ଶରୀରରେ ଥିବା ମୋର ସାଥି ବା ମୋର ପଡୋଶୀ ହୋଇ ରହିଥିବା ଆତ୍ମାକୁ ସବୁକିଛି ଜଣାଅଛି । ସବୁକିଛିକୁ ଜାଣିଥିବା ମୋର ପଡୋଶୀ ନ ଜଣାଇଲେ ମୁଁ କିଛି ଜାଣିପାରେ ନାହିଁ । ମୋର

ଆତ୍ମା ମୋର ସାଥି ଭାବରେ ରହି ମୋ' ଦ୍ୱାରା ସବୁକିଛି ଲେଖାଉଛି । କୌଣସି ବିଷୟ ଆପଣଙ୍କୁ ଦେଖାଯିବା ଭଳି ମୁଁ ଲେଖିଥିଲେ ମଧ୍ୟ, ତାହା ମୋ' ହିସାବରେ ମୋର ଆତ୍ମା ଲେଖାଇଛି । ମୁଁ ଏକା ଲେଖିଥିବା ବିଷୟ କିଛି ନାହିଁ । ତେଣୁ ପ୍ରତି ପ୍ରଶ୍ନର ଉତ୍ତର ଲେଖିବା ବେଳେ ଆମେ କହୁଛୁ, ଆମ ତରଫରୁ ଥିବା ସମାଧାନ, ଆମ ଜବାବ ଭଳି କେତେକ ବହୁବଚନାନ୍ତ ଶବ୍ଦ ଯୋଗକରି ବାକ୍ୟ ଲେଖିଛୁ ସିନା, ମୁଁ ଲେଖିଛି ବୋଲି ମୁଁ ଲେଖି ନାହିଁ । କେତେକଙ୍କୁ ଅନ୍ତର୍ମୁଖ ଜ୍ଞାନ ଜଣା ନଥିବା କାରଣରୁ, ସେମାନଙ୍କୁ ମୁଁ ଅହଂକାରୀ ଦେଖାଗଲେ ମଧ୍ୟ ବାସ୍ତବରେ ମୁଁ ଅହଂକାର ଜନିତ କୌଣସି ଲେଖା ଲେଖିନାହିଁ । ଆତ୍ମା କରାଉଛି ବୋଲି କହୁଛି । ଆତ୍ମା ଆଉ ମୁଁ (ଜୀବାତ୍ମା), ଦୁହେଁ ମିଶି ଲେଖିଥିବାରୁ ଆମେ ବୋଲି ଲେଖୁଛୁ । ଆମେ କହିଲେ ମୁଁ ଆଉ ମୋ' ଚାରିକଡେ ଥିବା ଅନ୍ୟମାନେ ମିଶି ଲେଖିଛୁ ବୋଲି ଭାବିବା ଆପଣଙ୍କ ଭୂଲ୍ ସିନା, ମୋର ଭୂଲ୍ ନୁହେଁ ।

ଆପଣଙ୍କ ଦୃଷ୍ଟିରେ କେବଳ ମୋର ବାହାର ଶରୀର ଦେଖାଯାଉଛି, ତେଣୁ ଆପଣ ପଚାରିବାକୁ ସୁଯୋଗ ଥିବା ଭଳି କିଛି ବାକ୍ୟ ଏକବଚନରେ ଲେଖିଛୁ । ଆପଣଙ୍କ ହିସାବରେ କେବଳ ମୁଁ ରହିବା ଦ୍ୱାରା କେତେକ ସନ୍ଦର୍ଭରେ ଏକବଚନାନ୍ତ ବାକ୍ୟଗୁଡିଏ ଲେଖିବାକୁ ପଡିଛି । ଆପଣ ଯାହା ଭାବିଲେ ମଧ୍ୟ ମୋତେ କିଛି ଜଣା ନାହିଁ, ହେଲେ ଆମକୁ ସବୁ ଜଣାଅଛି ବୋଲି ସବୁକିଛି ଲେଖିପାରୁଛୁ । କେତେ ମହାନ ଜ୍ଞାନବିଷୟ ଲେଖିଲେ ମଧ୍ୟ, ମୂଳଗ୍ରନ୍ଥରେ ନ ଥିବା ବିଷୟକୁ (ଜ୍ଞାନକୁ) ଶାସ୍ତ୍ରବଦ୍ଧ ଭାବରେ କହିଲେ ମଧ୍ୟ, ତାହା ମୋର କର୍ତ୍ତୃତ୍ୱ ନୁହେଁ । ତାହା ଆତ୍ମା କୁହାଇ, ଲେଖାଇ ପାରିଛି ବୋଲି ମୋତେ ଭଲଭାବରେ ଜଣାଅଛି, ସେହି ଆତ୍ମାକୁ ସମସ୍ତ ଗତଜନ୍ମ ବିଷୟ ମଧ୍ୟ ଜଣା ଅଛି । ତେଣୁ ସମସ୍ତ ଜ୍ଞାନବିଷୟକୁ ଜଣାଇ ପାରୁଥିବା ଆତ୍ମାକୁ ଗତଜନ୍ମ ବିଷୟ ଜଣାଇବା କିଛି

ବଡ କଥା ନୁହେଁ । ଭୂପୃଷ୍ଠରେ ଦୈବଜ୍ଞାନ ସଂପୂର୍ଣ୍ଣଭାବରେ ଜଣାଇବାପାଇଁ କେତେବେଳେ କେଉଁଠାରେ ପୁନର୍ଜନ୍ମ ସ୍ମୃତିକୁ ଆତ୍ମା ଜଣାଇଥାଏ ବୋଲି ଭୁଲନ୍ତୁ ନାହିଁ । ଆତ୍ମା ମହାନ ଜ୍ଞାନକୁ ଜଣାଇ ପାରେ, ମହାନ ସ୍ମୃତିକୁ ଖୋଲାଇ ପାରେ । ସେହିଭଳି ଦୈବଜ୍ଞାନର ପ୍ରମାଣ ପାଇଁ କିଛି ମଧ୍ୟ କରି ସାକ୍ଷୀଭାବରେ ଆତ୍ମା ଆଣି ଛିଡା କରାଇ ପାରେ, ସେହି ଆତ୍ମା ବାବଦରେ ବଡ ବଡ ଆଧ୍ୟାତ୍ମିକ ଜାଣିଥିବା ଲୋକମାନେ ମଧ୍ୟ ଜାଣି ପାରନ୍ତି ନାହିଁ । ଏ ପର୍ଯ୍ୟନ୍ତ ଆମେ କହୁଥିବା ପୁନର୍ଜନ୍ମ ବିଷୟକୁ ଆତ୍ମା କେତେକଙ୍କର ସ୍ମୃତିରେ ଆଣି ପ୍ରମାଣିତ କରିପାରେ । ସ୍ୱୟଂ ଆତ୍ମା ଜଣାଇଥିବା ବିଷୟ ପୁନର୍ଜନ୍ମ ବିଷୟ ହୋଇଥିବାରୁ ସମସ୍ତେ ଶାସ୍ତ୍ରବଦ୍ଧ ଭାବରେ ତାହା ଜାଣିବା ଉଚିତ୍ । ପୁନର୍ଜନ୍ମ ରହିଛି ବୋଲି ଅନ୍ୟମାନଙ୍କୁ ମଧ୍ୟ ଜଣାଇବା ଉଚିତ୍ ।

ଇତି

**ଆତ୍ମର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋ 'ର ମାତା କିଏ ତୋତେ ଜଣାପଡିଗଲେ ତୋ'ର ପିତାଙ୍କୁ ଜାଣି ପାରିବୁ, ତୋ'ର ପିତା କିଏ ତୋତେ ଜଣାପଡିଗଲେ ତୋ'ର ଲକ୍ଷ୍ୟ କ'ଣ ଜାଣି ପାରିବୁ ।**

## ପୁନର୍ଜନ୍ମର ପ୍ରମାଣଭାବରେ ନିମ୍ନ ସମାଚାରଗୁଡିକ ଦେଖନ୍ତୁ ।

### ସଳ୍ପ ବୟସ ପ୍ରଜ୍ଞାଶାଳୀ ଅର୍ଣ୍ଣବ୍ :-



ଅର୍ଣ୍ଣବ୍ ହେଉଛି ୟୁନାଇଟେଡ୍ ଷ୍ଟେଟ୍ସରେ ବାସ କରୁଥିବା ଜଣେ ତେଲୁଗୁ ବାଳକ । କେବଳ ଚତୁରମାନଙ୍କୁ ପ୍ରବେଶ ନେଉଥିବା ପ୍ରତିଷ୍ଠିତ ସଂସ୍ଥା 'ମେନ୍ସାକ୍ଲବ୍' ଏହି ବାଳକକୁ ପ୍ରବେଶ ଦେଇଥିଲା । ଏହି ସଂସ୍ଥାରେ ପ୍ରବେଶ କଲାବେଳେ ଏହାର ବୟସ୍ ମାତ୍ର ତିନିବର୍ଷ ଦୁଇମାସ । ବିଶେଷ କଥା ହେଉଛି 'ମେନ୍ସାକ୍ଲବ୍' ରେ ପ୍ରବେଶ କରିଥିବା ଭାରତୀୟ ପିଲାମାନଙ୍କ ଭିତରେ ଅର୍ଣ୍ଣବ୍ ଥିଲା ଜଣେ ।

୧୮ମାସ ବୟସରେ ଅର୍ଣ୍ଣବ୍ ଇଂଗ୍ଲିସ୍ ଆଲ୍ଫାବେଟିକ୍ ର ସଠିକ୍ ଉଚ୍ଚାରଣ କରିବା ସହିତ ଫୋନିକ୍ସ ଶବ୍ଦଗୁଡିକର ଉଚ୍ଚାରଣ ମଧ୍ୟ କରି ପାରୁଥିଲା । ତାକୁ ଅଢେଇବର୍ଷ ହେବାବେଳକୁ ସେ ସବୁ ବାକ୍ୟଗୁଡିକୁ ସମ୍ପୂର୍ଣ୍ଣ ପଢି ପାରୁଥିଲା । ପେନ୍ସିଲ୍‌ବେନିଆ ପିଟ୍ସବର୍ଗରେ ବାସ କରୁଥିବା ଅର୍ଣ୍ଣବ୍ ର ମାଆବାପା ଅନିଲ୍, ନବ୍ୟା ପୁଅର Intntlligence Quotient (I.Q) ଟେଷ୍ଟ୍ କରାଇଥିଲେ, ଏତେବେଳକୁ ତାର ବୟସ ମାତ୍ର ଦୁଇବର୍ଷ ଦଶମାସ, ତାର I.Q ସ୍ଥିତି ୧୩୨ ବୋଲି ଜଣାପଡିଥିଲା ।

ତା ବୟସର ପିଲାମାନେ ଏବିସିଡି ଶିଖୁଥିବା ସମୟରେ ଅର୍ଣ୍ଣବ୍ ସୌରପରିବାରରେ ଥିବା ଗ୍ରହମାନଙ୍କର ନାମ କହିପାରୁଥିଲା । ତାଠାରେ ଥିବା ଏହି ବିଶେଷ ପ୍ରଜ୍ଞାର ସୁରକ୍ଷା ନିମନ୍ତେ ତାର ବାପାମାଆ ତାର ସାଧାରଣ ବଢିବା ବୟସରେ କୌଣସି ପ୍ରତିବନ୍ଧକ ନ ଆସିବା ଭଳି ସତର୍କତା ଅବଲମ୍ବନ କରୁଛନ୍ତି ।

**ତିନି ବର୍ଷରେ ପ୍ରପଞ୍ଚ ରେକର୍ଡ :–** (ଆନ୍ଧ୍ର ଜ୍ୟୋତି–୧୭–୦୧–୨୦୧୫)



ନ୍ୟୁୟର୍କ :- (ଜାନୁୟାରୀ ୧୮) ଏହି ଫଟୋରେ ଥିବା ବାଳକର ନାମ ହେଉଛି ବିହାନ୍ ଋମଲ୍, ଆମରି ତେଲୁଗୁ ପିଲା । ବୟସ୍ ତିନିବର୍ଷ । ରହନ୍ତି ଆମେରିକାର ନିଉୟର୍କ ସହରରେ । ସାରାପୃଥିବୀର ଦେଶ ସଂଖ୍ୟା ୨୦୨, ଏଗୁଡିକର ରାଜଧାନୀ ଅନୁସାରେ ଦେଶଗୁଡିକୁ ସେ ସହଜରେ ଚିହ୍ନିପାରେ । ଗୋଟିଏ ପ୍ରତିଯୋଗୀତାରେ ଥିବା ବିହାନ୍ ୧୯୬ଗୋଟି ଦେଶର ନାମ, ସେଗୁଡିକର ରାଜଧାନି ବିବରଣ ନିର୍ଭୁଲ ଭାବରେ କେବଳ ସାଢେଋରି ମିନିଟିରେ କହି ଆଶ୍ଚର୍ଯ୍ୟ କରିଥିଲା, ଶେଷରେ ଓ୍ୱାଲ୍ଡ ରେକର୍ଡ ମଧ୍ୟ ସାଧି କରି ପାରିଥିଲା ।



**ଗୋଟିଏ ମିନିଟ୍..୧୧୦ ପତାକା :–**

(ଆନ୍ଧ୍ରଜ୍ୟୋତି – ୦୭–୧୦–୨୦୧୪)

ଦୁଇ ତିନି ବର୍ଷର ପିଲାମାନେ ରହି ରହି କଥା କହୁଥିବାବେଳେ ଆମେ କେତେ ଖୁସି ହେଉଛେ...., ସ୍କୁଲରେ ଟିଚର୍ ଯାହା କହିଲେ ସେ ପିଲାମାନେ ଘୋଷୁଥାଇ..., ଘରେ ସମସ୍ତଙ୍କ ଆଗରେ କହିଲାବେଳେ ଆମେ ସମସ୍ତେ ଖୁସି ହୋଇଯାଉଛେ..., ହେଲେ ପାଞ୍ଚବର୍ଷର ପିଲା ଧୀରଜ୍ ଏକାବେଳେ ୧୧୦ଟି ଦେଶର ପତାକାକୁ ଗୋଟିଏ ମିନିଟ୍ ଭିତରେ ଚିହ୍ନି ପାରିଥିଲା, ତାର

ନାଆଁ ଗିନିସ୍ ବୁକ୍‌ରେ ରେକର୍ଡ ହୋଇଥିଲା । ଆମ ଆଗରେ ସେହି ଛୋଟପିଲା ଧୀରଜର ରେକର୍ଡ କିଛି ନୂଆ ନୁହେଁ, ଧୀରଜ୍ ଦୁଇବର୍ଷ ବୟସରେ ୨ମିନିଟ୍ ୧୯ସେକେଣ୍ଡ୍‌ରେ ବିଭିନ୍ନ ଦେଶର ୨୧୫ଗୋଟି ଦେଶର ଜାତୀୟ ପତାକାକୁ ଚିହ୍ନି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ସ୍ୱାଧିନ କରିପାରିଥିଲା । ଅତି କମ୍ ବୟସରେ ଏହି ସମ୍ମାନ ପାଇପାରିଥିବା ବାଳକ ହେଉଛି ଧୀରଜ୍। ସାଢେ ତିନିବର୍ଷ ବୟସରେ ୮୩ଜଣ ଶାସ୍ତ୍ରବେତ୍ତାଙ୍କ ନାମ, ସେମାନେ ଯାହାସବୁ ଆବିସ୍କାର କରିଥିଲେ ସେଗୁଡିକର ନାମକୁ ମାତ୍ର ଗୋଟିଏ ମିନିଟ୍ ବ୍ୟବଧାନରେ ନିର୍ଭୁଲ ଭାବରେ କହିପାରିଥିଲା । ତାଛଡା ୱାର୍ଲ୍ଡମ୍ୟାପ୍ ପଜିଲ୍ ମଧ୍ୟ ତିନି ମିନିଟ୍ ୨୦ ସେକେଣ୍ଡ୍‌ରେ ସମ୍ପୂର୍ଣ୍ଣ କରି ଦେଇଥିଲା । ଏଭଳି ବୟସରେ ଏତେ ରେକର୍ଡ ହାସଲ କରିଥିବା ଏହି ବାଳକକୁ ୱାର୍ଲ୍ଡ ରେକର୍ଡ ୟୁନିଭର୍ସିଟି ସମ୍ମାନ ଦେଇ ଡକ୍ଟରେଟ୍ ଉପାଧି ପ୍ରଦାନ କରିଥିଲେ । ତେଲୁଗୁ ଦମ୍ପତି ହୋଇଥିବା କଲ୍ୟାଣ୍, ବୀଣାଙ୍କଠାରୁ ଜନ୍ମ ହୋଇଥିବା ଏହି ବାଳକ ଏବେ ଚେନ୍ନଇର ପଦ୍ମାଶେଷାଦ୍ରି ସ୍କୁଲରେ ୟୁକେଜି ପଢୁଛି ।

## ଏହି ସିଇଓ ପ୍ରବଚନ କାଳି ! (ସାକ୍ଷୀ -୧୩-୧୧-୨୦୧୪)

- **ସାଇବର୍ ସୁରକ୍ଷା ପାଇଁ ଆଜିଠାରୁ ଦିଲ୍ଲୀରେ .....**



ଦିଲ୍ଲୀ : ଏହି ବାଳକର ବୟସ ଆଠବର୍ଷ.. ଏତିକିରେ ହିଁ ଗୋଟିଏ କମ୍ପାନିର ସି.ଇ.ଓ.. ଖାସି ସେତିକି ନୁହେଁ ସାଇବର୍ ସୁରକ୍ଷା ପାଇଁ ଅନର୍ଗଳ କଥା କହି ପାରୁଥିବା ଅଦ୍ଭୁତତା ତାଠାରେ ଅଛି, ସେ ଭାରତର ରୁବେନ୍‌ପାଲ୍ ସାଇବର୍ ସୁରକ୍ଷା ସଭାରେ ଥରେ ଭାଷଣ

ଦେଇଥିଲା । ଆଜିଠାରୁ  ଆରମ୍ଭ ହେଉଥିବା ଏହି ସଭାରେ ବିଶେଷ କରି ବିଦେଶୀ ବ୍ୟବହାର ସହାୟ ମନ୍ତ୍ରୀ ବି. କେ. ସିଂ ମଧ୍ୟ ଭାଷଣ ଦେବେ ।

ସାଇବର୍  ସୁରକ୍ଷା  ନିପୁଣତାର ସହିତ ଆଜିର ପିଢୀ କିପରି ଅଭିବୃଦ୍ଧି କରିବେ ନାମକ ଅଂଶ ଉପରେ ୧୪ତମ (କାଲି) 'ହ୍ୟୁଷ୍ଟନ୍ ସେକ୍ୟୁରିଟି କନ୍‌ଫରେନ୍ସ' ରେ ଆମେରିକାର ଆଠବର୍ଷିୟ ରୁବେନ୍ ପାଲ୍ ଭାଷଣ ଦେବେ ବୋଲି ସେହି ସଭା ଆୟୋଜକମାନେ ଏଠାରେ ବୁଧବାର ଦିନ ଜଣାଇଥିଲେ । 'ଦେଢବର୍ଷ ତଳେ ମୁଁ କମ୍ପ୍ୟୁଟରରେ ଲାଙ୍ଗୁଏଜ୍‌ଗୁଡ଼ିକୁ ଶିଖିବା ଆରମ୍ଭ କରିଥିଲି.. ଏବେ ମୋ ନିଜ ପ୍ରୋଜେକ୍ଟଗୁଡ଼ିକୁ ମୁଁ ନିଜେ ରୂପ ଦେଉଛି ବୋଲି ରୁବେନ୍ ପିଟିଆଇକୁ ଜଣାଇଥିଲେ ।

ଏହି ବାଳକ ସି ପ୍ରୋଗ୍ରାମିଙ୍ଗ୍ ଲାଙ୍ଗୁଏଜ୍ ଉପରେ ନିଜ ବାପା ମନୋପାଲ୍ ଙ୍କଠାରୁ ଶିକ୍ଷା ପାଇଥିଲେ । ଏବେ ୟୁପିରେ ଆଇ ଓ ଏନ୍ ପ୍ଲାଟ୍‌ଫର୍ମ ପାଇଁ ସ୍ୱିପ୍ଟ ପ୍ରୋଗ୍ରାମିଙ୍ଗ୍ ଶିଖୁଛନ୍ତି । ଓଡିଶାରେ ଜନ୍ମହୋଇ ବଢିଥିବା ମନୋପାଲ୍ ୨୦୦୦ ମସିହାରେ ଆମେରିକା ଚାଲିଯାଇଥିଲେ ।

ଅଗଷ୍ଟ  ମାସରେ  ନିଜ  ଗେମିଙ୍ଗ୍  କମ୍ପାନି "ପ୍ରୁଡେଣ୍ଟ୍ ଗେମସ" ପ୍ରାରମ୍ଭ କରିଥିବା ରୁବେନ୍ ସେହି କମ୍ପାନିର ସି.ଇ.ଓ ଭାବରେ କର୍ତ୍ତବ୍ୟ ନିର୍ବାହ କରୁଛନ୍ତି । ମନୋପାଲ୍ ଏହି କମ୍ପାନିର ପାର୍ଟନର୍ ହୋଇଥିବାବେଳେ, ସାଇବର୍ ସୁରକ୍ଷା  ଉପରେ  ରୁବେନ୍  ଭାଷଣଦେବା  ଏହା ବିଶେଷଭାବରେ ଚତୁର୍ଥ ଥର । ପିଲାମାନଙ୍କୁ ସାଇବର୍ ସୁରକ୍ଷା ଉପରେ ଶିକ୍ଷା ଦେବାପାଇଁ, ହ୍ୱାଇଟ୍‌ପେଜ୍ ବ୍ୟାଙ୍କିଙ୍ଗ୍ ଉପରେ ରୁବେନ୍‌ର ମନ ଲାଗିବା ଭଳି ମୁଁ କରିବି ବୋଲି ମନୋପାଲ୍ କହିଥିଲେ । ଏହି ସଭାରେ ହୋମ୍‌ଶାଖା ସଂଯୁକ୍ତ କାର୍ଯ୍ୟଦର୍ଶୀ ନିର୍ମଲ୍‌ଜିତ୍ ସିଂଙ୍କ ସହିତ, ଦିଲ୍ଲୀ ପୋଲିସ୍ ସ୍ପେସାଲ୍ କମିସନର୍ ପୋଲିସ୍  (ଟ୍ରାଫିକ୍)  ମୁକ୍ତେସ୍ ଚନ୍ଦ୍ର,ନ୍ୟାସନାଲ୍ ଟେକ୍ନିକଲ୍ ରିସର୍ଚ୍ଚ ଅର୍ଗାନାଇଜେସନ୍  ଡିରେକ୍ଟର୍  ( ସାଇବର୍ ସୁରକ୍ଷା  କାର୍ଯ୍ୟକଳାପ ) ଆଲୋକ୍ ବିଜୟନ୍ତ୍ ଭାଷଣ ଦେବେ ।

## ହିସାବୀ ନାନି (ସାକ୍ଷୀ -୦୮-୦୩-୨୦୧୪)

● ଛଅବର୍ଷ ବୟସରେ ଅଦ୍ଭୁତ ପ୍ରତିଭା

● ଉନ୍ନତ ପାଠପଢାଇବାପାଇଁ ହାତ ବଢାଇଥିବା ଆନନ୍ଦ ରାଓ

ବାବିଲବଲସା (ରେଗଡି) ନ୍ୟୁଜ୍ ଲାଇନ୍ : ଛଅବର୍ଷର ବାଳକ....ପଣିକିଆ ଶିଖିବା ବୟସରେ ନିଜର ପ୍ରତିଭା ଦ୍ୱାରା ହିସାବରେ ପଣ୍ଡିତମାନଙ୍କୁ ଚିନ୍ତାରେ ପକାଇ ଦେଇଛି । ବିନା କାଲିକ୍ୟୁଲେଟରରେ ବଡବଡିଆମାନେ ହିସାବ କରି ପାରୁନଥିବାବେଳେ କୌଣସି ଗଣିତ ହେଉ ତୁଣ୍ଡରେ ତୁଣ୍ଡରେ ହିସାବ



କରିଦେଉଛି । ବାଳକର ଗଣିତ ପ୍ରତିଭା ଦେଖିଥିବା ଲୋକମାନେ ସମସ୍ତେ ଚକିତ ହୋଇଛନ୍ତି । ବ୍ଲକ୍‌ରେ ଥିବା ବାବିଲବଲସା ଗ୍ରାମର ପୋଲୁରି ନାନି ଗ୍ରାମର ପ୍ରାଥମିକ ପାଠଶାଳାରେ ପ୍ରଥମ ଶ୍ରେଣୀରେ ପଢୁଛି । ଶ୍ରେଣୀଗୃହରେ ଅକ୍ଷର ଘୋଷୁଛି । ଦିନେ ପ୍ରଧାନଶିକ୍ଷକ ବି. ଅପ୍ପଲ ନାଇଡୁ ପ୍ରଥମ ଶ୍ରେଣୀ ପିଲାଙ୍କୁ ୧୦ଗୋଟି ଲେଖାଏ ଅଙ୍କ ଲେଖିବାକୁ କହିଥିବାବେଳେ ନାନି ଏକାବେଳେ ଶହେ ଅଙ୍କ ଲେଖିଥିଲା । ଏହାକୁ ଅନୁଧ୍ୟାନ କରୁଥିବା ଅପ୍ପଲନାଇଡୁ ସେ ବାଳକକୁ ପଚାରନ୍ତେ ମୋତେ ହଜାରେ ପର୍ଯ୍ୟନ୍ତ ଅଙ୍କ ଆସିଛି ବୋଲି କହିଥିଲା । ବିଶେଷ କଥା ହେଉଛି ଯେଉଁ ପ୍ରକାରର ଗଣିତ ହେଲେ ମଧ୍ୟ କାଗଜ କଲମ ନ ଧରି ତୁଣ୍ଡରେ ସମାଧାନ କହିଦେଇ ପାରୁଛି। ଏହି ବିଷୟ ତୁଣ୍ଡରୁ ଦିତୁଣ୍ଡ ହେବାଦ୍ୱାରା ଆନନ୍ଦ୍ ୟୁଥ୍ ଆସୋସିଏସନ୍ ଅଧ୍ୟକ୍ଷତାରେ ଶୁକ୍ରବାର ଦିନ ନାନିର ମସ୍ତିସ୍କ ପରୀକ୍ଷା କରାଗଲା । ବିଶ୍ରାନ୍ତ ସିନିୟର୍ ଗଣିତ ଶିକ୍ଷକ କେ. ବସବରାଜୁ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅପ୍ପଲନାଇଡୁ, ଆନନ୍ଦ ୟୁଥ୍ ଆସୋସିଏସନ୍ ଅଧ୍ୟକ୍ଷ ମଯିଦା ଆନନ୍ଦ ରାଓ, ଶିକ୍ଷକ ପୋଲୁରି ରାମକୃଷ୍ଣା, ଅପ୍ପଲନାଇଡୁ, ଗ୍ରନ୍ଥାଳୟ ଅଧିକାରୀ ମଲ୍ଲପୁଡି ବିଶ୍ୱେଶ୍ୱର ରାଓ ଇତ୍ୟାଦି ବ୍ୟକ୍ତିମାନେ ନାନିକୁ ବିଭିନ୍ନ ପ୍ରକାରର ପ୍ରଶ୍ନ

ପଚାରିଥିଲେ । ଚାରି ଏବଂ ଦୁଇ ର ଗୁଣିତକ କୋଟିଏ ସଂଖ୍ୟା ପର୍ଯ୍ୟନ୍ତ ନିର୍ଭୁଲଭାବରେ କହିଥିଲା । ୭୨×୪, ୭୨୨×୪ କେତେ ? ବୋଲି ପଚାରିବାରୁ କ୍ଷଣକ ଭିତରେ କହିଦେବା ଦ୍ୱାରା ତାକୁ ଜଣେ ବାଳମେଧାବୀ ଭାବରେ ଚିହ୍ନଟ କରାଯାଇଥିଲା ।

**ଉନ୍ନତ ପାଠ ପଢାଇବି...** ବାଳକର ମା'ବାପା ପୋଲୁରି ସୂର୍ଯ୍ୟନାରାୟଣ, କାମେଶ୍ୱରୀ, ଉଭୟ ସାଧାରଣ ଗଷମଜୁରିଆ । ପୁଅ ଠାରେ ଅତ୍ୟୁନ୍ନତ ଗଣିତ ପ୍ରତିଭା ରହିଛି, ଗଣିତରେ ସ୍ପେସାଲ୍ ଟିଚିଙ୍ଗ୍ ଦେଲେ ଦେଶ ଗର୍ବ କରିବା ସ୍ଥିତିରେ ପହଞ୍ଚି ପାରିବ ବୋଲି ବିଶ୍ରାନ୍ତ ଗଣିତ ଶିକ୍ଷକ କେ. ବସବରାଜୁ କହିଥିଲେ । ନାନିର ପ୍ରତିଭାକୁ ଚିହ୍ନି ପାରିଥିବା ଆନନ୍ଦ ୟୁଥ୍ ଆସୋସିଏସନ୍ ଅଧ୍ୟକ୍ଷ ମୟିଦା ଆନନ୍ଦ-ରାଓ କହିବାକୁ ଯାଇ, ବାଳକଟି ଉନ୍ନତ ପାଠ ପଢିବା ପାଇଁ ତାର ସମସ୍ତ କର୍ତ୍ତବ୍ୟଭାର ମୁଁ ହାତକୁ ନେଲି ବୋଲି କହିଥିଲେ । ପ୍ରତିଭାବନ୍ତ ଗରିବ ପିଲାମାନେ ଥିଲେ ସେମାନଙ୍କୁ ମଧ୍ୟ ନେଇ ଆମେ ଭଲ ପାଠ ପଢାଇବୁ ବୋଲି କହିଥିଲେ । ନାନି ସବୁଦିନ ଗ୍ରନ୍ଥାଳୟକୁ ଆସି ଛୋଟ ଛୋଟ ପୁସ୍ତକ ପଢିଥାଏ ବୋଲି ଗ୍ରନ୍ଥାଳୟ ଅଧିକାରୀ ବିଶ୍ୱେଶ୍ୱର ରାଓ କହିଥିଲେ । ନାନି ଭବିଷ୍ୟତରେ ଉନ୍ନତ ଶିଖରରେ ପହଞ୍ଚୁ ବୋଲି ସେଠାରେ ସମସ୍ତେ ତାକୁ ଆଶୀର୍ବାଦ କରିଥିଲେ ।

## ଛୋଟ ବୟସ...ଭିନ୍ନ ସ୍ୱର... (ସାକ୍ଷୀ ୨୩-୧୧-୨୦୧୪)



ଆଦିତି ଆୟାର୍ ୨୦୦୪ ଅଗଷ୍ଟ ୫ ତାରିଖରେ ଦିଲ୍ଲୀରେ ଜନ୍ମ ହୋଇଥିଲା । ଫୁଲ ଫୁଟୁଫୁଟୁ ତାର ବାସନା ଚହଟିବା ଭଳି ୧୮ ମାସର ହୋଇଥିବାବେଳେ ଆଦିତି ଗୀତ ଗାଇବା ଆରମ୍ଭ କରିଦେଲା । ଚାରିବର୍ଷ ବୟସରେ ସେଲିନ୍

ଡିୟୋନ୍, ଏମ୍.ଜେ ଡବ୍ଲ୍ୟୁ ହୋଷ୍ଟନ୍ ଇତ୍ୟାଦି ପାଶ୍ଚାତ୍ୟ ଗାୟକମାନଙ୍କ ଗୀତ ଶୁଣିଥିବା ଆଦିତି ସେମାନଙ୍କ ଗୀତ ଶିଖିବାରେ ଆଶକ୍ତି ବଢାଇଲା, ସେଇମାନଙ୍କୁ ହିଁ ନିଜର ପ୍ରେରଣା କରିଦେଲା ।

ଛଅବର୍ଷ ବୟସରେ ସମ୍ପ୍ରଦାୟ, ସମକାଳୀନ ପାଶ୍ଚାତ୍ୟ ସଙ୍ଗୀତସବୁ ନିଜେ ନିଜେ ଶିଖି,ଜଣେ ଅଦ୍ଭୁତ ଗାୟିକାଭାବରେ ବଢିବାକୁ ଲାଗିଲା । ଗୁର୍ଗାଵ୍ ର ଏକ୍ସେଲ୍ସିୟର୍ ଆମେରିକାନ୍ ସ୍କୁଲ୍ର ବିଦ୍ୟାର୍ଥୀନି ଆଦିତିର ପ୍ରତିଭାରେ ପ୍ରମୁଖ ଗାୟକ ଜ୍ୟୋସ୍ନା ରାଣା ମୁଗ୍ଧ ହୋଇଯାଇଥିଲେ । ଗୁର୍ଗାଵ୍ ଆର୍ତ୍ରେମିନ୍ ଅଡିଟୋରିୟମର ମହିଳା ଦିବସରେ ଘଟିଥିବା ସମାବେଶରେ ଆଦିତିକୁ ଡାକିଥିଲେ । ପଦ୍ମଶ୍ରୀ ଆୱାର୍ଡ୍ ଗ୍ରହୀତା ପ୍ରଖ୍ୟାତ ଶାନ୍ତି ହରିନନ୍ଦଙ୍କୁ ବେଦିକା ଉପରକୁ ଆହ୍ୱାନ କରି 'ପାୱାର୍ ଅଫ୍ ଲଭ୍' ନାମକ ଗୀତ ଆଦିତି ଗାଇଥିଲା । ଆଉଥରେ ମଧ୍ୟ ସେଇଠାରେ ରିଷି ନିତ୍ୟପ୍ରଜ୍ଞା (ଆର୍ଟଅଫ୍ ଲିଭିଙ୍ଗ୍ ଫାଉଣ୍ଡେସନ୍ ସ୍ଥାପକ ଶ୍ରୀଶ୍ରୀ ରବିଶଙ୍କରଙ୍କ ଶିଷ୍ୟ)ଙ୍କ ପାଇଁ ସ୍ୱାଗତ ସଙ୍ଗୀତ ଗାଇଥିଲା ।

ଆଦିତି ସମ୍ମାନୀୟ, ସରକାରୀ ଭଏସ୍ ଶିକ୍ଷକମାନେ ନିତୁ ସିଂ ବ୍ୟୁହ୍ଲର୍ଙ୍କ ପାଖରେ ଆଦିତି ଓପେରା ଶିଖିଥିଲା, ତାଙ୍କ ପାଖରେ ଯେଉଁମାନେ ସବୁ ଶିଖୁଥିଲେ ସେମାନଙ୍କ ଭିତରେ ସବୁଠାରୁ ଛୋଟପିଲା ଥିଲା ଆଦିତି, ତାର ଏକ ଅଧିକାରୀକ ୟୁଟ୍ୟୁବ୍ ଚ୍ଚନେଲ୍ ଅଛି, ତଦ୍ୱାରା ସାରା ଦୁନିଆର ଅନେକ ସଙ୍ଗୀତ ନିପୁଣ ଏବଂ ଗାୟକଙ୍କଠାରୁ ଅଧିକ ପ୍ରଶଂସା, ସାନୁକୁଳ ବ୍ୟାଖ୍ୟା ତଥା ସ୍ପନ୍ଦନ ଆଦିତି ପାଇଛି, ସେ କେବଳ ୫ମାସ କାଳ ଭିତରେ ପ୍ରାୟ ୭୦୦ ଚ୍ଚନ୍ଦାଦାର ଏବଂ ୧,୨୦,୦୦୦ ସେୟାର୍ ପାଇଛି ।

ଆଠବର୍ଷ ବୟସରେ ମଧୁର, ଶକ୍ତିବନ୍ତ ଗଳା, ତା ଭିତରେ ମହାନ ଶ୍ୱାସ ନିୟନ୍ତ୍ରଣ କରି ପାରୁଥିବା ଏକ ଓପେରା ଗଳା ବିଶିଷ୍ଟା ଗାୟିକା ଆଦିତି ଯେଉଁଭଳିଭାବରେ ନାମ କମାଇଛି, ବାସ୍ତବରେ ତାହା ପ୍ରଶଂସନୀୟ । ଛୋଟ ବୟସର ପିଲାମାନଙ୍କ ପାଇଁ ଆଦିତି ଏକ ଆଦର୍ଶ ।



**ଅଦ୍ଭୁତ ପିଲା... !** (ସାକ୍ଷୀ -୨୪-୧୧-୨୦୧୪)

ସିତମ୍ ପେଟା: ଚରିବର୍ଷର ପିଲା ସାଧାରଣତଃ କଣ କରନ୍ତି... ଘର ଗହଳି କରନ୍ତି... ସ୍କୁଲ୍ ଯାଆ କହିଲେ ଉଁ..ଆଁ.. ନାଇଁ..ଯିବିନି ଇତ୍ୟାଦି କହନ୍ତି । ଅ ଆ ଲେଖିବାକୁ କହିଲେ ଅଷ୍ଟବକ୍ର କରନ୍ତି, ଏବିସିଡି ପଢ କହିଲେ ପାଟି ବନ୍ଦ କରି ବସନ୍ତି । ହେଲେ ପୁରୁଣାନୂଆ ବଣୁକୁବର ଭବିତା ସେପରି ନିହେଁ । ଜେନେରାଲ୍ ନଲେଜରେ ସେ ଭାରି ଷ୍ଟ୍ରଙ୍ଗ୍, କୌଣସି ପ୍ରଶ୍ନ ପଚରିଲେ ମଧ ଚଟ୍ କରି ଉତ୍ତର ଦେଇଦିଏ । ଥରେ ଶୁଣିଲେ ସବୁ ମନେ ରଖିଦିଏ । ସାରା ଦୁନିଆରେ ଥିବା ଦେଶ, ଦେଶଗୁଡିକର ରାଜଧାନୀ, ରାଜ୍ୟ ଏବଂ ସେଗୁଡିକର ରାଜଧାନୀ, କେଉଁ ରାଜ୍ୟରେ କେଉଁ ହ୍ରଦ ଅଛି..ସେହିଭଳି ତେଲୁଗୁ ମାସ, ବର୍ଷ, ପ୍ରମୁଖ ସମାଧିଗୁଡିକର ନାଆଁ, ସେସବୁ କେଉଁଠି କେଉଁଠି ଅଛି ସବୁ ତୁରନ୍ତ କହିଦେଉଛି । ସବୁଦିନ ଘରେ ଜେନେରାଲ୍ ନଲେଜ୍ ଶିଖିବା ପାଇଁ ଝିଅକୁ ଆମେ ଅଧଘଣ୍ଟା ସମୟ ଦେଇଥାଉ, ନବମ ଶ୍ରେଣୀର ବିଦ୍ୟାର୍ଥୀକୁ ଜଣେ ମାଷ୍ଟର୍ ପାଠ ପଢାଉଥିବା ବେଳେ, ଶୁଣି ରାଜଧାନୀଗୁଡିକର ନାମ ମୁଁ କହିବି ବୋଲି କହିବାରୁ ତାର ମନେରଖିବା ଶକ୍ତି ଦେଖି, ଆମେ ଉତ୍ସାହିତ ହୋଇ ଭବିତାକୁ ଜେନେରାଲ୍ ନଲେଜ୍ ବିଷୟ କହିଥାଉ । ଆମେ ଯାହା କହୁ ସେ ତାହା ତୁରନ୍ତ ମନେ ରଖି ଅନର୍ଗଳ କହିଦିଏ ବୋଲି ସେଠିକାର ସ୍ଥାନୀୟ ମଣ୍ଡଳ ପରିଷଦ ପାଠଶାଳାର ଶିକ୍ଷକ ଭାବରେ କାର୍ଯ୍ୟରତ ତାର ବାପା ଦିଲ୍ଲିପ୍ କହିଥିଲେ । ରବିବାର ଦିନ ୟୁଟିଏଫ୍ ଶିକ୍ଷକ ସଂଘ ସିତମ୍‌ପେଟା ମଣ୍ଡଳରେ ବଣଭୋଜି କରିଥିଲେ । ସେହି କାର୍ଯ୍ୟକ୍ରମର ଏକ ଭାଗ ଭାବରେ କେତେକ ଶିକ୍ଷକମାନେ ଭବିତାକୁ କେତେକ ପ୍ରଶ୍ନ ପଚରିବାବେଳେ ଭବିତା ସବୁଗୁଡିକର ଉତ୍ତର ଚଟାପଟ୍ ଦେଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲା । ଛୋଟ ପିଲାର ପ୍ରତିଭାକୁ ଚିହ୍ନି ପାରିଥିବା ଶିକ୍ଷକମାନେ ତାକୁ ସେଠାରେ ଅଭିନନ୍ଦନ ଜ୍ଞାପନ କରିଥିଲେ ।

# ଆଟେଜମ୍ (ମାନ୍ଦାବୁଦ୍ଧିଆ) ବାଳକ ବାଳମେଧାବୀ ହେଲା !

(ଆନ୍ଧ୍ରଜ୍ୟୋତି ୦୪-୧୨-୨୦୧୪)



ମାନ୍ଦାବୁଦ୍ଧିରେ ବାଧିତ ସେହି ଛୋଟପିଲା ମାଆର ପ୍ରୋତ୍ସାହନରେ ୧୧ବର୍ଷ ବୟସ ହେବା ପରେ ସ୍କୁଲ୍ ଯାଇଥିଲା । ୧୨ବର୍ଷ ବୟସରେ ପ୍ରମୁଖଶାସ୍ତ୍ରଜ୍ଞ ଆଇନ୍‌ଷ୍ଟାଇନ୍ ପ୍ରତିପାଦନ କରିଥିବା ସାପେକ୍ଷ ସିଦ୍ଧାନ୍ତ ଭୂଲ୍ ଅଛି କହି, ନୂଆ ପ୍ରତିପାଦନ ଆଣିଥିଲା । ଷୋଳବର୍ଷ ବୟସରେ ମାଷ୍ଟର୍ ଡିଗ୍ରି ହାସଲ କରି ରେକର୍ଡ ସୃଷ୍ଟି କରିଥିଲା, ସେହି ବାଳମେଧାବୀ ଜାକୋବ୍ ବାର୍ଣ୍ଣେଟ୍..। ଜାକୋବ୍ ବାର୍ଣ୍ଣେଟ୍...ଷୋଳବର୍ଷର ବାଳମେଧାବୀ ଆଇ.କ୍ୟୁ ୧୭୦, ଏହା ପ୍ରମୁଖ ଶାସ୍ତ୍ରଜ୍ଞ ଆଲବର୍ଟ୍ ଆଇନ୍‌ଷ୍ଟାଇନ୍‌ଙ୍କ ଆଇ.କ୍ୟୁ ଅପେକ୍ଷା କେଇଗୁଣା ଅଧିକ । ମ୍ୟାଥସ୍, ଫିଜିକ୍ସ, କେମେଷ୍ଟ୍ରିରେ ଜାକୋବ୍ ବାର୍ଣ୍ଣେଟ୍ ଦେଖାଇଥିବା ପ୍ରତିଭାକୁ ଦେଖି ପ୍ରଫେସରମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି । ଷୋଳବର୍ଷ ବୟସରେ ଫିଜିକ୍ସରେ ମାଷ୍ଟର୍ ଡିଗ୍ରୀ ହାସଲ କରିଥିବା ଜାକୋବ୍ ଏବେ ପି.ଏଚ୍.ଡି କରୁଛି । ଆଜି ଏପରି ଥିବା ଜାକୋବ୍‌କୁ ଦେଖି ସାରାଦୁନିଆ ଆଶ୍ଚର୍ଯ୍ୟ ହୋଇଯାଉଛି । ହେଲେ ବାଳମେଧାବୀ ଭାବରେ ସାରା ଦୁନିଆରୁ ପ୍ରଶଂସା ପାଉଥିବା ଜାକୋବ୍‌ର ପିଲାବେଳେ ଅଟିଜମ୍ (ବୁଦ୍ଧିହୀନତା ବା ବୁଦ୍ଧିମନ୍ଥର) ଥିଲା ।

ଜାକୋବ୍ ଆମେରିକାରେ ଇଣ୍ଡିୟାନା ରାଷ୍ଟ୍ରରେ ଥିବା ଇଣ୍ଡିୟାନା ପାଲେସ୍‌ରେ ୧୯୯୮ ମସିହାରେ ଜନ୍ମ ଗ୍ରହଣ କରିଥିଲା । ଜନ୍ମ ହେବାବେଳେ ସବୁ ପିଲାଙ୍କ ଭଳି ସାଧାରଣ ଥିଲା । ହେଲେ ଜାକୋବ୍‌କୁ ଦୁଇବର୍ଷ ହେବାବେଳକୁ ତାଠାରେ ଥିବା ବୁଦ୍ଧିମନ୍ଥରତାକୁ ତାର ମାଆବାପା ଜାଣି ପାରିଥିଲେ । ଡାକ୍ତରମାନେ ତାକୁ ଅସ୍ପେର୍ଜେର୍ସ୍ ସିଣ୍ଡ୍ରୋମ୍,

ସେଥିଲାଗି ତାର ବୁଦ୍ଧିମନ୍ତର ଲକ୍ଷ୍ୟଣ ଦେଖାଯାଉଛି ବୋଲି କହିଥିଲେ । କିଛିଦିନ ଚିକିତ୍ସା କଲେ ସୁଫଳ ମିଳିପାରିବ ବୋଲି ମଧ୍ୟ କହିଥିଲେ । ତଦ୍ଦ୍ୱାରା ତାର ମାଆ କିଷ୍ଟ୍ରେନି ସମ୍ପୂର୍ଣ୍ଣ ଜାକୋବର ଶରୀର ସୁସ୍ଥତା ଉପରେ ଦୃଷ୍ଟି ନିକ୍ଷେପ କରିଥିଲେ । ସ୍କୁଲ୍ ଯିବା ବୟସ ହୋଇଯାଇଥିଲେ ମଧ୍ୟ ସ୍କୁଲ୍ ନ ପଠାଇ ଘରେ ପ୍ରଇଭେଟ୍ ଭାବରେ ଜଣେ ଟିଚରଙ୍କୁ ଡକାଇ ଜାକୋବକୁ ପଢାଉଥିଲେ । ଚାରିବର୍ଷ ବୟସରେ ଜାକୋବ କବାଟ, ଝରକା, କାନ୍ଥ ଇତ୍ୟାଦିରେ ଗୋଟିଏ ଗୋଟିଏ ଅକ୍ଷର ଲେଖୁଥିଲା । ପ୍ଲସ୍, ମାଇନସ୍, ଇନ୍ଟୁ ଇତ୍ୟାଦି ଗଣିତର ସଙ୍କେତଗୁଡିକୁ ସେ ତାର ରୁମ୍ କାନ୍ଥରେ ସବୁଆଡେ ଲେଖିଥିଲା । ଇଣ୍ଡିୟାନା ଷ୍ଟେଟ୍‌ମ୍ୟାପ୍‌କୁ ସେ ସମ୍ପୂର୍ଣ୍ଣ ମନେ ରଖିଥିଲା । ରାଷ୍ଟ୍ରର ନ୍ୟାସନାଲ୍ ହାଇୱେ ଠାରୁ ଆରମ୍ଭ କରି ସବୁ ରୋଡ୍‌ଗୁଡିକୁ ସେ ମନେ ରଖିଥିଲା । ତାକୁ ଯେତେବେଳେ ଆଠବର୍ଷ ସେ ସେତେବେଳେ ଇଣ୍ଡିୟାନା ଷ୍ଟେଟ୍ ପୋଲିସ୍ ଶାଖା ଆୟୋଜନ କରିଥିବା ଆଟିଜମ୍ କ୍ଲାସ୍‌ରେ ହାଜର ହୋଇ ଏଗାରବର୍ଷ ହେଉ ହେଉ ଜାକୋବ୍ ସମ୍ପୂର୍ଣ୍ଣ ସୁସ୍ଥ ହୋଇଯିବାରୁ ତାର ବାପାମାଆ ତାକୁ ସ୍କୁଲ୍ ଛାଡିଥିଲେ । ସେହି ସମୟରୁ ଜାକୋବ ଉପରେ ରେକର୍ଡବର୍ଷା ଆରମ୍ଭ ହୋଇଗଲା । ପିଲାମାନଙ୍କଠାରୁ ଆରମ୍ଭକରି ବଡମାନେ ମଧ୍ୟ ଭୟ କରୁଥିବା ମ୍ୟାଥ୍‌ସ, ଫିଜିକ୍ସ, କେମେଷ୍ଟ୍ରି ତାପାଇଁ ପାଣି ପିଇବା ଭଳି ଇଜି ଥିଲା । ତାଛଡା ସେ ସ୍କୁଲରେ ଭର୍ତ୍ତିହେବା ବର୍ଷ ପ୍ରମୁଖ ଶାସ୍ତ୍ରବେତ୍ତା ଆଇନ୍‌ଷ୍ଟାଇନ୍ ପ୍ରତିପାଦନ କରିଥିବା ସାପେକ୍ଷ ସିଦ୍ଧାନ୍ତ ଭୂଲ୍ ବୋଲି କହି,ନୂଆଭାବରେ ତାହା ପ୍ରତିପାଦନ କରି ଦୁନିଆର ମହା ମହା ମେଧାବୀମାନଙ୍କୁ ମଧ୍ୟ ଆଶ୍ଚର୍ଯ୍ୟଚକିତ କରିଦେଇଥିଲା । ପିଲାମାନେ ସମସ୍ତେ କଣ୍ଢେଇ, ଖେଳନାରେ ଖେଳୁଥିବା ବୟସରେ ଜାକୋବ୍ ମ୍ୟାଥ୍, ଇକ୍ୱେଷନ୍, ଫିଜିକ୍ସ ଫର୍ମୁଲାରେ ଖେଳୁଥିଲା । ମାତ୍ର ୧୬ବର୍ଷ ବୟସରେ ଫିଜିକ୍ସରେ ମାଷ୍ଟର୍ ଡିଗ୍ରୀ ହାସଲ କରିଥିବା ଜାକୋବ୍ ଛୋଟ ବୟସରେ ଖୁବ୍ ରେକର୍ଡ କରିଥିଲା ।

*****